
Spreading Knowledge Amongst Mankind.......

ମଇ-୨୦୧୮ **MAY - 2018**



Oil painting by Shri Debashis Raut, President, ROSA, Riyadh

# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ......

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ମସ୍ତିଷ୍କ ଏତେ ଭାରାକ୍ରାନ୍ତ ହୋଇପଡୁଛି ଯେ ତାକୁ ହାଲକା କରିବା ପାଇଁ ସକରାତ୍ମକ ମନୋଭାବର ବ୍ୟକ୍ତି ହିଁ ସହାୟକ ହୋଇପାରନ୍ତି । ବ୍ୟକ୍ତିତ୍ୱର ବିକାଶ ହୋଇଥାଏ ମାର୍ଜିତ ବ୍ୟବହାରରେ । ବାହ୍ୟରୂପ ଅପେକ୍ଷା ଅନ୍ତଃରୂପର ଗୁରୁତ୍ୱ ଅଧିକ ହୋଇଥିବାରୁ ବ୍ୟକ୍ତିର ବ୍ୟକ୍ତିତ୍ୱ ହିଁ ତାକୁ ସମ୍ମାନୀୟ ବନାଇଥାଏ । ମନ ସହିତ ମନକୁ, ବ୍ୟକ୍ତି ସହିତ ସମାଜକୁ ସଂଯୋଗ କରିବାର ପ୍ରଧାନ ସେତୁ ହେଉଛି ଭାବ ଏବଂ ଭାଷା ।

ଉଦାରତା ଏବଂ ମାନବିକତାକୁ ଅତି ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତି ପ୍ରୋତ୍ସାହିତ କରି ଆସିଛି । ବିଚାର, ଅଭିବ୍ୟକ୍ତି କ୍ଷେତ୍ରରେ ଭାରତ ସ୍ୱତନ୍ତ୍ର । ସହନଶୀଳତା ହେଉଛି ଭାରତୀୟ ଜୀବନ ସ୍ରୋତର ସ୍ରୋତସ୍ୱିନୀ ସ୍ୱରୂପ । ଅବିରଳ ବିଚାରର ଆଦାନପ୍ରଦାନ ଏବଂ ଶାସ୍ତ୍ରାର୍ଥ ମନ୍ଥନ ହେତୁ ସମସ୍ତ ମାନବଜାତିକୁ ସହିଷ୍ଣୁତା ରୂପୀ ଅମୃତ ପ୍ରାପ୍ତ ହୋଇଛି । ଶାସ୍ତ୍ରାର୍ଥର ନିରନ୍ତର ସଂଘର୍ଷ ଭାରତୀୟ ଜ୍ଞାନ ଏବଂ ବିଚାରକୁ ସର୍ବଦା ଶୌର୍ଯ୍ୟ, ଶୁଦ୍ଧି, ଗାମ୍ଭୀର୍ଯ୍ୟ, ଶକ୍ତି, ପ୍ରସନ୍ନତା ତଥା ବିଭିନ୍ନତା ପ୍ରଦାନ କରିଆସିଛି ।

ଅତୀତରେ ଆମ ଦେଶରେ ବେକାର ସମସ୍ୟା ଅତି ଉତ୍କଟ ହୋଇଛି । ବେକାରୀ ସମସ୍ୟାର ସମାଧନ ହୋଇପାରିଲେ ଆମଦେଶର ଅର୍ଥନୀତି କେତେକାଂଶରେ ସୁଧୁରିଯିବ ବୋଲି ଆଶା କରୁଛି । ଆଜିର ତୈଳ ସଂକଟ ସମୟରେ ଇଂଲଣ୍ଡ, ଫ୍ରାନ୍ସ, ଇଟାଲି ଓ ଆମେରିକା ପରି

ଉନ୍ନତ ଦେଶମାନେ ମଧ୍ୟ ବେକାରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଋଷିଆ, ଚୀନ, ଇତ୍ୟାଦି ଦେଶର ବେକାର ଲୋକମାନଙ୍କୁ ଯେକୌଣସି କାର୍ଯ୍ୟରେ ନିଯୁକ୍ତ କରିଦିଆଯାଇ ବେକାରୀ ସମସ୍ୟା ଦୂର କରାଯାଇ ପାରିବ । ଋଷିଆର ସମ୍ବିଧାନ ଅନୁସାରେ କାମ କରିବା ଏକ ଅଧିକାର ଆଉ କର୍ତ୍ତବ୍ୟ । ଲୋକମାନଙ୍କୁ କାମ ଯୋଗାଇବା ସେ ଦେଶର ଦାୟିତ୍ୱ । କିଛି ନା କିଛି କାମ କରିବା ମଧ୍ୟ ସେ ଦେଶର ପ୍ରତି ନାଗରିକର କର୍ତ୍ତବ୍ୟ । କାମ କରିବାର ଅଧିକାରକୁ ଆମର ମୌଳିକ ଅଧିକାରରେ ଅନ୍ତର୍ଭୂତ କରାଯିବାପାଇଁ ଚିନ୍ତା କରାଯାଉଛି । ବେକାରୀ ଯୋଗୁ ଲୋକଶକ୍ତିର ଅପଚୟ ଘଟୁଛି । ଲୋକମାନେ କାମ କରିବାକୁ ପ୍ରସ୍ତୁତ ଥିଲାବେଳେ ସେମାନଙ୍କୁ କାମ ମିଳୁନାହିଁ । କାମ ନଥିବାରୁ ଲୋକମାନେ ଅଳସୁଆ ହୋଇ ବସି ରହିବାକୁ ବାଧ୍ୟ ହେଉଛନ୍ତି । ଆମ ଦେଶ ଗରିବ ଓ ଅନଗ୍ରସର ହେବାର ମୁଖ୍ୟ କାରଣ ହେଉଛି ବେକାରୀ ସମସ୍ୟା । ଗ୍ରାମାଞ୍ଚଳରେ କୋଟି କୋଟି ଲୋକ ହୁଏତ ବେକାର କିମ୍ବା ଅର୍ଦ୍ଧବେକାର । ଗାଁ ରେ ଥିବା ଭୂମିହୀନ ଶ୍ରମିକମାନଙ୍କର ମଧ୍ୟ ବେକାରୀ ସମସ୍ୟା ଅତି ଗୁରୁତର । ଏପରିକି ଗାଁ ର କୃଷକ ମାନଙ୍କର ଖୁବ କମ୍ ଚାଷଜମି ଅଛି ଓ ଚାଷକାମ ସରିଗଲା ପରେ ସେମାନେ ବର୍ଷକରେ ପାଞ୍ଚ, ସାତ ମାସ ବେକାର ହୋଇ ବସନ୍ତି । ଏହିସବୁ କାରଣରୁ ଆମ ଦେଶର ଶତକଡା ୭୦ ଭାଗ ଲୋକ ଦରିଦ୍ରର ସୀମାରେଖା ତଳେ ବାସ କରନ୍ତି । ଗାଁ ର ଶିକ୍ଷିତ ଯୁବକମାନେ ଚାକିରି ଖୋଜିବା ଆଶାରେ ସହରକୁ ଚାଲିଆସନ୍ତି ।

ଲୋକସଂଖ୍ୟା ବୃଦ୍ଧି, ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା, ଅନୁନ୍ନତ ପ୍ରଣାଳୀରେ ଚାଷ ଓ ଶିଳ୍ପ ଉନ୍ନତିର ଶିଥିଳତା ଇତ୍ୟାଦି ଆମ ଦେଶର ବେକାରୀ ସମସ୍ୟାର କାରଣ । ପ୍ରତିବର୍ଷ ବହୁ ସଂଖ୍ୟାରେ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ଯୁବକମାନଙ୍କୁ ନେଇ ଏହି ବେକାରୀ ସମସ୍ୟା ବଢିଚାଲିଛି । ଏପରିକି, ଡାକ୍ତର, ଇଞ୍ଜିନିୟର ଓ ବୈଜ୍ଞାନିକମାନଙ୍କ ପରି ବୈଷୟିକ ଶିକ୍ଷାପ୍ରାପ୍ତ ଲୋକମାନେ ମଧ୍ୟ ନିଜ ଉଦ୍ୟମରେ କିଛି ନକରି କେବଳ ସରକାରୀ ଚାକିରୀ କରି ସେମାନେ ତାଙ୍କ ପ୍ରତିଭା ଓ ଶକ୍ତି କୁ ନଷ୍ଟ କରିଦେଉଛନ୍ତି । କିନ୍ତୁ ବେକାରୀ ସମସ୍ୟାର ସମାଧାନ ପାଇଁ କୌଣସି ଗୋଟିଏ ପନ୍ଥା ଯଥେଷ୍ଟ ନୁହେଁ । ପ୍ରଥମତଃ ଗ୍ରାମ୍ୟ ଓ କୁଟୀର

ଶିଳ୍ପର ଉନ୍ନତି କରିବାକୁ ହେବ । ଗାଁ ଯଦି ତାର ଅର୍ଥନୀତିର ସ୍ୱାବଲମ୍ବୀ ହୋଇଥାଏ, ତାହେଲେ ଗାଁ ର ଲୋକମାନେ ଗ୍ରୁକରି ଖୋଜିବାକୁ ସହରକୁ ଯିବେ ନାହିଁ । ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ମଧ ପରିବର୍ତ୍ତନ କରିବାକୁ ହେବ । କେବଳ ତତ୍ତ୍ୱମୂଳକ ଶିକ୍ଷା ପରିବର୍ତ୍ତେ ଛାତ୍ରମାନଙ୍କୁ ବୃତ୍ତିଗତ ତାଲିମ ଦିଆଗଲେ ସେମାନେ ପଢି ସାରିବା ପରେ ନଜେ କଛି କାମ କରିପାରିବେ । ଦେଶର ଦୃତ ଶିଳ୍ପ ବିକାଶ ଘଟିଲେ ଅଧିକ ଗ୍ରୁକରିର ସୁଯୋଗ ସୃଷ୍ଟି ହେବ । ଆମେ ଦେଶର ଯୁବକ ଯୁବତୀମାନେ କଛି କରିବାକୁ ଆଗଭର ହେବା ଆବଶ୍ୟକ । ଏଥିପାଇଁ ସରକାର ଓ ବିଭିନ୍ନ ବିକାଶ ସଂସ୍ଥା ସେମାନଙ୍କୁ ଉତ୍ସାହ, ତାଲିମ ଏବଂ ଆବଶ୍ୟକ ସ୍ଥଳେ ଆର୍ଥିକ ସହାୟତା ପ୍ରଦାନ କରିବା ଉଚତ ।


ଆଜକୁ ପାଞ୍ଚହଜାର ବର୍ଷ ପୂର୍ବରୁ ଆମେ ଅକ୍ଷର ବ୍ୟବହାର କରି ଲେଖିପଢି ଆସୁଛୁ । କନ୍ତୁ ପୃଥିବୀର ପ୍ରାୟ ଅଶି ଭ୍ରଗ ଲୋକ ଏପର୍ଯ୍ୟନ୍ତ ଅକ୍ଷର ଚହ୍ନି ଲେଖିପଢି ପାରୁନାହାନ୍ତି । ସେମାନେ ନରକ୍ଷର । ଏହା ଏକ ବିଶ୍ୱ ସମସ୍ୟା । ଏଥିପାଇଁ ଆମ ସାମାଜିକ ବ୍ୟବସ୍ଥା ଓ ପରମ୍ପରାଗତ ଶିକ୍ଷାପ୍ରଣାଳୀ ମୁଖ୍ୟତଃ ଦାୟୀ । ଅତୀତରେ ଲେଖାପଢା କେବଳ ଉଚ୍ଚଶ୍ରେଣୀ ଲୋକମାନଙ୍କ ମଧରେ ପ୍ରଚଳତ ଥିଲ୍ । ନାରୀ ଜାତିକୁ ମଧ ଶିକ୍ଷା ଲ୍ଭରୁ ବଞ୍ଚିତ କରାଯାଉଥିଲ୍ । ଦେଶ ସ୍ୱାଧୀନ ହେଲ୍ପରେ ମଧ ସମସ୍ତେ ଶିକ୍ଷିତ ହେବାର ଲକ୍ଷ୍ୟ ପ୍ରାୟତଃ କାହା ପାଖରେ ନଥିଲ୍ । ଭ୍ରତୀୟ ସଂସ୍କୃତି ହିଁ ମାନବ ସଂସ୍କୃତି । ଏଥିରେ ମାନବତାର ସମସ୍ତ ସଦଗୁଣକୁ ଉତ୍ତମ ରୂପେ ଲ୍ଭ କରିବାପାଇଁ ସମସ୍ତ ତତ୍ତ୍ୱ ଭରପୂର ରହିଛି । କାଶ୍ମୀରରେ ଉତ୍ପନ୍ନ ହେଉଥିବା କେଶର "କାଶ୍ମୀର କେଶର" ବୋଲି ନଜ ଜନ୍ମଭୂମି ନାମଦ୍ୱାର୍ ପ୍ରସିଦ୍ଧ । ଏହାର ଅର୍ଥ ନୁହେଁ ଯେ କେବଳ ଏହା କାଶ୍ମୀର ବାସୀଙ୍କ ମଧରେ ସୀମିତ । ଠିକ୍ ଭ୍ରତୀୟ ସଂସ୍କୃତି ମଧ ଭ୍ରତରେ ଜନ୍ମ ହୋଇଥିବା ସଂସ୍କୃତି । କନ୍ତୁ ଏଥିରେ ବିଶ୍ୱ ସଂସ୍କୃତି ହେବାର ଗୁଣ ରହିଛି । ଏଥିରେ ସମଗ୍ର ବିଶ୍ୱମାନବକୁ ସନ୍ମାର୍ଗରେ ପ୍ରେରିତ କରିବା ପାଇଁ କ୍ଷମତା ପ୍ରତିଟି କୋଣେ- ଅନୁକଣେ ଭରି ରହିଛି । ମଣିଷ ବ୍ୟତୀତ ସମସ୍ତ ପ୍ରାଣୀ ଓ ପଦାର୍ଥ ମୌଳକ ରୂପେ ପ୍ରକୃତିରୁ ହିଁ ସୃଷ୍ଟି ହୋଇଥାନ୍ତି । ସଂସ୍କୃତି ଦ୍ୱାର୍

ସେଗୁଡିକ ଉଚ୍ଚସ୍ତର ଲାଭ କରନ୍ତି । ଶୈକ୍ଷଣିକ ସ୍ତର ସହିତ ମନୁଷ୍ୟକୁ ବୈଗ୍ଧରିକ ସ୍ତରରେ ମଧ୍ୟ ଉନ୍ନତି କରିବାକୁ ହେବ । ମନୁଷ୍ୟର ବିଗ୍ଧର ତାକୁ ମହାନ ବନାଇଥାଏ । ଯେପରି ଗଛ, ଲତାକୁ କାଟି ସୁନ୍ଦର ଏବଂ ଆକର୍ଷକ କରାଯାଏ, ସେହିପରି ମନୁଷ୍ୟର ଉଚ୍ଛୃଙ୍ଖଳତା ଓ ଅବାଞ୍ଛନୀୟ ମନୋବୃତ୍ତିକୁ ସୁସଂସ୍କାର ଦ୍ୱାରା ନିୟନ୍ତ୍ରିତ କରି ସଭ୍ୟ, ଶିକ୍ଷିତ, ସୁସଂସ୍କୃତ ଏବଂ ସମାଜୋପଯୋଗୀ କରାଯାଇପାରେ ।

ବେଦାନ୍ତୀ ର ଏହି ସଂଖ୍ୟାରେ ରୋଚକ ଗଳ୍ପ, ରସପୂର୍ଣ୍ଣ କବିତା, ହୃଦୟସ୍ପର୍ଶୀ ପ୍ରତିଭା (ସ୍ୟାଣ୍ଡ ଆର୍ଟ), ପର୍ଯ୍ୟଟନ ଏବଂ ବିଦେଶରୁ ଓଡିଆଙ୍କର ଓଡିଶା ପ୍ରୀତିର ଝଲକ ବେଶ ଆକର୍ଷଣୀୟ ସହିତ ଶିଶୁ ବିଭାଗର ରଙ୍ଗ ଆଉ ତୁଳି ଅତ୍ୟନ୍ତ ମନୋଲୋଭା ହୋଇପାରିଛି ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ଭାରତବର୍ଷର ଏକାଦଶ ମହାନ ଗୁରୁ | ପ୍ରତିଭା ପ୍ରିୟଦର୍ଶିନୀ | ୧୦ |
| ପଥ ଓ ରଥ | ବିନୟ ମହାପାତ୍ର | ୧୫ |
| ପ୍ରକୃତି ରାଣୀର କୋହ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୭ |
| ମୋ ଶ୍ୱଶୁର ସାମୁଏଲ୍ ଷ୍ଟୋକସ | ପ୍ରିୟବ୍ରତ ପାତ୍ର | ୧୯ |
| ଅନୁରାଧା ନାନୀ | ଶଶଧର ମହାପାତ୍ର | ୨୯ |
| ସାଂପ୍ରତିକ ସଚେତନତା | ଅନୁସୂୟା ମିଶ୍ର | ୩୩ |
| ଘରେ ଘରେ କାହାଣୀ ର ସ୍ରୋତ | ଶାନ୍ତିଲତା ମିଶ୍ର | ୩୫ |
| କବି ର କବିତା | ସୁବଳ ମହାପାତ୍ର | ୩୯ |
| ସୈକତ ରେ ସନ୍ଧ୍ୟା | କବିତା ମହାନ୍ତି | ୪୧ |
| ପ୍ରକ୍ଷି | ଆଶା ସାହୁ | ୪୨ |
| ସାବଧାନ ହେ ଋତୁରାଜ ବସନ୍ତ | ଅରୁଣ କୁମାର ପାତ୍ର | ୪୮ |
| ଲୁହ | କାଳକଙ୍କର | ୫୦ |
| ଅନୁଭବ | ମଧୁସ୍ମିତା ପଟ୍ଟନାୟକ | ୫୨ |
| ପାପ ପୁଣ୍ୟର ଫଳ | ନୃସିଂହ ଚରଣ ବେହେରା | ୬୧ |
| ଓଡିଆ ସାହିତ୍ୟ | ଭାଗିରଥି ବେହେରା | ୬୨ |
| ଦୋଳ | ସୁଲୋଚନା ପଟ୍ଟନାୟକ | ୬୩ |
| ସିନ୍ଦୁର | ଲିନା ମହାନ୍ତି | ୬୪ |
| ଗଛ ଲଗାଇବା ସମସ୍ତେ ଆସ | ମାନସ କୁମାର ପାତ୍ର | ୬୯ |

| | | |
|---|---|---|
| ଦେହ | ନିର୍ମଳ କୁମାର ଦଳାଇ | ୭୦ |
| ପ୍ରାୟଶ୍ଚିତ | ଡ. ବିଜ୍ଞାନୀ ଦାସ | ୭୨ |
| ସମାଜ<br>କ୍ଷୁଦ୍ର ଜୀବଟିଏ ମୁଁ | କାର୍ତ୍ତିକ ପାଣିଗ୍ରାହୀ<br>ଜୟକୃଷ୍ଣ ମେହେର | ୮୧<br>୮୩ |
| ବାପା | ସାଗରିକା ମହାନ୍ତି | ୮୪ |
| ଏକକ | ସୁଧାଂଶୁ ଦ୍ୱିବେଦୀ | ୮୬ |
| ତୁମ ବିନା | ପୁଷ୍ପିତା ଭୂୟାଁ | ୯୦ |
| ମୁଁ ଓ ମୋର ନୀରବତା | ସିପ୍ରା ନାମତା | ୯୧ |
| ବାସ୍ତବ ସତ୍ୟ | ପ୍ରବୀଣ କୁମାର କବି | ୯୪ |
| ଇତିହାସ | ଫିରୋଜ କୁମାର ପଟେଲ | ୯୬ |
| ଖବର | ରୀତା ଅପରାଜିତା ମହାନ୍ତି | ୯୭ |
| ଶାଗୁଣା ଓ ମିଠା ପାଣି | ରାଜୀବ ଗୋପାଳ ସ୍ୱାଇଁ | ୯୮ |
| ଅଭିଳାଷା | ରାଜଶେଖର "ଚମା" | ୧୦୬ |
| ଅଭିଳାଷ | ଶୁଭକାନ୍ତ ସାହୁ | ୧୦୮ |
| ଅଲୋଡ଼ା ମଣିଷ | ପ୍ରକାଶ ସାହୁ | ୧୦୯ |
| ଆମୁର ଫାଲକନର ବିଶ୍ୱ ରାଜଧାନୀ | ଅଶୋକ ବିଶ୍ୱାଳ | ୧୧୨ |
| ମାନବିକ ପରାଜୟ<br>ତୋତେଲେ ଝୁରୁଛି ମନ | କାର୍ତିକ ଚନ୍ଦ୍ର ତ୍ରିପାଠୀ<br>ପ୍ରଶାନ୍ତ କୁମାର ନାଥ | ୧୨୦<br>୧୨୧ |
| ଭଙ୍ଗାଗଢା ସଂସାରରେ ଏଇଆ ତ ହୁଏ | ଡ.ସୌମ୍ୟ ରଞ୍ଜନ ମିଶ୍ର | ୧୨୨ |
| କୁକୁର ପାଳବାର ସଉକ | ଦେବସ୍ମିତା ବେହେରା | ୧୨୩ |
| ଅନ୍ତରୀକ୍ଷ ପାର୍ | ହିମାଂଶୁ ଭୂଷଣ ଜେନା | ୧୨୮ |
| ଗୁରୁ | ଝିଲିମିଲି ସାହୁ | ୧୩୦ |
| ଭୂତ | ବିଜୟିନୀ ପଣ୍ଡା | ୧୩୨ |

| | | |
|---|---|---|
| ନାରୀ ନମସ୍ତୁଭ୍ୟମ୍ | ଜୟପ୍ରକାଶ ଦୁରିଆ( ରମଣ) | ୧୩୬ |
| ତୁମ ପାଇଁ........ | ପ୍ରଦେଶ କୁମାର ପ୍ରଧାନ | ୧୩୯ |
| ନିଃସଙ୍ଗ ସଙ୍ଗ | ସତ୍ୟବ୍ରତ ମହାପାତ୍ର | ୧୪୦ |
| ସମୟ ପ୍ରହେଳିକା | ମୃତ୍ୟୁଞ୍ଜୟ ହୋତା( ଆଲୋକ) | ୧୪୩ |
| ମାଁ | ପ୍ରସନ୍ନ ପ୍ରୟାସ ଭୂଏ ( ପ୍ରୟାସ) | ୧୪୫ |
| ଅନାମିକା | ରାମ ପ୍ରସାଦ ବିଶୋଇ | ୧୪୬ |
| ପୁଂଜି | ସନାତନ ମହାକୁଡ | ୧୫୧ |
| ନୂଆବୋଉ | ସତ୍ୟବ୍ରତ ସାହୁ | ୧୫୨ |
| ଇସ୍କୁଲ ଖଟି | ସାଗର ପ୍ରଧାନ | ୧୫୪ |
| ଗ୍ରୀଷ୍ମ | ମାମାଜିନ ପ୍ରଧାନ | ୧୫୭ |
| ଦୀପ୍ତି | ବିଭୁତି ରଞ୍ଜନ ପାଣିଗ୍ରାହୀ | ୧୫୮ |
| ହୃଦୟର ଭାଷା | ବିଜୟ ପଣ୍ଡା | ୧୬୦ |
| ସମୟ ର ଖେଳ | ସ୍ମିତା ତ୍ରିପାଠୀ | ୧୬୫ |
| ନିରୁଦ୍ଦିଷ୍ଟ ଈଶ୍ୱର | କାର୍ତ୍ତିକେଶ୍ୱର ସାହୁ | ୧୬୬ |
| ଦୃଷ୍ଟାନ୍ତ ନାରୀଟିଏ | ବଳବନ୍ତ ସାହୁ | ୧୬୭ |
| ବିଗ୍ରହ | ଜ୍ୟୋତିରାଦିତ୍ୟ ପୁଝାରୀ | ୧୭୪ |
| ଭରଷା | ଅଶୋକ କୁମାର ସେଠୀ | ୧୭୫ |
| ମାନବ ପାଇଁ ବେଦାନ୍ତୀ | ଲିନା ରାଣୀ ଧଳ ମଙ୍ଗରାଜ | ୧୭୬ |
| ରାମ ନାମ | ରମେଶ ଚନ୍ଦ୍ର ମଲିକ | ୧୭୯ |
| ହସକୁରୀ ଝିଅ | ସଚ୍ଚିଦା ନନ୍ଦ ବାରିକ | ୧୮୦ |
| ମରୀଚିକା | ରାଜଲକ୍ଷ୍ମୀ ସାହୁ | ୧୮୩ |
| ସଙ୍ଗୀତ | ବିଶ୍ୱରଂଜନ ପଣ୍ଡା | ୧୮୬ |
| ପ୍ରେମ ଗୀତ | ଶଙ୍ଖସିନ୍ଧୁ ପୁରୋହିତ | ୧୮୭ |
| ଛୋଟ ମୋର ନାଆଟି( ଧାରାବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୧୮୮ |

| | | |
|---|---|---|
| ଟିକ ଟିକ | ଉମେଶ କୁମାର ବେହେରା | ୧୯୨ |
| ପ୍ରିୟତମା | ସୌମ୍ୟ ରଞ୍ଜନ ପାଲ | ୧୯୩ |
| ସ୍ମାର୍ଟ ଫୁନ୍ | ଶୁଭମ ନାୟକ | ୧୯୪ |
| ରାଧା | ବିଶ୍ୱଜିତ ସାହୁ | ୧୯୫ |
| ଆମର୍ ରାଏଜ୍ | ଦୟାନନ୍ଦ ଶବର | ୧୯୬ |
| ଦୀକ୍ଷା ନାମରେ ଧନ୍ଦା | ବାଲ୍ମୀକ ନାୟକ | ୧୯୭ |
| ପଶ୍ଚାତାପ | କାହ୍ନୁ ଚରଣ ସାହୁ | ୨୦୦ |
| ସାଥୀ ଗ୍ଳିଗଲ୍ ପରେ | ଶିଶିର କୁମାର ସାମଲ | ୨୦୧ |
| ପ୍ରତିଭା ( SAND ART) | ପ୍ରଭାତ କୁମାର ମହାପାତ୍ର | ୨୦୨ |
| ବିଦେଶ ଖବର | ଡ. ବିଜ୍ଞାନୀ ଦାସ | ୨୦୪ |


## ଶିଶୁ ବିଭାଗ


| | | |
|---|---|---|
| ହେବନାହିଁ ଅଂଶୁଘାତ | ସତ୍ୟବ୍ରତ ସାହୁ | ୨୧୧ |
| ବୋଉ | ପ୍ରକାଶ ସାହୁ | ୨୧୩ |
| ଚନ୍ଦ୍ର | ସାଗର ପ୍ରଧାନ | ୨୧୬ |
| ଚନ୍ଦ୍ର | ମଧୁସ୍ମିତା ସାମଲ | ୨୧୮ |
| ଜଙ୍ଗଲ ଏବଂ ଜିବଜନ୍ତୁ | ଦୟାନନ୍ଦ ଶବର | ୨୧୯ |
| ମଇ ମାସର ପର୍ବପର୍ବାଣୀ | ସଂଗୃହୀତ | ୨୨୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୨୧ |

# ଭାରତବର୍ଷର ଏକାଦଶ ମହାନ ଗୁରୁ



ପ୍ରତିଭା ପ୍ରିୟଦର୍ଶିନୀ

ଭାରତୀୟ ପରମ୍ପରାରେ ଗୁରୁଙ୍କୁ ଦେବତୁଲ୍ୟ ସମ୍ମାନ କରାଯାଏ। ଗୁରୁ ହିଁ ଜ୍ଞାନର ଆଲୋକ ଦେଖାଇ ଶିଷ୍ୟକୁ ଅଜ୍ଞାନ ଅନ୍ଧକାର ରୁ ମୁକ୍ତ କରିବା ପାଇଁ ପଥ ପ୍ରସ୍ତୁତ କରନ୍ତି। ଭାରତ ବର୍ଷରେ ଅନେକ ମହାନ ଗୁରୁ ବିଭିନ୍ନ କାଳଖଣ୍ଡରେ ରହିଥିଲେ। ସେମାନଙ୍କ ମଧ୍ୟରୁ ଏକାଦଶ ଗୁରୁଙ୍କ ସମ୍ବନ୍ଧରେ ଏଠାରେ ଆଲୋଚନା କରିବା। ଏହି ଏକାଦଶ ଗୁରୁଙ୍କ ପାଖରେ ମହାବଳୀ ଦୈତ୍ୟ ଙ୍କ ଠାରୁ ଆରମ୍ଭ କରି ମହାନ ସମ୍ରାଟ, ଦେବତା ଓ ସ୍ୱୟଂ ଭଗବାନ ମଧ୍ୟ ଶିକ୍ଷା ଗ୍ରହଣ ପାଇଁ ପହଞ୍ଚିଥିଲେ।

( ୧) - ମହର୍ଷି ବେଦବ୍ୟାସ

ଆଷାଢ ପୂର୍ଣ୍ଣିମା ଦିନ ମହର୍ଷି ପରାଶର ଓ ଦେବୀ ସତ୍ୟବତୀ ଙ୍କ ସୁପୁତ୍ର ବେଦବ୍ୟାସ ଙ୍କ ଜନ୍ମ ହୋଇଥିଲା। ତେଣୁ ଏହି ଦିନଟିକୁ ତାଙ୍କୁ ସମର୍ପିତ କରାଯାଇ ବ୍ୟାସ ପୂର୍ଣ୍ଣିମା ଭାବରେ ବିଦିତ ହୋଇଛି। ଏହି ଦିନଟିକୁ ସନାତନ ଧର୍ମ ମାନେ ଖୁବ ଆସ୍ଥାର ସହିତ ଗୁରୁ ପୂର୍ଣ୍ଣିମା ଭାବରେ ମଧ୍ୟ ପାଳନ କରନ୍ତି। ଭାରତୀୟ ପ୍ରାଚୀନ ଗ୍ରନ୍ଥାନୁସାରେ ବେଦବ୍ୟାସ ସ୍ୱୟଂ ଭଗବାନ ବିଷ୍ଣୁଙ୍କର ଅଂଶାବତାର ଥିଲେ ବୋଲି ବିଶ୍ୱାସ କରାଯାଏ। ମହର୍ଷିଙ୍କ ପୁରାନାମ କୃଷ୍ଣଦ୍ୱୈପାୟନ ବ୍ୟାସ ଥିଲା। ଜନଆସ୍ଥା ଅନୁସାରେ ମହର୍ଷି ବେଦବ୍ୟାସ ହିଁ ଚାରି ବେଦ, ଅଠର ଟି ପୁରାଣ ଏବଂ ସଂସାରର ସର୍ବ ବୃହତ କାବ୍ୟ ମହାଭାରତ ରଚନା କରିଥିଲେ। ତାଙ୍କ ଶିଷ୍ୟ ମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ଋଷି ଜୈମିନ ( ମୀମାଂସା ଦର୍ଶନ ର ପ୍ରଣେତା) , ବୈଶମ୍ପାୟନ, ମୁନ ସୁମନ୍ତ ଏବଂ ରୋମହର୍ଷଣ ଆଦି।

( ୨) - ମହର୍ଷି ବାଲ୍ମିକୀ

ମହର୍ଷି ବାଲ୍ମିକୀ ଙ୍କୁ ଆଦିକବି କୁହାଯାଏ। ଭାରତର ସର୍ବପ୍ରାଚୀନ କାବ୍ୟ "ରାମାୟଣ" ତାଙ୍କ ଦ୍ଵାରା ରଚିତ। ମାନ୍ୟତା ରହିଛି ଯେ ମହର୍ଷି ବାଲ୍ମିକୀ ପୂର୍ବଜନ୍ମରେ ଜଣେ ଭୟାନକ ଦସ୍ୟୁ ଥିଲେ। ଦେବର୍ଷି ନାରଦ ତାଙ୍କୁ ସତ୍କର୍ମ ଶିକ୍ଷା ଦେଇଥିଲେ। ଡାକୁ ରତ୍ନାକର ରୁ ସେ ସାଧକ ହେଲେ ଏବଂ ପରବର୍ତ୍ତି ଜନ୍ମରେ ବରୁଣଙ୍କ ପୁତ୍ର ଭାବରେ ଜନ୍ମହୋଇ କଠୋର ତପ କରି ମହର୍ଷି ପଦ ପ୍ରାପ୍ତ ହେଲେ। ସେ ବିଭିନ୍ନ ଅସ୍ତ୍ର ଶସ୍ତ୍ରର ଆବିଷ୍କାରକ ଭାବେ ପରିଚିତ। ତାଙ୍କ ପ୍ରମୁଖ ଶିଷ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ ପରିଚିତ ହେଉଛନ୍ତି ପ୍ରଭୁ ରାମଚନ୍ଦ୍ରଙ୍କ ଦୁଇ ଯମଜ ପୁତ୍ର ଲବ ଓ କୁଶ। ତାଙ୍କରି ଶିକ୍ଷା ଦିକ୍ଷା ରେ ଦୁହେଁ ଏତେ ପାରଙ୍ଗମ ହୋଇଥିଲେ ଯେ, ସେମାନେ ନା କେବଳ ମହାବୀର ହନୁମାନଙ୍କୁ ବନ୍ଦୀ କରିଥିଲେ, ଅପିତୁ ଅଯୋଧ୍ୟାର ସେନାବାହିନୀ କୁ ମଧ୍ୟ ପରାହତ କରିଥିଲେ।

( ୩) - ପର୍ଶୁରାମ

ପର୍ଶୁରାମ ଙ୍କୁ ପ୍ରାଚୀନ ଭାରତର ମହାନ ଯୋଦ୍ଧା ଓ ଗୁରୁ ଭାବରେ ଗଣାଯାଏ। ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିଲେ ମଧ୍ୟ ସ୍ଵଭାବ ତାଙ୍କର କ୍ଷତ୍ରୀୟ ସୁଲଭ ଥିଲା। ନିଜ ପିତାଙ୍କ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ହୈହୟ ବଂଶର କ୍ଷତ୍ରୀୟ ରାଜା ମାନଙ୍କୁ ସଂହାର କରିଥିଲେ। ତାଙ୍କୁ ଭଗବାନ ବିଷ୍ଣୁଙ୍କ ଅଂଶାବତାର ବୋଲି କୁହାଯାଏ। ପିତା ଜମଦଗ୍ନି ଓ ମାତା ରେଣୁକା ଙ୍କ କନିଷ୍ଠ ପୁତ୍ର ଭଗବାନ ପର୍ଶୁରାମ ଙ୍କ ପ୍ରମୁଖ ଶିଷ୍ୟ ମାନଙ୍କ ମଧ୍ୟରେ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ଓ କର୍ଣ୍ଣଙ୍କ ଭଳି ବିଦ୍ଵାନ ସୁରବୀର ଙ୍କ ନାମ ଅଗ୍ରଗଣ୍ୟ। ତ୍ରେତୟା ଯୁଗରେ ଶ୍ରୀରାମ ଙ୍କୁ ଓ ଦ୍ଵାପରରେ ଶ୍ରୀକୃଷ୍ଣ ଙ୍କୁ ସେ ନିଜ ସମର୍ଥନ ଦେଇଥିଲେ।

( ୪) - ଗୁରୁ ଦ୍ରୋଣାଚାର୍ଯ୍ୟ

ଦ୍ରୋଣାଚାର୍ଯ୍ୟଙ୍କ ଗଣତି ମହାନ ଧନୁର୍ଧର ମାନଙ୍କ ମଧ୍ୟରେ କରାଯାଏ। ଏକ ଶତ କୌରବ ଓ ପାଞ୍ଚ ପାଣ୍ଡବ ଙ୍କୁ ଗୁରୁ ଦ୍ରୋଣାଚାର୍ଯ୍ୟ ହିଁ ଶିକ୍ଷାଦାନ କରିଥିଲେ। ଏକ ମଗର ଆକ୍ରମଣରୁ ଗୁରୁଙ୍କୁ ପ୍ରାଣରକ୍ଷା କରି ଅର୍ଜୁନ ତାଙ୍କର ସର୍ବାଧିକ ପ୍ରିୟ ହୋଇପାରିଥିଲେ। ନିଜ ପ୍ରିୟ ଶିଷ୍ୟ ଅର୍ଜୁନ ଙ୍କୁ ସଂସାର ର ସର୍ବଶ୍ରେଷ୍ଠ ଧନୁର୍ଧର ହେବାର ଆଶୀର୍ବାଦ ଦେଇଥିଲେ। ସେଇ ଆଶୀର୍ବଚନ ରକ୍ଷା ପାଇଁ ନିଜର ଅନ୍ୟତମ ଶିଷ୍ୟ ଏକଲବ୍ୟ ଠାରୁ ସେ ତା'ର ବୃଦ୍ଧାଙ୍ଗୁଳି

ଗୁରୁଦକ୍ଷିଣା ରୂପେ ମାଗି ନେଇଥିଲେ ବୋଲି କୁହାଯାଏ। ରାଜସତ୍ତା ପ୍ରତି ନିଜ ବଚନବଦ୍ଧତା ଯୋଗୁଁ ମହାଭାରତ ଯୁଦ୍ଧରେ ସେ କୌରବ ସେନା ପକ୍ଷରୁ ଲଢିଥିଲେ ଏବଂ ପାଣ୍ଡବ ମାନଙ୍କ ପକ୍ଷରୁ ଧୃଷ୍ଟଦ୍ୟୁମ୍ନ ଛଳରେ ତାଙ୍କୁ ହତ୍ୟା କରିଥିଲେ।

### ( ୫) - ଗୁରୁ କୃପାଚାର୍ଯ୍ୟ

ଗୌତମ ଋଷିଙ୍କ ପୌତ୍ର କୃପାଚାର୍ଯ୍ୟ ଙ୍କୁ ମହାଭାରତ କାଳଖଣ୍ଡର ଅଠର ଜଣ ମହାଯୋଦ୍ଧାଙ୍କ ମଧ୍ୟରେ ଗଣନା କରାଯାଏ। ମହାଭାରତର ଭୀଷଣ ଯୁଦ୍ଧରେ ସେ ଜୀବିତ ରହିଲେ କାରଣ ସେ ଚିରଞ୍ଜୀବୀ ହେବାର ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ। ପିତାମହ ଭିଷ୍ମ, ପାଣ୍ଡବ ଓ କୌରବ ମାନଙ୍କୁ ସେ ଶସ୍ତ୍ର ଜ୍ଞାନ ଦେଇଥିଲେ। ଯୁଦ୍ଧ ସମାପ୍ତ ହେବାପରେ ଗୁରୁ କୃପାଚାର୍ଯ୍ୟ ପାଣ୍ଡବ ବଂଶର ମହାପ୍ରତାପୀ ଓ କଳିଯୁଗର ପ୍ରଥମ ରାଜା ପରିକ୍ଷିତଙ୍କୁ ମଧ୍ୟ ଅସ୍ତ୍ରବିଦ୍ୟା ଶିକ୍ଷା ଦେଇଥିଲେ।

### ( ୬) - ବ୍ରହ୍ମର୍ଷି ବିଶ୍ୱାମିତ୍ର

ଅନେକ ପ୍ରାଚୀନ ଧର୍ମଗ୍ରନ୍ଥ ମାନଙ୍କରେ ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କ ସମ୍ବନ୍ଧରେ ସର୍ବାଧିକ ଚର୍ଚ୍ଚା ଦେଖିବାକୁ ମିଳେ। ବିଶ୍ୱାମିତ୍ର ଜନ୍ମ ଅନୁସାରେ କ୍ଷତ୍ରୀୟ ଥିଲେ, ମାତ୍ର ତାଙ୍କ ଘୋର ତପ ରେ ସନ୍ତୁଷ୍ଟ ହୋଇ ସ୍ୱୟଂ ବ୍ରହ୍ମା ତାଙ୍କୁ ବ୍ରହ୍ମର୍ଷି ହେବାର ଆଶୀର୍ବାଦ ଦେଲେ। ତ୍ରେତୟା ଯୁଗରେ ସ୍ୱଳ୍ପ ଅବଧି ପାଇଁ ବ୍ରହ୍ମର୍ଷି ବିଶ୍ୱାମିତ୍ର ରାମ- ଲକ୍ଷ୍ମଣ ଙ୍କୁ ନିଜ ସହିତ ରଖିଥିଲେ ଓ ଅନେକ ଗୁଢ ବିଦ୍ୟା ସହିତ ସେମାନଙ୍କ ପରିଚୟ କରାଇଥିଲେ। ବ୍ରହ୍ମର୍ଷି ସେମାନଙ୍କୁ ଅନେକ ଅସ୍ତ୍ର ଓ ଶସ୍ତ୍ର ଜ୍ଞାନ ଶିକ୍ଷା ଦେଇଥିଲେ। ସେ ସ୍ୱୟଂ ଅନୁସନ୍ଧାନ କରିଥିବା ଅନେକ ଦିବ୍ୟାସ୍ତ୍ର ମଧ୍ୟ ପ୍ରଦାନ କରିଥିଲେ। କ୍ଷତ୍ରୀୟ ରାଜା ରୁ ଋଷି ହୋଇଥିବା ବିଶ୍ୱାମିତ୍ର, ମହାନ ଋଷି ମହର୍ଷି ଭୃଗୁଙ୍କ ବଂଶଜ ଥିଲେ। କୁହାଯାଏ ଯେ ଦେବତା ମାନଙ୍କ ଉପରେ ରୁଷ୍ଟହୋଇ ସେ ଏକଦା ନିଜସ୍ୱ ସ୍ୱର୍ଗ ଓ ସୃଷ୍ଟି ରଚନା କରିବା ଆରମ୍ଭ କରିଥିଲେ।

### ( ୭) - ଗୁରୁ ସାନ୍ଦୀପନ

ମହର୍ଷି ସାନ୍ଦୀପନ ଭଗବାନ ଶ୍ରୀକୃଷ୍ଣ ଙ୍କ ଗୁରୁ ଥିଲେ। ତଙ୍କଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ଶ୍ରୀକୃଷ୍ଣ ଓ ବଳରାମ ଉଜ୍ଜୟିନୀ ଆସିଥିଲେ। ମହର୍ଷି ସାନ୍ଦୀପନ ହିଁ କୃଷ୍ଣଙ୍କୁ ୬୪ କଳା ଶିଖାଇଥିଲେ। କୁହାଯାଏ କି ଭଗବାନ ଶ୍ରୀକୃଷ୍ଣ ମାତ୍ର ୬୪ ଦିନରେ ଏହି ୬୪ କଳା

ଶିଖିଥିଲେ। ଆଜି ମଧ୍ୟ ଉଜ୍ଜୟିନୀରେ ମହର୍ଷିଙ୍କ ଆଶ୍ରମ ରହିଛି। ତାଙ୍କ ଗୁରୁକୁଳରେ ଅନେକ ମହାନ ରାଜାଙ୍କ ପୁତ୍ର ଶିକ୍ଷା ଗ୍ରହଣ କରୁଥିଲେ। ଶ୍ରୀକୃଷ୍ଣ ୧୮ ବର୍ଷ ବୟସରେ ଶିକ୍ଷା ସମାପ୍ତ କଲେ ଏବଂ ଗୁରୁ ଦକ୍ଷିଣା ଦେବାପାଇଁ ସ୍ୱୟଂ ଯମପୁରକୁ ଯାତ୍ରାକରି ଗୁରୁଙ୍କ ପୁତ୍ରକୁ ପୁନଃ ପୃଥିବୀକୁ ଫେରାଇ ଆଣିଥିଲେ। ଭଗବାନ ବିଷ୍ଣୁଙ୍କ ପୂର୍ଣ୍ଣାବତାର ଶ୍ରୀକୃଷ୍ଣ ମଧ୍ୟ ଗୁରୁଙ୍କ ଠାରୁ ଶିକ୍ଷାଲାଭ କରିଥିଲେ, ଏଥିରୁ ସହଜରେ ଅନୁମାନ କରିହୁଏ ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ଗୁରୁଙ୍କ ଗରିମା ଓ ମହତ୍ତ୍ୱ।

### (୮) - ଦେବଗୁରୁ ବୃହସ୍ପତି

ଗୁରୁ ବୃହସ୍ପତି ଦେବତା ମାନଙ୍କ ଗୁରୁ ଅଟନ୍ତି। ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ଥିଲେ ମହର୍ଷି ଅଙ୍ଗିରାଙ୍କ ପୁତ୍ର। ଦେବଗୁରୁ ରକ୍ଷୋଘ୍ନ ମନ୍ତ୍ରାଦି ପ୍ରୟୋଗ କରି ଦେବତା ମାନଙ୍କ ପୋଷଣ ଓ ରକ୍ଷଣ କରନ୍ତି ଏବଂ ଦୈତ୍ୟ ମାନଙ୍କ ଠାରୁ ସେମାନଙ୍କୁ ରକ୍ଷା କରନ୍ତି।

### (୯) - ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ

ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ବାସ୍ତବିକ ନାମ ଶୁକ୍ର ଉଶନସ ଅଟେ। ଶୁକ୍ରାଚାର୍ଯ୍ୟ ହିରଣ୍ୟକଶିପୁର ପୁତ୍ରୀ ଦିବ୍ୟାର ପୁତ୍ର ଥିଲେ। ଭଗବାନ ଶଙ୍କର ତାଙ୍କୁ ମୃତ୍ୟୁ ସଞ୍ଜୀବନୀ ମନ୍ତ୍ର ପ୍ରଦାନ କରିଥିଲେ। ଏହି ମନ୍ତ୍ର ପ୍ରୟୋଗ କରି ସେ ମୃତ ଦୈତ୍ୟ ମାନଙ୍କୁ ପୁନର୍ଜିବୀତ କରୁଥିଲେ। ଏକଥା ଜାଣି ଆଶ୍ଚର୍ଯ୍ୟ ଲାଗେ ଯେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଅଧିକାଂଶ ଶିଷ୍ୟ ଦୈତ୍ୟପୁତ୍ର ଥିଲେ ହେଁ ସେ ଦେବପୁତ୍ର ଙ୍କୁ ମଧ୍ୟ ଶିକ୍ଷାଦାନ କରି ନିଜ ଗୁରୁଧର୍ମ ନିଭାଉ ଥିଲେ। ସ୍ୱୟଂ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର କଚ, ଶୁକ୍ରାଚାର୍ଯ୍ୟଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ଏବଂ ନିଜେ ଗୁରୁ ଭୟାନକ ଦୈତ୍ୟଙ୍କ ଠାରୁ ନିଜ ଦେବପୁତ୍ର ଶିଷ୍ୟର ରକ୍ଷା ମଧ୍ୟ କରିଥିଲେ।

### (୧୦) - ଗୁରୁ ବଶିଷ୍ଠ

ଗୁରୁ ବଶିଷ୍ଠ ସୂର୍ଯ୍ୟବଂଶର କୁଳଗୁରୁ ଥିଲେ। ତାଙ୍କରି ପରାମର୍ଶରେ ମହାରାଜ ଦଶରଥ ପୁତ୍ରେଷ୍ଟି ଯଜ୍ଞ କରିଥିଲେ, ଯାହାର ଫଳ ସ୍ୱରୂପ ଶ୍ରୀରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଙ୍କ ଜନ୍ମ ହୋଇଥିଲା। ଶ୍ରୀରାମ ଆଦି ରାଜକୁମାର ମାନେ ଗୁରୁ ବଶିଷ୍ଠଙ୍କ ଠାରୁ ବେଦ-ବେଦାଙ୍ଗ ଶିକ୍ଷାଲାଭ କରିଥିଲେ। ଶ୍ରୀରାମ ବନବାସରୁ ଫେରିବା ପରେ ଗୁରୁ ବଶିଷ୍ଠ ତାଙ୍କର ରାଜ୍ୟାଭିଷେକ

କରିଥିଲେ। ଗୁରୁ ବଶିଷ୍ଠ, ବଶିଷ୍ଠ ପୁରାଣ, ବଶିଷ୍ଠ ଶ୍ରାଦ୍ଧକଳ୍ପ ଓ ବଶିଷ୍ଠ ଶିକ୍ଷା ଆଦି ଗ୍ରନ୍ଥ ରଚନା କରିଥିଲେ। ଗୁରୁ ବଶିଷ୍ଠ ସପ୍ତର୍ଷି ଙ୍କ ମଧ୍ୟରେ ଅନ୍ୟତମ।

( ୧୧) - ଆଦି ଶଙ୍କରାଚାର୍ଯ୍ୟ

ଦକ୍ଷିଣ ଭାରତର କେରଳ ରାଜ୍ୟରେ କାଲଡୀ ନାମକ ଗ୍ରାମରେ ଏକ ବ୍ରାହ୍ମଣ ପରିବାର ଶିବଗୁରୁ ଦମ୍ପତ୍ତିଙ୍କ ଔରସରୁ ଶଙ୍କରାଚାର୍ଯ୍ୟ ଜନ୍ମ ହୋଇଥିଲେ। ଅସାଧାରଣ ପ୍ରତିଭାରେ ଧନୀ ଆଦ୍ୟ ଜଗତଗୁରୁ ଶଙ୍କରାଚାର୍ଯ୍ୟ ମାତ୍ର ସାତବର୍ଷ ବୟସରେ ସମସ୍ତ ବେଦ ଅଧ୍ୟୟନ କରି ପାରଙ୍ଗମ ହୋଇଥିଲେ। କୋମଳ ବୟସରେ ହିଁ ମାତାଙ୍କ ଠାରୁ ଅନୁମତି ନେଇ ସନ୍ୟାସ ମାର୍ଗ ରେ ବ୍ରତୀ ହୋଇ ଗୁରୁ ସନ୍ଧାନରେ ବାହାରିଗଲେ। ସନାତନ ଧର୍ମର ମାନ୍ୟତା ଅନୁସାରେ ଶଙ୍କରାଚାର୍ଯ୍ୟ ସ୍ୱୟଂ ଆଦିଗୁରୁ ମହାଦେବଙ୍କ ଅବତାର ବୋଲି ବିଶ୍ୱାସ କରାଯାଏ। ଆଦି ଶଙ୍କରାଚାର୍ଯ୍ୟ ହିଁ ଭାରତ ଭୂଖଣ୍ଡର ଚାରି ଦିଗରେ ଚାରିଟି ପୀଠ ସ୍ଥାପନ କରିଥିଲେ। ଦକ୍ଷିଣରେ ଶୃଙ୍ଗେରୀ ( କର୍ଣ୍ଣାଟକ) , ପଶ୍ଚିମରେ ଦ୍ୱାରକା ( ଗୁଜୁରାଟ) , ପୂର୍ବରେ ପୁରୀ ( ଓଡିଶା) ଏବଂ ଉତ୍ତରରେ ଜ୍ୟୋତିର୍ମଠ ବା ଜୋଶୀମଠ ( ଉତ୍ତରାଖଣ୍ଡ) ରେ ଆଜି ମଧ୍ୟ ସେହି ପୀଠ ଗୁଡିକ ସକ୍ରିୟ। ମାତ୍ର ୩୨ବର୍ଷ ଆୟୁରେ ଆଦି ଶଙ୍କରାଚାର୍ଯ୍ୟ ହିମାଳୟର ପବିତ୍ର କେଦାରନାଥ ଧାମରେ ଇହଲୋକ ତ୍ୟାଗ କରିଥିଲେ।

ଏମାନଙ୍କ ସହିତ ଆହୁରି ଅନେକ ଗୁରୁ ଏହି ପୂଣ୍ୟ ଭାରତଭୂମିରେ ଜନ୍ମନେଇ ଶିକ୍ଷା ଓ ସଂସ୍କାର ର ଆଲୋକ ଦ୍ୱାରା ମାନବମାତ୍ରର କଲ୍ୟାଣ ସାଧନ କରିଛନ୍ତି। ସେହି ସମସ୍ତ ଗୁରୁଙ୍କ ଚରଣରେ କୋଟି ପ୍ରଣିପାତ ଅର୍ପଣ କରୁଛି।


ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ



# ପଥ ଓ ରଥ



ବିନୟ ମହାପାତ୍ର



ଆଗେ ପଥ ନାହିଁ,
ସବୁ ପଥ ସରିଛି ଏଇଠି,
ପଥ କଣ ସରିଯାଏ କେବେ ?
ନା' ପଥ କେବେ ସରେନାହିଁ !
ପଥକୁ କ ଜଣା ଅଛି
ଗନ୍ତବ୍ୟ ଠିକଣା ମୋହର?
ପଥ ଏଠି ଅବରୁଦ୍ଧ,
ଆଗେ ଦୁର୍ଗମ ଖାଇ,
ପଛେ ନଘଞ୍ଚ ଆନ୍ଧାର,
ଅତଡା ଖସିଯାଏ ଧମ୍ କରି
ପୁର୍ଣ୍ଣଗର୍ଭା ବୈତରଣୀ, ଖଣ୍ଡାଧାର ସ୍ରୋତେ ।
ପଥ ମୋର ଅନିଶ୍ଚିତ,
ହେଲେ ଗନ୍ତବ୍ୟ ମୋ ଧାର୍ଯ୍ୟ ।

ପଥ କ ଜାଣିଛି,
ରଥ ମୋର ଅଣଲେଉଟା,
ରୁକୁଣାରଥ ସେ,
ବିନା ଲଢି ହାରିବା ଶିଖିନ ।
ଦୁର୍ଜୟ ପଥିକ ମୁଁ ।
ରାଜକନ୍ୟା ଶୋଇଅଛି
ମାୟାବିନୀ ରାକ୍ଷସୀ ମାୟାରେ,

ବୁଦ୍ଧି ଅସୁରୁଣି ପ୍ରାଣ, ପର୍ବତ ମେଖଳା
ପଦ୍ମ ପୁଷ୍କରିଣୀ, ସାତତାଳ ପାଣି ତଳେ,
ଉଆସରେ ରୁପାର ଫରୁଆ ଭିତରେ ।
ବିଶ୍ୱାସ ମୋ ପଥ ପରେ ନୁହେଁ,
ବିଶ୍ୱାସ ମୋ ଦୃଢ ନିଜ ରଥ ପରେ,
ରଥ ପାଇଁ ପଥ ଏ ଦୁର୍ଗମ, ହେଲେ
ପଥ କବା ରୋକିବ ମୋ ରଥ?

ସ୍ରୋତ ସହ ସହଜରେ ଭସିଯିବା
ଗ୍ରହି ନାହିଁ କେବେ,
ଜାଣିଛି ମୁଁ ଜୀବନ ନିଷ୍ଠୁର
ସ୍ରୋତ ବିପରୀତେ,
ସନ୍ତରଣେ ଅଭ୍ୟସ୍ତ ମୋ ପଦ ।
ଡର ନାହିଁ ତିଳେ ମାତ୍ର,
ଯୁଦ୍ଧ ହାରିବାର,
ହାରିଲେ, ଶିଖିବି ହରାଇବାର ଗୁରୁମନ୍ତ୍ର ।
ହାରିବାର ଭୟରେ କେବେ,
ଯିବିନି ଅଟକି, ଜୀବନ ଯୁଦ୍ଧରେ,
ଚେଷ୍ଟା ମୋର ଅବିରତ ଜିତିବାର ପାଇଁ ।
ଅଦମ୍ୟ ସାହସ, ଧୈର୍ଯ୍ୟ, କଠିନ ଶ୍ରମ,
ଦୃଢ ସଂକଳ୍ପର ଆଗେ ସବୁ କିଛି ହାରିଯାଏ,
ଜିତିଯାଏ ଧନଞ୍ଜୟ, କୁରୁକ୍ଷେତ୍ରେ,
ଶତ ଭ୍ରାତା, ସହସ୍ର ରଥୀ ମହାରଥୀ,
ଧରାଶାୟୀ, ଲଭନ୍ତି ପରାସ୍ତ ।

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା



# ପ୍ରକୃତି ରାଣୀର କୋହ

ଭାସ୍କର ଚନ୍ଦ୍ର ଖଣ୍ଡା

ଚରନ୍ତନ ସୃଷ୍ଟି ସିଏ ସ୍ରଷ୍ଟାଙ୍କର
ତରୁ ଲତା ଫଳ ପୁଷ୍ପ
ପଶୁ ପକ୍ଷୀ କୀଟ ପତଙ୍ଗରେ ଭରା
ବିଦିତ ସେ ପର୍ଯ୍ୟାବରଣ ରୂପରେ
ଶ୍ରେଷ୍ଠ ପ୍ରାଣୀ ସାଜି
ମାନବ ସମାଜ ଆଜି
ସାବ୍ୟସ୍ତ କରି ଚାଲିଛି
ତା'ର ଅଧିକାର |1|

ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ
ଅନବରତ ଅନୁସନ୍ଧାନରେ
ଖୋଜି ଚାଲିଛି ଛୁପି ରହିଥିବା
ସେଇ ପ୍ରହେଳିକା
ଲାଜବତୀ ସେ ନାରୀ ରତନ
ରହି ଆଜି ସେ ମଉନ
ରଖନ୍ତା ସାଇତି ଆଉ କେତେଦିନ
ଅକ୍ଷତ ଯୌବନ ତାହାର |2|

ସରିବାକୁ ବସିଲେଣି
ତା'ର ବୃକ୍ଷରାଜି
ଗର୍ଭରୁ ଶୁଖିଲାଣି ରସ ତା'ର

ତା ବକ୍ଷରେ ଖେଳୁଥିବା ସେଇ ନଦ ନଦୀ
ଅସମର୍ଥତାକୁ ନେଲେଣି ଆଦରି
ସନ୍ତାନ ସନ୍ତତି ମାନଙ୍କୁ
କପରି ବା ଯୋଗାଇବେ
ସ୍ତନରୁ ନର୍ଗତ ସେ ଶୁଦ୍ଧ ଆହାର |3 |

 କ୍ଷତ ବିକ୍ଷତ ଲହୁ ଲୁହାଣରେ
ଭରିଛି ଆଜି ତା ଶରୀର
ମୁଣ୍ଡ ଟେକ ଅଟ୍ଟାଳିକା
ନଷ୍ଟ ହୋଇ ସବୁଜିମା ତା'ର
କେତେ କଳ କାରଖାନା
ନେଇଛନ୍ତି ଜନମ ତା କୋଳରେ
ଚିଁ ଚାଁ ପକ୍ଷୀ ଶାବକଙ୍କର ସେଇ କଳରବ
ଶୁଣିବାକୁ ଆଜି ସେ ଆତୁର |4 |



ଅସହ୍ୟ ତା ପାଖରେ
ବାଷ୍ପରୁଦ୍ଧ ନୟନରେ
ଅନାଇଛି ଦୂର ଦିଗ୍ ବଳୟକୁ
ଧୂସରିତ ସେଇ ପାହାଡ଼କୁ
ମମତାରେ ଭରା ସେଇ ଆଖି
କପରି ବା ପାରିଥାନ୍ତା ଦେଖି
ଯନ୍ତ୍ରଣାରେ ଛଟପଟ
ଅନ୍ଧକାର ଭବିଷ୍ୟତ ନଜ ସନ୍ତାନର |5 |

ସହଦେବଖୁଣ୍ଟା, ବାଲେଶ୍ୱର

# ମୋ ଶ୍ୱଶୁର ସାମୁଏଲ୍
# ଷ୍ଟୋକସ

ପ୍ରିୟବ୍ରତ ପାଢ଼ୀ

ବିଦ୍ୟା ଷ୍ଟୋକ୍ସ (ଜନ୍ମ ୧୯୨୭, କୋଟଗଡ, ହିମାଚଳ ପ୍ରଦେଶ) ହିମାଚଳ ପ୍ରଦେଶ ରାଜନୀତିରେ ଗଲା ଅର୍ଦ୍ଧଶତାବ୍ଦୀ ଧରି ଏକ ବହୁଚର୍ଚ୍ଚିତ ଓ ଲୋକପ୍ରିୟ ନେତ୍ରୀ। ଅନେକ ସାମାଜିକ ଅନୁଷ୍ଠାନ, କ୍ରୀଡା ଅନୁଷ୍ଠାନ, ସାହିତ୍ୟ ଆନ୍ଦୋଳନ, ଶିଶୁ ଓ ମହିଳା ମଙ୍ଗଳ ଅନୁଷ୍ଠାନ, ଭିନ୍ନକ୍ଷମ ମଙ୍ଗଳ ଯୋଜନା ବୋର୍ଡ ଆଦିର ଗୁରୁତ୍ୱପୂର୍ଣ୍ଣ ପଦବୀ ସହ ଜଡିତ। ତାଙ୍କ ଶ୍ୱଶୁର ସାମୁଏଲ ଷ୍ଟୋକ୍ସ, ଆମେରିକୀୟ ମିସନାରୀ ଭାବେ ଭାରତ ଆସିଥିଲେ ଏବଂ ଏଠାରେ ହିନ୍ଦୁଧର୍ମ ଗ୍ରହଣ କରି ସତ୍ୟାନନ୍ଦ ଷ୍ଟୋକ୍ସ ଭାବେ ପରିଚତ ଥିଲେ। ସାମୁଏଲ କୋଟଗଡରେ ଆପଲ ଚାଷ ଆରମ୍ଭ କରିଥିଲେ, ଯାହାକି କ୍ରମେ ହିମାଚଳର ସବୁ ଚାଷୀଙ୍କ ଦ୍ୱାରା ଗୃହୀତ ହୋଇଥିଲା। ବିଦ୍ୟା ଥରେ ନିଜ ଶ୍ୱଶୁରଙ୍କ ଉପରେ ଏକ ଅଭିଭାଷଣ ଦେଇଥିଲେ। ଏହି ଲେଖାଟି ତା ର ଏକ ମର୍ମାନୁବାଦ। ଏହି ଅଭିଭାଷଣରେ ରହିଛି –ବୋହୂ ଭାବରେ ବିଦ୍ୟାଙ୍କ ଅନେକ ଆବେଗଭରା ମୁହୂର୍ତ୍ତର କଥା, ଜଣେ ଦୂରଦର୍ଶୀ ମାନବବାଦୀ ଗୋରା ସାହେବଙ୍କ ସଂଘର୍ଷର କାହାଣୀ ତଥା ଆପଲ ବିପ୍ଳବକୁ ନେଇ ଗୋଟିଏ ଜାତିର ଆର୍ଥିକ, ଶିକ୍ଷାଗତ ତଥା ସାମାଜିକ ଉତଥାନର କାହାଣୀ।

ନିଜ ଶ୍ୱଶୁରଙ୍କ ବିଷୟରେ ବିଦ୍ୟା ଷ୍ଟୋକ୍ସ ଦେଇଥିବା ଇଂରାଜୀ ଅଭିଭାଷଣର ମର୍ମାନୁବାଦ ନିମ୍ନରେ ପ୍ରଦାନ କରୁଛି।

### ଷ୍ଟୋକ୍ସ ଙ୍କ ଅଭିଭାଷଣ:

ଯେତେବେଳେ ଜଣେ କିଏ ପରାମର୍ଶ ଦିଏ ଯେ ସ୍ୱାସ୍ଥ୍ୟ ପାଇଁ ପର୍ବତାରୋହଣ କରନ୍ତୁ, ମୋ ଅଧରରେ ସ୍ମିତ ହସଟିଏ ଖେଳଯାଏ। ଭାଗ୍ୟର ବିଚିତ୍ର ଖେଳ ବିଷୟରେ ଭାବି ମୁଁ ଆଚମ୍ବିତ ହୁଏ। ସତର ବର୍ଷ ବୟସରେ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ମୁଁ ଆସିଥାଏ ଆମ ଗାଁ କୋଟଗଡକୁ। ଏଠାରେ ଭେଟ ହୋଇଥିଲା ମୋର ଭାବୀ ସ୍ୱାମୀଙ୍କ ସହ, ଯିଏକ ନିଜର

କ୍ଷତାକ୍ତ ବୁଢା ଆଙ୍ଗୁଠିର ଚକିତ୍ସା ପାଇଁ ଆସିଥିଲେ । ଆଶ୍ଚର୍ଯ୍ୟ, କିଛି ଦଶନ୍ଧି ପୂର୍ବେ ମୋ ଶ୍ୱଶୁର ବି ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଏହି କୋଟଗଡକୁ ଆସିଥିଲେ । ଶ୍ୱଶୁର କଣ ଜାଣିଥିଲେ, ଏଠାକୁ ଆସି ଖାଲି ତାଙ୍କର ବା ମୋର ଭାଗ୍ୟ ବଦଳବ ନାହିଁ, ବରଂ ଏହି ରାଜ୍ୟର ଅସୁମାରି ଜନତାଙ୍କ ଭାଗ୍ୟ ବଦଳିଯିବ! ଏହି ଜାଗାର ଭେଟାଭେଟି ହେବା ଯେମିତିକା ବିଧି ନିର୍ଦ୍ଦିଷ୍ଟ ଥିଲା ।

ପିତାଙ୍କ ପରିଚାଳିତ ବ୍ୟବସାୟରେ ମୁଁ ଆଉ ଅଂଶୀଦାର ହୋଇ ପାରିବି ନାହିଁ ବରଂ ଶିବାଲିକ୍ ହିମାଳୟର କୌଣସି ଏକ ଅଖ୍ୟାତ ପଲ୍ଲୀରେ ମିସନାରୀ ଭାବେ କୁଷ୍ଠରୋଗୀଙ୍କ ସେବା କରିବି – ଏହା ଥିଲା ଫିଲାଡେଲଫିଆ, ଆମେରିକାର ଜଣେ ୨୧ ବର୍ଷୀୟ ଯନ୍ତ୍ରୀ-ବ୍ୟବସାୟୀ ସ୍ନାତକୋତ୍ତର ଯୁବକ ସାମୁଏଲ ଇଭାନସ ଷ୍ଟୋକ୍ସ ଙ୍କ ନିଷ୍ପତ୍ତି । ଜୀବନର ଉଦ୍ଦେଶ୍ୟ ଥିଲା ଜଣେ ମିସନାରୀ ଭାବେ ବଞ୍ଚିବା ଓ ଯୀଶୁଙ୍କ ବାଣୀ ଶୁଣି ନଥିବା ଅଭାଗା ମଣିଷଙ୍କୁ ନୂଆ ଜୀବନଦାନ କରିବା । ୧୯୦୪ ମସିହା ଜାନୁୟାରୀ ୯ ତାରିଖରେ ଆମେରିକା ଛାଡି ସିମଳା ବନାଞ୍ଚଳ ଅନ୍ତର୍ଗତ ସୁବାଥୁ କୁଷ୍ଠ ନିବାରଣ କେନ୍ଦ୍ରରେ ସେ ପହଞ୍ଚିଲେ । ଆଗରୁ ହିଁ ବଜ୍ର ନିଷ୍ପତ୍ତି ନେଇ ସାରିଥିଲେ, ସେ ପୂରା ଭାରତୀୟ ପରି ବଞ୍ଚିବେ, ବିବାହେବେ ଜଣେ ଭାରତୀୟଙ୍କୁ ଏବଂ ପିଲାମାନଙ୍କୁ ବି ବଡ କରିବେ ଠିକ୍ ଏକ ଭାରତୀୟ ପରି ।

ସୁବାଥୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରୁଥିବା ବେଳେ ସାମୁଏଲଙ୍କ ଦେହ ଦୀର୍ଘଦିନ ଧରି ଖରାପ ରହିଲା । ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ସେ କିଛିଦିନ କୋଟଗଡ ଆସିଗଲେ । ସେଠାରେ ଆଗ୍ନେସି ନାମକ ପାହାଡୀ ଖୀଷ୍ଟିଆନ ଝିଅକୁ ବାହା ହୋଇଗଲେ । ଆଗ୍ନେସି ଥିଲେ ରାଜପୁତ ଜାତିର ପ୍ରଥମ ପିଢିର ଖ୍ରୀଷ୍ଟିଆନ ଝିଅ । କୋଟଗଡରେ ସେ ହିନ୍ଦୁଧର୍ମକୁ ଆଦରି ନେଲେ ଏବଂ ତାଙ୍କ ନାମ ହୋଇଗଲା ସତ୍ୟାନନ୍ଦ ଷ୍ଟୋକ୍ସ । ତା ପରେ ସେ ବିଭିନ୍ନ କ୍ଷେତ୍ରରେ ଭାରତର ଭାଗ୍ୟ ସହିତ ନିଜକୁ ଜଡିତ କରିଥିଲେ । ୧୯୨୧ ରେ କଂଗ୍ରେସ ମେନିଫେଷ୍ଟୋରେ ସ୍ୱାକ୍ଷର କରିଥିବା ଏକମାତ୍ର ଅଣ- ଭାରତୀୟ ଥିଲେ ସାମୁଏଲ । ସେ ଥିଲେ ଏକମାତ୍ର ଆମେରିକୀୟ ଯିଏ କି କଂଗ୍ରେସର ମେମ୍ବର ଥିଲେ ଏବଂ ଇଂରେଜ ଶାସନକୁ ବିରୋଧ କରି ଜେଲ୍

ଯାଇଥିଲେ। ତାଙ୍କ ଜେଲ୍ ଯିବା ଖବରରେ ମହାତ୍ମା ଗାନ୍ଧୀ ଲେଖିଥିଲେ – ଷ୍ଟୋକ୍ସ ନିଜକୁ ଜଣେ ସଚ୍ଚା ଭାରତୀୟ ଭାବେ ଗଢି ନେଇଛନ୍ତି। ଇଂରେଜ ସରକାରକୁ ବିରୋଧ କରିବା ବୋଧେ ଗୋରା ଚମଡାବାଲା ସରକାରଙ୍କୁ ସହ୍ୟ ହେଲାନି । ତେଣୁ ଜେଲକୁ ଟାଣିନେଲେ। ଯେ ପର୍ଯ୍ୟନ୍ତ ଆମ ଗହଣରେ ଆଣ୍ଡ୍ରୁସ୍ ଷ୍ଟୋକ୍ସ ଥିବେ, ସବୁ ଅଣଭାରତୀୟଙ୍କୁ ସୁବିଧାବାଦୀ କହିବା ଆମର ଅଭଦ୍ରାମି ହେବ। ପ୍ରତ୍ୟୁତ୍ତରରେ ଷ୍ଟୋକ୍ସ ଲେଖିଥିଲେ – ଗାନ୍ଧୀ ଦର୍ଶନ ହେଉଛି ମୋ ଜୀବନର ଏକ ଅଙ୍ଗ, ଯାହାକୁ ନେଇ ମୁଁ ଗର୍ବିତ।

ଖାଲି ଭାଗ୍ୟ ଯେ ସାମୁଏଲଙ୍କ ଜୀବନକୁ ବିଚିତ୍ର ଢଙ୍ଗରେ ତିଆରି କରିଥିଲା ତାହା ନୁହେଁ, ବରଂ ସେ ସାରା ହିମାଚଳର ଭାଗ୍ୟକୁ ବଦଳାଇ ଦେଇଥିଲେ। ଅପହଞ୍ଚ ଗ୍ରାମର ନିରକ୍ଷର ଜନତାଙ୍କ ଭାଗ୍ୟରେ ଘଟିଥିଲା ଆଶାତୀତ ପରିବର୍ତ୍ତନ। ହିମାଚଳ ହୋଇଗଲା ଭାରତର ଆପଲ ରାଜ୍ୟ। ତେବେ ସେ ହେଉଛି ସଂଘର୍ଷର ଏକ ଲମ୍ବା କାହାଣୀ।

ସୁବାଥୁରେ କାର୍ଯ୍ୟରତ ଥିବା ସମୟରେ ବିଶ୍ରାମ ନେବା ପାଇଁ ସାମୁଁଏଲଙ୍କୁ କୋଟଗଡ ଯିବାକୁ ଡାକ୍ତରମାନେ ପରାମର୍ଶ ଦେଲେ। ମେ ୧୯୦୪ ରେ ଦୀର୍ଘ ୫୦ କି.ମି. ବାଟ ପାଦରେ ଚାଲି ଚାଲି ପହଞ୍ଚିଥିଲେ ସେହି ସୁନ୍ଦର ଶୈଳନିବାସରେ। କୁଷ୍ଠରୋଗୀଙ୍କ ସେବାରେ ସୀମିତ ରହିବାକୁ ସେ ଉଚିତ ମନେ କଲେନି। ସୁନ୍ଦର ପାର୍ବତ୍ୟାଞ୍ଚଳ ଘୂରି ବୁଲିଲେ। ପଞ୍ଜାବର ସମତଳ ଅଞ୍ଚଳ ବୁଲିଲେ। ଭୂମିକମ୍ପ ବିଧ୍ୱସ୍ତ କାଙ୍ଗଡା ଅଞ୍ଚଳ ବୁଲିଲେ। ଦରିଦ୍ର ପାହାଡୀମାନଙ୍କ ଗାଁ କୁ ବୁଲିଲେ। ହିମାଚଳର ସେଇ ସୁନ୍ଦର ଘନ-ଜଙ୍ଗଲ ଘେରା ରାସ୍ତାରେ, ଉପତ୍ୟକାରେ ଏକା ଏକା ଚାଲୁଚାଲୁ ସେ ଅନେକ କିଛି ଦେଖିପାରିଲେ, ନିଜ ଭିତରେ ଅନେକ ସମ୍ଭାବନାକୁ ବି ଦେଖିପାରିଲେ। ଦୁର୍ଗମ ପର୍ବତ ଭିତରେ ଛୋଟଛୋଟ ପିଲାଙ୍କ ଶିକ୍ଷା ଦାୟିତ୍ୱ ହାତକୁ ନେଇ ଛୋଟ ଆଶ୍ରମ ସ୍କୁଲଟିଏ କରିବାକୁ ମନ କଲେ।

ସାମୟିକ ବିଶ୍ରାମ ପାଇଁ, ସତର ବର୍ଷ ବୟସରେ ମୁଁ ଯେବେ କୋଟଗଡ ପହଞ୍ଚିଥିଲି, ସେଠାରେ ଏକ ଆବାସିକ ଆଶ୍ରମ-ବିଦ୍ୟାଳୟ, ଖାସ୍ କରି ନିରାଶ୍ରୟ ପିଲାଙ୍କ ପାଇଁ ମୁଁ ମଧ୍ୟ ଚାହିଁଥିଲି। ସେତେବେଳେ ପୁଅପିଲାଙ୍କ ପରି ବିଭିନ୍ନ ଖେଳ କସରତରେ, ବୁଲାବୁଲିରେ ସମୟ କାଟୁଥିଲି, ଘୋଡା ଚଢୁଥିଲି। ଥରେ ଘୋଡାରୁ ପଡି ଡାହାଣ ଆଖିଟି ଆଘାତପ୍ରାପ୍ତ

ହୋଇଥିଲା । ଆଖିର ଉପଯୁକ୍ତ ଯତ୍ନ ନେବାପାଇଁ ଡାକ୍ତର ମୋତେ କୋଟଗଡରେ ବିଶ୍ରାମ ନେବାପାଇଁ କହିଲେ । ଭାଗ୍ୟର ବିଚିତ୍ର ଗତି, ସାମୁଏଲଙ୍କ କନିଷ୍ଠ ପୁତ୍ର ଲାଲ ଷ୍ଟୋକ୍ସ ଆସିଥାନ୍ତି । ମୋ ସାନଭାଇ ଓ ଲାଲଙ୍କ ମଧ୍ୟରେ ବନ୍ଧୁତା ବଢି ଯାଇଥିଲା । ମୁଁ ଥିଲି ଜଣେ ଯୁବକ ସୁଲଭ ଫୁର୍ତ୍ତିବାଜ୍ ଝିଅ । ଗପ ଲେଖିବା ଓ ଚିତ୍ର ଆଙ୍କିବାରେ ଥିଲା ଝୁଙ୍କ । ବିବାହ ମୋ ପାଇଁ, ମୋ ଦୃଷ୍ଟିରେ ଥିଲା ଏକ ଅନାବଶ୍ୟକ ବନ୍ଧନ । ତେଣୁ ସେ ବିଷୟରେ କେବେ ବି ଚିନ୍ତା କରୁନଥିଲି ।

ମୋର ବଡଭାଇ କଲିକତାରେ ଚାକରୀ କରୁଥିଲେ । ମୁଁ ଏପରି ସ୍ପଷ୍ଟବାଦୀ ଥିଲି ଯେ, ଥରେ ଭାଇଙ୍କୁ ଚିଠି ଲେଖିଲି – ମୋର ଗୋଟିଏ ସ୍ୱପ୍ନ ରହିଛି, ମୁଁ ନନ୍ ହେବି, ନିରାଶ୍ରୟ ପିଲାଙ୍କ ପାଇଁ ଗୋଟିଏ ଆବାସିକ ସ୍କୁଲ ଖୋଲିବି । ସେଠି ସମସ୍ତେ ଧଳା ପୋଷାକ ପିନ୍ଧୁଥିବେ । ତୁମେ ପୁଅ ହୋଇଥିବାରୁ ବାପାଙ୍କ ସମ୍ପତ୍ତିରୁ ଭାଗ ପାଇବ, ସେଥିରୁ କିଛି ମତେ ଏବେଠୁ ଦେଇଦେଲେ, ମୁଁ ଅତିଶୀଘ୍ର ସ୍କୁଲଟିଏ ଗଢିପାରନ୍ତି । ଏହି ଚିଠି ଲେଖିଲାବେଳେ ମୁଁ ଜାଣିନଥିଲି ଯେ ଆଉ କେତେଟା ମାସ ଭିତରେ ମୋର ବିବାହ ହେବାକୁ ଯାଉଛି । ଲାଲ୍ ଷ୍ଟୋକ୍ସ ମୋ ମାମୁଁଙ୍କୁ ଖବରେ ଦେଲେ ଯେ ତାଙ୍କ ଭାଣିଜୀ ବିଦ୍ୟାଙ୍କୁ ସେ ବିବାହ କରିବାକୁ ଚାହାନ୍ତି । ମୋ ମା ଏଥିରେ ରାଜି ହୋଇଥିଲେ ଏବଂ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଗଲା । ମୋ ଶ୍ୱଶୁର ସାମୁଏଲ ଷ୍ଟୋକ୍ସ ଥିଲେ ମୋ ବାପାଙ୍କ ବନ୍ଧୁ । ସେ ଆମ ଘରକୁ ଅନେକବାର ଆସିଥିଲେ, ମୋର ମଧ୍ୟ ତାଙ୍କ ସହିତ ଅନେକବାର ଭେଟ ହୋଇଥିଲା । କିନ୍ତୁ ବିବାହ ପରେ ଯାଇ ସେଇ ମହାନ ବ୍ୟକ୍ତିଙ୍କ ଲକ୍ଷ୍ୟ, ଯୋଜନା, ଜୀବନୀ ଓ ଦୂରଦୃଷ୍ଟି ସମ୍ପର୍କରେ ଅବଗତ ହୋଇଥିଲି ।

ମୋ ଶ୍ୱଶୁର ଥିଲେ ଜଣେ ସରଳ, ନିରାଡମ୍ବର ଓ ଖୁସିବାସିଆ ମଣିଷ । ଘରେ ଥରେ ପୁରୁଣା ଚାକର ଜଣେ ଚୋରେଇ ଘରୁ ଲଡୁ ସବୁ ନେଉଥିବାବେଳେ ଶ୍ୱଶୁର ଦେଖିନେଲେ । ରାଗରେ ଗର୍ଜନ କରିବା ବଦଳରେ ସେ କହିଲେ, ଟିକିଏ ଟିକିଏ ଖାଅ । ମୋ ପାଇଁ ବି କିଛି ରଖିଥାଅ । ଆଉଥରେ ଗୋଟେ ଚାକର ଟୋକା ଘରୁ ସବୁ ଲସି ଚୋରାଇ

ନେବା କଥା ଧର୍‌ପଡିଲା । ଶ୍ୱଶୁର କହିଲେ – ମତେ ବି ଲସି ଭଲ ଲାଗେ । ମୋ ପାଇଁ ଟିକଏ ଛାଡି ଦେଇଥିଲେ କଥା ସରିଥାନ୍ତା ।

ମୋ ବାହାଘର ସମୟରେ ପଞ୍ଜାବ ସମତଳ ଅଞ୍ଚଳରେ ଘାଘର୍‌ ହିଁ ଥିଲ ମୁଖ୍ୟ ଫେସନ୍‌ । ମୁଁ କ ଜାଣିଥିଲି କୋଟଗଡ ଭଳ ଗାଁ ଗହଳରେ ସେସବୁର ପ୍ରଚଳନ ନଥାଏ । ଭୁଲି ବି ଯାଇଥିଲି, ବାହାହେବା ଝିଅଟେ ପାଇଁ କଛି କଛି ସାମାଜିକ କଟକଣା ରହିଛି । ତେବେ ଘାଘର୍‌ ପ୍ରତି ଥିଲା ମୋର ଅହେତୁକ ଆକର୍ଷଣ । ଥରେ ଶାଶୂଘରୁ, ମାଆ ଘରକୁ କୌଣସି ପରିଗ୍ଭରିକା ସହ ଖର୍‌ବେଳେ ପର୍ବତ ଢାଲୁରେ ଗ୍ଭଲି ଗ୍ଭଲି ଯାଉଥାଏ । ପିନ୍ଧିଥାଏ ଗାଢ ରଙ୍ଗର ଘାଘର୍‌ । ମୋ ଶ୍ୱଶୁର ଅନ୍ୟ ଏକ ର୍‌ସ୍ତାରେ ତାଙ୍କ ବନ୍ଧୁଙ୍କ ସାଙ୍ଗରେ ଗ୍ଭଲୁ ଗ୍ଭଲୁ ଆମକୁ ଦେଖି କହିଲେ – ଦେଖିଲ, ବୁଲୁନ୍‌ ଟାଏ ନା କଣ, ପାହାଡ ର୍‌ସ୍ତାରେ ଗ୍ଭଲିଛି । ବନ୍ଧୁ ଉତ୍ତର ଦେଲେ – ଆଜ୍ଞା! ସେ ପର୍‌ ଆପଣଙ୍କ ବୋହୂର୍‌ଣୀ, ଘାଘର୍‌ ପିନ୍ଧି ବାପଘରକୁ ବୋଧେ ଯାଉଛନ୍ତି । ତା' ପରଦିନ ଶ୍ୱଶୁର ଥଟ୍ଟାରେ କହିଲେ – ଗଲାକାଲି ପର୍ବତ ର୍‌ସ୍ତାରେ ଗୋଟିଏ ପାର୍‌ଚୁଟକୁ ଗ୍ଭଲି ଯାଉଥିବା ଦେଖିଥିଲି । ବୋହୂ ତୁମେ ଜାଣକ ସେ ବିଷୟରେ?

ଏହି ସାଧାରଣ, ସରଳ ମଣିଷଟିର ଥିଲା ଅସାଧାରଣ ବାକ୍‌ ପଟୁତା, ପ୍ରଚଣ୍ଡ ଇଚ୍ଛାଶକ୍ତି ଓ କର୍ମପ୍ରତି ନିଷ୍ଠା । ତାଙ୍କର ସାଢେ ସାତ ଏକର ଜମିରେ ସେ ଲେଖିଦେଇ ଗଲେ – ସାର୍‌ ହିମାଚଳ ପ୍ରଦେଶର ଅର୍ଥନୈତିକ ବିପ୍ଳବର ବୀଜମନ୍ତ୍ର । ଅନେକ ପରୀକ୍ଷା ନିରୀକ୍ଷା ପରେ ସେଇ ଜମିରେ ଆରମ୍ଭ ହୋଇଥିବା ନିର୍ଦ୍ଦିଷ୍ଟ ପ୍ରଜାତିର ଆପଲ ଗ୍ଭଷ, ପରବର୍ତ୍ତୀ କାଳରେ ସାର୍‌ ହିମାଚଳକୁ ବ୍ୟାପି ଯାଇଥିଲା । ଅଖ୍ୟାତ ପଲ୍ଲୀ କୋଟଗଡ ବିଶ୍ୱ ଫଳଗ୍ଭଷର ମାନଚିତ୍ରରେ ଏକ ଐତିହାସିକ ଭୂମି ହୋଇଗଲା ।

ଏକଥା ସତ ଯେ ସାମୁଏଲଙ୍କ ପୂର୍ବରୁ କୋଟଗଡ ଅଞ୍ଚଳରେ ଆପଲ ଗ୍ଭଷର ପ୍ରୟାସ ଆରମ୍ଭ ହୋଇଥିଲା । ୧୮୭୦ ମସିହାରେ କୁଲୁ ଉପତ୍ୟକାରେ କ୍ୟାପଟେନ୍‌ ଆର୍‌.ସି.ଲି. ଏହି ଗ୍ଭଷ ଆରମ୍ଭ କରିଥିଲେ । ଏପରିକ କୋଟଗଡରେ କଛି ମିସନାରୀ ମଧ ଗ୍ଭଷ ଆରମ୍ଭ କରିଥିଲେ । ସେ ସମୟରେ ନିଉଟନ୍‌ ପିପିନ୍‌, କଙ୍ଗ୍‌ ଅପ୍‌ ପିପିନ୍‌, କକସ୍‌ ଅରେଞ୍ଜ୍‌ ପିପିନ୍‌ ଆଦି ପ୍ରଜାତି ଆଦୌ ସଫଳ ହୋଇନଥିଲା । ଉତ୍ପାଦିତ ଫଳଗୁଡିକ ଥିଲା ଦେଖିବାକୁ

ଅସୁନ୍ଦର ଓ ଅତ୍ୟନ୍ତ କଟୁ ସ୍ୱାଦଯୁକ୍ତ। ସାମୁଏଲ ହିଁ ବିଧିବଦ୍ଧଭାବରେ, ବୈଜ୍ଞାନିକ ଓ ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ସଫଳ ପ୍ରଜାତିର ଆପଲ ଚାଷ ଆରମ୍ଭ କରିଥିଲେ। ତେଣୁ ତାଙ୍କୁ ଭାରତର ଆପଲ୍ ବିପ୍ଲବର ଜନକ କୁହାଯିବାରେ ଯଥାର୍ଥତା ରହିଛି। ସାମୁଏଲଙ୍କ ସେହି ବିପ୍ଲବର କାହାଣୀ ଥିଲା ଅତୀବ ରୋମାଞ୍ଚକର।

ସଫଳ ଚାଷୀ ହୋଇ ସୁନାମ ଓ ପ୍ରଚୁର ଅର୍ଥ ରୋଜଗାର କରିବାକୁ ସେ ଜୀବନଦର୍ଶନ ଭାବେ ଗ୍ରହଣ କରି ନଥିଲେ। ବରଂ ବହୁ ଦରିଦ୍ର ଚାଷୀଙ୍କ ସାମୂହିକ ଉନ୍ନତି କରିବା ହିଁ ଉଦ୍ଦେଶ୍ୟ ଥିଲା। ଆରମ୍ଭରୁ ଭିନ୍ନ ପ୍ରଜାତିର ଚାଷ ନେଇ ପରୀକ୍ଷା ଆରମ୍ଭ କରିଦେଇଥିଲେ। ସ୍ଥାନୀୟ ଚାଷୀମାନେ ଥିଲେ ଅତ୍ୟନ୍ତ ଗରିବ ଓ ଅଶିକ୍ଷିତ। ପାରମ୍ପାରିକ ଚାଷ ଛାଡି, ଆପଲ ଭଳି ଏକ ନୂଆ ଫଳ ଚାଷ କଲେ ପରିଣତି କି ରୂପ ନେବ ସେଥିନେଇ ଥିଲେ ସନ୍ଦିହାନ। ସେମାନେ ସାମୁଏଲଙ୍କ ପ୍ରସ୍ତାବ ଗ୍ରହଣ କରିବା ଅବସ୍ଥାରେ ନଥିଲେ। ଫଳରେ ନିଜ ଜମିରେ ସାମୁଏଲ ଏକାକୀ ଫଳଚାଷକୁ ଆଗେଇ ନେଲେ।

୧୯୧୪ ମସିହାରେ କୋଟଗଡର ମାଟିକୁ ପରୀକ୍ଷା ନିମନ୍ତେ ନମୁନା ଆକାରରେ ଆମେରିକା ପଠେଇଲେ। ସେଠାରେ ସେଇ ମାଟିରେ ବଢିପାରୁଥିବା ୩୧ଟି ପ୍ରଜାତିର ଆପଲ ଗଛକୁ ବଢାଇ ସର୍ବୋତ୍କୃଷ୍ଟ ପ୍ରଜାତିକୁ ଚୟନ କରାଗଲା। ଏହି କ୍ରମରେ ରେଡ ଡେଲିସିଅସ ଓ ଗୋଲଡେନ୍ ଡେଲିସିଅସ୍ ଯୋଗ୍ୟ ବିବେଚିତ ହେଲେ। ଏହି ଚୟନ ପ୍ରକ୍ରିୟାରେ ସାମୁଏଲଙ୍କ ମା ଫ୍ଲୋରେନ୍ସ୍ ସ୍ପିନସର ଷ୍ଟୋକ୍ସ ଙ୍କ ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ। ପୁଅ ପଠାଉଥିବା ମାଟି ଓ ବିଭିନ୍ନ ପ୍ରଜାତିର ଗଛକୁ ପରୀକ୍ଷା ନିରୀକ୍ଷା କଲାବେଳେ ଆମେରିକାର ଆପଲ ଚାଷୀ, ଆଧୁନିକ ବୈଷୟିକ ଜ୍ଞାନ ତଥା ସେ ଦିଗରେ କାମ କରୁଥିବା ବିଭିନ୍ନ ଏଜେନ୍ସିଙ୍କ ସହ ସେ କ୍ରମାଗତ ଭାବେ ସମ୍ପର୍କ ରକ୍ଷା କରୁଥିଲେ। ୧୯୨୧ ମସିହା ଡିସେମ୍ବର ମାସରେ ଗୋଲଡେନ୍ ଡେଲିସିଅସର ଆପଲ ଗଛ ସବୁ ଆମେରିକାରୁ ଆସି ଭାରତ ମାଟିରେ ପହଞ୍ଚିଥିଲା। ତାହା ଥିଲା ଆମେରିକୀୟ ଖ୍ରୀଷ୍ଟିଆନ ମାଆର ହିନ୍ଦୁ ପୁଅ ପାଖକୁ ପଠାଯାଇଥିବା ଖ୍ରୀଷ୍ଟମାସ ଉପହାର। ଗଛ ସହିତ ପୁଅକୁ ଦେଇଥିବା ଚିଠିରେ ଲେଖିଥିଲେ – ଏହି ଚମତ୍କାର ପ୍ରଜାତିର ଗଛସବୁ ତୋର ବଗିଚା ପାଇଁ, ଖାସ୍ କରି ଜଣେ ମାଆର ଉପହାର।

ଗଛସବୁ କୋଟଗଡରେ ପହଞ୍ଚିଲା ବେଳକୁ ସାମୁଏଲ ଥିଲେ ଜେଲରେ । ସୁଦୂର ଆମେରିକାରୁ ପ୍ରେମର ପ୍ରତୀକ ରୂପେ ଶାଶୁ ପଠାଇଥିବା ଗଛଗୁଡିକ ଆଗ୍ନେସି ଷ୍ଟୋକ୍ସ ଅତ୍ୟନ୍ତ ଯତ୍ନର ସହ ବଢାଇଥିଲେ । ଚାରି ବର୍ଷ ପରେ ସେସବୁରେ ଫଳ ଆସିଲା, ତା ର ରୂପ, ଗୁଣ ଓ ପରିମାଣରେ ସାମୁଏଲ ଏତେ ଖୁସି ହୋଇଯାଇଥିଲେ ଯେ, କୋଟଗଡ ଫାର୍ମକୁ ସେଇ ପ୍ରଜାତିର ମୁଖ୍ୟ ଚାଷ ଉତ୍ପାଦନ କେନ୍ଦ୍ର ରୂପେ ଗଢିବେ ବୋଲି ନିଷ୍ପତ୍ତି ନେଇଥିଲେ ।

୧୯୨୭ ବେଳକୁ ହିମାଚଳର ଫଳ ବଜାରରେ, ପୂର୍ବର ସମସ୍ତ ପ୍ରଜାତିର ଆପଲକୁ ପଛରେ ପକାଇ ଏହି ନବାଗତ ପ୍ରଜାତିଟି ଖୁବ୍ ଲୋକପ୍ରିୟ ହୋଇଗଲା । ସାମୁଏଲଙ୍କ କୋଟଗଡ ସ୍ଥିତ HARMONY HALL, ORCHARD ରୁ ଆମଦାନି ହେଉଥିବା ସମସ୍ତ ଆପଲ ବକ୍ସ ଉପରେ କୋଟଗଡ ଆପଲ H.H. ବୋଲି ଟ୍ରେଡମାର୍କ ରହୁଥିଲା । ଏହି ଟ୍ରେଡମାର୍କ ସବୁଠୁ ଶସ୍ତାରେ, ସବୁଠୁ ବଢିଆ ଜିନିଷ ବିକ୍ରି କରୁଥିବା ଏକ ପରିଚିତ ନାଁ ହୋଇଗଲା । ଉଦ୍ଦେଶ୍ୟ ଥିଲା ସବୁ ଲୋକଙ୍କ ପାଖରେ ଏପରିକି ଦରିଦ୍ର ଚାଷୀଙ୍କ ପାଖରେ ଖବରଟିଏ ପହଞ୍ଚୁ ଯେ, ହିମାଚଳରେ ବି ଭଲ ଆପଲ ଚାଷ ହୋଇପାରେ । ଶ୍ୱଶୁର ମାଗଣାରେ ଗରିବ ଚାଷୀ ମାନଙ୍କୁ ଗଛ ଯୋଗାଇ ଦେଲେ । ଚାଷ ବିଷୟରେ ତାଲିମ ଦେଲେ, ଭୟଭୀତ ଓ ଅନିଶ୍ଚିତ ଚାଷୀଙ୍କୁ ସାହସ ଦେଲେ । ଗଛ ଲଗେଇବାଠୁ ଫଳ ପାଇବା ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷର ପ୍ରତୀକ୍ଷା ଦରିଦ୍ର ଚାଷୀମାନଙ୍କ ପାଇଁ ଥିଲା ଏକ ମରଣାନ୍ତକ ପରୀକ୍ଷା । ତା' ସତ୍ତ୍ୱେ ହିମାଚଳର ଢାଲୁ ଜମିରେ, ବର୍ଷ କେତୁଟାରେ ଆପଲ ଗଛ ଭର୍ତ୍ତି ହୋଇଗଲା । ସତେକି ହିମାଚଳର ଭାଗ୍ୟ ବଦଳିବାକୁ ଆରମ୍ଭ କଲା ।

ସାମୁଏଲଙ୍କ ମାନବ ପ୍ରୀତି ଥିଲା ଅତୀବ ଗଭୀର । ଥରେ ଗ୍ରୀଷ୍ମଛୁଟି ଅବସର, ଆମେ ପୂରା ପରିବାର ସତଲେଜ୍ ନଈ କଡରେ କୌଣସି ଫାର୍ମ ହାଉସରେ କଟାଉଥାଉ । ମୁଁ ଡ୍ରାକୁଲା ବହିଟି ପଢି ସାରିଲା ବେଳକୁ ଅଧରାତି ହୋଇସାରିଥାଏ । ବାହାରେ ଅନ୍ଧାରରେ କିଏ ପଦଚାରଣା କରୁଥିବା ଶୁଣିଲି । ମୁଁ ଭୟଭୀତ ହୋଇଗଲି । ଶେଷରେ କବାଟ ଖୋଲି ଦେଖେତ ମୋ ଶ୍ୱଶୁର ବଡ ବିବ୍ରତଭାବେ ପଦଚାରଣ କରୁଛନ୍ତି । ତା'ର କାରଣ ଥିଲା ଖବର

କାଗଜରେ ବାହାରିଥିବା ଏକ ଖବର – ଭାରତରେ ଖାଦ୍ୟାଭାବ ଯୋଗୁଁ ପ୍ରତ୍ୟେକ ଦିନ ହଜାର ହଜାର ଶିଶୁ ମରିଯାଉଛନ୍ତି, ତାଙ୍କ ବିଷୟ ଭାବିବାକୁ କେହି ନାହାନ୍ତି । ତା' ପରଦିନ ମୋ ଶ୍ୱଶୁର ୧୦,୦୦୦ ଟଙ୍କାର ଚେକ୍ ଟିଏ ରିଲିଫ୍ ପାଣ୍ଠିକୁ ପଠାଇ ଦେଇଥିଲେ ।

ସ୍ଥାନୀୟ ପାହାଡୀ ଭାଷା ବା ହିନ୍ଦୀରେ ସେ ଭଲଭାବେ କହିପାରୁନଥିଲେ । କନ୍ତୁ ତାଙ୍କର ଅମାୟିକ ବ୍ୟବହାର ଯୋଗୁଁ ସେ ସମସ୍ତଙ୍କର ଆପଣାର ହୋଇପାରିଥିଲେ । ଜେଲରେ ଥିବାବେଳେ ସେ ଦେଶୀ ହୁକ୍କା ମାଧ୍ୟମରେ ଧୂଆଁ ପିଇବା ଆରମ୍ଭ କରିଥିଲେ । ତାଙ୍କର ମତ ଥିଲା ଧୂମପାନର ସବୁଠୁ ନିରାପଦ ଉପାୟ ହେଲା ଏହି ହୁକ୍କା, ପୁଣି ସ୍ଥାନୀୟ ବାସିନ୍ଦାଙ୍କ ସହ ସମ୍ପର୍କ ବନାଇବାରେ ତାହା ସାହାଯ୍ୟ କରେ ।

ଯାହାହେଉ, କୋଟଗଡରେ ଏତେ ପରିମାଣରେ ଆପଲ ଉତ୍ପାଦନ ହେଲା ଯେ, ସେସବୁକୁ ଖଚର ପିଠିରେ ବୋହି ନେଇ ସିମଲା ବଜାରରେ ପହଞ୍ଚାଇବା ଆଉ ସମ୍ଭବ ହେଲାନାହିଁ । ତେଣୁ କୋଟଗଡ ପର୍ଯ୍ୟନ୍ତ ମଟର- ରାସ୍ତା ନିର୍ମାଣ ହେଉ ବୋଲି ସେ ସରକାରଙ୍କ ନିକଟରେ ଦାବି ଜଣାଇଲେ । ତେଣେ ସିମିଲାଠାରୁ ନରକନ୍ଦା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ହେଉ ବୋଲି ପ୍ରବଳ ଲବି ଚାଲିଥାଏ । ସାମୁଏଲ ସେହି ଯୋଜନାକୁ ବିରୋଧ କରି ଯୁକ୍ତି କରିଥିଲେ ଯେ ନରକନ୍ଦା ପର୍ଯ୍ୟନ୍ତ ରେଳରାସ୍ତା ନିର୍ମାଣରେ ସର୍ଭେ ପାଇଁ ଯେତିକି ଖର୍ଚ୍ଚ ହେବ, କୋଟକଡ ପାଇଁ ମୋଟର ରାସ୍ତାଟିଏ ସେଥିରେ ତିଆରି ହୋଇଯିବ ।

କୋଟଗଡରେ ଆପଲ ଚାଷ ସଫଳ ହେବା ଦେଖି ତତ୍କାଳୀନ ପଞ୍ଜାବର କୃଷି ବିଭବ, ସାରା ହିମାଚଳରେ ଆପଲ ଚାଷକୁ ଲୋକପ୍ରିୟ କରିବା ପାଇଁ ପ୍ରଚାର ଚଳେଇଲେ । ସେ ସମୟରେ ହିମାଚଳ ଥିଲା ପଞ୍ଜାବ ପ୍ରଦେଶର ଏକ ଅଂଶ । କୋଟଗଡର ଫଳଚାଷୀମାନେ ଏକ ସଂଗଠନ ତିଆରି କରିଥିଲେ, ଯହାର ସମ୍ପାଦକ ଭାବେ ସାମୁଏଲ ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥାତ ୧୯୪୬ ପର୍ଯ୍ୟନ୍ତ ରହିଥିଲା । ବିଖ୍ୟାତ ସମାଜବିତ୍ କୁସୁମ ନାୟାର ଜଣେ ଆମେରିକୀୟ ସାମୁଏଲଙ୍କ ସମ୍ପର୍କରେ ମତ ଦେଇ କହନ୍ତି ଯେ ସେ ଜଣେ ଆମେରିକୀୟ ହେବା ସତ୍ତ୍ୱେ ତାଙ୍କ ଜୀବନ ଶୈଳୀର ପ୍ରଭାବ ସ୍ଥାନୀୟ ଜନଜୀବନ ଉପରେ ଥିଲା ଅତୁଳନୀୟ! ଭାରତର ଅନ୍ୟ ଅଞ୍ଚଳରେ ଶିକ୍ଷା ମଣିଷର ଜୀବନଧାରଣର ମାନଦଣ୍ଡ ଓ ଦୃଷ୍ଟିକୋଣ ବଦଳାଇ

ଥିବାବେଳେ କେବଳ ଆପଲ ଗ୍ଛ କୋଟଗଡବାସୀଙ୍କ ଅର୍ଥନୈତିକ, ସାମାଜିକ ଓ ଶିକ୍ଷାଗତ ଜୀବନଧାରାକୁ ବଦଳେଇ ଦେଇଥିଲା । ଆଜି ସାରା ଭାରତରେ ସର୍ବାଧିକ ଫଳଗଛ ହୁଏ ହିମାଚଳରେ । ପିଚ୍, ଆପ୍ରିକଟ୍, ପ୍ଲମ୍, ପିଅର, କମଳା ଲେମ୍ବୁ ଆଦିର ଉତ୍ପାଦନ ହେଉଥିଲେ ସୁଦ୍ଧା ଆପଲ ଉତ୍ପାଦନ ସର୍ବାଧିକ ।

ବିବାହ ପୂର୍ବରୁ ମୁଁ ଧର୍ମ ସମ୍ପର୍କରେ ଆଦୌ ଆଗ୍ରହୀ ନଥିଲି । କିନ୍ତୁ ବିବାହ ପରେ ଶ୍ୱଶୁରଙ୍କ ସମ୍ପର୍କରେ ଆସିବା ପରେ ଯାଇ ଜାଣିବାକୁ ପାଇଲି ହିନ୍ଦୁ ଧର୍ମ କ'ଣ, କେତେ ବ୍ୟାପକ । ମୋ ବିବାହବେଳେ, ଖାସ୍ କରି ଉପହାର ଦେବେ ବୋଲି ସେ ଭଗବତ୍ ଗୀତାର ଇଂରାଜୀ ଅନୁବାଦ କରିଥିଲେ । ସେହି ଧର୍ମପ୍ରାଣ ମଣିଷଙ୍କ ପାଇଁ ଆଧ୍ୟାତ୍ମିକତା ହିଁ ଥିଲା ଜୀବନ ଆଦର୍ଶ । ଆର୍ଯ୍ୟ ସମାଜ ଦ୍ୱାରା ପ୍ରଭାବିତ ହୋଇ ସେ କୋଟଗଡରେ ଗଢିଥିଲେ ଗୋଟିଏ ପ୍ରତିମା ନଥିବା ମନ୍ଦିର । ମନ୍ଦିରର କାନ୍ଥଗୁଡିକ ଥିଲା ସୁନ୍ଦର ଚନ୍ଦ୍ରକଳାରେ ମଣ୍ଡିତ । ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାରେ ଧ୍ୟାନ ଓ ପ୍ରାର୍ଥନା ପାଇଁ ସେ ମନ୍ଦିରକୁ ଯାଉଥିଲେ । ମୁଁ ମଧ୍ୟ ସାଙ୍ଗରେ ଯାଉଥିଲି । କ୍ରମେ ସେ ଚାଲିବାକୁ ଅସମର୍ଥ ହେଲେ, ମୁଁ ତାଙ୍କ ହାତ ଧରି ମନ୍ଦିରକୁ ଆଣୁଥିଲି । ସେ ସଂପୂର୍ଣ୍ଣ ଅସମର୍ଥ ହେବା ପରେ, ତାଙ୍କର ପ୍ରତିନିଧି ଭାବେ ମୁଁ ମନ୍ଦିରକୁ ଆସିବା ଜାରି ରଖିଥିଲି । ଥରେ ତାଙ୍କୁ ପଚାରିଥିଲି – ଲୋକେ ମୃତ ଆତ୍ମୀୟର ଶବ ଓ ତା'ର ପ୍ରେତାତ୍ମାକୁ ନେଇ ଏତେ ଭୟଭୀତ କାହିଁକି ରହନ୍ତି, ଯେବେ ସେଇ ଲୋକଟି କିଛି ଘଣ୍ଟା ତଳେ ବା ଦିନତଳେ ତାଙ୍କ ଘରର ପ୍ରିୟ ମଣିଷ ଥିଲା । ସେ ଉତ୍ତର ଦେଇଥିଲେ – ତାହା ନିର୍ଭର କରେ ମୃତ୍ୟୁ ଲଭିଥିବା ମଣିଷଟିର ପ୍ରାଣସ୍ତରର ସତ୍ତାଟି ଉପରେ । ଜଣେ ସାଧୁ ମଣିଷର ମୃତ୍ୟୁ ପରେ ତାଙ୍କୁ ନେଇ ଭୟଭ୍ରାନ୍ତିର କାରଣ ନଥାଏ ।

ଥରେ ସନ୍ଧ୍ୟାବେଳେ ମନ୍ଦିରରେ ଏକୁଟିଆ ପ୍ରାର୍ଥନା କରୁଛି, ହଠାତ୍ ଅସ୍ପଷ୍ଟ ଭାବେ ଦେଖିଲି ମୋ ଶ୍ୱଶୁରଙ୍କ ମଲା ଶରୀରଟି ମନ୍ଦିର ଭିତରେ ଶୟନ ମୁଦ୍ରାରେ ରହିଛି । ମୁଁ ଭୟଭୀତ ହୋଇପଡିଲି, ନିଶ୍ଚୟ କିଛି ଅଘଟଣ ଘଟିଲା ବୋଲି ଘରମୁହାଁ ଦୌଡିଲି । ମନ୍ଦିର ବାହାରେ ଅପେକ୍ଷା କରିଥିବା ଆମର ଜଣେ ପୁରୁଣା କର୍ମୀ କହିଲେ – ସାହେବଙ୍କ ଛାଇ ଦେଖି ଡରିଗଲେ କି? ମୁଁ ଦୃଢ କଣ୍ଠରେ କହିଲି, ହୁଏତ ଦୀର୍ଘଦିନ ପରେ ସେ ନିଜେ ଚାଲିଚାଲି

ମନ୍ଦିରକୁ ଆସିଯାଇଥିବେ, ଛାୟା ଅସମ୍ଭବ, ବ୍ୟସ୍ତ ହୋଇ ଘରେ ପହଞ୍ଚି ଦେଖେ ତ ସେ ଭୟଙ୍କର ଭାବେ ଅସୁସ୍ଥ ହୋଇ ପଡିଥିଲେ। ସେଇ ରାତିରେ ହିଁ ତାଙ୍କୁ ସିମଲା ନଆଗଲା, ସେଇଠି ସେ ଶେଷ ନିଃଶ୍ୱାସ ନେଇଥିଲେ।

ପ୍ରତ୍ୟେକ କାର୍ଯ୍ୟରେ ସେ ଥିଲେ ନିଷ୍ଠାବାନ, ଦୀର୍ଘ ସମୟ ଧରି ଟାଇପ ରାଇଟରରେ ଚିଠି ଲେଖା ବା ବହି ଲେଖାରେ ବ୍ୟସ୍ତ ରହୁଥିଲେ। ନିଜ ମା'ଙ୍କୁ ଚିଠି ଲେଖୁଥିଲେ, ସ୍ୱାଧୀନତା ସଂଗ୍ରାମରେ ସାମିଲ ଥିବା ବଡବଡ ନେତୃବୃନ୍ଦଙ୍କୁ ଚିଠି ଲେଖୁଥିଲେ। ଲେଖୁଥିବା ଅନେକ ବହି ଭିତରେ "ଭାରତର ଜାଗରଣ" ଓ "ସତ୍ୟକାମ" ବହି ଦୁଇଟି ତାଙ୍କର ଅମରକୃତି। ବିଶେଷ କରି ଗରିବ ଓ ନିମ୍ନସ୍ତରରେ ଥିବା ଅସହାୟ ମଣିଷଙ୍କୁ ସାହାଯ୍ୟ କରିବାରଏ ତାଙ୍କର ଆଗ୍ରହ ଓ ପ୍ରଚଣ୍ଡ ନିଷ୍ଠା ମୋ ଭଳି ଅନେକଙ୍କୁ ଅନୁପ୍ରାଣିତ କରିଛି।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା।



"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ। ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅନୁର୍ଧା ନାନୀ



ଶଶଧର ମହାପାତ୍ର

ତୁମେ କାହାକୁ କଛି ନକହି
ଅକସ୍ମାତ ଗ୍ଲିଗଲ
ତୁମ ମନରେ ଥିବା ଅକୁହା କଥା
ଏତେଦିନଧରି କେମିତି ଲୁଚେଇ ରଖିଥିଲ ?
ତୁମ କଥାବାର୍ତ୍ତାରେ ବରଷୁଥିଲା ଚନ୍ଦନ
ତୁମ ଭଲପାଇବାରେ, ପରକୁ ନଜର କରିବାରେ
ତୁମର ଥିଲା ଈଶ୍ୱରଙ୍କ ବରଦାନ
ତୁମେ ଥିଲ ମୁକୁତା ସମାନ
କରିଲ କ ମାନ ଅବା ଅଭିମାନ ?
ଏତେ ଶୀଘ୍ର ହଜିଗଲ ଚରଦିନ ?
ତୁମେ କୁହ, ତୁମ ଭାଷାରେ
ଏ କ ଜୀବନ ?

ଖବର ଶୁଣି ଲାଗିଲା
ସତେ ଯେମିତି ଅଗ୍ନକ ମୁଣ୍ଡ ଉପର
ଆକାଶଟା ଭୁଷୁଡି ପଡିଲା,
ମୋ' ମୁଣ୍ଡ ହେଲା ଢିଲା,
ଲୁହ ଦି'ଟୋପା ଗଡିଲା,

ମନ ହନ୍ତସନ୍ତ ହେଲା,
ଆସ୍ତେଆସ୍ତେ ଦିନ ଗଡି
ରାତି ଆସି ହେଲା,
ମୋ' ମନର ନୀରବତା
ଆହୁରି ଘନୀଭୂତ ହେବାକୁ ଲାଗିଲା

ତୁମରି ମୁହଁରୁ ସଦା ଝରୁଥିଲା
ଚେନାଏ ଚେନାଏ ହସ
ଚକ୍ରବ୍ୟୂହ କରି ନୟତି ବାନ୍ଧିଲା
ତୁମପାଇଁ ନାଗଫାଶ
"ସମୟ ଯେ ବଡ ବଳବାନ' କହି
ସର୍ବେ ଭାଗ୍ୟକୁ ଦେଲେ ଦୋଷ
ସାରା ପରିବାର ଝୁରୁଛି ତୁମକୁ
ଭୁଲିଯାଇ ଭୋକ, ଶୋଷ



କିଏ ଜାଣେ ? କେଉଁ ଜନମରେ
ତୁମ ସହ ହେବ ପୁଣି ଭେଟ ?
ଗଲିଗଲ ଯେଉଁବାଟେ
ସେ ଅଫେରାବାଟ
ଯଦି ଆସ ଆଉ ଥରେ
ଆମର ଏ' ମର୍ତ୍ତ୍ୟ ମଣ୍ଡଳକୁ
ଭୁଲିଯାଇ ବାଟ
ମନେରଖ
ଥରେ ମାତ୍ର ନକରି ସଂକୋଚ,

କହିବାକୁ ପୁଣି ଥରେ ତମର ସେ'
ଅମୃତବୋଳା କଥା
ଯେମିତି ନଭୁଲ, ମନେ ରଖିଥା
ଆମେ ପର ତୁମ ନିଜ ଲୋକ
ତୁମେ ନିଜେ ଦେଇଥିଲ
ଭାଇଭଉଣୀ ସେନେହ ଅନେକ
ଖୁବ୍ ଶୀଘ୍ର ତୁମ ଅଭିନୟ ସାରି
ବାହୁଡିଲ କାଳବଳେ
ତୁମେ ମାନବିକତାର ଊର୍ଦ୍ଧରେ
ଥିଲ ପରା ସଦାବେଳେ
ତୁମପାଇଁ ଆଜି ମାତା ବସୁନ୍ଧରା
କାନ୍ଦୁଅଛି ବିକଳେ
ତୁମେ ଚନ୍ଦ୍ରମାଟେ ଭଳି ଲୁଚକାଳି ଖେଳ
ମେଘ ଓ ତାରକା ମେଳେ

ତୁମେଥିଲ ଏକ ସ୍ରୋତସ୍ୱିନୀ ନଈ
ଅନବରତ ବହୁଥିଲ କେତେ ମନଛୁଇଁ
ତୁମେ କାନ୍ତ, ଆଜି ସ୍ୱର୍ଗପୁରେ
ତୁମେ ଛାଡିଗଲ ପାଦ ଚହ୍ନ
ଏ' ସଂସାରର ସାଗରବେଳାରେ
ଏଡେ ଅବେଳାରେ
ତୁମର ଉତ୍ତରଦାୟାଦ, ତୁମ ସ୍ୱାମି,
ଭାଇ, ବନ୍ଧୁ, କୁଟୁମ୍ବ ଆଜି ତୁମପାଇଁ ଝୁରେ

ହେ ଦେବୀ !

ତୁମପାଇଁ ଆଜି ସମସ୍ତଙ୍କ ଆଖି ଛଳଛଳ,

କଏ ସତେ ହଜେଇଛି ତା'ର ମୋତି ମାଳ

ଆଖିରେ ଆଖିଏ ଲୁହ,

ତମପାଇଁ ଅନ୍ତରରୁ ଚୁପ୍‌ଚୁପ୍

ଛୁଟୁଅଛି ବୁକୁଫଟା କୋହ,

ତୁମେ ଯେଉଁଠି ଅଛ

ଭଲରେ ରୁହ

ତୁମ କଥା ଶୁଣି ଦେହ, ମନ ମୋର

ହେଇଗଲା ଶିହରିତ

କେହି ରହିନାହିଁ କେହି ରହିବେନ

ଚୀରଦିନ ଏହା ସତ

ତୁମ ଶ୍ରଦ୍ଧା, ତୁମ ଭଲପାଇବାକୁ

ଆଜି ଝୁରଛି ମୁଁ

ଝୁରୁଛି ଏ' ଜଗତ

( ଶ୍ରୀମତି ଅନୁରାଧା ରାଉତ, ଯିଏକ ଜଣେ ବଡ ଭଉଣୀ ଭଳ ଅନେକ ସ୍ନେହ, ଶ୍ରଦ୍ଧା ଆମକୁ ଦେଇଥିଲେ, ନକଟରେ ତାଙ୍କର ମୃତ୍ୟୁ ଅବସରରେ ଏ' ଲେଖା । ଏ' ଏକ ଦୁଃଖଦ ଘଟଣା । ତା'କୁ ହଜମ କରିବା କଷ୍ଟକର ।)

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ସାଂପ୍ରତିକ ସଚେତନତା



ଅନୁସୂୟା ମିଶ୍ର

ମାନବିକତା ମୃତ ଘୋଷିତ ଆଜି ।
ଅନ୍ତିମସଂସ୍କାର ପାଇଁ ପୁରା ସମାଜଟା ଏକଜୁଟ୍
ଜାତିଧର୍ମ ନିର୍ବିଶେଷରେ
ସମବେଦନାର ସାମିଆନାଟିଏ ବାନ୍ଧି ।
ନା ନିଶ୍ୱାସର କଳାମେଘଟା ଟିକେ ବି ଘୁଞ୍ଚୁଛି
ନା ଅଶ୍ରୁର ବନ୍ୟାକୁ ରୋକିହେଉଛି ତିଳେ ବି,
ଚାରିଆଡେ ଅଦ୍ଭୁତ ଏକ ନିସ୍ତବ୍ଧତାର ରାଜୁତି ।
ତଥାପି, ପ୍ରତିଟି କୁଞ୍ଚିତ କପାଳରେ
ସ୍ପଷ୍ଟ ପଢି ହେଉଛି
ସେଇ ଗୋଟିଏ ହିଁ ପ୍ରଶ୍ନବାଚୀ
ହତ୍ୟା.......... ନା ଆତ୍ମହତ୍ୟା? ?
ଯଦି ହତ୍ୟା, ତେବେ କିଏ ସେହି ହତ୍ୟାକାରୀ?
ବାନ୍ଧି ଆଣ ତାକୁ,
ଲିଭାଇ ଦିଅ ତାର ଜୀବନର ଦୀପ
ଭବିଷ୍ୟର ଆଶଙ୍କା ଆଖିରୁ
ଲିଭିଯାଉ ସବୁଦିନ ପାଇଁ କଳଙ୍କର ସମ୍ଭାବନାତକ ।
ଆଉ, ଯଦି ଆତ୍ମହତ୍ୟା
ତେବେ ଖୋଦିଯାଅ କୋଣ ଅନୁକୋଣ
ଖୋଜି ଆଣ ବିବଶ ତା ମାନସିକତାର କାରଣ ।
ଯେଉଁଠି ଦେଖିବ ସେଇଠି
ଆଜି ଏତିକି ହିଁ ଚର୍ଚ୍ଚା ଚାଲିଛି ।

କନ୍ତୁ, କୁହ ଦେଖି
କେହି ଜଣେ ବି ଅଛି କ
ସେତିକ ସତ୍ ସାହସୀ
ଆଶାବାଦୀ, ଅଟଳ ଆତ୍ମବିଶ୍ୱାସୀ,
ଧାଇଁ ଯିବ ଆଖିବୁଜି
"ଅସମ୍ଭବ"ର ସମସ୍ତ ସୀମାକୁ ଟପି
ତୋଳ ଆଣିବ ବିଶଲ୍ୟକରଣୀ
ଲେପି ଦେବ, ମାନବିକ ମୂଲ୍ୟବୋଧର
ପ୍ରାଣଘାତୀ କ୍ଷତଗୁଡିକରେ ବାଛି ବାଛି?
ଯଦି କେହି ବି ସେମିତି ନାହିଁ
ତେବେ କାହିଁକ ଏତେ ହଇଚଇ?
ସମାଜର କାନ୍ଥରେ ବାଡରେ
କାହିଁକ ଏ ସଚେତନତାର ବୃଥା ଆସ୍ଫାଳନ?
ନୈତିକତାର ଦ୍ୱାହି ଦେଇ
କାହିଁକ ବା କୁତ୍ସିତ କଛି ଦୁଷ୍କର୍ମର
ବାରମ୍ବାର ଅବତାରଣ?
ମାନ ନେଲେ ହୁଅନ୍ତାନ
ହଁ.......ଆମେ ଅଥର୍ବ
ଆମର ପାରିବାପଣ ଖାଲି ବଚନସର୍ବସ୍ୱ
ତେଣୁ ଆଜି ଯାହା ହେଲା
ତାହା କାଲିକ ବି ହେବ
ତା ପରଦିନ ବି.... ପୁଣି ତା ପରଦିନ ବି
ଏମିତି ଗଡି ଚାଲିଥିବ !

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର

# ଘରେ ଘରେ କାହାଣୀ ର ସ୍ରୋତ



ଶାନ୍ତିଲତା ମିଶ୍ର

- "ମା ଖାଇବାକୁ ବାଢିବି ''। - ''ନା ତୁ ଯା, ମତେ ଭୋକ ନାହିଁ । ହଁ ତୁ ଯାହା ଖାଇବୁ ଖାଇଦେ, ଆଉ କଛି ତୋ ଝିଅ ପାଇଁ ବି ନେଇ ଯା'' ।

ମା ବହୁତ ଭଲ ଯେ କନ୍ତୁ ଏଇ ବଡ ଲୋକ ମାନଂକୁ ଭୋକ କାହିଁକ ହୁଏ ନାହିଁ ? କମଳୀ କେବେ ବି ବୁଝି ପାରେ ନାହିଁ । ତାକୁ ତ ଦିନ ରାତି ଚବିଶ ଘଣ୍ଟା ଭୋକ । ତା ଝିଅ କୁ ତ ତାଠୁ ଆହୁରି ଭୋକ ।

ଭଗବାନ୍ ଯୋଉଠି ଭୋକ ଦଉଚନ୍ତି ସେଠି ଖାଇବା ଦଉନାହାଁନ୍ତି । ଯୋଉଠି ଖାଇବା ଦଉଚନ୍ତି ସେଠି ଭୋକ ନାହିଁ । ଏ କେମିତିକା କଥା ।

ଯାହାର ସର୍ବନାଶ ହଉଚ ହଉ ଥାଉ ତାର ଆଜି ପୁଷ ମାସ । ମା ଝିଅ ଆନନ୍ଦ ରେ ଖାଇବେ । ଏଇ ମାଙ୍କ ଘରକୁ ଆସିଲା ଦିନ ଠାରୁ ତା କପାଳ ଖୋଲିଚ । ଆଗରୁ ଯୋଉ ମାଙ୍କ ପାଖେ କାମ କରୁଥିଲା ବଳକା ବଳକ ନଚେତ ଶୁଖିଲା ଖାଦ୍ୟ ମିଳୁଥିଲା ।

ସେଦିନ ଫ୍ରାଏଡ ରାଇସ, ପୁରି, ଚକେନ୍ ତରକାରୀ, କୋବି ଭଜା, ସିମିଆ ଖିରୀ ପୁଣି ରସୋଗୋଲା ବି ମଗେଇଥିଲେ । ଭଲ କରି ମନ ଦେଇ ରୋଷେଇ କରିବାକୁ ବି କହିଥିଲେ । କମଳୀ ଭଲ ରୋସେଇ କରେ ସେଇଥି ପାଇଁ ତ ମା ତାକୁ ରଖିଛନ୍ତି । ବିକାଶ ବାବୁ ଯୋଉଦିନ କହିଥାନ୍ତି ଆସିବେ ବୋଲି ମା ସେଦିନ ଭଲ ଭଲ ଖାଇବା ତାଂକ ମନ ପସନ୍ଦର ବରାଦ କରିଥାନ୍ତି । କନ୍ତୁ ସେ ଆଜି ଆସିଲେନ ।

ଆଜି କଣ, ମଝିରେ ମଝିରେ କଥା ଦେଇ ସେ ଏପରି ଆସନ୍ତିନ । ସେଦିନ ମା ଏପରି ରାଗିକରି ଖାଆନ୍ତିନ । କମଳୀ ଜାଣି ଗଲାଣି କେବେଠୁ । ମା ଗୋଟେ ବଡ ଅଫିସରେ କାମ କରନ୍ତି । ବହୁତ ଟଂକା ପାଆନ୍ତି । ଗାଡି ରଖିଚନ୍ତି । ଏମିତିକା ଦାମୀ ଘରେ ରହୁଚନ୍ତି । ତାର ଆଖି ପାଏନା କ ଏତେ ଦୁର ତା ଭାବନା ଯାଇ ପାରେନା ।

ନିଜେ ଗାଡି ଚଲେଇ କାମକୁ ଯାଆନ୍ତି । ସାଂଗ ସାଥୀ ଘରକୁ ଯାଆନ୍ତି । କିନ୍ତୁ ବେଳେବେଳେ ବହୁତ ଉଦାସ ଦେଖା ଯାଆନ୍ତି । ଏଇ ଆଜି ଯେମିତି । ବିକାଶ ବାବୁ ନଆସିଲେ ସେ ଏମିତି ଦୁଃଖୀ ହୋଇ ଯାଆନ୍ତି । ସେ ଜାଣେ ସେ ଆଜି ଖାଇଲେନି କି ଖାଇବେନି ବି ରାତିରେ, କିନ୍ତୁ ସେ ଯୋଉ ବୋତଲରେ କଣ ସବୁ ରଖିଚନ୍ତି ସେଗୁଡା ପିଇ କି ଶୋଇବେ । କାଲି ରବିବାର ଅଫିସ୍ ନାହିଁ । କାଲି କମଳୀ ର ବି ଛୁଟି । ସେ ବି ଆସିବନି ଦେଖିବାକୁ ।

ତାର ସାହାସ ହୁଏନା ପଚାରିବାକୁ । ରାଗି କି କାମରୁ ବାହର କରିଦେବେ ଯେବେ ଆଉ ଏପରି ଆରମ କାମ ମିଳିବନି । ଏଠି କାମ କଲା ପରେ ଜାଣୁଛି ସଂସାରରେ ଏତେ ପ୍ରକାର ସୁଖ ଅଛି ବୋଲି । ଖାଇବାକୁ ଯେମିତି ପ୍ରଚୁର, ପିନ୍ଧିବାକୁ ବି ସେମିତି ପ୍ରଚୁର ମିଳୁଛି ।

ସନା ଆଉ ତାର ପାଂଚ ବର୍ଷର ଝିଅକୁ ନେଇ ଏକ ସୁଖୀ ଛୋଟ ପରିବାର ଟିଏ ଥିଲା । ସନା ରିକ୍ସା ଟାଣୁଥିଲା । ରୁଖା ସୁଖା ଖାଇ ତାର ଦିନ ବିତୁଥିଲେ ବି କେବେ ମନରେ ଅବଶୋସ ନଥିଲା । ସେତକ ବି ଭାଗ୍ୟ ସହିଲାନି ଦିନେ ତା ରିକ୍ସା ରେ ଟ୍ରକ୍ ଟାଏ ଧକ୍କା କରି ଦେବାରୁ ସେ ସଂସାର ଛାଡିଲା । ସେଇଥି ପାଇଁ ତାକୁ ଏବେ ବାର ଦୁଆରେ କାମ କରି ପେଟ ପୋଷିବାକୁ ପଡୁଛି ।

ଛଅ ମାସ ହେଇଗଲାଣି ଏଇ ମା'ଙ୍କ ପାଖେ କାମ କରୁଚ । ମା ସକାଳୁ ତରବର ହୋଇ କାମକୁ ବାହାରି ଯାଆନ୍ତି । ତେଣୁ କମଳୀ କୁ ଖୁବ୍ ଶୀଘ୍ର ଆସି ମା ଙ୍କ ପାଇଁ ଜଳଖିଆ ଜୁସ୍ ତିଆରି କରି ଦବାକୁ ପଡେ । ତା ପରେ ଯାଇ ଦିନ ଗୃରିଟା ରେ ଫେରନ୍ତି । ଘରର ଆବଶ୍ୟକ ସୌଦା ପତ୍ର ପାଇଁ କିଛି ଟଙ୍କା ରଖି ଦେଇ ଯାଇଥାନ୍ତି । କମଳୀ ଘର ସଫା, ବାସନ ମଜା ଲୁଗା ସଫା ସାରି ସୌଦା ପତ୍ର ଆଣି ରାତି ରୋଷେଇ ସାରି ତା ଘରକୁ ଯାଏ ।

କମଳୀ ର ଅୟସ୍ ହିଁ ଅୟସ୍ ଆଜି । ଏପରି ଦିବ୍ୟ ଭୋଜନ ତାକୁ ଅନେକ ଥର ମିଳିଲାଣି ଏ ମାଙ୍କ ପାଖରେ କାମ କରିବା ଦିନରୁ । ମା କେବେ କିଛି ପଗ୍ଭରନ୍ତିନି। ସବୁବେଳେ ନିଜ କାଗଜ ପତ୍ର କଂପ୍ୟୁଟର କାମ ନେଇ ବ୍ୟସ୍ତ ଥାଆନ୍ତି । କିନ୍ତୁ ତାଙ୍କର ସେଇ ଗୁଣ ଟି ତାକୁ ମୋଟେ ଭଲ ଲାଗେନି। ବିକାଶ ବାବୁ ନ ଆସିଲେ ନିଜକୁ ସଂଭାଳି ପାରନ୍ତିନି କାହିଁ କି ? ରବିବାର ସାରା ଶେଯରେ ପଡି ରହିଥାଆନ୍ତି।

ସୋମବାର ସକାଳେ ଗଲେ ଘର ସାରା ବୋତଲ୍ ଗିଲାସ, ଗ୍ଭରିଆଡ ଲୁଗାପଟା। ଘରକୁ ଏମିତି କରିଥିବେ ଯେ ସତେକି ଗୋଟେ ଯୁଗ ହେଲାଣି ସେ ଘରଦ୍ୱାର ସଫା ହୋଇନି। ମା ଙ୍କର ଏଇ ଗୁଣ ଟି ତାକୁ ମୋଟେ ଭଲ ଲାଗେନି। ଥରେ ରବିବାର ଦିନ କିଛି ଟଂକା ଦରକାର ଯୋଗୁ ଯାଇଥିଲା ମାଂକ ପାଖକୁ ଯେ ତାଂକର ଏ ଅବସ୍ଥା ଦେଖି ସେ ତାଜୁବ୍।

କାହିଁକି ବିକାଶ ବାବୁ ନ ଆସିଲେ ଯେ ସେ ଏପରି ପାଗଳଙ୍କ ପରି ହୁଅନ୍ତି ସେ ବୁଝି ପାରେନା। ଏହା ପୂର୍ବରୁ ଯୋଉ ମା ଙ୍କ ପାଖେ ରହି କାମ କରୁଥିଲା ତାଙ୍କର ଓଲ୍ଟା କାହାଣୀ। ତାଙ୍କ ସ୍ୱାମୀ ଦିନେ ଦିନେ ପି କରି ଗୁଡାଏ ଆସି ମାଙ୍କୁ ପାଟି ତୁଣ୍ଡ, ବାଡିଆ ପିଟା କରନ୍ତି ଯେ ସେ କାନ୍ଦି କାନ୍ଦି ସବୁବେଳେ କମଳୀକୁ ଦୁଖ ଜଣାନ୍ତି। ତାକୁ ଠିକ୍ ଟାଇମରେ ଟଙ୍କା ନ ଦେବାରୁ ସେ ସେଠୁ ଛାଡ଼ି ଗ୍ଭଲି ଆସିବାକୁ ବାଧ ହେଲା ସିନା କିନ୍ତୁ ମାଙ୍କ ପାଇଂ ତା ମନ ବିଦାରି ହଉଥିଲା । କିନ୍ତୁ ପରେ ଶୁଣି ଥିଲା ସେ ମା ବିଷ ଖାଇ ମରିଗଲେ ବୋଲି ।

କାହିଁକି ଏମାନେ ବଂଚ ଶିଖୁ ନାହାନ୍ତି। ରାସ୍ତା ରେ ଏମାନେ ଯେତେବେଳେ ବ୍ୟାଗ ଝୁଲେଇ ଝିଲିମିଲି ଶାଢୀ ପିନ୍ଧି ହାଇହିଲ ଯୋତା ପିନ୍ଧି ଯାଉଥାନ୍ତି, ସେତେବେଳେ ସେ ଭାବେ ଏମାନେ କି ଭାଗ୍ୟବାନ। ଏମାନଂକ ଜୀବନରେ ଦୁଖ କିଛି ନାହିଁ। ଦୁଖଃ, ଈର୍ଷାରେ ସେ ଏତେ ଟିକେ ହେଇଯାଏ । କପାଳ କୁ ନିନ୍ଦେ। କାହିଁକି ତା ଭାଗ୍ୟ ଟା ଏପରି।

କନ୍ତୁ ଏବେ ଭାବୁଛି ଏମାନେ କେତେ ଦୁର୍ବଳ । ବାହାରକୁ ପ୍ରକାରେ ଭିତରେ ଆଉ ପ୍ରକାରେ । ବଂଚବା ଟାକୁ ଏପରି ତୁଚ୍ଛ ମନେ କରୁଛନ୍ତି । ସେ ତ ବଂଚବା କୁ ଏପରି ଜାବୁଡି ଧରିଚ ଯେ ମରିବା ନାମ ଶୁଣିଲେ ତାର ହୃତ କମ୍ପ ।

ଭାଗ୍ୟ ପ୍ରତି ମୁହୁର୍ତ୍ତରେ ପାଦ ତଳେ ତାର କଣ୍ଟା ବିଛେଇ ଗ୍ଭଲିଛି । ସେ ସତର୍କତାର ସହିତ ସେ ସବୁକୁ ଆଡ଼େଇ ଆଡେଇ ଆଗକୁ ବଢି ଗ୍ଭଲିଛି ।  କନ୍ତୁ ମରିବା କଥା କେବେ ବି ତା ମନକୁ ଆସିନ କ ସେ ସେସବୁରେ ତା ମୁଣ୍ଡ ପୁରେଇନ । ଏମାନେ ମରିବା ପାଇଁ ସାହାସ କରି ପାରୁଛନ୍ତି କନ୍ତୁ ବଂଚବା ପାଇଁ କାଇଁ କରି ପାରୁ ନାହାନ୍ତି । ଅଦିନରେ ମରିବା ପାଇଁ ତ ବେଶୀ ସାହାସ ର ଆବଶ୍ୟକ ।

ବଡ଼ ଲୋକଙ୍କ ଝିଅ ମାନେ ସହଜରେ ଟଂକା ରୋଜଗାର କରିବା ସିନା ଶିଖୁଛନ୍ତି କନ୍ତୁ ସହଜରେ ବଂଚବା ଶିଖୁ ନାହାନ୍ତି । ରବି ବାବୁଙ୍କ ଝିଅଟା ବାହା ହେଇଥିଲା କେଡେ ବଡ଼ ଲୋକ ଘରେ ଯେ ସେଠି ଚଳ ପାରିଲାନ ଛାଡ଼ି ଗ୍ଭଲିଆସିଲା । ଏବେ ପାଗଳ ହୋଇ କ ବୁଲୁଛି ।

ଛାଡ ଏଇ ବଡ଼ ଲୋକ ମାନଂକ କଥା ଭାବି କାଂହି ତା ମୁଣ୍ଡ ଖରାପ କରିବାକୁ ଯିବ । ଏତକ ଖାଦ୍ୟ ମା ଝିଅ  ଦୁଇ ଦିନ ଆରାମରେ ଗ୍ଭଲିଯିବ । ଏ ଦିବ୍ୟ ଭୋଜନ ଖାଇବାରେ ଯେତିକ ଆନନ୍ଦ ଏ ବଂଚବା ବି ତା ତାଠୁ ଆହୁରି ମଧୁର । ଆଉ ଏଇ ସଂସାର ଟା ସବୁଠୁ ସୁନ୍ଦର ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କବି ର କବିତା



ସୁବଳ ମହାପାତ୍ର

କବି ର କବିତା,
କଛି ଅସମାହିତ ପ୍ରଶ୍ନ,
କଛି ଉତ୍ତର,
କଛି ଉପଦେଶ,
କଛି ମତାମତ,
କଛି ଅନୁଭୂତି ।



କଛି ବିରହ ର ଗାଥା,
କଛି ଶବ୍ଦ ର ଛିଟା,
କଛି ସୁଗନ୍ଧିତ ଉପହାର,
କଛି ଭାବ ର ଭଣ୍ଡାର,
କଛି ମନର ବେଦନା,
କଛି ସୁନ୍ଦର ସାଧନା,
କଛି ମଳୟ ର ଗନ୍ଧ,
କଛି ଲୁଗୁଣିଆ ଭାବ।

କେବେ କ୍ଷଣିକ ଉନ୍ମାଦନା,
କେବେ ମୃଗତୃଷ୍ଣା,

କେବେ ସଂସାର ର କଳଙ୍କ,
କେବେ ମଧୁମୟ ମୁହୂର୍ତ୍ତ,
କେବେ ସ୍ରୋତସ୍ୱିନୀ ନଦୀ,
କେବେ ସ୍ନେହ ପୀରତି,
କେବେ ରକ୍ତ ର ଅଳତା,
କେବେ ତ୍ରୁଟିପୂର୍ଣ୍ଣ ସଭ୍ୟତା ।

ଆଉ ? ?
ଆଉ କଣ, ଏତିକ ହିଁ ଯଥେଷ୍ଟ....

ଗାନ୍ଧିନଗର, ଗୁଜରାଟ- ୩୮୨୦୦୯

"ବେଦାନ୍ତୀର ଜୁନ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲ୍:vedantimagazine@gmail.com"

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

# ସୈକତ ରେ ସନ୍ଧ୍ୟା



କବିତା ମହାନ୍ତି

ମଧୁଝର୍ ଏହି ବିଜନ ବେଳାରେ
ଫଲଗୁ ପୁଷ୍ପିତ ପ୍ରିୟା
ହୃଦୟ ସୈକତେ ତୁମରି ପରଶ
ନତାନ୍ତ ନନୀଷା ଯାହା ।
ଗ୍ରୀଷ୍ମର ଏହି ସନ୍ଧ୍ୟାରେ ଆସ
ଛାଡି ମାନ ଅଭିମାନ
ଶୀତଳ ସମୀରେ ଅବଗାହିବା ଗୋ
କରୁଛି ଅଭିନନ୍ଦନ ।
ସାୟଂକାଳେ ଦେଖ ଏ ବେଳାଭୂମିରେ
ଛବିଳ ବର୍ଣ୍ଣାଢ୍ୟ ଶୋଭା
ଅନ୍ତରାତ୍ମା ଖୋଜେ ତୁମକୁ ଗୋ ପ୍ରିୟା
ଅନ୍ତରଙ୍ଗେ ଫୁଟୁ ଆଭା ।
ନଖୁଣ ନତମ୍ବ ନୀଳନୟନା ଗୋ
ନୀଳ ସାଗର ନୀଳମା
ନୂପୁର ନକ୍ୱଣେ ବିହ୍ୱଳ ମୁଁ ଆଜି
ବୀଚ ନୃତ ରଚେ ପଦ୍ମା ।
ଅସ୍ତାଚଳ ରବି ପଶ୍ଚିମ ଆକାଶେ
କପୋତ କପୋତୀ ସାଜି
ଯିବା ଉଡି ଆସ ଦୂରେ ବହୁ ଦୂରେ
ରଚବାକୁ ନଡ ଖୋଜି ।



ପ୍ରଧାନ ଶିକ୍ଷୟିତ୍ରୀ, ସାଇଲେଖାରପଡା ଉପ୍ରା ବିଦ୍ୟାଳୟ, କଣ୍ଡାପଡା, କଟକ

# ପ୍ରକ୍ସି



ଆଶା ସାହୁ

ଅଫିସ୍ ରୁ ଆସିଲା ବେଳକୁ ଘର ଭିତରଟା କାହିଁକି କେଜାଣି ଭାରୀ ଭାରୀ ମନେ ହେଉଥାଏ ।

ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳ । ତାପରେ ବସ୍ ରେ ଭୀଡ ଭିତରେ ଅଣନଶ୍ୱାସୀ ହୋଇ ଆସିବା । ସବୁ ଯାତ୍ରୀଙ୍କର ଝାଳଗନ୍ଧ ସାଙ୍ଗକୁ ବିଭିନ୍ନ ରକମର ଡି.ଓ. ଗନ୍ଧ ମିଶି ଏତେ ଉତ୍କଟ ଲାଗୁଥାଏ ଯେ ମନେ ହେଉଥାଏ, ଏଇ ମାତ୍ର ବାନ୍ତି ହେଇଯିବ । ସରକାର ରାସ୍ତା, ଫ୍ଲାଇଓଭର୍ ତିଆରି କରି ଚାଲିଛନ୍ତି । ରାସ୍ତା ସଂଖ୍ୟା ଯେପରି ବଢୁଛି ଲୋକ ସଂଖ୍ୟା ତାର ଚାରିଗୁଣା ବଢ଼ି ଚାଲିଛି ।

ଆଜିକାଲି ସମସ୍ତଙ୍କର ଗୋଟିଏ ଦୁଇଟି କରି ପିଲା ହେଲେ କଣ ହେବ, ଆମର ପୂର୍ବପୁରୁଷମାନେ ତ ଏମିତି ମଞ୍ଜି ସବୁ ବିଞ୍ଚିଦେଇ ଯାଇଛନ୍ତି ସେସବୁ ନ୍ୟୁଟ୍ରନ୍ ବୋମା ଭଳି ଫାଟି ଚାଲିଛି । ତାକୁ ଆଉ ନିୟନ୍ତ୍ରଣ କରିବା ସମ୍ଭବ ହିଁ ନୁହେଁ ।

ଆଉ ସେଇମାନଙ୍କ ଦାୟାଦମାନଙ୍କ ଭିତରୁ ମୁଁ ଜଣେ । ଏକ ସାମାନ୍ୟ କିରାଣୀ । ଘରେ ପୁଅଝିଅ ଛାଡି ଗାଁରେ ବାପା, ମାଆ, ସାଙ୍ଗରେ ଜଣେ ବିଧବା ଭାଉଜ ଓ ତାଙ୍କର ଦୁଇଟି ଝିଅ । ସମସ୍ତଙ୍କର ଭାର ମୋରି ଉପରେ ।

ବସ୍ ରେ ସିଟ୍ ପାଇବା ତ କାଠିକର ପାଠ । କିନ୍ତୁ କଦବା କ୍ୱଚିତ୍ ଯଦି ମିଳିଯାଏ, ସେ ବି ସାଇଡ୍ ସିଟ୍ ତେବେ ମୁଁ ଅପଲକ ଆଖିରେ ଅନେଇଥାଏ ବାହାରକୁ । ବାଇକ୍ ସବାର୍ ଲୋକଙ୍କୁ ଦେଖି ମନଟା ଖଟା ହୋଇଯାଏ । ଖଣ୍ଡେ ବାଇକ୍ କିଣିବାକୁ ଭାରି ମନ ହୁଏ । ବାଇକ୍ ଖଣ୍ଡେ ଥିଲେ ପନ୍ଦର ମିନିଟ୍ ରେ ପବନ ଖାଇଖାଇ ଘରେ ପହଞ୍ଚିଯାଆନ୍ତି । "ସନ୍ଧ୍ୟା" ମଧ୍ୟ କେତେ ଥର କହିଲାଣି ବାଇକ୍ ଖଣ୍ଡେ କିଣିବାକୁ । ମୁଁ ନିଜ ମନକଥା

ମନରେ ଗୁପି ତାକୁ କୁହେ, "ହେଃ ବାଇକ୍ କଣିବ ମଣିଷ? ଯାହା ତ ଅକ୍ସିଡେଣ୍ଟ ହେଉଛି, ତା ପରେ ଏତେ ଟ୍ରଫିକ୍ ଯେ ବସ୍ ରେ ଆସିବା ଯହା, ବାଇକ୍ ରେ ଆସିବା ସେଇଆ ।"

"ଆଙ୍ଗୁର ଖାଇ ନପାରିଲେ ଖଟା"?

ପ୍ରତିଦିନ ମୁଁ ଫେରିଲା ବେଳକୁ ସନ୍ଧ୍ୟା ବଗିଗ୍ଭର ଜୁଇଫୁଲ ମାଳେ ବେଣୀରେ ଗୁନ୍ଥି ଗେଟ୍ ପାଖରେ ଠିଆ ହୋଇଥାଏ । ମୋର ସବୁ କ୍ଳାନ୍ତି ସେ ଜୁଇଫୁଲର ମହକରେ ମହକ ଉଠେ । ସବୁ ଅଫଶୋଷ ସନ୍ଧ୍ୟାର ପ୍ରଫୁଲ୍ଲ ମୁହଁଟାକୁ ଦେଖିଲେ ଉଭେଇଯାଏ । ଦୁଇ ବଖୁରିଆ ଛୋଟ କ୍ୱାର୍ଟରର ଦାଣ୍ଡଘରେ ଛବି ଆଙ୍କୁଥିବା ପୁଅ ଓ ପଦ୍ୟ ମୁଖସ୍ଥ କରୁଥିବା ଝିଅକୁ ଗେହ୍ଲାକଲେ ଲାଗେ ମୁଁ ଦୁନିଆର ସବୁଠାରୁ ସୁଖି ମଣିଷ । ଅଫିସ୍ ରେ କାମର ବୋଝ, ବସ୍ ରେ ଠେଲାପେଲା ସେସବୁ ତ ସ୍ୱପ୍ନ ଭଳ କ୍ଷଣିକ । ଚିରନ୍ତନ ତ ଏଇ ମୋର ପରିବାର ।

କିନ୍ତୁ ଆଜି ଗେଟ୍ ପାଖଟା ସୁନ୍ ସାନ୍ କାହିଁକି? ସନ୍ଧ୍ୟାର ଶାଢ଼ୀର ପଣତ ତ ଦେଖା ଯାଉନାହିଁ । ଘଣ୍ଟାରେ ନଜର ପକାଇଲି । ସେଇ ଟାଇମ୍ ତ । ତେବେ କଣ କେହି ଅସୁସ୍ଥ ହୋଇ ପଡିଲା । ବାରଆଡେ ବାରଚନ୍ତା ମନକୁ ଘାରିଲା ।

ନାଇଁ ମ, କଣ କାମ କରୁଥିବ ଘରେ । ସବୁଦିନେ କଣ ଠିଆ ହେବାଟା ନିତାନ୍ତ ଆବଶ୍ୟକ?

ଗେଟ୍ ଖୋଲି ଭିତରେ ପଶିଲି । ଘର ଭିତରଟା ଆହୁରି ଓଜନିଆ ଲାଗୁଛି । ପିଲାମାନେ ଆଜି ଦାଣ୍ଡଘରେ ନାହାନ୍ତି । ଶୋଇବା ଘରେ ଚୁପ୍ ଗୁପ୍ ବହିକୁ ଅନେଇ ବସିଛନ୍ତି । ମୋ ପ୍ରତି କାହାର ଯେମିତି ଧ୍ୟାନ ନାହିଁ । ଘଟଣା କଣ?

କିଚେନ୍ ରୁ ଆଜି କିଛି ଜଳଖିଆର ସୁଗନ୍ଧ ମଧ୍ୟ ଆସୁନି । ଅଫିସ୍ ରୁ ଫେରିଲେ ମୋତେ ପ୍ରବଳ ଭୋକ ହୁଏ । ତେଣୁ ସନ୍ଧ୍ୟା ମୋ ପାଇଁ କିଛି ହେଭି ଟିଫିନ୍ କରି ରଖିଥାଏ ।

ଭୋକରେ ମୋ ପେଟରୁ ହିକ୍କା ଉଠିଲାଣି । ଗୋଡ ହାତ ଧୋଇ ଗ୍ରେଷେଇ ଘର ଆଡେ ଗଲି । ଦେଖିଲି, ସନ୍ଧ୍ୟା ଅଟା ଦଳୁଛି ।

"ଆଜି କଣ ଖାଇବାକୁ କଛି ନାହିଁ? "

ତା ଶାଢୀ କାନଟାରେ ହାତଟା ପୋଛିବାକୁ ଯଉ ଯାଉ ସନ୍ଧ୍ୟା ଚଟକନା କାନଟାକୁ ଟାଣିନେଇ ଅଣ୍ଟାରେ ଗୁଡେଇ ଦେଲା । କଛି ହେଲେ କହିଲା ନାହିଁ । ଖାଲି ଥଣ୍ଡା ଚାହାଣୀଟିଏ ପକାଇଲା ମୋ ଉପରକୁ । ମୋ ବିନା ଅପରାଧରେ ମଧ ମୁଁ ଚୋରଙ୍କ ପରି ଚୁପ୍ ଚାପ୍ ଚାଲିଆସିଲି ।

କଏ ସେ କହିଥିଲା କେଜାଣି "ରାଗିଲେ ଝିଅମାନେ କୁଆଡେ ଅଧିକା ସୁନ୍ଦର ଲାଗନ୍ତି ।" ଏଠି ତ ସନ୍ଧ୍ୟାର ଏଡେ ସୁନ୍ଦର ମୁହଁଟା କ କଦର୍ଯ୍ୟ ଦେଖାଯଉଛି । ତାର ମେଘ ଅନ୍ଧାରିଆ ମୁହଁଟାକୁ ଦେଖି ମୁଁ କଛି ଥଳକୂଳ ପାଉନଥାଏ, କନ୍ତୁ ଅନୁମାନ କରୁଥାଏ ଏଥିରେ କଛି ନା କଛି ଗୂଢ ରହସ୍ୟ ଅଛି । ସେ ତ କଛି ପଦେ କହୁ ନାହିଁ । ଏ ରହସ୍ୟ ଉଦଘାଟନ କରିବ କଏ?

ପିଲାଙ୍କ ପାଖକୁ ଗଲି । ସେ ଦୁହେଁ ଭି ପୂରା ଟ୍ରେନଣ୍ଡ, ମୋତେ ଦେଖି ମଧ ନଦେଖିବାର ଛଳନା କରୁଥାଆନ୍ତି ।

ତଥାପି ମୁଁ ପଚାରିଲି, "ହଇରେ ଟୁଟୁ, ଘଟଣା କଣ? ତୋ ମାମାର କଣ ହେଇଛି? " "ମୁଁ ଜାଣିନ" କହି ପୁଣି ଚନ୍ଦ କରିବାକୁ ଲାଗିଲା । ଝିଅ ଟିକେ ବଡ, ତେଣୁ ଟିକେ ଚାଲାକ୍ । ସେ ଜାଣିଶୁଣି ପାଠ ପାଖରୁ ଉଠିଗଲା ତା ମାଆ ପାଖକୁ ।

ଭାରି ଅଡୁଆ ଲାଗିଲା । ଏମିତି ପରିସ୍ଥିତି ମୋର କେବେହେଲେ ଆସି ନଥିଲା । ବାହାଘରର ଚଉଦ ବର୍ଷ ବିତିଯାଉଥିଲେ ସୁଦ୍ଧା ସନ୍ଧ୍ୟା ମୋ ଉପରେ ରାଗିବାର ମୁଁ କେବେ ଅନୁଭବ କରିନ । ବରଂ କୌଣସି କଥାରେ ମୁଁ ରାଗିଲେ ଆଖି ଛଳଛଳ କରି ଭୁଲ ନକରିଥିଲେ ସୁଦ୍ଧା ମୋ ଠାରୁ କ୍ଷମା ମାଗେ ।

ଆଜି ହେଲା କଣ । ଯେତେଥର ମୁଁ ତା ପାଖରୁ ଗଲି ସେ ମୋଠାରୁ ଦୂରକୁ ଦୂରକୁ ଘୁଞ୍ଚିଗଲା । ଯେତେପ୍ରକାର ତାକୁ ପଚାରିଲି ସେ ମୁହଁ ଖୋଲିଲାନ ।

ରାତି ସାଢେ ନଅଟାରେ ଟୁଟୁ ଆସି ଖାଇବାକୁ ଡାକିଲା । ଆମେ ସମସ୍ତେ ରାତିରେ ସାଙ୍ଗ ହୋଇ ଖାଉ । ଆଜି ଚାରିଟା ପ୍ଲେଟ ବଦଳରେ ତିନୋଟି ପ୍ଲେଟ୍ ଥିଲା । ସନ୍ଧ୍ୟା ବାଢି ଦେଇ ସେଠାରୁ ପଳେଇ ଥିଲା । ମୁଁ ଝିଅକୁ ପଚାରିଲାରୁ ସିଏ କହିଲା, "ମା'କୁ ଭୋକ ନାହିଁ ।"

ଏଥର ମୋର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା । ମୁଁ ରାଗ ତମତମ ହୋଇ ସନ୍ଧ୍ୟା ପାଖକୁ ଯାଇ ଚଢାଗଳାରେ କହିଲି, "କଣ ନାଟକ ଚାଲିଛି ଏଠି? ଘଟଣା କଣ ନ ଜଣାଇ ଏ ପ୍ରହସନ କାହିଁକି? "

ଏଥର ସେ ତାର ସ୍ୱଭାବସୁଲଭ ଭାବରେ ଶଙ୍କିଗଲା । ଧଡକରି ଉଠିଯାଇ ଖୋଲା ଲଫାଫାଟିଏ ଆଣି ମୋ ଆଡକୁ ବଢାଇଦେଲା । ମୋର କୌଣସି ଜିନଷ ତାଠାରୁ ଗୋପନୀୟ ନଥିଲା ।

ଲଫାଫା ଉପରେ ମୋରି ନାଁ ଓ ଠିକଣା ଥିଲା । ଚିଠିଟି ଖୋଲି ପଢିଲି । ସେଥିରେ କିଛି ସମ୍ବୋଧନ ନଥିଲା । ଲେଖା ହୋଇଥିଲା –

"ଆଉ ବେଶିଦିନ ମୁଁ ଅପେକ୍ଷା କରିପାରିବି ନାହିଁ । ତୁମ ପୁଅ ଏବେ ବଡ ହେଲାଣି, ତାର ଏବେ ନିହାତି ବାପା ଦରକାର । ସେ ପଚାରୁଛି ମଧ୍ୟ । ବିନା ବାପାରେ ମୁଁ ତାକୁ ପନ୍ଦର ବର୍ଷର କରିଦେଲି । ଏବେ ତୁମ ପୁଅକୁ ତୁମେ ନିଅ । ମୋ କଥା ମୁଁ ବୁଝିବି । ମୋତେ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ ମୁଁ କଦାପି କହୁନାହିଁ । ତୁମ ଜୀବନରେ ଅନ୍ଧାର ଭରିବାକୁ ମଧ୍ୟ ମୁଁ ଆଗ୍ରହୀ ନୁହେଁ । କିନ୍ତୁ ଯଥା ଶୀଘ୍ର ତୁମେ କିଛି ଗୋଟେ ନିଷ୍ପତ୍ତି ନିଅ ଓ ତୁମ ବିବାହିତା ସ୍ତ୍ରୀକୁ ସବୁକଥା ଖୋଲି କୁହ । ଇତି ॥ "ପୁଷ୍ପା"

ମୁଁ ଚମକି ପଡିଲି, "ପୁଷ୍ପା"? ଇଏ କ'ଣ ସେଇ ପୁଷ୍ପା ଯାହା ସହିତ ମୋର ବିବାହ ଠିକ୍ ହୋଇ ସୁଦ୍ଧା ହୋଇପାରିନଥିଲା । ମୁଁ ବେଶ୍ ତା ସହ ମାନସୀକ ଓ ଭାବନାତ୍ମକ ଭାବରେ ଜଡିତ ହୋଇ ପଡିଥିଲି । ଆମ ଦି'ଜଣଙ୍କ ଭିତରେ କଥାବାର୍ତ୍ତା ମଧ୍ୟ ହୋଇଥିଲା । କିନ୍ତୁ ଦୁଇ ପରିବାର ଭିତରେ କିଛି ମତଭେଦ ଉପୁଜିବାରୁ ବାହାଘର ଭାଙ୍ଗି ଯାଇଥିଲା । ମୁଁ ଥିଲି ମାତା ପିତାଙ୍କର ଆଜ୍ଞାକାରୀ ପୁଅ । କିନ୍ତୁ ବେଶ୍ କିଛିଦିନ ଭିତରେ ଭିତରେ ମୁଁ କୁହୁଳିଥିଲି । ସନ୍ଧ୍ୟା ସହ ବିବାହ ପରେ ମୁଁ ଏ ବିଷୟରେ ସମସ୍ତ କଥା ଖୋଲି କହିଦେଇ ଥିଲି ।

କନ୍ତୁ........

ମୋର ତ ପୁଷ୍ପା ସହ ଏପରି ସମ୍ପର୍କ ନଥିଲା ଯେ ଆମର ଗୋଟିଏ ପୁଅ ମଧ୍ୟ ଥିବ । ମୋର ମୁଣ୍ଡ ଗୋଳମାଳ ହୋଇଯାଉଥିଲା । ତେବେ କ'ଣ ପୁଷ୍ପା ସତରେ ଦୁଷ୍ଚରିତ୍ରା ଥିଲା, ଯାହାକି ମୋତେ ଜଣାଯାଇଥିଲା । ତେବେ କ'ଣ ସିଏ ପଣସ ଖାଇ ଅଠା ମୋରି ମୁଣ୍ଡରେ ବୋଳିବାକୁ ବସିଛି । ମୋର ମନ ସେ ସମୟରେ ତିଳେ ହେଲେ ବିଶ୍ୱାସ କରିନଥିଲା ।

ସମ୍ମୁଖରେ ଏତେ ବଡ ପ୍ରମାଣ ଥୁଆହୋଇଛି ଯେ ମୁଁ ଚିନ୍ତା କରିପାରୁନଥିଲି ସନ୍ଧ୍ୟା ପାଖରେ ମୁଁ କେମିତି ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବି । ରାତିଟାରେ ଆଉ ପାଲା ଲଗେଇବାକୁ ଇଚ୍ଛା ନଥିଲା ଓ ମୁଁ ଉପାୟଶୂନ୍ୟ ମଧ୍ୟ ଥିଲି । ଖିଆପିଆ ହେଇପାରିଲା ନାହିଁ । ରାତିତମାମ ମୁଁ ଶୋଇପାରିଲି ନାହିଁ । ଆଉ ସନ୍ଧ୍ୟା ମଧ୍ୟ ଏକଡ ସେକଡ ହେଉଥାଏ । ବେଳେବେଳେ ତାର କାନ୍ଦର ଶବ୍ଦମଧ୍ୟ ଶୁଣାଯାଉଥାଏ । "ପାଗଳୀ, ମିଛଟାରେ ହେଲେ ଦୁଃଖ ପାଉଛି ।" ତାକୁ ସାନ୍ତ୍ୱନା ଦେବାକୁ ଇଚ୍ଛା ହେଉଥିଲା ।

ଭୋର୍ ସାଢେ ଛଅଟାରେ କଲିଂବେଲ୍ ବାଜିଲା । ଏତେ ବଡିଭୋରରୁ କଏ ସେ ଆସିଛି । ମୁଁ ଛାନିଆ ହୋଇପଡୁଥାଏ, ପୁଷ୍ପା ଆଉ ସଶରୀରେ ଉପସ୍ଥିତ ହୋଇନଥିବ ତ? ପୁଅଟା କାହାର ହେଇଥିବ କେଜାଣି ।

ଧଡପଡ ହୋଇ ଉଠି ମୁଁ ଯାଇ କବାଟ ଖୋଲିଲି । ସାମନାରେ ଶୁଭେନ୍ଦୁ ମହାନ୍ତି ।

ସେ ଝଡପରି ଭିତରକୁ ପଶିଆସିଲା ଓ ପଚାରିଲା, "ତୋ ପାଖକୁ ମୋର କିଛି ଚିଠିପତ୍ର ଆସିଛି କି? "

ମୋତେ କିଛି ଜବାବ୍ ଦେବାକୁ ସୁଯୋଗ ନଦେଇ ସେ କହି ଚାଲିଲା । "ବଡ ଅସୁବିଧାରେ ପଡିଛି ଭାଇ । କଲେଜରେ ପଢୁଥିଲାବେଳେ ଯେଉଁ ଭୁଲ୍ କରିଛି ତାର ପ୍ରାୟଶ୍ଚିତର ବେଳ ଆସିଯାଇଛି । ମୋତେ ତୁ ଉପାୟ ବତା । ପୁଷ୍ପାର ଓ ମୋର ଗୋଟିଏ ପୁଅ ଅଛି । ପୁଷ୍ପା ମୋର କଲେଜ ବେଳର ବାନ୍ଧବୀ । ଏବେ ସେ ଲିଗାଲି ପୁଅକୁ ଓ ପାଖରେ ଛାଡିବାକୁ ଚାହୁଁଛି । ସେ ଏ ପର୍ଯ୍ୟନ୍ତ ଅବିବାହିତା । ଏବେ ସେ ବିବାହ କରିବାକୁ ମନସ୍ଥ କରିଛି ଓ

ପୁଅର ଥଇଥାନ କରିବାକୁ ଚାହୁଁଛି । ମୁଁ ଏ ବିଷୟରେ କେମିତି ଯେ ମୋ ସ୍ତ୍ରୀକୁ କହିବି ମୁଁ କିଛି ଜାଣି ପାରୁନାହିଁ । ତୋରେ ଏଡ୍ରେସ୍ ମୁଁ ଦେଇଥିଲି ପୁଷ୍ପାକୁ ।

ସେ ଗପି ଚାଲିଥିଲା । ମୁଁ ସବୁ ଶୁଣୁଥିଲି କିନ୍ତୁ ମୋ ମୁଣ୍ଡରେ କିଛି ପଶୁନଥିଲା । ମୁଁ ଭାବୁଥିଲି; କେବଳ ଯେ ମୋର ପ୍ରସ୍ନି ଶୁଭେନ୍ଦୁ ମହାନ୍ତି ଅଛି ତା ନୁହେଁ, ପୁଷ୍ପାର ମଧ୍ୟ ଗୋଟେ ପ୍ରକ୍ସି ଅଛି ।

ମୋ ମୁଣ୍ଡରୁ ଯେମିତି ଏକ ମସ୍ତବଡ ବୋଝ ଓହ୍ଲେଇ ଯାଉଥିଲା ।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com

& editor.vedantimagazine@gmail.com.

Whatsapp & Mobile: 9594993733

# ସାବଧାନ ହେ ଋତୁରାଜ ବସନ୍ତ .......... !



ଅରୁଣ କୁମାର ପାତ୍ର

ସାବଧାନ ହେ ଋତୁରାଜ ବସନ୍ତ
ଦି' ଗୋଡ଼ିଆ ମଣିଷକୁ
ବିଶ୍ୱାସ କରନା ଜମା
କରତାଳ ଫୁଲମାନେ
ଲୁଚଅଛି ବୋମା ।
ତୁମକୁ ମୋ' ଅନୁରୋଧ
ହେ ଋତୁରାଜ ବସନ୍ତ
ଏହି ପୃଥିବୀକୁ ଆସିବାକୁ ମନା ।୧।

ପ୍ରେମ ନାମେ ଗୁଲେ ନିତି
ସ୍ନେହେ ପ୍ରତାରଣା
ସଜଫୁଟା ଫୁଲଟି
ଅସହାୟ ମନେ କରେ
ରକ୍ଷକ ପ୍ରବଞ୍ଚକଙ୍କ କରେ ।
ତୁମକୁ ମୋ' ଅନୁରୋଧ
ହେ ଋତୁରାଜ ବସନ୍ତ
ଏହି ମହୀକୁ ଆସିବାକୁ ମନା ।୨।

ଯେଉଁଠି ମିଳେ ନାହିଁ
ପିଠିକୁ ଖଣ୍ଡେ ବସନ
ପେଟକୁ ଗଣ୍ଡେ ଦାନା
ମା' ବିକ୍ରି କରେ ଜନ୍ମିତ ସନ୍ତାନ

ଋଣ କରି ଚାଷୀ କରେ ଆତ୍ମହତ୍ୟା
ମାଓବାଦୀ ରଚନ୍ତି ତାଣ୍ଡବର ଲୀଳା ।
ବସନ୍ତ ନାମେ ଚାଲେ ପିକର କୁହୁତାନ
ସାବଧାନ ହେ ଋତୁରାଜ ବସନ୍ତ
ତୁମକୁ ମୋର ଅନୁରୋଧ
ଏହି ଧରିତ୍ରୀକୁ ଆସିବାକୁ ମନା ।୩।

ସତକହି ଏହି ପୃଥିବୀରେ
କେହି ପାଇ ନାହିଁ ପୁଣି କ୍ଷମା
ଏହି ଖାଲି ମାନବ ଜୀବନଟା
ଦୁଃଖ, କଷ୍ଟ ଓ ମୃତ୍ୟୁର ଯନ୍ତ୍ରଣା
ମୁଠା, ମୁଠା ଟଙ୍କା ଆଉ ସୁନା
ସାବଧାନ ହେ ଋତୁରାଜ ବସନ୍ତ
ଏହି ଧରା ପୃଷ୍ଠକୁ ଆସିବାକୁ ମନା ।୪।



ଅତୀତର ବାର୍ତ୍ତାଟିଏ ଦେବାକୁ
ଯଦିଓ ମୋର ଇଚ୍ଛା ନାହିଁ,
ତଥାପି ପୁରୁଣା କ୍ଷତଟି ମୋର
ଏଯାଏଁ ଜମା ଶୁଖୁନାହିଁ ।
ବର୍ଷକରେ ଥରେ ଆସନା ତୁମେ
ହେ ଋତୁରାଜ ବସନ୍ତ ……… !
ଅମାନିଆ ପ୍ରେମିକାଟିଏ ହୋଇ
ଚୁନଛିଟା ଦେବା ପାଇଁ
ମୋ' ଜୀବନ ଯୌବନରେ ।
ସାବଧାନ ହେ ଋତୁରାଜ ବସନ୍ତ
ଏହି ବସୁନ୍ଧରାକୁ ଆସିବାକୁ ମନା ।୫।

କେନ୍ଦୁପଦର, ଫୁଲବାଣୀ – ୭୬୨୦୦୧
ଜିଲ୍ଲା : କନ୍ଧମାଳ ( ଓଡ଼ିଶା)

# ଲୁହ



କାଳକଙ୍କର

କାହାର କଥା କିଏ କହିବ
ମନର ମିତ କିଏ ଜାଣିବ
ଜୀବନେ ଯେତେ ଭାବନା ଝର
ହୃଦୟେ ଯେତେ ଉଠେ ଜୁଆର


ସେହି କଥାଟି କହିବା ପଇଁ  ଝରଣା ଝରେ ହେବାକୁ ନଈ
ମାଟିର ଦେହୁ ସାଗର କନ୍ୟା  ଅନ୍ତର ତଳେ ବୋହଇ ବନ୍ୟା
କିଏ କି କୁହ?
ସେଇଟି ଲୁହ ।
ଯିଏ ଯାଉଛି ଜଗତି ପୁର
ସିଏ ସେଇଠି କରେ ବାଆର
ସମାଜ ଦେହେ ଉଷୁମ ସ୍ୱର
ଭାଗବତରୁ ଝରେ ନିର୍ଝର
କପିଳା ଗାଈ କେଉଁଠି ଥିଲା  ଦୁହିବା ବେଳେ ନାତ ମାରିଲା
ତା କଥା କିଏ ଜାଣିଛି କୁହ  ପିଠିରେ ବେତ ପାହାରେ କୋହ
କିଏ କି କହ?
ସେଇଟି ଲୁହ ॥

କାଳଜାଈ କୁ ନଈ ସେପାରି
ନେବାକୁ ମଙ୍ଗ ଧରେ ନାଉରୀ
ବାପ ତାହାର କହୁଛି ଝିଅ
ମାଟିଟି ତୋର ମୋ କୋଳେ ଥୁଅ

ଝିଅ ଜନମ ପର ଘରକୁ      ପର ଆପଣା କେଉଁ କଥାକୁ
ସଭିଏଁ ଏଠି ଅତି ଗରିବ      ମିଛରେ ଦେହ ମୋହ ବୈଭବ
କଏ କ କୁହ?
ସେଇଟି ଲୁହ ॥
ର୍ଇଜ ସାର୍ ରସିକ ନର
ମରତେ ବାସ ସରଗ ପୁର
      କମଳା ନାନୀ ଘଇତା ଗ୍ୱେର
      ପୋଲିସି କରେ ଦୂରୁ ଜୁହାର
ବିଚର୍ ବୁଢା ବୁଢୀ ଇତର      ବୋହୁ ଓ ପୁଅ ବାସ ଅତର
ଗାଁ ରେ ଆଜି ମିରୀଗ ନାଚ      ମହିଷାସୁର ଖୋଲିଛି ମଠ
କଏ କ କୁହ?
ସେଇଟି ଲୁହ ॥

ଆସ ରେ ଆସ ହେବା ସଂଗାତ
ଗାଇବା କଛି ମାଟିର ଗୀତ
      ମୂଷା ଖୋଳୁଛି ମାଟିର କାନ୍ଥ
      ବିଲେଇ ଗଲା ଯେ ବାନପ୍ରସ୍ଥ
ଛାତିକୁ ଚରି ପ୍ରଭୁ ଦର୍ଶନ      ହନୁ ଜିଣିଲା ଲଙ୍କା ଭୁବନ
ସୀତା ମା ଦେଲେ ସତୀ ପରୀକ୍ଷା   ନୂଆ ଜୀବନେ ହେଉ ହେ ଦୀକ୍ଷା
କଏ କ କୁହ?
ସେଇଟି ଲୁହ ॥

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ



# ଅନୁଭବ

ମୂଳ ରଚନା- ସୁନତା ଗୱ୍ଵାଡ
ଅନୁବାଦ- ମଧୁସ୍ମିତା ପଟ୍ଟନାୟକ



ମଧୁସ୍ମିତା ପଟ୍ଟନାୟକ

ସ୍ୱାମୀ ମାନେ ନିଜ ବ୍ୟସ୍ତତା ଭିତରେ ସ୍ତ୍ରୀର ଆବଶ୍ୟକତାକୁ ତ ଭୁଲିଯାଆନ୍ତି, ତା' ସହିତ ସ୍ତ୍ରୀର ସମର୍ପଣ ଭାବନାକୁ ମଧ୍ୟ ଅଣଦେଖା କରି ଦିଅନ୍ତି । ବିପିନ ମଧ୍ୟ ଏହିଭଳି ଭୁଲ କରିଥିଲା ଆଉ ଖୁବ୍ ଶୀଘ୍ର ତାକୁ ନିଜ ଭୁଲର ଅନୁଭବ ହେଇଯାଇଥିଲା । ଏପଟେ ମୃଦୁଳା ଏପରି କ'ଣ କଲା ଯାହା ଫଳରେ ବିପିନ ତା' ଉପରେ ମୁଗ୍ଧ ହେଇଗଲା ? ..

" ତୁମେ କେଉଁଠି ଅଛ, ମୃଦୁଳା ? " ରୁମ୍ ଭିତରୁ ବିପିନ ଡାକ ଛାଡିଲା ।

"କ'ଣ ହେଲା ? ତୁମେ ମୋତେ ରୋଷେଇ କରିବାକୁ ଦେବ ନା ନାହିଁ ? ପ୍ରତି ପାଞ୍ଚ ମିନିଟରେ ଥରେ ଡାକ ଛାଡୁଛ..! ମୃଦୁଳା ଏଟା କେଉଁଠି ଅଛି.., ସେଟା କେଉଁଠି ଅଛି.., ଏବେ ଟିକେ ଗରମ ପାଣି କରି ଦିଅ.., ଏବେ ଟିକେ ମୋ ଡ୍ରେସ୍ ପ୍ରେସ୍ କରିଦିଅ.., ମୋ ଜୋତା କେଉଁଠି ଅଛି ?..ମୋ ବେଲ୍ଟଟା କେଉଁଠି ?"..ଉଫ! ମତେ ବିରକ୍ତ ଲାଗିଲାଣି ଏସବୁ ଶୁଣି ଶୁଣି । ସକାଳୁ ଉଠିବା ପରଠୁ ଗୋଟେ କାଠ କଣ୍ଢେଇଟେ ପରି ଏପଟରୁ ସେପଟକୁ ଖାଲି ନାଚୁଛି; କହି କହି ବେଲଣା ବାଡ଼ି ଧରି ବିପିନ୍ ଆଗରେ ଠିଆ ହୋଇଗଲା ମୃଦୁଳା ।

"ମୋର ମୋଜା କେଉଁଠି ଅଛି ? "

"କେତେଥର କହିବି ସେଇଠି ଅଛି ଯେଉଁଠି ସବୁବେଳେ ଥାଏ..ତୁମେ ଥରଟେ ଦେଖୁନ କାହିଁକି ?"

"ମିଳୁନ" ବିପିନ ରାଗିଯାଇ କହିଲା ।

"ମିଳବ କେମିତି ? ମହାଶୟ ତ ଖାଲି ଉପରେ ଉପରେ ଦେଖିବେ, ଟିକଏ ଲୁଗାକୁ ଏପଟ ସେପଟ କରି ଦେଖ, ମିଳିଯିବ ।"

"ହଁ, ହଁ, ମିଳିଲା", ବିପିନ ଭଙ୍ଗା ହୋଇଥିବା ଲୁଗା ଥାକରୁ ମୋଜାକୁ କାଢ଼ି କହିଲା, 'ତୁମେ ସକାଳୁ ସକାଳୁ ଆଉ ଏତେ ଲେକ୍ଚର ଦିଅନ । ଯାଅ ରୋଷେଇ ଘରେ ନିଜ କାମ କର, ଆଉ ହଁ କାଲିଠୁ ମୋଜାକୁ ଉପରେ ରଖି ଦେଇଥିବ ।'

"ହଁ, ହଁ, କାହିଁକି ନୁହେଁ..ତୁମେ କହିବ ତ ରାତିରୁ ତୁମ ମୁଣ୍ଡ ପାଖରେ ରଖି ଦେଇଥିବ", ମୃଦୁଳା ରାଗିଯାଇ କହିଲା ।

"ତୁମେ ଏତେ ଚଢ଼ି ଯାଉଛ କାହିଁକି ?"

"ଭଲ! ମୁଁ କାହିଁକି ଚଢ଼ିବି ? ଆଗ ନିଜ ଚେହେରାକୁ ଟିକେ ଦେଖ । କାଲି ସନ୍ଧ୍ୟାରୁ କେମିତି ଫୁଲିକି ଅଛ! "

"ସକାଳୁ ସକାଳୁ ମୋ ମୁଡ୍ କାହିଁକି ଖରାପ କରୁଛ ? ଫାଲତୁଟାରେ ମୋତେ ରଗାଅନ, ବୁଝିଲ ।"

ମୃଦୁଳା ଏବେ ଚୁପ୍ ରହିବାଟି ଠିକ୍ ହେବ ଭାବି ଚୁପ୍ ହୋଇଗଲା । ସେ ଭାବିଲା ଆଜି କାହା ମୁହଁ ଦେଖି ମଣିଷ ଉଠିଥିଲା କେଜାଣି, ଦିନର ଆରମ୍ଭ ଝଗଡ଼ାରୁ ହେଲାଣି । କଥା କାଳେ ଆଗକୁ ଆହୁରି ବଢ଼ିଯିବ ଭାବି ସେ ଚୁପ୍ ଚାପ୍ ରୋଷେଇ ଘରକୁ ଆସି ନିଜ କାମରେ ବ୍ୟସ୍ତ ହୋଇଗଲା । ଏବେ ଘରେ ସମ୍ପୂର୍ଣ୍ଣ ନୀରବତା ଖେଳିଗଲା । ମଝିରେ ମଝିରେ ମୃଦୁଳାର ଚୁଡିର ଖଣ୍ ଖଣ୍ ଶବ୍ଦ ଆଉ ଭିତର ରୁମରୁ ପେପରର ପୃଷ୍ଠା ଓଲଟାଇବା ଶବ୍ଦ ନୀରବତା ଭିତରେ ହଲଚଲ୍ ସୃଷ୍ଟି କରୁଥିଲେ । ଦୁହେଁ ନିଜ ନିଜ କାମରେ ବ୍ୟସ୍ତ ହେବା ସତ୍ତ୍ୱେ ମୁଣ୍ଡ ଭିତରେ ଉଠୁଥିବା ବିଗ୍ବରର ଜୁଆର ଭଟାରୁ ନିଜକୁ ମୁକୁଳେଇ ପାରୁନଥାନ୍ତି ।

କେମିତିକା ସ୍ୱଭାବର ଲୋକଟା କେଜାଣି ? ମୁଁ ତ ଏପର୍ଯ୍ୟନ୍ତ ତାଙ୍କୁ ଭଲରେ ବୁଝି ପାରିଲିନାହିଁ । ବାହାଘରକୁ ବର୍ଷେ ହେବାକୁ ଆସିଲାଣି ତଥାପି କାହିଁକି କେଜାଣି ମୋତେ ଅଚହ୍ନା ଅଚହ୍ନା ଲାଗନ୍ତି । କଥା କଥାରେ ତ ନାକ ଆଗରେ ରାଗ । ଏକରେ ତ ସ୍ୱଭାବ ଏମିତି ସେଥିରେ ପୁଣି ବହୁତ ମାପିଚୁପି କଥାବାର୍ତ୍ତା..ଆଉ ଯଦି ଥରଟେ ରାଗିଯାଆନ୍ତି ତେବେ ମୁହଁକୁ ଫୁଲେଇ ସାରା ଦିନ ମୌନ ବ୍ରତ ଧାରଣ କରିନେବେ । କାଲି ଟିକେ ମାର୍କେଟ ଯିବା ପାଇଁ କ'ଣ କହିଦେଲି ଯେ ସାଙ୍ଗେ ସାଙ୍ଗେ ମୁହଁ ଫୁଲେଇ ଦେଲେ । ରାତିରେ ବୁଝେଇବାକୁ କ'ଣ କ'ଣ ଚେଷ୍ଟା ନ କରିଛି ହେଲେ କ'ଣ ହେବ..ସବୁ ଚେଷ୍ଟା ବେକାର..କେବେବି ନିଜ ଇଛାରେ କୁଆଡେ ବୁଲେଇବାକୁ ମଧ୍ୟ ନେବେନି.. ।

ବହୁତ ଦିନ ହୋଇ ଗଲାଣି ଘରୁ ବାହାରକୁ ବୁଲି ଯିବାର..ସ୍ୱାମୀ ଯଦି ଖୁସ୍ ମିଜାଜ୍ ଆଉ କଥାକୁହା ହୋଇଥିବ, ତା'ହେଲେ ସ୍ତ୍ରୀର ଅନ୍ତତଃ ସମୟ ଭଲରେ କଟିଯିବ..ହେଲେ..ଠିକ୍ ସେତିକି ବେଳକୁ ହାତରୁ ଗ୍ଲାସଟ ଖସି ତଳେ ପଡ଼ିଗଲା । ଭାବନାର ଶୃଙ୍ଖଳା ଭାଙ୍ଗିଗଲା ହଠାତ୍ । ଆଖିର ଝରି ଆସୁଥିବା ଲୁହକୁ ପୋଛି ଟିଫିନ୍ ପ୍ରସ୍ତୁତ କରି ଜଳଖିଆର ପ୍ଲେଟ୍ ସଜାଡିବାକୁ ଆରମ୍ଭ କଲା ମୃଦୁଳା ।

ମୃଦୁଳା ଜଳଖିଆ ପ୍ଲେଟ ଆଉ ଟିଫିନ୍ ନେଇ ପହଞ୍ଚିଗଲା ରୁମ୍ ରେ । ଟିଫିନ୍ ଆଉ ଜଳଖିଆର ପ୍ଲେଟକୁ ଟେବୁଲ ଉପରେ ରଖି ଧୀରେ କହିଲା, ଜଳଖିଆ ଖାଇଦିଅ ନହେଲେ ଥଣ୍ଡା ହୋଇଯିବ । ତା' ପରେ ପୁଣି ରୋଷେଇ ଘରକୁ ଫେରିଆସି ନିଜ କାମରେ ବ୍ୟସ୍ତ ହୋଇଗଲା ।

ରୁମ୍ ଭିତରୁ କୌଣସି ପ୍ରକାରର ଶବ୍ଦ ଶୁଣିବାକୁ ନ ପାଇ ମୃଦୁଳା ଟିକିଏ ଶଙ୍କାରେ ପଡ଼ିଗଲା । ତୁରନ୍ତ ରୁମକୁ ଆସି ଦେଖିଲା ବେଳକୁ ବିପିନ ଯାଇ ସାରିଥିଲେ । ଜଳଖିଆ ପ୍ଲେଟରେ ପଡି ପଡି ଶୁଖିବାକୁ ଲାଗିଥିଲା । ଟିଫିନଟା ଜଳଖିଆ ପାଖରେ ଯେମିତିକୁ ସେମିତି ରଖାହୋଇଥିଲା ।

"ଆରେ ଗଲିଗଲେ..ଟିଫିନ୍ ନେଲେ ନାହିଁ ।" ମୃଦୁଳା ଟିକିଏ ବିଡ଼୍ ବିଡ଼୍ ହେଲା । ବିପିନଙ୍କର ଏମିତି ଯିବାଟା ତା'ର ପସନ୍ଦ ହେଲାନାହିଁ । ସେ ଟିକେ ଉଦାସ ହେଇଗଲା ।

କଛି ସମୟ ଜଳଖିଆ ପ୍ଲେଟକୁ ସେମିତି ଠିଆ ହୋଇ ଦେଖିଲା । ତା'ପରେ ବେଡ୍ ରୁମକୁ ଆସି ତକିଆରେ ମୁଣ୍ଡ ଦେଇ ଖଟରେ ଲେଟିଗଲା ।

ରୁମ୍ ଭିତରେ ବିରାଜମାନ କରୁଥାଏ ନୀରବତା । କେବଳ ପଙ୍ଖାର ଖର୍ଖର୍ ଶବ୍ଦ ରୁମର ନୀରବତାକୁ ଭାଙ୍ଗୁଥାଏ । ଘୁରୁଥିବା ପଙ୍ଖାକୁ ଚାହିଁ ଚାହିଁ ମୃଦୁଳା ନିଜକୁ ହଜେଇ ଦେଲା ପୁରୁଣା ଦିନର ସ୍ମୃତିରେ..ତା'ର ସେହିଦିନ ସବୁ ମନେ ପଡିବାକୁ ଲାଗିଲା, ଯେବେ ଘରେ ତା' ବାହାଘରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ସେ ସବୁ ଶୁଣି ମଧ୍ୟ ଉପରକୁ ନ ଜାଣିଲା ଭଳି ହେଉଥାଏ ।

ତା'ପରେ ଦିନେ ବିପିନଙ୍କର ପ୍ରସ୍ତାବ ଆସିଲା । ବିପିନ ପ୍ରଥମ ଦେଖାରେ ହିଁ ମୃଦୁଳାକୁ ପସନ୍ଦ କରି ନେଇଥିଲେ । ବହୁତ ଜଲ୍ଦି ଜଲ୍ଦି ନିର୍ବନ୍ଧ ହେଇଗଲା । ବ୍ୟାଙ୍କ ଅଫିସର ବିପିନର ସାଦାସିଧା ରୂପରେ ମୁଗ୍ଧ ହୋଇଯାଇଥିଲା ମୃଦୁଳା ।

ପୁରୁଣା ଦିନର ସ୍ମୃତି ସବୁ ପବନର ସ୍ପର୍ଶ ହୋଇ ମନକୁ ଟିକଏ ଶୀତଳତା ଦେବାକୁ ଲାଗିଲେ । ଓଠରେ ମୃଦୁ ହସଟିଏ ମେଲେଇ ମୃଦୁଳା କଡ଼ଲେଉଟିଲା । ନିର୍ବନ୍ଧ ପରେ ବିପିନ ସହିତ ଏକୁଟିଆ ଦେଖା ହେଲାବେଳେ ତାକୁ ସତେ ଯେମିତି ତା' ହୃଦୟର ସ୍ପନ୍ଦନ ବନ୍ଦ ହୋଇଯିବ ।

ମୃଦୁଳା..ଚିଠି ଲେଖିବ..ମୁଁ ଅପେକ୍ଷା କରିଥିବି..ଏଇ ନିଅ ମୋର ଠିକଣା, ଏତକ କହି ବିପିନ ଛୋଟିଆ କାର୍ଡଟେ ଦେଇ ମୃଦୁଳା ହାତରେ ରଖିଦେଲେ । ସେହି ପ୍ରେମ ଭରା ସ୍ପର୍ଶ ଆଜି ବି ମୃଦୁଳା ଭିତରେ ଗୋଟେ ଅଦ୍ଭୁତ ଶିହରଣ ସୃଷ୍ଟି କରେ । ବାହାଘର ପରେ ସେ ବିପିନ ସହିତ ଚାଲି ଆସିଥିଲା ଏହି ଛୋଟିଆ ପୁରୁଣା ସହରକୁ ।

ପୁରୁଣା ସ୍ମୃତିର ମିଠା ମିଠା ଦଂଶନର ମିଠା ଅନୁଭୂତି ସହ ମୃଦୁଳା ପୁଣି ଥରେ କଡ଼ ଲେଉଟାଇଲା । କେମିତି ହୋଇଥାଏ ସ୍ମୃତିର ସେ ବହି, ଯାହାକୁ ସମସ୍ତେ ନିଜ ମନ ଭିତରେ ସାଇତି ରଖିଥାନ୍ତି, ଆଉ ଯେତେବେଳେ ମନ ହୁଏ ସେ ବହିର ପୃଷ୍ଠାକୁ ଓଲଟାଇ ପୁରୁଣା ସ୍ମୃତିକୁ ତାଜା କରିନିଅନ୍ତି ।

ଏବେବି ବିପିନଙ୍କ ବ୍ୟକ୍ତିତ୍ୱରେ କୌଣସି ତ୍ରୁଟି ନାହିଁ, ବୋଧହୁଏ ମୁଁ ଆଶାରୁ ଅଧିକ କଛି ଚାହୁଁଥିଲି ତାଙ୍କଠୁ । କାଲି ବେକାରଟାରେ ମାର୍କେଟ ଯିବାର ଜିଦ୍ କରି ପକେଇଲି, ଏକରେ ତ ଏତେ ଥକକରି ଘରକୁ ଆସିଥିଲେ, ସେଥିରେ ପୁଣି ମୋର ଜିଦ୍! ଉଫ୍! ବେଳେ ବେଳେ ମୁଁ କେତେ ସ୍ୱାର୍ଥପର ହୋଇଯାଏ..ଏସବୁ ଭାବିଲା ବେଳେ ମନ ଭିତରେ କଣ୍ଟା ଫୋଡ଼ି ହେଲା ପରି ଲାଗୁଥାଏ ମୃଦୁଳାକୁ ।

ଏଇ ସମୟରେ କବାଟ୍ ରେ ଠକ୍ ଠକ୍ ଶବ୍ଦ ହେଲା, ମୃଦୁଳାର ତନ୍ଦ୍ରା ଭଙ୍ଗ ହେଲା । କବାଟ ଖୋଲି ଦେଖିଲା ବେଳକୁ ବାହାରେ କାମବାଲୀ ଠିଆ ହୋଇଛି । ମୃଦୁଳା ଫଟାଫଟ୍ ଜଳଖିଆ ପ୍ଲେଟକୁ ସେଠୁ ହଟେଇ ଦେଇ ଟିଫିନକୁ ନେଇ ରୋଷେଇ ଘରକୁ ଗଲା ଓ ଖାଇବା ଗରମ କରିବାକୁ ଲାଗିଲା । ତା'ପରେ ଟିଫିନ୍ ପ୍ରସ୍ତୁତ କରି ବ୍ୟାଗରେ ରଖିଲା ।

"ଶୁଣ, ତୁମେ ଟିକେ କାମ ଜଲ୍ଦି ଜଲ୍ଦି ସାରିଦିଅ..ମୋର ଏବେ ଟିକଏ ବାହାରକୁ ଯିବାର ଅଛି", କାମବାଲୀକୁ ଏତିକି କହି ମୃଦୁଳା ନିଜେ ରେଡି ହେବାକୁ ଲାଗିଲା ।

ଚେହେରାରେ ଥିବା ସକାଳର ମଳିନତା ସେତେବେଳକୁ ଦୂର ହୋଇ ସାରିଥାଏ । ସେ ନିଜ ଭିତରେ ଏକ ନୂତନ ଉତ୍ସାହ ଓ ଉଦ୍ଦୀପନା ଅନୁଭବ କରୁଥାଏ ।

କାମବାଲୀ ଗଲା ପରେ ମୃଦୁଳା ବିପିନର ଟିଫିନକୁ ବ୍ୟାଗରେ ଭର୍ତ୍ତି କରି ବ୍ୟାଙ୍କକୁ ଯିବା ପାଇଁ ବାହାରି ପଡ଼ିଲା । ସେ ଜାଣିଥିଲା ବିପିନ ଜମାରୁ ଭୋକ ବରଦାସ୍ତ କରିପାରନ୍ତିନି । ଟିକଏ ଭୋକ ଲାଗିଲା ମାତ୍ରେ ଛୋଟ ପିଲାଙ୍କ ଭଳି କଛି ବି ଖାଇବା ପାଇଁ ଜିଦ୍ କରନ୍ତି । ରାସ୍ତାରେ ମୃଦୁଳା ଭାବୁଥିଲା, ଆଜିଠୁ ସେ ବିପିନଙ୍କର ମୋଜାକୁ ଆଗରୁ କାଢ଼ି ବାହାରେ ରଖିଦେବେ । ଆଜି ରାତିରେ ସେ ବିପିନଙ୍କର ମନ ପସନ୍ଦ ପୁରୀ ଆଉ ମଟର ତରକାରୀ ବନେଇ ଟେବୁଲ୍ ଉପରେ ଆଗୁଆ ରଖିଦେବେ, ଆଉ ତା'ପରେ ଗରମ ଗରମ କଫି । ବିପିନଙ୍କର ଖାଇବା ସରିବା ପରେ ଗରମ ଗରମ କଫି ପିଇବାର ଅଭ୍ୟାସ ଅଛି । କେତେଥର କଫି ବନେଇବାରେ ମୁଁ ଅଳସୁଆମୀ କରେ ହେଲେ ଆଜି କରିବିନି..ତା'ପରେ ଦେଖିବି କେମିତି ମାନିବେନି ।

ଏହି କଥା ସବୁ ଭାବୁ ଭାବୁ ଅଟୋ କେତେବେଳେ ବ୍ୟାଙ୍କରେ ଆସି ପହଞ୍ଚିଗଲା ତାକୁ ଜଣା ପଡିଲା ନାହିଁ । ତା'ପରେ ସେ ଅଫିସ୍ ବାହାରୁ ଚପରାସୀକୁ ଟିଫିନ୍ ଧରେଇ ଦେଇ ଫେରି ଆସିଲା ଘରକୁ । ଫେରିବା ବେଳକୁ ଜରୁରୀ ଜିନଷ କଣି ନେଇ ଆସିଲା ସାଙ୍ଗରେ । ଆଉ ଘରକୁ ଆସି ରୁଷିଥିବା ସ୍ୱାମୀଙ୍କର ମାନଭଞ୍ଜନର ପ୍ରସ୍ତୁତିରେ ଲାଗିପଡ଼ିଲା ।

ଚପରାସୀ ଯେତେବେଳେ ବିପିନଙ୍କୁ ଟିଫିନ୍ ଦେବାକୁ ଗଲା, ସେ ପଚାରିଲେ, "କିଏ ଆସି ଦେଇଛନ୍ତି ? "

"ଆଜ୍ଞା, ମ୍ୟାଡାମ୍ ଆସିଥିଲେ ।"

"ତମେ ତାଙ୍କୁ ଭିତରକୁ ଆସିବାକୁ କହିଲନ କାହିଁକି ? "

"ଆଜ୍ଞା, ସେ ବହୁତ ଜଲଦିରେ ଥିଲେ ।"

ଆଖିରେ ବିଜୁଳିର ଚମକ ନେଇ ବିପିନ ଟିଫିନ୍ ଖାଇବାରେ ବ୍ୟସ୍ତ ହୋଇଗଲେ । ସାଙ୍ଗେ ସାଙ୍ଗେ ଖାଇବା ଖାଇ ସାରି ଦେଲେ । ତା'ପରେ ବସି ପଡ଼ିଲେ ଫାଇଲ ଖୋଲି । ହେଲେ କାମରେ ମନ ଲାଗୁନଥାଏ । ନିଜ ଭିତରେ ଏକ ପ୍ରକାରର ବ୍ୟସ୍ତତାଭାବ ଅନୁଭବ କରୁଥାନ୍ତି ସେ । ରହି ରହି ମନ ଭିତରେ ମୃଦୁଳାର ସୌମ୍ୟ ଛବି ଉଙ୍କି ମାରୁଥାଏ । ଫାଇଲକୁ ଟେବୁଲର ଗୋଟିଏ ପଟକୁ ଫୋପାଡି ଦେଇ ସେ ଭାବିବାକୁ ଲାଗିଲା, ସକାଳୁ ସକାଳୁ ମୃଦୁଳା ମନରେ ଏମିତି ଦୁଃଖ ଦେବାଟା ଠିକ୍ ହେଲାନି । ହେଲେ କ'ଣ କରିବ ସେ ବଦମାସ୍ ମୋଜା ପରା ମିଳୁନଥିଲା ମୋତେ! ମୋର ପୁରା ଜଳଖିଆ, ଲଞ୍ଚ, ଗାଧୋଇବା ପାଇଁ ଗରମ ପାଣି, ଡ୍ରେସ୍ ଇସ୍ତ୍ରୀ କରିବା, ଚାହା, କଫି, ଏ ସବୁ କରି କରି ବିଚାରୀ ଥକି ପଡୁଥିବ..ଆଉ ମୁଁ ମଧ୍ୟ ଏମିତିଆ ଅଜବ ପ୍ରାଣୀ ଯେ ମୋର ଯାବତୀୟ ଫରମାଇସର ଲିଷ୍ଟ ସବୁବେଳେ ତାକୁ ଧରେଇ ଦିଏ...କେତେ ସ୍ୱାର୍ଥୀ ଲୋକଟେ ମୁଁ..

ବିପିନର ସେ ପୁରୁଣା ଦିନ ମନେ ପଡ଼ିଗଲା, ଯେତେବେଳେ ତା'ଦେହ ଅସୁସ୍ଥ ଥିଲା ଆଉ ମୃଦୁଳା ତା'ର ସେବା କରିବାରେ ତିଳେମାତ୍ର ହେଳା କରି ନଥିଲା । ରାତିରେ ବାରମ୍ବାର ଉଠି ମୁଣ୍ଡର ଝାଳ ପୋଛିବା, କେତେବେଳେ ପାଣି ପିଏଇବା ତ କେତେବେଳେ ଏମିତି ବିପିନ ପାଖରେ ବସି ତା' ମୁଣ୍ଡ ବାଳକୁ ସାଉଁଳେଇ ଦେଉଥିଲା ମୃଦୁଳା ।

ବିପିନ ନିଜ ଭାବନାରେ ଏମିତି ବୁଡ଼ି ଯାଇଥିଲା ଯେ କେତେବେଳେ ପାଞ୍ଚଟା ବାଜିଗଲା ସେ ଆଦୌ ଜାଣିପାରିଲା ନାହିଁ ।

ବିପିନ ଭାବିଲା ଆଜି ଘରକୁ ଯିବା ମାତ୍ରେ ସେ ନିଜ ଆଡୁ ଆଗ ମୃଦୁଳାକୁ ମନେଇବ ଆଉ ନିଜ ବ୍ୟବହାର ପାଇଁ କ୍ଷମା ମାଗିନେବ । ତେଣୁ ସେ ଘରକୁ ଯିବା ପାଇଁ ପ୍ରସ୍ତୁତ ହେଲା ।

ଏପଟେ ମୃଦୁଳା ମଧ୍ୟ ବହୁତ ଆଗ୍ରହର ସହିତ ଅପେକ୍ଷା କରିଥାଏ ବିପିନଙ୍କର । ବାହାରେ ଟିକିଏ ଶବ୍ଦ ଶୁଣିଲେ ଦଉଡି ଯାଉଥାଏ କବାଟ ଖୋଲିବା ପାଇଁ ସେ ବହୁତ ଉତ୍ସାହିତ ଥିଲା। ରୁମ୍ ଭିତରକୁ ଯିବା ଆସିବା ବେଳେ ଥରେ ଦର୍ପଣରେ ସେ ନିହାତି ଦେଖି ନେଉଥାଏ । ବିପିନଙ୍କର ପସନ୍ଦିଆ ରଙ୍ଗ ଥିଲା ମେରୁନ୍ ରଙ୍ଗ । ଗତ ଜନ୍ମଦିନରେ ସେ ମୃଦୁଳାକୁ ସେହି ରଙ୍ଗର ଶାଢ଼ୀ ଗିଫ୍ଟ କରିଥିଲେ । ସେମିତିରେ ଏହି ରଙ୍ଗ ମୃଦୁଳାକୁ ଖୁବ୍ ଭଲ ମାନେ । ସେଦିନ ମୃଦୁଳା କିଚେନରେ ଗ୍ରେଷେଇ କରିବାରେ ବ୍ୟସ୍ତ ଥିବା ସମୟରେ ଜଣା ନାହିଁ କେତେବେଳେ ବିପିନ ଆସିଲେ ଆଉ ଶାଢ଼ୀଟିକୁ ମୃଦୁଳା ଦେହରେ ଘୋଡେଇ ଦେଇ ନିଜ ଆଲିଙ୍ଗନରେ ବାନ୍ଧିଦେଲେ । ସେତେବେଳେ କେତେ ଆତ୍ମହରା ହୋଇଯାଇଥିଲା ସେ ବିପିନଙ୍କର ଏହି ପ୍ରେମ ଭରା ଉପହାର ପାଇ । ଏମିତି ଭାବନାରେ ମଗ୍ନ ଥିବା ମୃଦୁଳା ହଠାତ୍ ଚମକି ପଡିଲା, ଏତେ ବେଳ ହେଲାଣି ଅଥଚ ଏ ପର୍ଯ୍ୟନ୍ତ ସେ ଆସିନାହାନ୍ତି ? କାହିଁକି ଆସିନାହାନ୍ତି ବୋଲି ଚିନ୍ତାରେ ପଡ଼ିଗଲା ସେ । ମୋ ଉପରେ ପୁଣି ରାଗିଯାଇ ନାହାନ୍ତି ତ ?

ବହୁତ ସମୟ ବିତିଯିବା ପରେ ବିପିନ୍ ଆସିଲେନି ସେତେବେଳେ ମୃଦୁଳା ଭାବିବାକୁ ଲାଗିଲା, ଝଗଡ଼ା କରିବାର କ'ଣ ଆବଶ୍ୟକତା ଥିଲା ? ଯଦି କିଛି ହେଇଯାଇଥିବ..ସେ କିଛି ବୁଝି ପାରୁନଥାଏ କ'ଣ କରିବ ଆଉ କ'ଣ ନ କରିବ ।

ପୁଣି ଭାବିବାକୁ ଲାଗିଲା ସେ, ନୈନାର ସ୍ୱାମୀ ମଧ୍ୟ ପ୍ରତ୍ୟେକ ଦିନ ଦୁହିଁଙ୍କ ଭିତରେ ହେଉଥିବା ପାଟିତୁଣ୍ଡ ଯୋଗୁଁ ବିରକ୍ତ ହୋଇ ନୈନାକୁ ଛାଡପତ୍ର ଦେବାର ନିର୍ଣ୍ଣୟ ନେଇଥିଲେ। ଆଉ ଛାଡପତ୍ର ପରେ କୁଣ୍ଠାଗ୍ରସ୍ତ ନୈନା ଦିନେ ଆତ୍ମହତ୍ୟା କରିଦେଲା..ଛାଡପତ୍ର, ..ଆତ୍ମହତ୍ୟାର ବିଚାର ମୁଣ୍ଡ ଭିତରକୁ ଆସିବା ମାତ୍ରେ ଚିନ୍ତା ଆଉ

ଡ଼ରରେ ମୃଦୁଳାର ହୃଦସ୍ପନ୍ଦନ ତୀବ୍ର ଗତିରେ ବଢ଼ିବାକୁ ଲାଗିଲା । ତା'ପରେ ସେ ଘରେ ତାଲା ପକେଇ ବ୍ୟାଙ୍କ ଆଡକୁ ମୁହାଁଇଲା । ତା' ଗୋଡ ଚନ୍ତା ଆଉ ଭୟରେ ଥରୁଥିଲେ । ହେଲେ ବ୍ୟାଙ୍କ୍ ରେ ପହଞ୍ଚି ସେ ଚୌକିଦାରଠୁ ଜାଣିବାକୁ ପାଇଲା ଯେ ବିପିନ ପାଞ୍ଚଟା ବେଳୁ ଅଫିସରୁ ବାହାରିଲେଣି । ଏହା ଶୁଣି ମୃଦୁଳାର ମୁଣ୍ଡ ଘୁରେଇ ଦେଲା ।

ସେପଟେ ବିପିନଙ୍କ ସ୍କୁଟର ଗତି ତେଜ୍ ଥିଲା, କାରଣ ତାଙ୍କୁ ଯେ ଘରେ ଶୀଘ୍ର ପହଞ୍ଚିବାର ଥିଲା । ଘରେ ପହଞ୍ଚି କବାଟରେ ତାଲା ଦେଖି ତାଙ୍କୁ ଟିକେ ଧକ୍କା ଲାଗିଲା । ଭାବିଲେ କୁଆଡେ ଯାଇଥିବ ମୃଦୁଳା ? ଏହି ଛୋଟ ସହର ସହିତ ସେ ପୁରା ପରିଚିତ ନୁହେଁ..ତାଛଡ଼ା ଏଠି କେହି ବନ୍ଧୁ ବାନ୍ଧବ ମଧ୍ୟ ନାହାନ୍ତି । ତାହେଲେ ଏତେ ରାତିରେ..ଆଉ ରାଗରେ ଘର ଛାଡି..କମ୍ଵା..ନା,ନା..ମୋ ମୃଦୁଳା ଏମିତି କରି ପାରିବନି..ଭାବୁ ଭାବୁ ବିପିନଙ୍କୁ କମ୍ପ ଆସିଲା ଭଳି ଲାଗିଲା । ଆଉ ଡେରି ନକରି ସେ ନିଜ ସ୍କୁଟର ଷ୍ଟାର୍ଟ କରି ବାହାରିଗଲେ ଖୋଜିବାକୁ ମୃଦୁଳାକୁ ।

ମୃଦୁଳା ମନ ଦୁଃଖରେ ଘରର ତାଲା ଖୋଲି ସିଧା ଯାଇ ଶୋଷେଇ ଘରେ ଆସି ପଶିଲା । ଗୋଟେ ଗ୍ଲାସ୍ ପାଣି ପିଇ ବସି ପଡ଼ିଲା ପାଖରେ ଥିବା ଷ୍ଟୁଲ୍ ଉପରେ । ସାମ୍ନା ଟେବୁଲ୍ ଉପରେ ସଜା ହୋଇଥିବା ଡ଼ିନରକୁ ଦେଖି ତା' ଧୈର୍ଯ୍ୟର ବନ୍ଧ ଭାଙ୍ଗି ଯାଉଥାଏ । ନିଜର କୋହକୁ ଦବେଇ ନ ପାରି ସେ ଜୋର୍ ଜୋରରେ କାନ୍ଦିବାକୁ ଲାଗିଲା । ଠିକ୍ ସେତିକି ବେଳେ ଦୁଆର ସାମ୍ନାରେ ଚିର ପରିଚିତ ସ୍କୁଟରର ଶବ୍ଦ ଶୁଣି ଝରକା ଆଡ଼କୁ ଦୌଡ଼ି ଗଲା ମୃଦୁଳା । ଝରକା ବାଟେ ଦେଖିଲା ବେଳକୁ ବିପିନ ସ୍କୁଟରକୁ ରଖୁଛନ୍ତି ।

କବାଟ ଖୋଲି ଦେଇ ସାଙ୍ଗେ ସାଙ୍ଗେ ଶୋଷେଇ ଘରକୁ ଆସି ଆଖିର ଲୁହକୁ ପୋଛି ଦେଲା । ନିଜକୁ ସଂଯତ କରିନେଲା ସେ । ହେଲେ ତା'ର ହୃଦୟର ଗତି ତୀବ୍ରତାର ସହ ବଢ଼ିଚାଲିଲା ।

ଘରେ ପଶିବା ମାତ୍ରେ ବିପିନ ବ୍ୟସ୍ତ ବିବ୍ରତ ହୋଇ ଏଣେ ତେଣେ ହୋଇ ଖୋଜିବାକୁ ଲାଗିଲେ ମୃଦୁଳାକୁ । ଦୁଇଟା ରୁମରେ ଭଲ ଭାବରେ ଦେଖି ସାରିଲା ପରେ ମୃଦୁଳାକୁ ନପାଇ ଘର ଆଡକୁ ମୁହାଁଇଲେ । ସାମ୍ନାରେ ମୃଦୁଳାକୁ ମେରୁନ୍ ରଙ୍ଗର ଶାଢ଼ୀରେ ଦେଖି

ତାଙ୍କ ଆଖିରେ ପ୍ରେମ ଆଉ ପ୍ରଶଂସାର ଭାବ ଖେଳଗଲା । ମୃଦୁଳା ପାଖରେ ପହଞ୍ଚି ତାକୁ ଧୀର ସ୍ୱରରେ 'ସରି' କହି ସେ ଖୁସିରେ କୁଣ୍ଢେଇ ପକେଇଲେ ।

"ତୁମେ କୁଆଡ଼େ ଚାଲି ଯାଇଥିଲ! ମୁଁ ବ୍ୟସ୍ତ ବିବ୍ରତ ହୋଇ ତୁମକୁ ଖୋଜୁଥିଲି "? ବିପିନ ମୃଦୁଳାର ମଥାର ଅସ୍ତବ୍ୟସ୍ତ କେଶକୁ ଗୋଟେ ପଟକୁ ଖସେଇ ପଚାରିଲେ ।

"ତୁମକୁ ଖୋଜିବାକୁ ବ୍ୟାଙ୍କ୍ ଯାଇଥିଲି.."

" ଓହୋ!..ଆଜି ମୁଁ ଘରକୁ ଆସିବା ପାଇଁ ବାହାରିଲା ବେଳକୁ ବ୍ୟାଙ୍କର ଅଡିଟ୍ ପାଇଁ ଆସିଥିବା ଲୋକମାନେ ଦେଖା ହୋଇଗଲେ । ସେଥିପାଇଁ ରହିବା, ଖାଇବା, ପିଇବା ବ୍ୟବସ୍ଥା କରିବାରେ ଡ଼େରି ହୋଇଗଲା.."

"ମୋତେ ଲାଗିଲା କାଳେ..? "

"ହଁ, ମୋତେ ବି ଲାଗିଥିଲା...", ମୃଦୁଳାର କଥାକୁ କାଟି ବିପିନ ଦୁଷ୍ଟାମୀ କରିବା ଷ୍ଟାଇଲରେ ମୃଦୁଳା ଗାଲରେ ହାଲ୍କା ଥପ୍ପଡ଼ଟିଏ ଦେଲେ ।

"ମୃଦୁ..ତୁମେ ରାଗିନ ତ ? "

"ନା..ଆଉ ତୁମେ ? "

"ନା, ମୁଁ ବି ରାଗିନ..ତୁମେ ମୋର ମୃଦୁ.., କେବଳ ମୋର", ଆଉ ଏତିକ କହି ବିପିନ ମୃଦୁଳାକୁ ନଜର ବାହୁପାଶରେ କୋଳେଇ ନେଲେ ।

ଯେଉଁ ସ୍ତ୍ରୀକୁ ସ୍ୱାମୀର ଏତେ ଭଲ ପାଇବା ମିଳେ ତା'ର ଆଉ କ'ଣ ଦରକାର! ଏହା ଭାବି ମୃଦୁଳା ବିପିନର ଚଉଡ଼ା ଛାତିରେ ମୁଣ୍ଡକୁ ରଖି ଦେଲା ଆଉ ଦୁହେଁ ହଜିଗଲେ ଭବିଷ୍ୟତର ସୁନ୍ଦର ପରିକଳ୍ପନାରେ ।

୨୧୭, ୟୁନିଟ- ୯( ଫ୍ଲାଟ)
ବାୟାବାବା ମଠ ଲେନ, ଭୁବନେଶ୍ୱର

# ପାପ ପୁଣ୍ୟର ଫଳ



ନୃସିଂହ ଚରଣ ବେହେରା

ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ
ହେଉଛନ୍ତି ପାପ ପୁଣ୍ୟ,
ଗୋଟିଏ ନଥିଲେ ଅନ୍ୟଟିର ସ୍ଥିତି
କଏ ଅବା ଜାଣିବ କୁହ ।
ଜାଣତ ଅଜାଣତେ ପାପ ମୁଁ କରିଛି
ଅବା ପୁଣ୍ୟ କରିଛି ଜୀବନେ,
କର୍ତ୍ତବ୍ୟରେ କେବେ ହେଳା କରିନାହିଁ
ସେ କଥା ନଭାବି ମନେ ।
ଏତିକି ଜାଣିଛି ପାପର ପସରା
ପୁଣ୍ୟଠାରୁ ହୁଏ ଭାରୀ,
ପୁଣ୍ୟ କରିଥିଲେ ଅନ୍ଧାର ଭିତରେ
ଆଲୋକ ଆସେ ବିସ୍ତାରି ।
କାଳର କରାଳ ଗରଭରେ ସିନା
ଶରୀରଟି ମିଶି ଯିବ,
ଭଲ କର୍ମର ଫଳ ରୂପେ ଯଶ
କାଳ କାଳ ପାଇଁ ରହିଥିବ ।
ଯେତେ ଜ୍ଞାନୀ ତୁମେ ହୋଇଥାଅ ପଛେ
ଯଦି କରିଥିବ ପୁଣ୍ୟକାମ,
ତ୍ୟାଗ ଶ୍ରଦ୍ଧା ସ୍ନେହ ତୁମ ମନେ ଯଦି ନାହିଁ
ସବୁ ହେବ ଅକାରଣ ।



ଭୋଇନଗର, ଭୁବନେଶ୍ୱର

# ଓଡିଆ ସାହିତ୍ୟ

ଭଗିରଥି ବେହେରା

ମାଆଠାରୁ ନାହିଁ କେହିତ ସୁନ୍ଦର
ମାଆଠାରୁ ନାହିଁ କିଛି ତ ମଧୁର ।
ମାଆ ସେନେହ ମୟୀ, ମାଆ ମମତାମୟୀ
ମାଆ ଆଶିଷ ମୟୀ, ମାଆ ମଙ୍ଗଳମୟୀ ।
ମାଆ ବିନା ଗ୍ହାନାହିଁ ଆଉକାହାର
ଓଡିଆ ସାହିତ୍ୟ ନାମଟି ତାର ।

ଯାହାପାଇଁ ଆଜି ସର୍ବେ ହେଲୁ ପୂତ
ଧନ୍ୟ ହୋଇଅଛି ଓଡିଆ ଜଗତ ।
ସେହିତ ହାସ୍ୟମୟୀ, ସେହିତ ଲାସ୍ୟମୟୀ
ସେହିତ ପୂଣ୍ୟଦେହୀ, ସେହିତ
ଜ୍ଞାନବିହୀ ।
ସେହିତ ଅଦୃଷ୍ଟ ଦ୍ରଷ୍ଟା ଯୁଗ ଯୁଗର
ଓଡିଆ ସାହିତ୍ୟ ନାମଟି ତାର ।

ଯାହାକୁ ଝୁରନ୍ତି ମହମହା ଜ୍ଞାନୀ
ଯାର ପାଦେ କେତେ ପଣ୍ଡିତ ବିଜ୍ଞାନୀ ।
ସେଇ ଆମରି ମାଆ, ସେଇ ସବୁରି ସାହା
ତାର ବିନା କ ଅଛି ଆନ ଗତି କାହାର
ସେଇତ ଅସୃଷ୍ଟି ସ୍ରଷ୍ଟା କାଳକାଳର
ଓଡିଆ ସାହିତ୍ୟ ନାମଟି ତାର ।

ମା ସତ୍ୟ, ନା ଶାନ୍ତି, ମା ଦୟା, କ୍ଷମା
କଏ ଅବାଦେବ ତାହାର ଉପମା
ସେଇ ଆମରି ମାଆ, ସେଇ ସବୁରି ସାହା
ତାହାର ଅବିସ୍ମୃତି, ମନରେ ଘୋରିବାଟି
ପାଦୁକାର ପରାୟେ ସର୍ବେ ପିୟୁସକର
ଓଡିଆ ସାହିତ୍ୟ ନାମଟି ତାର ।

ପ୍ରଜ୍ଞ, ବିଜ୍ଞ, ଜ୍ଞାନୀ, ଗୁଣିକ ସମାଜ
କାହିଁ କେତେ ଦୂରୁ ଆସୁଛନ୍ତି ଆଜ
ଯାହାପାଇଁ ସରବେ ବଳଆର ଅଭବେ
ସରବେ ସମବେତ ଆତିଥ୍ୟ ସ୍ୱଲ୍ପଭେ
ସେଇତ ପୂଜ୍ୟନୀୟା, ସେଇତ ବନ୍ଦନୀୟା
ତାହାର ପାଦତଳେ କୋଟି ଜୁହାର
ଓଡିଆ ସାହିତ୍ୟ ନାମଟି ତାର ।

ଧୂଙ୍ଗିଆମୁଣ୍ଡା, ପୋଅ- ଛତରଙ୍ଗ,
ଜିଲ୍ଲା- ବୌଦ୍ଧ, ଓଡିଶା

# ଦୋଳି



ସୁଲୋଚନା ପଟ୍ଟନାୟକ

ରିମଝିମ ଘରର ସାନ ଝିଅ । ବଡ ଦୁଇ ଝିଅଙ୍କ ବାହାଘର ସାରି ଅମୀୟ ବାବୁ ନିଶ୍ଚିତରେ ଅଛନ୍ତି । ସାନ ଝିଅ ପାଇଁ ତାଙ୍କୁ ଆଉ ଏତେ କଷ୍ଟ କରିବାକୁ ପଡିବନି । ତିନି ଝିଅଙ୍କ ଭିତରୁସାନ ଦେଖିବାକୁ ସବୁଠାରୁ ସୁନ୍ଦର, ବେଶିଗୁଣର । ପାଠ ସହ ନାଚ ଗୀତ ଓ ଖେଳରେ ସିଏ ଧୁରନ୍ଧର । ସାଇ ପଡିଶାରେ, ସ୍କୁଲରେ ଆଉ ସହରରେ ଯିଏ ତାକୁ ଜାଣେ, ସମସ୍ତେ ତାକୁ ଭଲ ପାଆନ୍ତି । ଦାଦା ଖୁଡୀ, ମଉସା, ମାଉସୀ ସମସ୍ତଙ୍କର ସିଏ ଗେହ୍ଲା ଝିଅ । ଘରରସାନ ଝିଅ ବୋଲି ତା ପାଇଁ ନିୟମ କାନୁନ ବି ହାଲୁକା କରାଯାଇଥାଏ । ଯେତେବେଳେ ଯୁଆଡେ ଯିବାକୁ ଚାହେଁ, ସବୁ ଆଡକୁ ତାକୁ ଅନୁମତି ମିଳିଯାଏ । ଅମୀୟ ବାବୁଙ୍କର କଠୋର ମନୋବୃତ୍ତିରେ ଫରକ ଥାଏ ସାନ ଝିଅ ପ୍ରତି । ସହରର ନାମକରା କଣ୍ଟ୍ରାକ୍ଟର ଅମୀୟ ବାବୁ । ବାହାର କାମର ଚାପା ହେତୁ ଘରେ ବେଶୀ ସମୟ ରୁହନ୍ତି ନାହିଁ । କିନ୍ତୁ ଯେତେବେଳେ ହେଉ, ଘରକୁ ଆସିଲ୍ ମାନେ ରିମଝିମକୁ ଖୋଜନ୍ତି । ପାଖରେ ବସାଇ ତାକୁ ଗୁଣ୍ଡାଏ ନ ଖୁଆଇଲେ ତାଙ୍କ ପେଟକୁ ଭାତ ଯାଏନି, ମନ ବୁଝେନି। ରାତିରେ ବେଳେବେଳେ ଡେରିରେ ଫେରିଲେ ମଧ୍ୟ ସ୍ତ୍ରୀ ସାଗରୀକାଙ୍କୁ କହି ତାକୁ ଉଠାନ୍ତି ଆଉ ବଜାରରୁ ଆଣିଥିବା ରସଗୋଲାରୁ ଗୋଟେ ନ ଖୁଆଇଲେ ତାଙ୍କର ମନ ମାନେନି । ରିମଝିମ ଘରକୁ, ଆଉ ସମସ୍ତଙ୍କ ମନକୁ ପୂର୍ଣ୍ଣକରି ରଖିଥାଏ ।

ଜୁନ ମାସଖରା ଦିନ । ହାଇସ୍କୁଲ ପରୀକ୍ଷା ଫଳ ବାହାରିଥାଏ । ପ୍ରଥମ ଶ୍ରେଣୀରେ ପାସ କରିଥିବାରୁ ପ୍ରାୟ ପ୍ରତ୍ୟେକ କଲେଜରୁ ଆଡମିସନ ମିଳିଯିବାର ସମ୍ଭାବନା ଥାଏ । ରିମଝିମ ଜିଦ ଧରିଥାଏ ବିଜେବି କଲେଜରେ ପଢିବ । କିନ୍ତୁ ବାପା ମା ସେଥିରେ ରାଜି ନଥାନ୍ତି । ରମାଦେବୀ ଝିଅ କଲେଜ ଓ ହଷ୍ଟେଲରେ ରଖାଇ ପଢାଇବାର ଇଚ୍ଛା ଥାଏ ସେମାନଙ୍କର ।

ଝିଅ ସୁନ୍ଦର ଥିଲେ ଜଗି ରଖି ଚଳବାରେ ଅସୁବିଧା କମହେବ ବୋଲି ସେମାନେ ଭାବନ୍ତି । କିନ୍ତୁ ପ୍ରଥମ କରି ନାହିଁ ଶୁଣି ରିମଝିମର ମନ ବହୁତ ଖରାପ ଥାଏ । ତେଣୁ ମା' ସାଗରୀକା ଅମୀୟବାବୁଙ୍କ ଠାରୁ ଅନୁମତି ନେଇ ତାକୁ ଭଉଣୀ ଘର ବୁଲିବାକୁ ପଠାଇ ଦେଇଥାନ୍ତି । ମାଉସୀ ଅନୁପମାଙ୍କ ଘର ବରହମପୁରରେ । ସେଠି ତାଙ୍କ ସ୍ୱାମୀ ଡାକ୍ତରୀ କରନ୍ତି । ମାଉସୀ ଓମେନସ କଲେଜରେ ପ୍ରଫେସର । ଅନୁ ମାଉସୀଙ୍କ ସାଙ୍ଗ ସୁମୀ ମାଉସୀ, ତାଙ୍କର ପଡୋଶୀ । ପରସ୍ପର ସହ ଭଲ ସଂପର୍କ । ସୁମୀଙ୍କର ଗୋଟିଏ ବୋଲି ପୁଅ ରାଜା ପ୍ଲସ ଟୁ ପାସ କରି ଡାକ୍ତରୀ ପଢିବାର ଠିକଣା ହୋଇ ସାରିଥାଏ । ଦୁଇ ପରିବାର ଭିତରେ ଯିବାଆସିବା ଖୁବ ଥାଏ । ଅନୁ ମାଉସୀଙ୍କ ବାରବର୍ଷର ଝିଅ ଉମାକୁ ରାଜା ନଜର ଭଉଣୀ ପରି ଭଲପାଏ । କିନ୍ତୁ ରିମଝିମ ଆସିବା ପରଠୁ ରାଜାର ଅନୁ ମାଉସୀଙ୍କ ଘରକୁ ଯିବା ଟିକଏ ଅଧିକା ହୋଇ ଯାଇଥାଏ । ଅନୁ ମାଉସୀଙ୍କ ଘରେ ରଜ ପାଇଁ ଏବଂ ଦୁଇ ଝିଅଙ୍କ ପାଇଁ ମଉସା ବାରଣ୍ଡାରେ ଦୋଳଟିଏ ବାନ୍ଧି ଦେଇଥାନ୍ତି । ସେଦିନ ରବିବାର ଖରାବେଳ । ସମସ୍ତେ ଶୋଇ ଯାଇଥାନ୍ତି । ରିମଝିମ ଆଉ ଉମା ଦୋଳ ଖେଳୁଥାନ୍ତି । ଭଉଣୀ ଉମା ତାକୁ ପଛରୁ ପେଲୁଥାଏ ଓ ଦୁହେଁ ମିଠା ମସଲା ଦିଆ ପାନ ଖାଇବାକୁ ଉପାୟର ଚିନ୍ତାରେ ବ୍ୟସ୍ତ ଥାନ୍ତି । ହଠାତ ପଛରୁ କିଏ ଆସି ରିମଝିମର ଆଖି ବନ୍ଦ କରିଦେଲା । ରିମଝିମର ଆଦୌ ଖିଆଲ ନାହିଁ ଏ ଭିତରେ ଘରକୁ ଆଉ କିଏ ଆସିଥିବ ବୋଲି । ରାଜା ସେଦିନ କ୍ରିକେଟ ଖେଳବାକୁ ଯିବାର ଅଛି ବୋଲି ଆଗରୁ କହିଥାଏ । ଗୋଟେ ହାତରେ ଆଖି ବନ୍ଦ କରି ଆର ହାତରେ ପାନଟିଏ ତା ପାଟିରେ ସିଏ ଗୁଞ୍ଜିଦେଲା । ରିମଝିମ ଆଶ୍ଚର୍ଯ୍ୟ ହୋଇ ପାନରୁ କିଛେ ଖାଇ ବୁଲି ଦେଖିଲା ରାଜା ଠିଆ ହୋଇଛି । ସିଏ ରାଜାକୁ ଚାହିଁ ପଚାରିଲା, "ଆଜି କଣ ହୋଇଛି କି ? ଭାରି ଖୁସି ଜଣା ପଡୁଛ ? " ରାଜା ଉତ୍ତର ଦେଲା, "ଭଲ ଖବରଟାଏ ତତେ ଆଗ ଦେବାକୁ ଚାଲି ଆସିଲି" । ରିମଝିମ କହିଲା, "ମତେ କାହିଁକି ଆଗ ଖବର ଦେବ ? ମୁଁ ତୁମର କିଏ କି? " ରାଜା କହିଲା, "ଜାଣିନୁ କି, ତୁ ପରା ମୋ ରାଣୀ" । ଥଟା ପରିହାସ ଭାବି ସମସ୍ତେ କଥାକୁ ଉଡାଇ ଦେଇ ଦୋଳରେ ମନ ଦେଲେ । ଉମା ରିମଝିମକୁ ପଛରୁ ପେଲୁଥାଏ । ରାଜା ଉମାକୁ ଠେଲି ଦେଇ କହିଲା, "ଦେ, ମୁଁ ପେଲିବି, ମୋ ହାତରେ ବଳ ଅଧିକା' । ଉମା

ଘୁଞ୍ଚିଗଲା, କହିଲା, ରାଜାଭାଇ, ରିମଝିମ ଅପା ପରେ କିନ୍ତୁ ମୋର ପାଳି, ମନେ ରଖିଥା" । "ହଁ ବାବା ମୋର ମନେ ରହିଲା" କହିଲା ରାଜା, "ତୁ କିନ୍ତୁ ଅପେକ୍ଷା କଲେ ହେଲା" ! ସମସ୍ତେ ହସିଲେ । ରାଜା ଏକ୍ ଦୁଇ ଗଣୁଥାଏ । ଦୋଳି ଝୁଲୁଥାଏ । କେତେ ବେଳେ କଥା କହୁକହୁ ରିମଝିମ ଦୋଳିରୁ ହାତ ଛାଡି ତାଳିମାରି କଥା କହିବାରେ ଲାଗିଥାଏ, ରାଜାର ଦୋଳି ଝୁଲାଇବା ଚାଲିଥାଏ । ଅକସମାତ ଦୋଳିରୁ ରିମଝିମ ଖସି ତଳେ କଚାଡି ହୋଇ ପଡିଗଲା । ଦୋଳି ସେମିତି ଝୁଲୁଥାଏ । ରାଜା ଦଉଡିଯାଇ ତାକୁ ଉଠାଇବାକୁ ଚେଷ୍ଟା କଲା। ସିମେଣ୍ଟ ଚଟାଣରେ ପଡି ରିମଝିମର ମୁଣ୍ଡରେ ଜୋର ଆଘାତ ଲାଗିଲା ପରି ଜଣାପଡୁଥାଏ । ରିମଝିମର "ଆଃ, ଆଃ, ମରିଗଲି" ସ୍ୱର କ୍ଷିଣ ଶୁଣାଯାଉଥାଏ । ରାଜା ଚିତ୍କାର କରି କହୁଥାଏ, "ରିମୁ ତୁ ଭଲ ଅଛୁ ତ" ? ମୁଣ୍ଡରୁ ରକ୍ତ ବୋହି ଏଣେ ଚଟାଣ ଭିଜିଗଲାଣି । ଉମା ଦଉଡି ଯାଇ ରୋଷେଇଘରୁ ମାକୁ ଡାକି ଆଣିଲା । ତଉଲିଆ ଟେ ଆଣି ରିମଝିମର ଫଟା କପାଳରେ ବାନ୍ଧିବାକୁ ଚେଷ୍ଟା କଲା । ରାଜାବହୁ ଚେଷ୍ଟା କରି ତାକୁ ଚଉକିରେ ବସାଇ ଠିଆ ହୋଇଥାଏ । ରିମଝିମକୁ ସେମାନେ ହସପିଟାଲକୁ ନେଇଗଲେ । ସବୁକିଛି ବଦଳିଗଲା ମୁହୂର୍ତ୍ତକରେ । ରଜର ମଉଜ ସରିଗଲା । ଏମିତି ସମୟ ଆସେ ଜୀବନ ଅଗୁନିକି କଡ ଲେଉଟାଇ ଚୁପଚାପ ବସିଯାଏ, ସତେ କିଛି ନହୋଇଥିଲା ପରି । ବଢିଆସି ଧୋଇ ନେଇ ଯାଏ ବର୍ତ୍ତମାନକୁ । ଏକ ନୂଆ ବର୍ତ୍ତମାନ ଠିଆ ହୋଇଯାଏ ପୁରୁଣାକୁ ଅତୀତ କରି ଦେଇ । ସବୁଓଲଟ ପାଲଟ ହୋଇଯାଏ । ଜୀବନ ବଦଳିଯାଏ ।

ସେଦିନ ଅମୀୟ ବାବୁ ସବୁବେଳ ପରି ଡେରିରେ ଘରକୁ ଫେରୁଥାନ୍ତି । ଆଜି ଭାଇ ବିଜୟ ପାଖରୁ ଫୋନ ପାଇ ଟିକିଏ ଶୀଘ୍ର ଫେରୁଥାନ୍ତି । ବିଜୟ ଡାକିବାର କାରଣ ଖୋଲିକରି ବ୍ୟସ୍ତ ହେବେବୋଲି କହି ନଥାଏ । ତାଙ୍କ ମନରେ କିନ୍ତୁ ଅନେକ ଖରାପ ଚିନ୍ତା ଆସୁଥାଏ। ଚିନ୍ତାରେ ଚିନ୍ତାରେ କେତେବେଳେ ଆସି ହସପିଟାଲରେ ପହଞ୍ଚିଗଲେ ସିଏ ଜାଣି ବି ପାରିନାହାନ୍ତି । ଦେଖିଲେ ଆଇସିୟୁ ର ବାହାରେ ପରିବାରର ସମସ୍ତେ ଠିଆ ହୋଇଥାନ୍ତି । ମୁହଁର ଗାମ୍ଭୀର୍ଯ୍ୟରୁ ଅବସ୍ଥାର ଗମ୍ଭୀର୍ଯ୍ୟ ସିଏ ଅନୁମାନ କରିନେଲେ । କାହାକୁ କିଛି ନକହି, ନ ପଚାରି ଭିତରକୁ ଗଲେ । ଦେଖିଲେ ରିମଝିମ ଶୋଇଛି । ବାଁ ପଟ ଆଖିଟା ଫୁଲି ଥାଏ । ମୁଣ୍ଡରେ ବ୍ୟାଣ୍ଡେଜ ଲାଗିଛି । ନାକରେ ନଳି ପଶିଛି । ଅମୀୟବାବୁଙ୍କ ସାନ

ଝିଅ ଅସହାୟ ଅବସ୍ଥାରେ ଶୋଇଛି । ଗୋରା ତକତକ ଚେହେରା ମଳୀନ ପଡିଯାଇଛି । ଅମୀୟବାବୁ ଝିଅର ମଣ୍ଡକୁ ଆଉଁସିଦେଲେ । ଆଖିରୁ ଦୁଇଟୋପା ଲୁହ ଅମାନିଆ ହୋଇ ବୋହିଗଲା । ସିଏ ବାଁ ହାତରେ ଲୁହ ପୋଛି ନେଲେ । କାଳେ କଏ ଦେଖିଦେବ, ଜାଣିଦେବ ତାଙ୍କର ଦୁର୍ବଳତାକୁ ! ତାଙ୍କୁ ଦମ୍ଭ ରଖିବାକୁ ହେବ । ଡାକ୍ତରଙ୍କୁ ପଚାରିବାକୁ ହେବ । ବର୍ତ୍ତମାନ ଦରକାର ପଡିଲେ ତାକୁ ଅନ୍ୟ କେଉଁ ବଡ ଡାକ୍ତରଖାନାକୁ ନେଇ ଚକସ୍ତା କରାଇବାକୁ ହେବ । ବର୍ତ୍ତମାନ ଚନ୍ତାର ସମୟ ନୁହେଁ, ଭାଙ୍ଗି ପଡିବାର ଅବସର ନୁହେଁ । ଶୀଘ୍ର କଛି କରିବାକୁ ହେବ । ରୁମ ବାହାରକୁ ଆସି ଦେଖିଲେ ସାଗରୀକା ଜଡବତ ଠିଆ ହୋଇଛନ୍ତି । ହଲଚଲ ନାହିଁ, କଥା ବାର୍ତ୍ତା ନାହିଁ, ଆକାଶକୁ ଅନାଇ ଏକ ଫାଙ୍କା ଦୃଷ୍ଟିରେ ଦେଖୁଛନ୍ତି । ସାନ ଭାଇ ବିଜୟ, ତା ସ୍ତ୍ରୀ ସିମା ଆଉ ଝିଅ ଜଲି ଠିଆ ହୋଇଛନ୍ତି । କେହିକଛି କହୁ ନଥାନ୍ତି । ରାଜା ବାରଣ୍ଡାରେ ଏପଟ ସେପଟ ହେଉଥାଏ । ମଉସାଙ୍କୁ ଦେଖି ଦଉଡି ଆସି କୁଣ୍ଢାଇ ପକାଇଲା । କାନ୍ଦରେ ଆକାଶ ପୃଥିବୀ କମ୍ପାଇ ପକାଇଲା । ପୁଅ ପିଲାଟା ଏତେ କାନ୍ଦିବାର କେହିହୁଏତ ଦେଖି ନଥିବେ । ଅମୀୟବାବୁଙ୍କୁ ସେମିତି ଜାବୁଡି ଧରିଥାଏ । ଚକ୍ତାର କରି କହୁଥାଏ, "ସବୁ ଭୁଲ ମୋର ମଉସା । ମତେ କ୍ଷମା କରିଦିଅ । ରିମଝିମର ଏ ଅବସ୍ଥା ମୋ' ପାଇଁ ହୋଇଛି । ମୁଁ ହିଁ ତାକୁ ଦୋଳରେ ଝୁଲାଉ ଥିଲି" । ଅମୀୟ ବାବୁଙ୍କର ଆଖିରୁ ଲୁହର ନଇ ବାଧା ବନ୍ଧନ ନ ମାନି ବୋହିଗଲା। ଭସାଇନେଲା ତାଙ୍କର ଧୈର୍ଯ୍ୟର ବନ୍ଧନ । ସତେ ଯେମିତି କାହା ଅପେକ୍ଷାରେ ଥିଲା । ବିଜୟ ପାଖକୁ ଆସି ତାଙ୍କ ପାଖରୁ ଛଡାଇ ନେଲା ରାଜାକୁ । ଭାଇର ହାତକୁ ନିଜ ହାତକୁ ନେଇ କହିଲା, "ଭାଇ ଆମ ସଂସାର ସରିଗଲା । ରିମଝିମର ଆଘାତ ଖୁବ ଗୁରୁତର। ଡାକ୍ତର କହୁଛନ୍ତି, ତାର ଡାହାଣ ପଟ ଅଚଳ ହୋଇଯାଇଛି । ସିଏ ଆଉ ଚାଲି ପାରିବନି" । ଅମୀୟବାବୁ ହାତ ଛିଞ୍ଚାଡି ନେଇ ବିଜୟଠାରୁ ଅଲଗା ହୋଇଗଲେ ଆଉ ଝଡ ପରି ସେଠାରୁ ଅପସରିଗଲେ । ଡାକ୍ତରଖାନାର ଲମ୍ବା ବାରଣ୍ଡାର ଶେଷକୁଯାଇ ସେଇଠି ନଥ କରି ବସିଗଲେ । ମୁଣ୍ଡ ଉପରେ ଯେମିତି ଆକାଶ ଛିଡି ପଡିଲା ତାଙ୍କର । ଗୋଡ ତଳୁ ପୃଥିବୀ ଅପସରିଗଲା । ଆଖିରୁ ଜୁଳୁଜୁଳଆ ପୋକ ବାହାରିଆସିଲା । ପୃଥିବୀର ରଙ୍ଗ ବଦଳଗଲା । କାଳର କରାଳ କବଳରେ ପଡି ସିଏ ମାନସିକ ସ୍ଥିତି ହରାଇ

ବସିଲେ। କଣ କରିବେ, କେଉଁଠିକୁ ଯିବେ, କାହାକୁ ଡାକବେ, ଠିକ କରିପାରିଲେ ନାହିଁ । ରିମଝିମର ପିଲାଦିନର ଠୁକୁ ଠୁକୁ ଚାଲି, କୁଞ୍ଚକୁଞ୍ଚିଆ ଝାମ୍ପୁରା ମୁଣ୍ଡ ଆଉ ନରମ ଦରୋଟି କଥା ମନକୁ ଆସିଲା । ତାକୁ ବାହା କରାଇବାର ସ୍ୱପ୍ନ ପୁଣି ଉଜ୍ଜିବିତ ହୋଇଗଲା । ହୃଦୟର କୋହକୁ ଅପରିମିତ ସାହାସରେ ସିଏ ପରିଣତ କରିବାକୁ ବଦ୍ଧ ପରିକର ହେଲେ। ରାତା ରାତି ସାଙ୍ଗ ଡାକ୍ତର ଦାସବାବୁଙ୍କ ପରାମର୍ଶ କ୍ରମେ ଝିଅକୁ ନେଲୋର ନେଇଗଲେ ।

ଏ ଭିତରେ ଛଅ ମାସ କଟିଗଲାଣି । ଅନେକ ଅପରେସନ ଓ ଅନେକ ଦିନର ଡାକ୍ତରଖାନାର ରହଣୀ ପରେ ସିଏ ଘରକୁ ଫେରୁଛି। ରିମଝିମ କ୍ରେଚେସ୍ ସାହାଯ୍ୟରେ ଚାଲିବାକୁ ଚେଷ୍ଟା କରୁଛି । ଘରେ ପହଞ୍ଚି ସିଏ ଖୁସି ଜଣା ପଡୁଛି । ଆଖିରୁ ବଞ୍ଚିବାର ଆଶା ଉବୁକ ଆସୁଛି । ସମସ୍ତେ ଖୁସି ଜଣା ପଡୁଛନ୍ତି । ଦାଣ୍ଡଘର ପାରିହୋଇ ଘର ଭିତରକୁ ପଶୁ ପଶୁ ତାଙ୍କ ଘରର ଦୋଳଟା ସେମିତି ଅଛି ଦେଖି ରିମଝିମ ଖୁବ ଖୁସି ହୋଇଗଲା । ସତେ ଯେମିତି ସ୍ୱର୍ଗର ଚାନ୍ଦ ଆସି ତା ପାଖରେ ପହଞ୍ଚିଗଲା । ବାପାଙ୍କୁ ପଚାରି ଦୋଳରେ ବସିଗଲା । କେହି ନାହିଁ କରିପାରିଲେ ନାହିଁ । ପଛରୁ ଡାକ ରାଜାକୁ କହିଲା, "ରାଜା, ତୋ ରାଣୀକୁ ଦୋଳରେ ଝୁଲାଇ ଦେବୁନ" ? ରାଜାର ହାତ ଥରୁଥାଏ । ସିଏ ଦୋଳକୁ ଅନାଇ ଭାବୁଥାଏ, ଆଜି ସିଏ ଦୋଳକୁ ଛୁଇଁ ପାରିବନ, ଝୁଲାଇବାଟା ଦୂରର କଥା, ଦୋଳକୁ ଭାଙ୍ଗିରୁଜି ଚୁରମାର କରି ତାର ପୁଞ୍ଜିଂଭୂତ ରାଗକୁ ପ୍ରଶମିତ କରିବ । ପ୍ରତିଜ୍ଞାବଦ୍ଧ ହେଲା ରାଜା। କାହାକୁ କଛି କହିଲା ନାହିଁ। ରିମଝିମ ଦୋଳରେ ବସି ଦୋଳ ଖେଳବାର ଭୟକୁ ମନରୁ ଦୂରେଇ ଦେବାର ଚେଷ୍ଟା କରୁଥାଏ । ସମୟ ଦୋଳରେ ଝୁଲୁଥାଏ ।



ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ସିନ୍ଦୁର



ଲିନା ମହାନ୍ତି

ମଥାରେ ସିନ୍ଦୂର ସିନ୍ଥିରେ ସିନ୍ଦୂର
କଣ୍ଠରେ ନାରୀର ଭକତି ସିନ୍ଦୂର,
କର୍ଣ୍ଣରେ ତାହାର ପବିତ୍ର ସିନ୍ଦୂର
ହାତରେ ତ ତାର ସଂଖା ସିନ୍ଦୂର ॥
ମଥା ସିନ୍ଦୂର ତ ପତି ସିନ୍ଦୂର
ଆଜ୍ଞାଚକ୍ରେ ତାକୁ ନତି ଲଗାଏ,
ନାଲିବତୀ ସିଏ ସମାଜ ପାଇଁକି
ଭିନ୍ନ ଦୃଷ୍ଟିରେ ତାକୁ କେହି ନ ଗ୍ରହେଁ ॥
ସିନ୍ଥିରେ ତାହାର ସତୀତ୍ୱ ସିନ୍ଦୂର
ଅମୂଲ୍ୟ ଧନଟେ ନାରୀଙ୍କ ପଇଁ,
କଳଙ୍କ ଲାଗିଲେ ସେଇ ସତୀତ୍ୱରେ
କ୍ଷଣିକେ ପାଲଟେ ବିଷ ସେ ହୋଇ ॥
କଣ୍ଠରେ ତହାର ଭକତି ସିନ୍ଦୂର
ହରପାର୍ବତୀଙ୍କ ପାଦରେ ଦେଇ,
ମନାସେ ମନରେ ମହାଦେବ ଭଳ
ସ୍ୱାମୀଙ୍କର ପ୍ରେମ ପାଇବା ପାଇଁ ॥

କର୍ଣ୍ଣରେ ତାହାର ପବିତ୍ର ସିନ୍ଦୂର
ଗଙ୍ଗା ମାତା ପଦେ ସମର୍ପି ଦିଏ,
କହେ ଆହେ ମାତା ମୋତେ ଛାଡି ସ୍ୱାମୀ
ପର ନାରୀ ପ୍ରତି କେବେ ନ ମୋହେ ॥
ହାତରେ ତାହାର ସଂଖା ଦୁଇପଟ
ସଂଖାରେ ତହାର ନାଲି ସିନ୍ଦୂର,
ଚଉଦ୍ର ମୂଳରେ କରେ ମାନସିକ
ଅର୍ଘ୍ୟ ହେଇ ଯାଉ ମଶାଣି ମନ୍ଦିର ॥

ଜଗତସିଂହପୁର, ଓଡିଶା



# ଗଛ ଲଗାଇବା ସମସ୍ତେ ଆସ



ମାନସ କୁମାର ପାତ୍ର

ବିଷମ ଗ୍ରୀଷମ ଆସୁଅଛି ମାଡ଼ି
ଲହ ଲହ କରି ଜିହ୍ୱା ତାହାର
ଗ୍ରାସି ନେବ ଆଜି ସାରା ଭୂଭାଗକୁ
ସତେକି କରିବ ଆହାର ତାର ।
ଶୋଷିନେବ ଆଜି ଭୂପୃଷ୍ଠରୁ ଜଳ
ଶୁଖି ଯିବେ ନଦୀ, ନାଳ, ପୋଖରୀ
ଜଳ ବିନା ହାହାକାର ପଡିଯିବ
ସରବେ କହିବେ ରଖ ହେ ହରି ।
କୋପ ଅନଳରେ ସୂରୁଯ ଜଳିବେ
ତେଜ ତାଙ୍କ ହେବ ଅତି ପ୍ରଖର
ତାଙ୍କ ତେଜ କେହି ନପାରିବେ ସହି
କଷଣ ଲଭିବେ କୀଟ ଠୁ ନର ।
ଜଙ୍ଗଲ ଜଳିବ, ଜମା ନ ଲିଭିବ
ପଶୁ, ପକ୍ଷୀ, ବୃକ୍ଷ ହୋଇବେ ନାଶ
ହୀମ ଖଣ୍ଡ ସବୁ ତରଳି ବୋହିବେ
ଜୈବ ବିବିଧତା ହୋଇବ ଧ୍ୱଂସ ।

ଶୁଣିଛ କି କେବେ, ଏହି ଅଘଟଣ
ଘଟୁଥିଲା କାହିଁ ଆଗରୁ କେବେ
ନିଦାଘ ଗ୍ରୀଷମେ ଆମ ବାପା ଜେଜେ
ଚଳୁଥିଲେ ପଙ୍ଖା କରି ହାତରେ ।
ସଫା କରି ବନ କଲୁ କାରଖାନା
ବୃକ୍ଷବାସ ସବୁ ଦେଲୁ ପାଶୋରି
ଆମ ଗାଁ ପାହାଡ଼ ଖୋଳି ବିକିଦେଲୁ
ଦେଶ ଆଗେଇବା ଯୋଜନା କରି ।
ନିଜ କଲା କର୍ମ ଭୋଗିବ କେ ଆଉ
ଭସ୍ମାସୁର ଭଳି ହୋଇବା ନାଶ
ତଥାପି ସୁଯୋଗ ରହିଛି ହାତରେ
ଗଛ ଲଗାଇବା ସମସ୍ତେ ଆସ ।

ଅରଳା, ଗୋପାଳପୁର, ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଦେହ



ନର୍ମଳ କୁମାର ଦଳାଇ

ସତରେ ଏ ଦେହ ଭାରି ଅଜବ !

ଦେହଟା ଟିକେ କସ୍ ମସ୍ ଲାଗୁଛି;
ବସନ୍ତ ବି ବିଷମୟ
ଶୀତ ସାଜେ ସନ୍ତ୍ରାସ
ମଳୟ ମଳନ ପଡେ
ସ୍ୱପ୍ନ ଭୁରୁ ଭୁରୁ ରତି ବି
ନିଦାଘ ଉଷ୍ମତା ଭରେ ।
ମନଟା କେମିତି କେଜାଣି
ଲାଜ ନାହିଁ ତାକୁ ଯାହା ,
ଦେହଟା ଭଲ ନାହିଁ ବୋଲି
ଗୋଟା ପଣେ ତା ପାଖେ ପାଖେ ଥାଏ ।

ଏ ଦେହକୁ ନେଇ କେତେ ରକମ,
କୃଷ୍ଣଙ୍କର କୋଟି ବସ୍ତ୍ର ଦାନ
ପୃଥିବୀର ଦେହ ଲୁଚେଇବାକୁ
ଇନ୍ଦ୍ରଧନୁର ସାତରଙ୍ଗି ପାଟଶାଢୀ,
ଦେହ ଦାହ କୁ ନେଇ ତ କେତେ କଥା ।

ଏଇ ଦେଖୁନ,
ଏ ଦେହରେ ମାଳା ପକେଇ
ସିନ୍ଦୁର ଲଗେଇ
ମନବାଞ୍ଛା ପୂରଣ କରିବା ପାଇଁ ଧୂପଦୀପ
ତାକୁ କହେ ଦେବୀ,
ପୁଣି କେବେ ଶାଢୀ ଚୁଡି
ସଂସାର ଭରିବା ପାଇଁ ସେ ହୁଏ ନାରୀ ।
ତା ଦେହରୁ ଶାଢୀ ଖୋଲିବାକୁ
ସଭିଏଁ ବ୍ୟସ୍ତ
ପୁଣି ସଜେଇବା ପାଇଁ ଦାରୀ ।

ଓହୋ !

ଏଇ ଟିକକ କଥା

ଉଷ୍ମ ମନ

ଥର ଥର ସ୍ୱପ୍ନ

ପାଶବିକ ଆଶା

ସବୁରି କେନ୍ଦ୍ରବିନ୍ଦୁ ଏ ଦେହ ।



ପୃଥିବୀ ସହ ଘଣ୍ଟା କଣ୍ଟାର ଧା ଧଉଡ

କେବେ ଦେବୀରୁ ନାରୀ,

ପୁଣି କେବେ ନାରୀରୁ ଦାରୀ,

କେଇ ସମୟର କଥା ।

ସରିଗଲା ନା ?

ପୁଣି ଝଡମାନଙ୍କର ନୀରବତା,

ଦେହ ମାନଙ୍କର ଶୀତଳତା ।

ଯା ପରେ ଆଉ ଝଡ ଆସିବନ ତ ?

ଯୁଗ ଯୁଗ ପାଇଁ ବିକଳ ବିକଳାଙ୍ଗ

ଇଚ୍ଛାମାନେ

ଏଇଠି ପାଷାଣୀ ପାଲଟି ଯିବେ ତ ?

ଏଇ ମାତ୍ର ମୋର ପ୍ରଶ୍ନଟିଏ,

ଭବିପାର ମୋର ସର୍ତ୍ତଟିଏ ! !

ପାଇକସାହି, ବ୍ରହ୍ମଗିରି, ପୁରୀ

# ପ୍ରାୟଶ୍ଚିତ



ଡ. ବିଜ୍ଞାନୀ ଦାସ

ରବିକୁ ଦେଖିବା ପରଠାରୁ ପଦ୍ମାର ମନ ଥୟ ଧରୁନଥିଲା । ତାପରେ ତାଙ୍କ ସହିତ ଆଖି ମିଶିବା ପରଠାରୁ ନିଜକୁ ଅତି ଅସହାୟ ମନେକରୁଥିଲା ସେ । ହୁଏତ ମନଖୋଲି ତାଙ୍କ ସହିତ ଟିକେ କଥା ହୋଇ ଯାଇଥିଲେ ଆଉ ଭୁଲ୍ ମାଗି ଦେଇଥିଲେ ଭଲ ହୋଇଥାନ୍ତା, ମନ ହାଲୁକା ହୋଇଯାଇଥାନ୍ତା । ହେଲେ ଏତେ ଲୋକଗହଳ ଭିତରେ ଏକୁଟିଆ ତାଙ୍କୁ ଭେଟି ବି ଥାଆନ୍ତା କେମିତି ? ବାହାଘର ପରେ ସମସ୍ତେ ଘରକୁ ଫେରି ଆସିଥିଲେ । ପୁଅ ଘରେ ଆଉ ଯାହା ବିଧି ଥିଲା, ସେସବୁ ସରୁ ସରୁ ଆହୁରି ଘଣ୍ଟାଏ । ସମସ୍ତଙ୍କ ଆଖମୁଦି ହୋଇପଡୁଥାଏ, ତଥାପି ସମସ୍ତଙ୍କ ମନରେ ଉତ୍ସାହ । ପଦ୍ମା ପାଇଁ ନଣନ୍ଦ ପୁଟୁଳରେ ଜାହ୍ନବୀ ଅପା ଆଣିଥିଲେ ହୀରାର ପଦକ ଥିବା ଏକ ସୁନ୍ଦର ଡିଜାଇନ୍‌ର ସୁନାଚେନ୍ । ସେଇଟା ସିଏ ଅତି ସ୍ନେହରେ ପଦ୍ମା ବେକରେ ପିନ୍ଧାଇଦେଲେ । ପଦ୍ମାକୁ ସେ ଚେନ୍‌ଟା ଏତେ ସୁନ୍ଦର ମାନିଲା ଯେ ସମସ୍ତେ ପ୍ରଶଂସା କରିବାରେ ଲାଗିଲେ । ହେଲେ ସେତେବେଳେ ପଦ୍ମାମନରେ ରବି ହିଁ ଥାଏ, ସିଏ ଅନ୍ୟମନସ୍କ ରହିଥାଏ । ତାର ଏ ଭାବ ଦେଖି ଜାହ୍ନବୀ ପଚାରିଲା, "ବାହାଘର ଭୋଜିରେ ଏଣୁତେଣୁ ଖାଇଦେଲୁ ନା କଣ, ବଦହଜମୀ ହେଉଛି ? ଔଷଧ ଦେବି ? "

ପଦ୍ମାର ମା' ଉତ୍ତରଦେଲେ, "ରାତି ଅନିଦ୍ରା ରହିଛି ତ, ସେଥିପାଇଁ ବୋଧହୁଏ ଦେହଟା ଭଲ ଲାଗୁନଥିବ । ଶୋଇଗଲେ ଭଲ ହୋଇଯିବ ।"

ସବୁ ବିଧିବିଧାନ ଶେଷ ହେବାପରେ ସମସ୍ତେ ଶୋଇବାକୁ ଗଲେ । ଯିଏ ଯୋଉଠି ପାରିଲା, ଲୁଗାପଟା ନ ବଦଳେଇ ଗଡିପଡିଲା । ଚତୁର୍ଥୀ ପୂର୍ବରୁ ବରକନ୍ୟାଙ୍କୁ ଅଲଗାଅଲଗା ହୋଇ ରହିବାକୁ ପଡେ । ଚତୁର୍ଥୀ ପରେ ଯାଇ ସେମାନେ ଏକା କୋଠରିରେ ଶୋଇପାରିବେ । ପଦ୍ମା ଜାହ୍ନବୀକୁ ଆଣି ତା' ରୁମ୍ ଦେଖେଇଦେଲା । ଏବେ ତାକୁ ଜାହ୍ନବୀକୁ ଭାଉଜ ବୋଲି

ଡାକବାକୁ ପଡିବ । ହେଲେ ଏତେଦିନର ଅପା ଡାକବା ଅଭ୍ୟାସଟା ସହଜରେ ବଦଳୁନଥାଏ । ଜାହ୍ନବୀକୁ ତା' ରୁମ୍ ରେ ଥଇଥାନ କରି ପଦ୍ମା କହିଲା, "ତମେ ଏବେ ଶୋଇପଡ ତାହେଲେ, ଥକ ପଡିଥିବ । ମୁଁ ଯାଉଛି, ଆର ରୁମ୍ ରେ ଶୋଇବି ।"

ଜାହ୍ନବୀ କହିଲା, "ପରମେଶ୍ୱର ତ ଉପରେ କେଉଁଠି ଶୋଇପଡିଲେଣି, ଆଉ ତୁ କୁଆଡେ ଯିବୁ । ଏଇଠି ଶୋଇପଡ । ଗପକରିବା ।"

"ତମକୁ ଧନ୍ୟ କହିବ ମଣିଷ । ତମେ ସତରେ ଥକନ ଯେ ଗପ କରିବାକୁ ତମର ଆହୁରି ଶକ୍ତି ଅଛି ।" - ପଦ୍ମା ମନ୍ତବ୍ୟ ଦେଇ ଜାହ୍ନବୀକୁ ଚାହିଁଲା ।

"ନା ମ, ଗୋଟିଏ ବିଷୟରେ ତୋର ମତାମତ ଜାଣିବାକୁ ଚାହୁଁଥିଲି । ତୁ ବୁଦ୍ଧିମତୀ ଝିଅଟିଏ ତ, ସେଥିପାଇଁ ।"

ଜାହ୍ନବୀର କଥା ଶୁଣି ପଦ୍ମା ହସିଲା । "ହୋଉ, ଗୌରଚନ୍ଦ୍ରିକା ନକରି କୁହ ତମ କଥା । ମତେ ଏତେ ତେଲମାଲସ କରନ । ନହେଲେ ନଣନ୍ଦ ଭାଉ ଦେଖେଇବି ।"

ଜାହ୍ନବୀ ପଚାରିଲା, "ଆଚ୍ଛା କହିଲୁ, ତତେ କଣ ଲାଗୁଛି ଯେ ରବିଭାଇଙ୍କର କୌଣସି ଆମେରିକାନ୍ ଝିଅ ସହିତ ଆଫେୟାର୍ ଅଛି ବୋଲି ?"

ପଦ୍ମା ଭାବିଲା ଉତ୍ତର ଦେବ, "ତାଙ୍କ ଆଫେୟାର୍ କଥାଟା ମିଛ । ସେଇଟା ଉଡା ଖବର ।" ହେଲେ ସିଏ ସେକଥା କହିପାରିଲାନ, ଉତ୍ତରରେ କହିଲା, "ମୁଁ କେମିତି ଜାଣିବି ?"

ଜାହ୍ନବୀ କହିଲା, "ମତେ ରବିଭାଇଙ୍କ କଥା ଭାବିଲେ ବଡ ଦୁଃଖ ଲାଗୁଛି । ହୁଏତ ତାଙ୍କର ଅନ୍ୟ କିଛି ସମସ୍ୟା ଥାଇପାରେ । ନହେଲେ ସିଏ ବାହା ହେଉନାହାନ୍ତି କାହିଁକି ?"

ପଦ୍ମା ନୀରବ ରହିଲା ।

ତାପରେ କିଛି ସମୟ ଏଣୁତେଣୁ ଗପୁଗପୁ ଜାହ୍ନବୀକୁ ନିଦ ଲାଗିଗଲା । ହେଲେ ପଦ୍ମା ଶୋଇପାରିଲାନ । ତାରି ପାଇଁ ଯେ ରବି ଏମିତି ପରିସ୍ଥିତିର ସାମନା କରୁଛନ୍ତି, ସେକଥା ତାକୁ ତିରସ୍କାର କରୁଥିଲା । ଏବେ ସେ ରବିର ଜୀବନରେ କେମିତି ଖୁସି ଭରିପାରିବ ? ହଠାତ୍ ତା ଆଖି ସାମନାରେ ଡିଲୁର ମୁହଁଟି ଭାସିଆସିଲା । ତା ମନକୁ ଆସିଲା, "ରବିଙ୍କ ସହିତ ଡିଲୁର ବାହାଘର ହେଲେ କେମିତି ହୁଅନ୍ତା ?"

ବାହାଘର ପରେ ଏମିତି ସବୁ ଘଟଣା ଘଟିଗଲା ଯେ ପଦ୍ମା ଆଉ ରବିଙ୍କ କଥା ଏତେ ଗଭୀରତାର ସହିତ ଭାବିବାକୁ ସମୟ ପାଇନଥିଲା । ଶ୍ୱଶୁର କୋମାରୁ ଫେରିଆସିବା ପରେ ତାଙ୍କୁ ସଂପୂର୍ଣ୍ଣ ସୁସ୍ଥ ହେବାକୁ ବହୁତ ଦିନ ଲାଗିଗଲା । ପରମେଶ୍ୱର ଆମେରିକା ଫେରିଗଲେ । ହେଲେ ସବୁବେଳେ ହ୍ୱାଟ୍ସ୍ଆପ୍ ଓ ସ୍କାଇପ୍ ମାଧ୍ୟମରେ ଭିଡିଓକଲ୍ କରି ବାପାଙ୍କ ଭଲମନ୍ଦ ବୁଝୁଥାନ୍ତି । ପଦ୍ମା ଶ୍ୱଶୁରଙ୍କର ସମସ୍ତ ଯତ୍ନ ନେଉଥାଏ । ତାଙ୍କୁ ଠିକ୍ ସମୟରେ ଖୁଆଇବା, ବୁଲେଇନେବା, ତାଙ୍କୁ ବହିପତ୍ରି ଶୁଣେଇବା ଇତ୍ୟାଦି କାମ ସିଏ ରୀତିମତ କରୁଥାଏ । ଡିଲୁ ସବୁ ବୁଝେଇ ଦେଉଥାଏ । ମଝିରେ ସିଏ ଆମେରିକା ଯାଇଥିଲା, ତାର ରେସିଡେନ୍ସୀ ପାଇଁ ଇଣ୍ଟର୍‌ଭିୟୁ ଦେବାକୁ । ତଥାପି ମଝିରେ ମଝିରେ ଫୋନ୍ କରି ବୁଝୁଥିଲା । ତାର ଜଣେ ସାଙ୍ଗ ଡାକ୍ତର କଲିକତାରେ ରହୁଥିଲେ । ସିଏ ବି ବେଳେବେଳେ ଆସି ଶ୍ୱଶୁରଙ୍କ କଥା ବୁଝୁଥାନ୍ତି । କ୍ରମେକ୍ରମେ ଶ୍ୱଶୁରଙ୍କ ଅବସ୍ଥା ଭଲ ହୋଇଆସୁଥାଏ । ଏହି ସମୟରେ ଭାଇ ସହିତ ଜାହ୍ନବୀ ଅପାଙ୍କର ବାହାଘର ହେବାର ଖବର ପହଞ୍ଚିଥିଲା । ପ୍ରଥମେ ତ ପଦ୍ମା ବିଶ୍ୱାସ କରିପାରୁନଥିଲା, ଜାହ୍ନବୀ ଅପାକୁ ଭାଇ, ପ୍ରକୃତିରେ କେତେ ପାର୍ଥକ୍ୟ । ଜାହ୍ନବୀ ଅପା ବହୁତ ସ୍ମାର୍ଟ, ବହୁତ କଥା କୁହନ୍ତି ମଧ୍ୟ, ତାଙ୍କ ପାଖରେ ସହଜରେ ଅଚହ୍ନା ମଣିଷ ଜଣେ ସହଜ ହୋଇଯିବ । ତାଙ୍କ ତୁଳନାରେ ଭାଇ ଅନେକଟା ଚୁପ୍‌ଚାପ୍ । ଦଶଟା ପ୍ରଶ୍ନ ପଚାରିଲେ ଯାଇ ସିଏ ଗୋଟିଏ ଉତ୍ତର ଦେବ । ତଥାପି ପଦ୍ମା ଖୁସିହେଲା । ତେବେ ଆଶ୍ଚର୍ଯ୍ୟ ହେଉଥିଲା ଯେ ଜାହ୍ନବୀ ଅପାଙ୍କର ସମସ୍ତ ପରିବାର ଓ ବନ୍ଧୁବାନ୍ଧବ ବି ବିନା ପ୍ରତିବାଦରେ ଏ ବାହାଘର ହେବାରେ ସ୍ୱୀକୃତି ଦେଇଥିଲେ । ଏମିତିକି ରବିଙ୍କ ବାପା ମଧ୍ୟ ।

ଶ୍ୱଶୁର ଭଲ ହୋଇଆସୁଥିବା ଦେଖି ଶାଶୁ ପଦ୍ମା ଉପରେ ବହୁତ ଖୁସି ଥାଆନ୍ତି । ଥରେ ସିଏ ପଦ୍ମାକୁ ଡାକି ଅତି ସ୍ନେହରେ କହିଲେ, "ତମମାନଙ୍କ ରିସେପ୍ସନ୍ ତ ହୋଇପାରିଲାନ । ମୁଁ ଭାବୁଛି ଏଥର ପରମା ଆସିଲେ, ତମମାନଙ୍କ ରିସେପ୍ସନ୍ କରିବା ।"

ପଦ୍ମା କହିଲା, "ହେଲେ ମା, ବାପା ତ ପୂରା ଭଲ ହୋଇନାହାନ୍ତି । ସିଏ ଶତକଡା ଶହେ ଭାଗ ଭଲ ହୋଇଯାଆନ୍ତୁ । ତାପରେ ବାହାଘର ତ ବହୁତ ଦିନ ହୋଇଗଲାଣି । ଏବେ ସମସ୍ତେ ଭୁଲିଯିବେଣି ।"

ଶାଶୁ କହିଲେ, "ଠିକ୍ ଅଛି । ହେଲେ ତମମାନଙ୍କର ନା ଚତୁର୍ଥୀ ଠିକ୍ ଭାବେ ହୋଇପାରିଲା, ନା ଅଷ୍ଟମଙ୍ଗଳା । ମୁଁ ଭାବୁଛି ପରମା ଆସିଲେ ଗୋଟିଏ ବଡ ପୂଜା କରି ସେସବୁ ବିଧି ସାରିଦେବା ।"

ସେଇଆ ହେଲା । ପରମେଶ୍ୱର ନଭେମ୍ବରରେ ଆସିଥିଲେ । ଶାଶୁ ଯଜ୍ଞହୋମ ଓ ବିଘ୍ନେଶ୍ୱର ପୂଜା କରେଇଲେ । ପାଞ୍ଚଶହ ଲୋକଙ୍କ ପାଇଁ ଖିଆପିଆର ବ୍ୟବସ୍ଥା ମଧ୍ୟ ହେଲା । ମଙ୍ଗଳ ହୋମ ମଧ୍ୟ କରାଗଲା । ବ୍ରାହ୍ମଣ ପରାମର୍ଶ ଦେଲେ, "ଏବେ ଆଉ ପୁଅ, ବୋହୂଙ୍କର ମିଳନରେ କିଛି ବାଧା ନାହିଁ ।"

ପୁଣି ଆଉଥରେ ଫୁଲଶେଯ ସଜାଗଲା । ପଦ୍ମା ଓ ପରମେଶ୍ୱରଙ୍କର ବିଧିବଦ୍ଧ ମିଳନ ପାଇଁ ସବୁ ବନ୍ଦୋବସ୍ତ ହୋଇଥିଲା । ପଦ୍ମା ଆଉ ପରମେଶ୍ୱରଙ୍କଠାରୁ ଦୂରେଇ ରହିବାକୁ ଈଶ୍ୱରଙ୍କୁ ପ୍ରାର୍ଥନା କଲାନ; ପୁଣି ଯଦି କିଛି ଅମଙ୍ଗଳ ହୁଏ ? ଏତେଦିନର ସଞ୍ଚିତ କୁମାରୀତ୍ୱ ସେଦିନ ସମର୍ପଣ କରି ସେ ପରମେଶ୍ୱରଙ୍କର ଶରୀରରେ ମିଶିଯାଇଥିଲା । ତା ମନରେ ଆବିଳତା ନଥିଲା । ନାରୀଧର୍ମର କର୍ତ୍ତବ୍ୟ ତ ସେଇଆ । ନିଜ ସ୍ୱାମୀକୁ ଖୁସିଦେବା, ସୁଖରେ ରଖିବା ଓ ପରିବାରପାଇଁ ଆନନ୍ଦ ଆଣିଦେବା ।

ଏସବୁ ସ୍ଥିର କରିବାରେ ପଦ୍ମାର ଏ କିଛିଦିନ ତଳର ଅନୁଭୂତି ହିଁ ତାକୁ ଡରେଇଦେଇ ଅଭିଜ୍ଞ କରାଇଦେଇଥିଲା । ତାକୁ ଲାଗୁଥିଲା ଯେ ସିଏ ଯାହା ଚାହୁଁଛି ଠାକୁର ତାକୁ ପୂରଣ କରିବାପାଇଁ ଯେ କୌଣସି ଉପାୟ ଖଞ୍ଜାଇ ଦେଉଛନ୍ତି । ପରମେଶ୍ୱରଙ୍କ ସହିତ କିଛି ବି ନିକଟତର ସଂପର୍କ ହେବା ପୂର୍ବରୁ ସିଏ ଆମେରିକା ଫେରିଗଲେ । ହେଲେ ପ୍ରତିଥର ଫୋନରେ ଓ ଭିଡିଓ ଚାଟରେ ସିଏ ଏମିତି ଅନ୍ତରଙ୍ଗ ହେବାକୁ ଚାହୁଁଥିଲେ ଯେ, ପଦ୍ମା ବଡ ଅସ୍ୱାଭାବିକ ମନେ କରୁଥିଲା । ସିଏ କହୁଥିଲେ, "ମୋର ତ ଏମିତ ଅନ୍ଧବିଶ୍ୱାସ ନାହିଁ । ଏ ଦେଶରେ ପ୍ରେମିକ, ପ୍ରେମିକା ବିବାହ ପୂର୍ବରୁ ସବୁ ସଂପର୍କ ସାରି, ଏମିତି କି ପିତାମାତା ହୋଇସାରି ବାହା ହେଉଛନ୍ତି । ଆମର ତ ବାହାଘର ହୋଇସାରିଛି । ତଥାପି ଆମେ ଦୂରତା ପାଳୁଛନ୍ତି । ମୁଁ ଆଉ ରହିପାରୁ । ତମେ ଆମେରିକା ଚାଲିଆସ ।"

ପଦ୍ମା କାହିଁକି କେଜାଣି ଏସବୁ ଶୁଣି ବିଚଳିତ ହୋଇପଡିଲା । ଭଗବାନଙ୍କୁ ମନେମନେ ପ୍ରାର୍ଥନାକଲା, "ପ୍ରଭୁ, ମତେ ଏ ଧର୍ମସଙ୍କଟରୁ ରକ୍ଷାକର । ପରମେଶ୍ୱରଙ୍କର ନିକଟତମ ହେବାର ସଙ୍କଟରୁ ମତେ ରକ୍ଷାକର ।"

ତାପର ଚାରିଦିନ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ପାଖରୁ କିଛି ଫୋନ୍ ଆସିନଥିଲା । ଶାଶୁ ବିଚଳିତ ହୋଇ କହିଲେ, "ପରମା ତତେ ଡାକିଥିଲା କି ? କାହିଁକି ସିଏ ଚାରିଦିନ ହେଲା କିଛି ଖବର ଦେଇନି ? ତୁ ଟିକେ ବୁଝିଲୁ ।"

ପଦ୍ମା ବି ଫୋନ୍ କରି କିଛି ଉତ୍ତର ପାଇଲାନି । ସିଏ ବି ବିଚଳିତ ହୋଇପଡିଲା । ତାପରେ ଯେତେବେଳେ ପରମେଶ୍ୱର ଫୋନ୍‌କଲେ, ସେତେବେଳେ ସିଏ କୈଫିୟତ୍ ଦେଇ କହିଲେ, "ଜଣେ ସାଙ୍ଗର ଅତି ସିରିଅସ୍ ଆକ୍ସିଡେଣ୍ଟ ହୋଇ ସିଏ ହସ୍‌ପିଟାଲରେ । ତା' କଥା ବୁଝାବୁଝି କରୁଥିଲି । ଜଣେ ମଦପିଇ ଗାଡି ଚଳେଇ ଏମିତି ଅବସ୍ଥା କଲା । ଜାଣିଛ ପଦ୍ମା, ସେ ଗାଡିରେ ମୁଁ ବି ଥିଲି । ଭଗବାନଙ୍କର କେଉଁ ଆଶୀର୍ବାଦରୁ ମୋର କିଛି ହେଇନି ।"

ପଦ୍ମା ଚମକିପଡିଲା, "ସେ ଗାଡିରେ ତମେ ଥିଲ? ତମେ ଭଲ ଅଛ ତ ?"

ପରମେଶ୍ୱର - "ଭଲ ନଥିଲେ ତମ ସହିତ କଥା ହୋଇଥାନ୍ତି କେମିତି ? ମୁଁ ଭଲ ଅଛି।"

ପଦ୍ମା ପଚାରିଲା, "ଆକ୍ସିଡେଣ୍ଟ କେବେ ହେଲା ?"

ପରମେଶ୍ୱର ଜଣାଇଲା, "ଚାରିଦିନ ତଳେ ।"

ପଦ୍ମା ମନେ ପକେଇଲା, ଠିକ୍ ସେଇଦିନ ହିଁ ସିଏ ଭଗବାନଙ୍କ ପାଖରେ ପରେମେଶ୍ୱରଙ୍କଠାରୁ ଦୂରତାରେ ରହିବାକୁ ପ୍ରାର୍ଥନା କରିଥିଲା । ପଦ୍ମାର ଦେହରୁ ରକ୍ତ ଶୁଖିଗଲା । ଏଇଟା କଣ ଅଶୁଭ ସଙ୍କେତ ? ପଦ୍ମାର ପରମେଶ୍ୱରଙ୍କଠାରୁ ଦୂରେଇ ରହିବାର ଭାବନା ହିଁ ସବୁ ଅଘଟଣ ସୃଷ୍ଟି କରୁଛି ? ଯଦି ପରମେଶ୍ୱରଙ୍କର କିଛି ହୋଇଯାଇଥାନ୍ତା, ତେବେ ? ପଦ୍ମା କଣ ନିଜକୁ କ୍ଷମା କରିପାରିଥାନ୍ତା ? ପଦ୍ମା ଡରିଯାଇ କହିଲା, "ନା, ତମର କିଛି ହେବନି । ତମେ ଟିକେ ସାବଧାନରେ ଗାଡି ଚଲେଇବ ।"

ପରମେଶ୍ୱର ଉତ୍ତରଦେଇ କହିଲା, "ମୋ ସାଙ୍ଗ ତ ସାବଧାନରେ ଗାଡି ଚଲାଉଥିଲା । ହେଲେ ବେଳେବେଳେ ଅନ୍ୟମାନଙ୍କ ଅସାବଧାନତା ବି ଆମ ଜୀବନରେ ପଶି ଆମକୁ ହନ୍ତସନ୍ତ କରିପକାଏ । ତମେ ବ୍ୟସ୍ତ ହୁଅନ । ମୁଁ ଭଲ ଅଛି ।"

ପଦ୍ମା ଫୋନ୍ ସ୍କ୍ରିନ୍‌ରୁ ଭିଡିଓ ଗ୍ଲଟ୍ କରି ଯାହା ଦେଖିଲା, ତା ମୁଣ୍ଡ ଖରାପ ହୋଇଗଲା । ପରମେଶ୍ୱରର ମୁଣ୍ଡରେ ବ୍ୟାଣ୍ଡେଜ୍ ପଡିଥିଲା ।" ପଦ୍ମା ପଚାରିଲା, "ମତେ ମିଛ କହୁଥିଲ । ତମ ମୁଣ୍ଡରେ ବ୍ୟାଣ୍ଡଜ୍ କାହିଁକି ?"

ପରମେଶ୍ୱର – "ଟିକେ ଖଣ୍ଡିଆ ହୋଇଯାଇଥିଲା । ସେଥିପାଇଁ ଡାକ୍ତର ବ୍ୟାଣ୍ଡେଜ୍ କରିଦେଇଛନ୍ତି । ତମେ ବ୍ୟସ୍ତ ହୁଅନ । ଦେଖୁଛ ତ ମୁଁ ଭଲ ଅଛି । ତମ ସହିତ କଥା ହେଉଛି । ହଁ, ତମେ ମାଙ୍କୁ କଛି କହିବନ । ସିଏ ବ୍ୟସ୍ତ ହେବ ।"

ପଦ୍ମା ଅଧିର ହୋଇଉଠିଲା, "ସତ କହୁଛ ତ ତମେ ଠିକ୍ ଅଛ ?"

ପରମେଶ୍ୱର - "ପଦ୍ମାରାଣୀ, ତମର ଯଦି ଏତେ ଚନ୍ତା, ତେବେ ଆମେରିକା ଆସୁନ କାହିଁକି? ଭିସା ତ ହୋଇଗଲାଣି । ଆଉ କଣ ପାଇଁ ଡେରି ।"

ପଦ୍ମା - "ଭାଇର ବାହାଘର ସରିଯାଉ, ଯିବି ।"

ପରମେଶ୍ୱରଙ୍କ ସହିତ କଥାହୋଇ ସିଏ ଶାଶୁଙ୍କୁ ଜଣେଇଦେଲା । ଠାକୁରଙ୍କ ପାଖରେ କାନ୍ଦିକାନ୍ଦି ପ୍ରାର୍ଥନାକଲା, "ମୋର ଭୁଲ୍ ହୋଇଯାଇଛି ପ୍ରଭୁ । ମତେ କ୍ଷମା କର । ପରମେଶ୍ୱରଙ୍କୁ ସର୍ବଦା ଘଣ୍ଟଘୋଡେଇ ରଖ । ମୁଁ ଆଉ ଏମିତି କାମନା କରିବିନ । ସିଏ ମୋର ସ୍ୱାମୀ, ଏ ଶରୀର, ମନ ମୁଁ ସବୁ ତାଙ୍କୁ ଅର୍ପଣ କରିବି ।"
ସେଇ ଶପଥ ସିଏ ରଖିଥିଲା ।

ଯଦିଓ ତାପରେ ନଜକୁ କାହିଁକି କେଜାଣି ଦୋଷୀଦୋଷୀ ଲାଗିଥିଲା, ହେଲେବି ସେ ଭାବ କ୍ରମେ ଅପସରି ଗଲା । ଏବେ ପଦ୍ମା ପୋଖତ ଘରଣୀ । ପରମେଶ୍ୱର ଥିବା ସମୟରେ ଦିନେ ଶାଶୁ କହିଲେ, "ତୋର ତ ଭିସା ସବୁ ଠିକ୍ ହୋଇଗଲାଣି । ତୁ ପରମା ସହିତ ଆମେରିକା ଚାଲିଯା । ତୋ ଶ୍ୱଶୁର ତ ଭଲ ହୋଇଗଲେଣି । ତାଙ୍କ କଥା ମୁଁ ସମ୍ଭାଳନେବି ।"

ପଦ୍ମା ଉତ୍ତରରେ କହିଲା, "ନା ମା, ଭାଇର ବାହାଘର ତ ଆଉ ଦୁଇମାସ ରହିଲା । ତା' ବାହାଘର ପରେ ଗଲେ ଠିକ୍ ହେବ । ମୁଁ ଭାବୁଥିଲି ଆପଣ ଓ ବାପା ବି ଆମ ସହିତ ଚାଲନ୍ତୁ ।"

ଶାଶୁ କହିଲେ, "ହଁ, ସେକଥା ଠିକ୍ । ତୋ ଭାଇର ବାହାଘର ପରେ ଗଲେ ଚଳିବ । ହେଲେ ପରମାଟା ସେଠି ଏକୁଟିଆ ଚଳୁଛି । ତୁ ଏଠି ଏକୁଟିଆ । ମନଟା ସେଥିପାଇଁ ଗୋଳେଇ ଘାଣ୍ଟି ହେଉଛି ।"

ପଦ୍ମା - "ମୁଁ ଏଠି ଏକୁଟିଆ କେମିତି ହେଲି ମା । ଆପଣ ଅଛନ୍ତି, ବାପା ଅଛନ୍ତି । ମୁଁ ତ ଘରେ ଅଛି ।"

ପରମା ପହଞ୍ଚି କହିଲା, "ହଁ ମା । ତମେ ମୋ ଅନୁରୋଧ ସବୁବେଳେ ଏଡ଼ିଦେଇଛ । ଏବେ ବୋହୂର ଅନୁରୋଧ ଅନ୍ତତଃ ରଖ । ତମେ ଯାଇ ପଦ୍ମାର ଘରକରଣା ତ ସଜେଇଦେବ ନା ।"

ଶାଶୁ - "ଆଉ, ଏଠି ବ୍ୟବସାୟ ଦେଖିବ କିଏ ?"

ପରମା - "ମାମୁଁ ଦେଖୁଥିବେ । ଅନ୍ତତଃ ମାସକ ପାଇଁ ତ ଚାଲ । ନହେଲେ ଏ ବ୍ୟବସାୟ ନିଶାରେ ତମ ଜୀବନ ଏମିତି ବିତିଯିବ ଯେ, ସଂସାରର ଆଉ କିଛି ଉପଭୋଗ କରିପାରିବନି ।"

ଶାଶୁ ରାଜି ହୋଇଗଲେ । ସେମାନଙ୍କର ପାସପୋର୍ଟ ତ ଆଗରୁ ଥିଲା । ପରମା ଭିସା ପାଇଁ ଦରଖାସ୍ତ ପୂରଣ କରି ପକେଇଦେଲା । ମାସକ ଭିତରେ ଭିସା ମଧ୍ୟ ମିଳିଗଲା । ଏବେ ଫେବୃୟାରୀ ୧୨ ତାରିଖରେ ସମସ୍ତଙ୍କର ଆମେରିକା ଯିବାର ଟିକେଟ୍ ହୋଇଛି । ପରମେଶ୍ୱର ସେଠି ଗୋଟିଏ ନୂଆ ଘର କିଣିଛନ୍ତି, "ଟାଉନ୍ ହୋମ୍" ।

ପଦ୍ମା ପଚାରିଥିଲା, "ଟାଉନ୍ ହୋମ୍, ତା' ମାନେ କଣ? "

ପରମା ବୁଝେଇଥିଲା, "ଘରକୁ ଅନ୍ୟଘରର କାନ୍ଥ ଲାଗିଥିଲେ ତାକୁ ଟାଉନହୋମ କୁହାଯାଏ । ସବୁ କିଛି ଘର ଭଳି । କେବଳ ସେଇ ଗୋଟିଏ ତଫାତ୍ ।"

କଲିକତାରେ ସେଇ ପ୍ରସ୍ତୁତି ଚାଲିଥିଲା । ଡିଲୁ ଏ ଖବର ପାଇ ବହୁତ ଖୁସି ଥିଲା । କହିଥିଲା, "ମୋର ରେସିଡେନ୍‌ସୀ ହୋଇଗଲେ ଏବେ ମତେ ଆମେରିକାରେ ଗୋଟିଏ ଘର ମିଳିଯିବ । ଯେତେବେଳେ ଘର ଖାଇବା ପାଇଁ ମନ ହେବ ସେତେବେଳେ ପରମେଶ୍ୱରଙ୍କ ବାସଭବନରେ ପହଞ୍ଚିଯିବି । ସ୍ୱୟଂ ପଦ୍ମାବତୀ, ମାନେ ମା' ଲକ୍ଷ୍ମୀଙ୍କର ହାତରନ୍ଧା ଖାଇବାକୁ ଆଉ ଭାରତ ଆସିବାକୁ ଝୁରିବିନ ।"

ପଦ୍ମା ଏମିତି ଭାବନାରେ ବୁଡି ରହିଥିଲା । ଏହି ସମୟରେ ବାହାରେ ଗୋଟିଏ କୁକୁର ଭୁକବାର ଶବ୍ଦ ହେଲା । ପଦ୍ମାର ଭାବନା ସେ ଶବ୍ଦରେ ବାଧା ପାଇଲା । ଜାହ୍ନବୀ ସେତେବେଳକୁ ଶୋଇସାରିଥିଲା । ପଦ୍ମା ବିଛଣାରୁ ଉଠି ପରିସ୍ରା କରିବାକୁ ଗଲା ଓ ପୁଣି ଆସି ଡିଲୁ ଓ ରବିଙ୍କ ବିଷୟରେ ବିଷୟରେ ଭାବିଲା । ରବିର ବାପା, ମା' ଙ୍କୁ ସିଏ ଆଉ ଡିଲୁ ବିଷୟରେ କହିବ କ? ଅବଶ୍ୟ ଡିଲୁର ପରିବାର ବଙ୍ଗାଳୀ ବ୍ରାହ୍ମଣ । ହେଲେ ବି ସେମାନେ ତ ଉଚ୍ଚଶିକ୍ଷିତ । ହୁଏତ ଏ ପ୍ରସ୍ତାବରେ ସେମାନେ ରାଜି ହୋଇପାରନ୍ତି । ଆଉ ରବିର ବାପା, ମା, ସେମାନେ ତ ଜାହ୍ନବୀ ଅପାର ବାହାଘରକୁ ସ୍ୱୀକୃତି ଦେଇ ସେଥିରେ ଅଂଶଗ୍ରହଣ କଲେ । ତାଙ୍କର ପୁଣି ଅରାଜି ହେବାର କାରଣ କଣ ହେବ ?

ରବିଙ୍କ ସହିତ ଡିଲୁର ବାହାଘର ବିଷୟ ଚିନ୍ତାକରି ପଦ୍ମା ଏତେ ଉତ୍ତେଜିତ ହୋଇଗଲା ଯେ ନିଦ୍ରିତ ଜାହ୍ନବୀକୁ ନିଦରୁ ଉଠେଇ କହିଲା, "ଆଚ୍ଛା ଜାହ୍ନବୀ ଅପା, ମାନେ ମୋ ନୂଆ ଭାଉଜ, ଡିଲୁ ସହିତ ରବିଭାଇଙ୍କ ବାହାଘର ହେଲେ କେମିତି ହୁଅନ୍ତା ?"

ଜାହ୍ନବୀ ଚମକ ଉଠି ନିଦ ବାଉଳାରେ ଉତ୍ତରଦେଲା, "କଣ କହିଲୁ, ଡିଲୁ ସହିତ ରବିଭାଇଙ୍କର ଆଫେୟାର୍ ଚାଲିଛି । ତତେ କିଏ କହିଲା ? ଜୁଲି ? ସିଏ ତ ତୋ ସାଙ୍ଗ । ସେଇଥିପାଇଁ ତତେ କହିଥିବ ।"

ପଦ୍ମା ଅଭିଯୋଗ କରି କହିଲା, ""ତମକୁ କଣ କହିଲି, ଆଉ ତମେ କଣ ବୁଝିଲ । ହଉ, ତମେ ଶୁଅ, ଉଠିଲେ ମୁଁ ଆଉଥରେ କହିବି ।"

ଜାହ୍ନବୀ ପୁଣି ନିଘୋଡ ନିଦରେ ଶୋଇଗଲା । ହେଲେ ରବି ପ୍ରତି କରିଥିବା ଅନ୍ୟାୟର ଏ ପ୍ରାୟଶ୍ଚିତର ଧାରଣା ମନକୁ ଆଣି ପଦ୍ମା ଖୁସି ରହିଲା । ଜୁଲି ତ ଡିଲୁକୁ ନେଇ ଏବେ ତା' ମାମୁଁଘରେ ଅଛି । ରବି ମଧ୍ୟ ଡିଲୁ ସହିତ ପରିଚିତ ହୋଇ ସାରିବେଣି । ଏଇଟା ପ୍ରକୃଷ୍ଟ

ସମୟ । "ହଁ, ଶୁଭସ୍ୟ ଶୀଘ୍ରମ୍ । ଏ ଶୁଭକାର୍ଯ୍ୟର ଆୟୋଜନ ପଦ୍ମା ହିଁ ଶୀଘ୍ର କରାଇବ ।" ଅନ୍ୟ କେହି ନ ଜାଣିଲେ ବି ପଦ୍ମା ଜାଣିଛି ଯେ ରବିଙ୍କର କାହା ସହିତ ଆଫେୟାର୍ ନାହିଁ । ତାଙ୍କ କହିବାର ଗୋରୀ ଝିଅ ଥିଲା ପଦ୍ମା ।

ଏମିତି ଚିନ୍ତା କରୁକରୁ ପଦ୍ମାକୁ କେତେବେଳେ ନିଦ ହୋଇଗଲା, ସିଏ ଜାଣି ପାରିଲାନି । ସ୍ୱପ୍ନରେ ସିଏ ଦେଖିଲା, ସତକୁ ସତ ରବି ଓ ତିଲୁଙ୍କର ବିବାହ ଉତ୍ସବରେ ସିଏ ଯୋଗଦେଇଛି । ତିଲୁଙ୍କୁ ସିଏ ଓ ଜାହ୍ନବୀ ଅପା ମିଶି ସଜେଇ ଦେଉଛନ୍ତି । ରବି ବରବେଶରେ ଅତି ସୁନ୍ଦର ଦିଶୁଛନ୍ତି । ପଦ୍ମା ମୁଗ୍ଧ ଦୃଷ୍ଟିରେ ତାଙ୍କୁ ଚାହିଁ ରହିଛି ।

ପଦ୍ମାର ନିଦୁଆ ମୁହଁରେ ସ୍ମିତହାସ୍ୟ ପ୍ରକଟିତ ହେଉଥିଲା । ରାତି ପାହି ଯାଇଥିଲା । ସକାଳ ସୂର୍ଯ୍ୟର ସୁନେଲି ଆଭା ଝରକା ଭିତର ଦେଇ ଘରସାରା ବିଚ୍ଛୁରିତ ହେଉଥିଲା । କିଏ ଜଣେ କବାଟ ଖଟଖଟ କରି ଜାହ୍ନବୀକୁ ଉଠି ଗାଧୋଇଯିବା ପାଇଁ ଡାକୁଥିଲେ । ଜାହ୍ନବୀର ନିଦ ଭାଙ୍ଗିଗଲା । ପଦ୍ମାର ନିଦୁଆ ମୁହଁରେ ଏମିତି ହସ ଦେଖି ଜାହ୍ନବୀ ଚମତ୍କୃତ ହୋଇ ତାକୁ ଚାହିଁ ରହିଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସମାଜ

କାର୍ତ୍ତିକ ପାଣିଗ୍ରାହୀ

କଣ ଏହି ସମାଜ....
କାହାକୁ ନେଇ ଏ ସମାଜ....
ଅଣ ଅବା ଏ ସମାଜର ସଂଜ୍ଞା...?
ସମସ୍ତଙ୍କର ଏଇ ସମାଜକୁ ନେଇ ଅଭିଯୋଗ
ସତରେ କଣ ସମାଜ ବଦଳ ଯାଇଛି
ନା ସମାଜର ଦ୍ୱାହି ଦେଇ ଆମେ
ଆମେ ଆମକୁ ବଦଳାଇବାର
ବାହାନା ଖୋଜୁଛି....?
କାହିଁ ସେମିତି କଛି ବି ତ ଲାଗୁନ...
ଆଜି ବି ସୂର୍ଯ୍ୟ ପୂର୍ବ ଦିଗରେ ହିଁ ଉଦୟ ହେଉଛି
ଆଜି ବି ପ୍ରକୃତି ବକ୍ଷରେ
ଛଅ ଋତୁର ହିଁ ଗ୍ୱଜୁତି ଗ୍ୱଲିଛି....
ଆଜି ବି ନଦୀର ପ୍ରବାହ ନମ୍ନମୁଖୀ ହିଁ ରହିଛି
ଆଜି ବି ସାଗରର ଉତ୍ତାଲ ଲହରୀ
ବେଳାଭୂମୀରେ ମଥାପିଟି ଲେଉଟି ଯାଉଛି
ଆଜି ବି ନାରୀ ଗର୍ଭରୁ ହିଁ
ନୂତନ ଜୀବନଟି ଜନ୍ମ ନେଉଛି....
ତା ହେଲେ ତମେ କୁହ ତ
ସମୟ ବଦଳଛି କୋଉଠି....?
ସବୁବେଳେ ଅମେ ସମାଜକୁ ହିଁ ଦୋଷ ଦେଉ,
ଥରେ ଭ୍ୱବିଦେଖ ତ....
ସବୁଦୋଷ କଣ ଏକା ସମାଜର
ଆମର କଣ କଛି ବି ଭୂମିକା ନାହିଁ....?

ସମାଜର ଅରାଜକତା ପାଇଁ
ଆମେ କଣ ଉତ୍ତରଦାୟୀ ନୋହୁଁ....?
ତଥାକଥିତ ବଡପଣ୍ଡା ମାନଙ୍କର
ସ୍ୱେଚ୍ଛାଚାରିତା ପଛରେ କଣ
ଆମ ମାନଙ୍କର ପ୍ରଚ୍ଛନ୍ନ ହାତ ନାହିଁ....?
ବଢି ଚାଲୁଥିବା ଦୁଷ୍କର୍ମ ଦୁର୍ନୀତି ପଛରେ କଣ
ଆମ ମାନଙ୍କ କାପୁରୁଷପଣିଆ ଦାୟୀ ନୁହଁ...?
କେବଳ ସମାଜକୁ ଦୋଷ ଦେବା ବଦଳରେ
ଆମେ କେବେ ଚନ୍ତା କରିଛନ୍ତି ଯେ
ଆମେ ସମାଜକୁ ଦେଇଛନ୍ତି କଣ....
ଆମେ ଏକଥା କାହିଁକି ଭୁଲି ଯାଉଛି ଯେ
ସମାଜ ମଣିଷ ମନର
ଅବଚେତନ ଅବସ୍ଥାର
ଏକ ଆଇନା ମାତ୍ର...! !
ସବୁ କଛି ସେମିତି ହିଁ ଚାଲିଛି
ଯେମିତି ଚାଲି ଆସୁଥିଲା ଆବାହମାନ କାଳରୁ
କେବଳ ବଦଳ ଯାଇଛି ଆମମାନଙ୍କର
ନୈତିକତାର ପୃଷ୍ଠଭୂମୀ.....
ଆଉ ସେଥିପାଇଁ ଆମେ ହିଁ ଦାୟୀ....



ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# କ୍ଷୁଦ୍ର ଜୀବଟିଏ ମୁଁ



ଜୟକୃଷ୍ଣ ମେହେର

ସୁବିଶାଳ ବିଶ୍ୱ ବ୍ରହ୍ମାଣ୍ଡର
ଅତି ନଗଣ୍ୟ ଚଳମାନ
ଧୂଳିକଣା ବିନ୍ଦୁ ସମ
କ୍ଷୁଦ୍ର ଜୀବଟିଏ ମୁଁ... ।

ଲମ୍ବା ସମୟ ଇତିହାସର
ପାଣି ଫୋଟକା ସମ ବଞ୍ଚି
ଅସଂଖ୍ୟ ସ୍ୱପ୍ନ ଦେଖୁଥିବା
କ୍ଷୁଦ୍ର ଜୀବଟିଏ ମୁଁ.... ।



ନିଜର ଅସ୍ତିତ୍ୱ ଓ ସତ୍ତା କୁ
ବୁଝି ପାରୁ ନଥିବା
ମନୁଷ୍ୟ ନାମରେ ନାମିତ
କ୍ଷୁଦ୍ର ଜୀବଟିଏ ମୁଁ... ।

ତଥାପି ବିଶ୍ୱ ବ୍ରହ୍ମାଣ୍ଡର
ଇତିହାସକୁ ପରିବର୍ତ୍ତିତ କରି
ନିଜର କାୟା ବିସ୍ତାର କରୁଥିବା
କ୍ଷୁଦ୍ର ଜୀବଟିଏ ମୁଁ....
କ୍ଷୁଦ୍ର ଜୀବଟିଏ ମୁଁ.... ।

ଗୋହିରାପଦର, ବଲାଙ୍ଗୀର

ବେଦାନ୍ତୀ

# ବାପା



ସାଗରିକା ମହାନ୍ତି

ତୁମ ଆବର୍ତ୍ତମାନରେ ହଜାଇ ଦେଇ ନାହିଁ ମୁଁ ନିଜକୁ ।
କେଉଁ ଏକ ଅଲଣା ସାଗରରେ ଦ୍ରବିଭୂତ ହେଇନି ମୋ ସଂସ୍କାର ।

ପ୍ରତିଦ୍ୱନ୍ଦୀ ସାଜିନି ମୁଁ କାହାର,
ତଥାପି ଜୀବନ ଯୁଦ୍ଧ ରେ ଆହତ ହେଇଛି ମୁଁ ବାରମ୍ବାର ।

ଆଟୋପର ଘୁର୍ଣ୍ଣିବାତ୍ୟା ରେ ଧୁସରିତ ହେଇନି ମୋ ମନ ।
ତଥାପି ବତ୍ସଲ୍ୟର ହରଣ ଗୁଣନ ରେ ଛିଡି ଯାଇଛି ମୋ ସମ୍ପର୍କର ଆସନ ।

ଜାଣେ ମୁଁ ,
ତୁମ ମୃତ୍ୟୁ କେବେ ବଦଳେଇ ଦେଇ ପାରିନି ମୋ ଜୀବନର ଚର୍ଚ୍ଚରିତ ପଥକୁ ।
ଉତ୍ତର ଦେଇପାରିନି ,
ମୋ ଶୂନ୍ୟ ଆଖିକୁ ,
ନିରବି ଯାଇଥିବା ମୋ ଅଳି
ଅର୍ଦ୍ଧଳିକୁ ।
ବାକି ରହିଯାଇଥିବା ମୋ ପିଲାଦିନକୁ ।

ତଥାପି ମୁଁ ଧୈର୍ଯ୍ୟ ଧରି ରହିଛି।

ଆଜି ମଧ୍ଧ ଆବୋରି ବସିଛି,

ଲିଭି ଆସୁଥିବା ତୁମ ଆକାଶ ଦ୍ୱୀପକୁ

ଅସ୍ଥିରତା, ସରଳତା, ଚପଳତାର ବିର୍ୱଟ ଏକ ପଟୁଆର ନେଇ,
ଆଡରୁଷା ହେଇ ବସି ରହିଛ,

ଆଜି ବି ମୁଁ ନଇ ପଠା ଆମ୍ବ ତୋଟାରେ ,

ବାପା ତୁମେ ଫେରିବ କ ? ? ?

ନବୀ ମୁମ୍ବାଇ, ମହାର୍ାଷ୍ଟ୍ର

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ଏକକ



ସୁଧାଂଶୁ ଦ୍ୱିବେଦୀ

ତୁମେ କଣ ଗ୍ଭହିଁ କଣ ପାଇଁ ଏମିତି ପ୍ରତିକ୍ଷଣରେ ମୋ ପାଖକୁ ପାଖେଇ ଆସୁଛ? ତୁମକୁ ବାରମ୍ବାର ମନା କଲେ ବି ତୁମେ ଯେତେ ଶୀଘ୍ର ପାର ମୋତେ ଛାଡି ଗ୍ଭଲିଯାଅ । ମୁଁ ତୁମକୁ ଘୃଣା କରେ ।

ଏଇମିତି ଅନେକ ପ୍ରଶ୍ନ ପଗ୍ଭରି ଗ୍ଭଲିଥାଏ ବିଜି ସ୍ୱଭାବିକ୍ ଭାବେ । ହେଲେ ସେ ଯେ କାହାକୁ ଏମିତି ପ୍ରଶ୍ନ ପଗ୍ଭରି ଗ୍ଭଲିଥିଲା କାହାକୁ ଘୃଣା କରୁଥିଲା, କାହାର ଆସିବାକୁ ସେ ସହ୍ୟ କରିପାରୁ ନଥିଲା, କେବଳ ସେ ହିଁ ଜାଣିଥିଲା । ଏତେବଡ ପ୍ରକୋଷ୍ଠ ଭିତରେ ସେ ସଂପୂର୍ଣ୍ଣ ଏକା । ହେଲେ ଏମିତି ପାଗଳଭଳ ଏଣୁତେଣୁ ଗପୁଛି କାହା ସହିତ! ସମସ୍ତଙ୍କ ଅଲକ୍ଷ୍ୟରେ ଅଜାଣତରେ କବା ଅଜ୍ଞାତରେ ସେ କଣ ଜଣେ ସାଥିଟିଏ ବାଛି ତା ଆକାଶଚୁମ୍ବୀ ପ୍ରାସାଦ ମଧ୍ୟରେ ଲୁଗ୍ଭଇ ରଖିଛି?

ବିଜି ଯାହାକୁ ଘୃଣାକରେ ଯାହାର ଆସିବାକୁ ସେ ସହ୍ୟ କରିପାରେନା ଯାହାକୁ ପ୍ରତିମୁହୂର୍ତ୍ତରେ ସେ କେବଳ ପ୍ରଶ୍ନ ପରେ ପ୍ରଶ୍ନ ପଗ୍ଭରି ଗ୍ଭଲେ ସେ ସିନା ତାକୁ ଭଲ ପାଏନ, ହେଲେ ସେ ବିଜି ପାଇଁ ପାଗଳ । ବିଜିକୁ ସେ ଜମ୍ମା ଛାଡିପାରିବନ । ବିଜି ଯେତେ ମନା କଲେ ବି ସେ ନିଶ୍ଚୟ ତା ପାଖକୁ ଆସିବ । ସେ ଆସିବନତ ଆଉ କଏ ଅଛି ତା ଦୁଃଖ ଯନ୍ତ୍ରଣା ଜର୍ଜରିତ ହୃଦୟରେ ଶାନ୍ତି ଲେପିବାକୁ! ତା ସହିତ ମନ ଖୋଲି ଦୁଇପଦ ମିଠା କଥା କହି ବୁଝେଇ ଦେବାକୁ! ବିଜିର ବାରମ୍ବାର ଅସ୍ୱୀକାର ସତ୍ତ୍ୱେ ସେ ଆସିବ । ତା ଆସିବାଟା ସତ୍ୟ- ସନାତନ ।

ସେ ଆଉ କେହି ନୁହେଁ ସେ ହିଁ ବିଜିର ପ୍ରେମିକ, ସ୍ୱାମୀ ସହୋଦର, ସଖା, ବନ୍ଧୁ, କୁଟୁମ୍ବ, ସବୁକଛି। ସେ ସଭିଙ୍କ ପାଖରେ ଥାଏ। ସଭିଙ୍କ ପାଇଁ ସେ କେବେ କେବେ ଖୁବ୍ ଦରକାରରେ ଆସେ। ପୃଥିବୀର ପ୍ରତ୍ୟେକ ମଣିଷଙ୍କ ନକଟକୁ ସେ ଯାଏ। ସଭିଙ୍କ ଦୁଃଖରେ ସମଦୁଃଖୀ ହୋଇ ଅନେକ ସାନ୍ତ୍ୱନା ଦିଏ। ହେଲେ କଏ ତାକୁ ଧରି ରଖିପାରେ ତ ପୁଣି କଏତା ଠାରୁ ସଂପୂର୍ଣ୍ଣ ସ୍ୱାଭିବିକ ଭାବେ ଦୂରେଇ ରହେ। ମାତ୍ର ବିଜିକୁ ସେ ଆଦୌ ଭୁଲିପାରେନ। ବିଜି ତାକୁ ପରୋକ୍ଷରେ ଯେତେ ଅନାଦର କଲେ ବି ପ୍ରତ୍ୟକ୍ଷରେ ତା ଲାଗି ତା କୋହ ସବୁ କୁହୂଳ ଉଠେ। ସେ ଆଉ କେହି ନୁହେଁ ସେ ହେଉଛି ବିଜନ।

ସେଦିନ ବିଜି ଆଖିର ଲୁହ ତାର ଅତି ନକଟକୁ ଟାଣି ଆଣିଥିଲା। ଯାହାକ ବିଜି ନକଟରେ ବିଜନ ସେଇଦିନୁ ବନ୍ଧା ପଡିଯାଇଛି। ବିଜିର ଦୁଃଖ ଥିଲା ତା ଅତୀତରେ ଘଟିଯାଇଥିବା କାହାଣୀ ସେ କାହାକୁ ଶୁଣେଇବ? ହେଲେ କଏ ଶୁଣିବ? କଏବା ସେ କାହାଣୀକୁ ଶୁଣି ବିଶ୍ୱାସ କରିବ? ଏମିତି ସ୍ଥିର- ଅସ୍ଥିର ଚିନ୍ତାରେ ସେ କେବଳ ନଜ ଆଖିର ଲୁହରେ ଭିଜୁଥିଲା ଆଉ ଭିଜି ଭିଜି ନରାଶ୍ରୟ ହୋଇ ଯାଉଥିବା ବେଳେ ଆଗେଇ ଆସିଥିଲା ବିଜନ।

ବିଜନ ତାକୁ କହିଥିଲା ବିଜି ତୁମ କଥା କେହି ଶୁଣିବାକୁ ତୁମ ପାଖରେ ନଥିଲେ ବି ମୁଁ ଅଛି। ତୁମ କଥା ମୁଁ ସବୁ ଶୁଣିବି। ତୁମେ ଯେତେ ବଖାଣିବ ମୁଁ କେବେବି ବିରକ୍ତ ହେବିନ। ତୁମେ କେବଳ କହିଚାଲ।

ଅତୀତଟା ତା ପାଇଁ ଦରଦମୟ ହୋଇଥିଲେ ବି ବିଜନକୁ ଆପଣାର କରି କଛି କହିବାକୁ ଆରମ୍ଭ କରିଥିଲା ସେ.... ବାପା, ମା ର ସେ ଥିଲା ବଡ ଝିଅ। ଚାରିଜଣ ଭାଇ ଭଉଣୀ ଭିତରେ ସେ ଖୁବ ଭଲ ପଢୁଥିଲା ବୋଲି ବାପା କେବଳ ତାହାରି ନାଁ ଭିତରେ ହଜିଥିଲେ ବୋଧେ। ମା ମଧ ଠିକ୍ ବାପାଙ୍କ ଭଳ। ଭାଇ, ଭଉଣୀମାନେ ମଧ ତଦ୍ରୂପ। ସବୁକଥା ଅପାକୁ ନପଚାରି ସେକେବେ କଛି କରନ୍ତି ନାହିଁ। ବଡ ଭଉଣୀ ହିସାବରେ ବିଜି ମଧ ସେମାନଙ୍କ ପ୍ରତି କର୍ତ୍ତବ୍ୟରେ ଅବହେଳା କରେନ।

ଏମିତି ଗଡିଗ୍ଲିଥିଲା ସମୟ ସବୁ । ସତକୁ ସତ ବିଜି ବହୁତ ପାଠ ପଢିଲା । ବଡ ଗ୍ରକରୀ କଲା । ସାନ ଭାଇ ଭଉଣୀଙ୍କୁ ପାଠ ପଢାଇ ମଣିଷ କଲା । ହେଲେ ସଭିଙ୍କୁ ସୁଖ ବାଣ୍ଟି ସାରିବା ପରେ ନିଜକୁ କେବଳ ଦୁଃଖ ଭିତରେ ହଜେଇ ଦେଲା । ଆଉ ଦିନେ ତା ଜୀବନ ଭିତରକୁ ଝଡ ମାଡି ଆସିଲା । ହଠାତ୍ ଯାହା ପାଇଁ ସେ ଅମାନିଆ ପରଜାପତି ପରି ଖାଲି ଏ ଫୁଲରୁ ସେ ଫୁଲକୁ ଉଡି ବୁଲୁଥିଲା, ଧର୍‌କୁ ସର୍ ବୋଲି ମନେ ହେଉଥିଲା । ଦୁଃଖ କଣ ସେ ଅନୁଭବ କରିନଥିଲା । ଶେଷରେ ସେ ବି ତାକୁ ଛାଡି ଆରପୁରକୁ ଗ୍ଲିଗଲେ । ବାପାଙ୍କ ଯିବା ପରେ ତାକୁ ପୃଥିବୀଟା କେମିତି ନିଃସ୍ୱ ଲାଗିଲା । ତଥାପି ନିଜ ମା ର ଅଶ୍ରୁଳ ମୁହଁରୁ ଲୁହ ପୋଛି ନିଜେ ନୀଳକଣ୍ଠ ସାଜିଥିଲା । ଭାବିଥିଲା ବାପା ଗଲେ ବି ମା ତ ଅଛି । ଏଇମିତି ମନକୁ ବୁଝେଇ ଅଳ୍ପ ଦିନ କଟେଇଛି କି ନା ପୁଣି ବିଶ୍ୱନିୟନ୍ତା ତାକୁ ଅନ୍ୟ ଏକ ଝଡର ସମ୍ମୁଖୀନ କରିବାକୁ ବାଧ କଲେ । ବୋଧହୁଏ ଭଗବାନ ଯାହାକୁ ଦୁଃଖ ଦିଅନ୍ତି ତା ପାଇଁ ଦୁଃଖର ପସରା ମେଲାଉଥାନ୍ତି । ଆଉ ସେଥିପାଇଁ ବାପା ଯିବାର ଠିକ୍ ପନ୍ଦର ଦିନ ଅନ୍ତେ ମା ମଧ ତାକୁ ଏକାକୀ କରି ଗ୍ଲିଗଲେ ।

ତାପରେ ତା ଭାବନାରେ ଅଧାୟ ସୃଷ୍ଟି କରିଥିଲେ ସରକାରୀ ପ୍ରାପ୍ତ ବିଶ୍ୱ ବିଦ୍ୟାଳୟ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ । ସେ ହୁଏତ କେବଳେ ନିଜ ସ୍ୱାର୍ଥ ହାସଲ କରିବା ଅଭିପ୍ସାରେ ତା ଜୀବନ ପରିଧି ମଧ୍ୟକୁ ପଶିଆସି ଥିଲେ । ଟୋପାଏ ସିନ୍ଦୁର ଆଉ ଦୁଇପଟ ଶଂଖା ଦେଇ ତାକୁ ସମାଜର ଗୋଟିଏ ଚରିତ୍ରରୁ ଅନ୍ୟ ଗୋଟିଏ ଚରିତ୍ରକୁ ଟାଣି ନେଇଥିଲେ ।

ସେଦିନ ଅଫିସରୁ ଫେରିବା ବାଟରେ ଦେଖା ହୋଇଥିଲା ବହୁ ଦିନର ପୁରୁଣା ସାଥୀ ବିବେକ ସହିତ । ବିବେକକୁ ଦେଖିଲା ପରେ ବିଜି ଯେମିତି ନୂଆ ଜୀବନ ପାଇଥିଲା । ଅତୀତଟାକୁ ଭୁଲିବାକୁ ପ୍ରୟାସ କରୁଥିବା ବେଳେ ବିବେକ ପୁଣି କଛି ପୁରୁଣା ସ୍ମୃତି ଖଞ୍ଜି ଦେଇଥିଲା । ଗପୁ ଗପୁ କେତେବେଳେ ରାତି ୯ଟା ବାଜି ଯାଇଛି ଦୁହିଁଙ୍କୁ ଜଣାନଥିଲା । ତରବରରେ ଘଣ୍ଟାକୁ ଦେଖି ବସିବା ସ୍ଥାନରୁ ଉଠି ପଡିଥିଲା ସେ । ଏତେ ରାତିରେ ଏକା ଯିବାଟା ବିବେକ ପସନ୍ଦ ନକରିବାରୁ ଗାଡିରେ ତାକୁ ବସେଇ ଘର ପାଖେ ଛାଡିଥିଲା । ଘରେ

ପଢ଼ୁଥିବା ବେଳକୁ ବିଶ୍ୱଜିତ୍ ଘୁମାଇଥିଲେ। ଟେବୁଲ ଉପରେ ଲ୍ୟାମ୍ପଟିଏ ଜାଳି କଣ ଗୁଡିଏ ଲେଖୁଥିଲେ। ଅବଶ୍ୟ ବିଜି ସେଦିନ ଭୟ ପାଇଯାଇଥିଲା ବିଶ୍ୱଜିତ୍ ଙ୍କ ମୁହଁକୁ ଦେଖି। କଛି କଥାବାର୍ତ୍ତା ନକରି କେବଳଏତିକ କହିଥିଲେ, ମୁଁ ଖାଇନେଇଛି, ମୋତେ ବିରକ୍ତ କରିବ ନାହିଁ, ଶୋଉଛି। ତା ପରଦିନ ସେ ଗାଡି ଧରିବାହାରି ଯାଇଥିଲେ। କୁଆଡେ ଯିବେ? କଣ କରିବେ? ବିଜିକୁ କଛି କହି ନଥିଲେ। ବିଜି ମଧ୍ୟ ଅଫିସକୁ ଚାଲିଯାଇଥିଲା । ତାକୁ କାହିଁକ ସେଦିନ ଖାଲି କାନ୍ଦ ଲାଗୁଥିଲା। ଆପେ ଆପେ ତା ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଢି ପଡୁଥିଲା। ୪ଟା ବେଳେ ଆସି ଦେଖେତ ଟେବୁଲ ଉପରେ କଣ ଗୋଟିଏ ପଡିଛି ତାକୁ ଟେକ ଦେଖିଲା ବିଶ୍ୱଜିତ ତାକୁ ଛାଡପତ୍ର ଦେଇଥିବା ସାର୍ଟିଫିକେଟ ସହିତ ଚିଠିଟିଏ ଲେଖିଦେଇ ଯାଇଛନ୍ତି।

"ବିଜି, ମୁଁ ତୁମକୁ ଦୁଃଖ ଦେବାକୁ ଚାହେଁନା। ଏଇଥିପାଇଁ କେବଳ ନଜର କରିଥିଲି ତୁମକୁ ସବୁ ପ୍ରକାର ଶାନ୍ତିରେ ରଖିବି। ହେଲେ ତୁମେ ତ ମୋତେ ପାଇ ଖୁସି ନୁହଁ। ତାଛଡା ତୁମର ଜଣେ ପୁରୁଣା ପ୍ରେମିକ ଅଛି ଜାଣି ନଥିଲି। ସେ ଏଯାଏ ବି ବିବାହ କରିନ। ଦୟାକରି ତୁମେ ତା ପାଖକୁ ଚାଲିଯିବ। ବାସ୍, ଏତିକ ପଢିସାରିଲା ବେଳକୁ ତା ପାଦ ତଳର ପୃଥିବୀଟା ଯେମିତି ଦୋହଲି ଯାଉଥିଲା। ଆଉ ସେ ଏକମୁହାଁ ବାହାରି ଆସିଥିଲା ପୂର୍ବ ପରିଚିତି ତା ବାପାଙ୍କ ଅର୍ଜିତ ଭୂସଂପତିରେ ନର୍ମିତ ତ୍ରିତଳ ପ୍ରାସାଦକୁ ସେହି ଦିନଠାରୁ ସମସ୍ତେ ତା ଠାରୁ ଦୂରେଇ ଯାଇଛନ୍ତି। ସେ କେବଳ ଏକା ଆଉ ଏକା। ସାଥି ଭାବେ ବାଛି ନେଇଛି ବିଜନକୁ। ଆଉ ତା ପାଖରେ ପଢି ଚାଲିଛି ତା ଜୀବନର ଅତୀତ ପୃଷ୍ଠା..... ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩। ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ।

# ତୁମ ବିନା ....



ପୁଷ୍ପିତା ଭୂୟାଁ

ଜୀବନ ସଂଗ୍ରାମେ ହାରିଛି ଆଜି ମୁଁ
ଆଉ ନ ପାରଇ ଚାଲି,
ତୁମ ବିନା ପଥ ଦିଶେ ଅନ୍ଧାର
କେମିତି ଆଗକୁ ଯିବି ।
ତୁମେ ଥିଲ୍ ବେଳେ
ସବୁ ରାସ୍ତା ମୋର,
ଥିଲ୍ କେତେ ସହଜ ସୁଗମ
ନ ଥିଲ୍ ତ କଛି ଦୁର୍ଗମ ।
ଆସୁଥିଲ୍ ଯେତେ ବାଧା ବିଘ୍ନ ତହିଁ
ପାରି କରୁ ଥିଲି ନ କରି ସୋଚନା।
ଭାବୁ ଥିଲି ତୁମେ ଅଛ ଆଗେ ମୋର
ଆସୁ ଯେତେ ତହିଁ ଝଡ ଝଞ୍ଜା।

ଏବେ ଯହିଁ ଦେଖେ ପାଏନ ତୁମକୁ
ଚଉଦିଗ ଦିଶେ ଖାଲି ଅନ୍ଧାର,
କେଉଁ ଆଡେ ଯିବି କେଉଁଠି ରହିବି
ତୁମ ବିନା ସବୁ ବେରଙ୍ଗ ।
କେତେ ପଥ ଆଉ ଚାଲିବାକୁ ଅଛି
ତୁମ ବିନା ଆଜି ଜାଣେନା,
ବଞ୍ଚିଥିବା ଯାଏ ଜୀଇଁବାକୁ ହେବ
ପ୍ରଭୁ ପାଦେ କରେ ପ୍ରାର୍ଥନା ।
ଆହେ ଦୟା ମୟ ବିଶ୍ୱର ନାୟକ
ଦିଅ ବାରେ ମୋତେ ଶକତି,
ମୋ ଜୀବନ ତରୀ ବୁହାଇ ନିଅ ହେ
କରେ ମୁଁ ତୁମକୁ ଗୁହାରୀ ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା।

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମୁଁ ଓ ମୋର ନୀରବତା




ସିପ୍ରା ନାମତା

ଏମିତି ଏକ ଶୂନ୍ୟ ବଳୟ ର ଚତୁଃର୍ପାଶ୍ୱରେ
କଛି ନୂତନତା ର ଆଶା ନେଇ,
ପ୍ରତି ଟି ରାତି ପାହି ସକାଳ ହୁଏ ମୋର
ଉଦିତ ସୂର୍ଯ୍ୟ ର କଅଁଳ କରଣ ରେ,
ପ୍ରଖର ରୌଦ୍ରତେଜ ରେ ଦିନ ଦ୍ୱି ପ୍ରହର
ଆଉ ଅପରାହ୍ନ ପରେ ନଇଁ ଆସୁଥିବା
ସଞ୍ଜ ର ମୃଦୁ ସମୀର ......
କେମିତି ଅଲଗା ଦିଶେ ନଶା ଯାମିନୀ ରେ
ନୀଳ ଆକାଶ ର ରଙ୍ଗ
ତୋଫା ଜହ୍ନ ର ରୂପ ଲୋଭୀଲା ଲୋଭୀଲା
ମିଟି ମିଟି ତାରା ର ଆଖି ର ଇଶାରା ରେ,
ମୋ ଭିତରେ ଧସେଇ ପଶିଆସେ
ଅନେକ ଖାମ ଖିଆଲ ତରଙ୍ଗ ର ଲହଡି
ପିଟିହୁଏ ଯାଇ ମାନବିକତା ର କାନ୍ଥ ରେ
ଗଭୀର ଆର୍ତ୍ତନାଦ କରିଉଠେ ଆତ୍ମା,
କେତେ ଅସହାୟ ଆଉ ସ୍ଥାଣୁ ସତେ
ମୁଁ ଆଉ ମୋର ଏ ନୀରବତା

* * * * * * * * * *

ମୋ ଆଖିର ପାଣି ମୋତେ ଲୁଣିଆ
ପରିବର୍ତ୍ତେ ଲାଗେ ସ୍ୱାଦ ହୀନ
ହୃଦୟ ର ଗତି ଲାଗେ ଛନ୍ଦ ହୀନ
ସତେ ଅବା ମଣିଷ ର ବ୍ୟକ୍ତିତ୍ୱ ବିକାରଗ୍ରସ୍ତ
ପାଗଳ ର ସ୍ପନ୍ଦନଶୂନ୍ୟ ଜୀବନ,
ପାଣିଚଆ ଲାଗେ, ସବୁ ଶାସ୍ତ୍ର ପୁରାଣ ର ଆଦର୍ଶ
ଫିକା ପଡେ ମାନବୀୟ ଭାବଧାରା ର ପ୍ରଚାର
ଦାର୍ଶନିକ ଙ୍କ ର ଜୀବନ ଦର୍ଶନ
ବୁଦ୍ଧିଜୀବୀ ଙ୍କ ର ସ୍ୱତନ୍ତ୍ର ବିଚାର
ଲେଖକ ର କଲମ ର ଆନ୍ଦୋଳନ,
ଯେବେ ଦେଖେ ସାମାଜିକ ଅବୈଧ ବନ୍ଧନ
ମାନବିକତା ର ମୃତ୍ୟୁ, ବିଜୟୀ ପାଶବିକତା
ଅର୍ଦ୍ଧ ଦଗ୍ଧ ଚଳନ୍ତି ଲାସ ଠାରୁ ଅଧିକ ଭୟଙ୍କର,
ସବୁ ଦେଖି ନିଶୁଚୁପ ଓ ନିଥର ହୋଇ ବସିଥାଏ
ମୁଁ ଆଉ ମୋର ଏ ନୀରବତା ।



* * * * * * * * * * *

ଆତ୍ମା ରୁ ଛଳନା ର ବର୍ମ ଖୋଲିଯାଏ ଯେବେ
ସ୍ତମ୍ଭୀଭୂତ ହୋଇଯାଏ ସୃଷ୍ଟି ସେ,
ଦାନବ ର ହୁଙ୍କାର ରେ
ଯିଏ ଖାଲି ଚିରିପାରେ, ବିଦାରି ପାରେ
ନଖ ମୁନେ, କରିପାରେ ଦନ୍ତକ୍ଷତ କଅଁଳ ଦେହରେ
ଦେଇପାରେ ଅଶେଷ ଯନ୍ତ୍ରଣା,
ସେତେବେଳେ ବି ମୋ ଭିତରେ ଅଶେଷ କୁଣ୍ଠା

ସେ ହୋଇପାରେ ମୋ ଅତି ନିଜର

ଜାୟା, ଜନନୀ, ଭଗିନୀ ଅବା ଦୁହିତା ......

କିଛି କରିବା ଦରକାର ନାହିଁ

ଏ ହା - ହୋଲ୍ଲା ମାତ୍ର କ୍ଷଣକ ପାଇଁ

କେଇଟା ମୁହୂର୍ତ୍ତରେ ଅପସରିଯିବ

ତଥାକଥିତ ଜୀବନଚର୍ଯ୍ୟା ପୁଣି ଗ୍ଭଲିବ

ଏବଂ ହେଉଥିବ ପୁନରାବୃତ୍ତି ସେ କଳଙ୍କିତ

ଅଧ୍ୟାୟ ର ଅଙ୍କାବଙ୍କା ରାସ୍ତା ,

ସବୁ ବୁଝି ସବୁ ଜାଣି ସହିଯାଉଥିବା

ନିର୍ଲଜ କ୍ଲୀବତ୍ୱ ରେ ଆବଦ୍ଧ

ମୁଁ ଆଉ ମୋର ଏ ନୀରବତା ।

* * * * * * * * * * * * *

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

ବେଦାନ୍ତୀର ଆଗାମୀ ସଂଖ୍ୟା ଜୁନ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ମଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /

editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ବାସ୍ତବ ସତ୍ୟ



ପ୍ରବୀଣ କୁମାର କବି

ଜୀବ ର ଉପଲବ୍ଧି ସେତେବେଳେ ସାର୍ଥକ ହୁଏ ଯେତେବେଳେ ତାର ବିଚାରରେ ସକାରାତ୍ମକତା ଓ ସୃଜନାତ୍ମକତା ସାମିଲ୍ ହୁଏ ଏବଂ ଜୀବ ର ଉପଲବ୍ଧି ସେତେବେଳେ ନିରର୍ଥକ ଓ ମୂଲ୍ୟହୀନ ମନେହୁଏ ଯେତେବେଳେ ତାର ଚିନ୍ତା, ଚେତନାରେ ନକାରାତ୍ମକ ଚିନ୍ତାଧାରା ପ୍ରବେଶ କରେ। ନକାରାତ୍ମକ ଚେତନାର ପ୍ରଭାବରେ ଜୀବ ଷଡରିପୁ ର ମାୟାଜାଲ ରୂପକ ବନ୍ଧନରେ ବାନ୍ଧିହୋଇପଡ଼େ ଏବଂ ଅଜ୍ଞାନତାର ଅନ୍ଧକାର ଆଡକୁ ଧାବମାନ ହୁଏ। ସେତେବେଳେ ସେ ତାର ପ୍ରତିଟି ଛୋଟଛୋଟ ବିଚ୍ୟୁତି ପାଇଁ ଭଗବାନଙ୍କୁ ଦୋଷୀ ମାନିଥାଏ। ପ୍ରତ୍ୟେକ ଘଟଣା, ଦୁର୍ଘଟଣାର, ଘାତ ପ୍ରତିଘାତ ର କାରଣ ଭଗବାନ ବୋଲି ଯୁକ୍ତି ବାଢ଼ିଥାଏ। କିନ୍ତୁ ବାସ୍ତବରେ ଜୀବନରେ ଏପରି କୌଣସି ଘଟଣା, ଦୁର୍ଘଟଣା ଥାଇନପାରେ ଯାହାର ଅବଦାନ ଜୀବନରେ ନଥାଏ। ଜୀବନର ପ୍ରତ୍ୟେକଟି ଘଟଣା, ଦୁର୍ଘଟଣା ପଛରେ ଏକ ଅନ୍ତର୍ନିହିତ ସତ୍ୟ ଲୁଚି ରହିଥାଏ, ଏକ ସନ୍ଦେଶ ଲୁଚି ରହିଥାଏ ଯାହା ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥାଏ। ଯେଉଁମାନେ ସେ ଅନ୍ତର୍ନିହିତ ସନ୍ଦେଶଟିକୁ ଉପଲବ୍ଧି କରିପାରନ୍ତି ସେମାନେ ଜୀବନରୁପି ନୌକାକୁ ତାଙ୍କର ଜ୍ଞାନ, ଭକ୍ତି, ସଂସ୍କାର, ସୁକର୍ମର ଆହୁଲାମାରି ପାରିହୋଇଯାନ୍ତି ଏବଂ ଯେଉଁମାନେ ସେ ସନ୍ଦେଶ କୁ ଉପଲବ୍ଧି କରିପାରନ୍ତି ନାହିଁ ସେମାନେ କେବଳ ଭଗବାନଙ୍କୁ ଦୋଷ ଦେଇଥାନ୍ତି।

ଥରେ ଜଙ୍ଗଲରେ ଶିକାରୀ ଜନ୍ତୁଙ୍କ ଦ୍ୱାରା ଠେକୁଆମାନଙ୍କ ଉପରେ ଏକ ବଡଧରଣର ଆକ୍ରମଣ ହେଲା। ଆକ୍ରମଣର ପରଦିନ ଠେକୁଆମାନଙ୍କର ଏକ ସଭା ଡକାଗଲା। ସମସ୍ତେ ନିଜନିଜର ପୀଡା ବ୍ୟକ୍ତକରିବା ଏଇ ସଭାର ଉଦ୍ଦେଶ୍ୟ ଥିଲା। ସଭାରେ ଖାଦ୍ୟର ଅଭାବରୁ ଆରମ୍ଭ କରି ଶିକାରୀ ପଶୁମାନଙ୍କ ଦ୍ୱାରା ଆକ୍ରମଣ କରାଯିବା ଆଦି ଅନେକ୍ ବିଷୟରେ ଆଲୋଚନା ହେଲା। ଶେଷରେ ଏହି ନିଷ୍କର୍ଷ ବାହାରିଲା ଯେ ସେମାନଙ୍କ ବ୍ୟଥାର ମୂଳକାରଣ

ହେଉଛନ୍ତି ବିଧାତା, ଯିଏ ସେମାନଙ୍କୁ ଏତେ ଛୋଟ, ଦୁର୍ବଳ, କରିଛନ୍ତି ଯଦ୍ୱାରା ସେମାନଙ୍କୁ ନିରୀହ ମାନେକରାଯାଉଛି ଏବଂ ଆକ୍ରମଣ କରାଯାଉଛି। ସମସ୍ତେ ବିଧାତାଙ୍କୁ ଦୋଷଦେବା ସହ ତାଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟିକଲେ।

ଶେଷରେ ସମସ୍ତେ ନିଷ୍ପତ୍ତି ନେଲେ ଯେ ଏଭଳି ପରିସ୍ଥିତିରେ ସାମୁହିକ ଆତ୍ମହତ୍ୟା ବ୍ୟତିତ ଅନ୍ୟ କୌଣସି ବିକଳ୍ପ ବାକିନାହିଁ। ଏହି ସଂକଳ୍ପ ସହିତ ସମସ୍ତେ ପୋଖରୀରେ ବୁଡ଼ି ମରିବା ପାଇଁ ଚାଲିଲେ। ଠିକ୍ ସେଇସମୟରେ ପୋଖରୀ କୂଳରେ ବେଙ୍ଗମାନେ ବସିଥିଲେ, ସେମାନେ ଠେକୁଆମାନଙ୍କୁ ଦେଖି ଭୟରେ ପଳେଇଗଲେ।

ଏକଥା ଦେଖି ଠେକୁଆମାନେ ସେମାନଙ୍କ ଭୁଲ ବୁଝିପାରିଲେ ଏବଂ ଏହି ବାସ୍ତବ ସତ୍ୟକୁ ଉପଲବ୍ଧି କଲେ କି ଏ ସଂସାରରେ ସେମାନଙ୍କଠାରୁ ଦୁର୍ବଳ ଅନେକ ଜୀବ ଅଛନ୍ତି ଯେଉଁମାନେ ସେମାନଙ୍କଠାରୁ ମଧ୍ୟ ଛୋଟ, ଦୁର୍ବଳ ଏବଂ ଅସହାୟ ଅଟନ୍ତି । ବିଧାତା ଏଇ ଦୁର୍ଘଟଣା ଅନ୍ତରାଳେ ସେମାନଙ୍କୁ ଏଇ ସନ୍ଦେଶଟି ଦେବାକୁ ଚାହୁଁଥିଲେ।

ତେଣୁ ପାଠକେ, ଆମେ ଜୀବନରେ ଘଟୁଥିବା ପ୍ରତ୍ୟେକଟି ଘଟଣା, ଦୁର୍ଘଟଣା, ଘାତ, ପ୍ରତିଘାତରେ ଅଧୈର୍ଯ୍ୟ ନହୋଇ ତାର ଅନ୍ତରାଳେ ଭଗବାନ ପଠେଇଥିବା ସେଇ ଅନ୍ତର୍ନିହିତ ସନ୍ଦେଶଟିକୁ ଖୋଜିବା ଆବଶ୍ୟକ ଏବଂ ଜୀବନର ବିଷମ ପରିସ୍ଥିତିଗୁଡିକରେ ଭଗବାନଙ୍କୁ ଗାଳିଦେବା ପରିବର୍ତ୍ତେ ସେହିସବୁ ବିଶେଷତା ଉପରେ ଗର୍ବକରିବା ଦରକାର, ଯେଉଁଥିରେ ସୁସଜିତ କରି ଭଗବାନ ଆମମାନଙ୍କୁ ଏଇ ପୃଥିବୀପୃଷ୍ଠକୁ ପଠାଇଛନ୍ତି।।

ସମ୍ପାଦକ, "ବଣମଲ୍ଲୀ", ଆନନ୍ଦପୁର, କେନ୍ଦୁଝର



# ଇତିହାସ



ଫିରୋଜ କୁମାର ପଟେଲ

ଘଡେ ବିତିଗଲେ
ବଦଲି ଯିବା ଭୂଗୋଲ
ଇତିହାସ ବହିର ଅକ୍ଷର ମାନେ
ମତେ ସୁନା ପାଏନ ପିଏଇ ଦେବେ
ହଇପାରେ.....
କଲ୍ ଅନ୍ଧାରେ ଫିକ ଦେବେ ।

ହଁସବି କ କାନ୍ଦବି ଯେ
ଜୀବନ ବଁଚେଇ କ ଆସିଛେ
ହେଲେ.....
ଲୋକର ଜଙ୍ଗଲେ
ପାଗ ପକେଇ କ ଆସିଛେ ।
ଜାନଛେ ମୋର ଚଲ୍ବାଟେ
ମୋର ପାହାଁଚହ୍ନା ରହିଯିବା
ହେଲେ ବଞ୍ଚିବାର ନାମ କ
ଇଜ୍ଜତ କଲ୍ମର
ବଦନାମ ରହିଯିବା

ଆଏଜ ବିଶ୍ୱାସ ଭିତରେ
ବି ଫୁଟୁଛେ
ଗୁଟେ ଅଲଗା ଅବିଶ୍ୱାସ
କେଜାନେ କାଣା ହେବା;
ମୋର ଇତିହାସ ।

ଅବନକେଲା, ସୁନ୍ଦରଗଡ, ଓଡିଶା

++++

“ବେଦାନ୍ତୀ ପଢନ୍ତୁ ଆଉ ପଢାନ୍ତୁ”

# ଖବର



ରୀତା ଅପରାଜିତା ମହାନ୍ତି

ପବନକୁ ଖବର ଦେଇଥିଲି
ତା ମରିବା କଥା
ଆକାଶ  ପବନ ସବୁଠି ମୁଁ ଦେଖୁଥିଲି ଶୋକର ଛାୟା
ତା ଛିଣ୍ଡା ପଣତ କାନ
ଲେଞ୍ଜରାଲଗା ଲୁହବତୁରା ମୁହଁ ।
କାହିଁ କେତେଦିନୁ ଦେଖିନ ........?
ମୁଁ ବି ଭାବିଲି ସେ ବି ମରିଗଲା
ସମୟର ସୁଅରେ
ଯେମିତି ଆମେ ସମସ୍ତେ ଦିନେ ଚାଲିଯିବୁ
ଖାଲି ମୋ ଅନ୍ତର ରେ
କେତେଟା ସ୍ମୃତି ର ଗାର
ମୁଁ ବୁଝେ ମୋ ଅନ୍ତର ଦହନ
ଆଉ କେହି ନୁହେଁ
ଗାଁ ଦାଣ୍ଡ ଆମ୍ବ ତୋଟା
ସବୁଠି ତା ମୁହଁ ପରି ଦିଶୁଛି
ସେ କଣ ମୋ ଉପରେ
ଚାନ୍ଦ ହେଇ ଆକାଶରେ ବସିଛି
ତା ବିନା ଭାରି ଖାଲି ଲାଗେ
ଜୀବନ ଟା ତା ବାଟ ରେ ଯାଏ
ମୁଁ ଏକା ମୋ ବାଟରେ ଯାଏ
ତଥାପି ବଞ୍ଚିରହିବାକୁ ତ ହେବ।

ସହ ସମ୍ପାଦିକା, ପୁଣ୍ୟତୋୟା ଜାହ୍ନବୀ ସାହିତ୍ୟ ସଂସଦ

# ଶାଗୁଣା ଓ ମିଠା ପାଣି



ରାଜୀବ ଗୋପାଳ ସ୍ୱାଇଁ

ସଂକ୍ଷିପ୍ତ ପରିଚୟ: ରାଜୀବ ଗୋପାଳ ସ୍ୱାଇଁ
ଠିକଣା: ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ- ୭୫୯୧୨୧
ସମ୍ମାନ : ୨୦୦୪ ଭୁବନେଶ୍ୱର ପୁସ୍ତକ ମେଳା( ରବି ପଟ୍ଟନାୟକ ଗଳ୍ପ ସମ୍ମାନ) , ଶ୍ରେଷ୍ଠ ଗଳ୍ପ ୨୦୦୯ ଗଳ୍ପପାଠୋତ୍ସବ, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଓ ଭାରତୀୟ ଜନସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ପ୍ରକାଶିତ ପୁସ୍ତକ: ସତ ସ୍ୱପ୍ନ ର ରାତି( ଗଳ୍ପ ସଂକଳନ) , ସାଗର ପକ୍ଷୀ ( କବିତା ସଂକଳନ)

ସମ୍ବିତ୍ ବହୁ ବର୍ଷ ପରେ ଫେରିଥିଲା ।

ହେଲେ ଯାହା ପାଇଁ ଆତୁର ହୋଇ ଫେରିଥିଲା ସେମାନେ ସବୁ ନଥିଲେ ।

ମନ ହେଉଥିଲା ଉଣା ।

ଗାଁ ରେ ଆଜି ଶେଷ ସନ୍ଧ୍ୟା ।

ପ୍ରାଇମେରୀ ସ୍କୁଲ ର ପଥର କାନ୍ଥ ରେ ପିଠି ନଦି, ସେ ବାରଣ୍ଡା ଉପରେ ହାତ ବୁଲେଇ ଆଣିଲା । ପାଖରେ ବସିଛି ପିଲା ବେଳ ର ସାଙ୍ଗ ମଦନ । ତାକୁ ଚାହିଁ ପଛକୁ ଦୌଡୁଥିଲା ତା'ମନ । ଏମାନଙ୍କ ସହ ବିତିଥିବା ଶହ ଶହ ମଧୁର ଦିନ ଓ ଅସଂଖ୍ୟ ସ୍ୱପ୍ନଭରା ରାତି ମାନଙ୍କୁ କେମିତି ସେ ଭୁଲି ପାରିବ ?

xxx xxx xxx xxx xxx

- ମଦନ ଶୋଷ ଲାଗିଲାଣି, ମୁନ୍ଦେ ପାଣି ପିଇବା କୁ ମନ ହେଉଛି ।

- ଚାଲ୍ ।

ମଦନ ର ଆଗକୁ ବଢୁଥିବା ପାଦ ଆଉ ବିଦ୍ୟାଳୟ ର ମୁଖ୍ୟ ଫାଟକ ର ବାମ ପଟକୁ ସିମେଣ୍ଟ ବେଢ଼ା ଥିବା ନଳକୂଅ ଟିଏ । ସେଇଠି ସେ ଠିଆ ହୋଇ ହ୍ୟାଣ୍ଡଲ ମାରିଗଲିଲା, ସମ୍ବିତ୍ ଅଂଜୁଳୀ ଭର୍ତ୍ତି ପାଣି ନିଜ ମୁହଁ ଉପରେ ଛାଟି ଢକ ଢକ କରି ପିଇ ଗଲା । ମୁହଁ ରେ ତା'ର ଆତ୍ମତୃପ୍ତି ବଦଳରେ କେମିତି ଗୋଟେ କମୁତକମାକାର ଚେହେରା ।

ଗାଁ ଭିତରେ ସେ ଗୁରି ପାଖେ ନଳ ପାଣି ଦେଖିଛି । ପ୍ରାୟ ଘରେ ଏବେ ନଳକୂଅ ହେଲାଣି। ହେଲେ ଏଇ ସ୍କୁଲ କୂଅ ର ମିଠା ପାଣି ସେ କୋଉଠୁ ପାଇଲାନ ।

ଖରାଦିନ ଗ୍ରୀଷ୍ମ ନୀ ରାତି କ ଶୀତ ସଞ୍ଜ ର ହାଡଥରା ଶୀତ ରେ ସେ ଏଇ ଗାଁର ରମଣୀଙ୍କୁ, ଏଇ ସ୍କୁଲ କୂଅ ରୁ ପାଣି ନେବା ଦେଖିଛି । କିନ୍ତୁ ଏବେ ବଦଳି ଯାଇଛି ସମୟ । ବୋଧହୁଏ ଏଇ ସ୍କୁଲ କୂଅ ଆଡକୁ ଆଉ କେହି ଆସନ୍ତିନାହିଁ ।

ଆଉରି ଦୁଃଖୀ ହୋଇ ପଡୁଥିଲା ସମ୍ବିତ୍ । ସେଇ କୂଅ ର ପାଣି ମୁନ୍ଦେ ପିଇବାକୁ ମନ ।

- ମଦନ ଟିକେ ପଛ ପାଖକୁ ଯିବା ।

xxx xxx xxx xxx xxx

ପଛ ପାଖଟା ଅରମା ଆଉ ନାନା ଜାତି ଅନାବନା ଗଛରେ ପରିପୂର୍ଣ୍ଣ । ତଥାପି କୂଅ ଟି ବାରି ହୋଇ ପଡୁଛି ।

ଏଇ ସେଇଠି ଲାଗୁଥିଲା ତେଣ୍ଡା । ଗୁରି ପାଖେ ପୂରି ଉଠୁଥିଲା ଫୁଲ ଫଳ ର ବଗିଚା । ହସ ହସ ଲାଗୁଥିଲା ଏଇ ବିଦ୍ୟାଳୟ । କେତେ ପ୍ରଶଂସା ଅଜାଡି ହୋଇ ପଡୁଥିଲା । ପିଲା ଆଉ ଶିକ୍ଷକମାନଙ୍କୁ ନେଇ ଗୋଟେ ଅନନ୍ୟ ଅଭିନ୍ନ ପରିବାର ଥିଲା ଏଇଠି ।

- ଆରେ ମଦନ! ଏଇ କୂଅ ଉପରେ, ଏଇ ସିମେଣ୍ଟ ଛାତ ଟା କେବେ ପଡ଼ିଲା?

- ଆଉ କଣ ୟା'ପାଣି ବ୍ୟବହାର ହେଉଛି!! ଏଠିକି ଏବେ କେହି ଆସନ୍ତିନାହିଁ । କେବଳ କୂଅ ପୋତା ଯାଏନାହିଁ ବୋଲି ତା'ଉପରେ ଏ ସିମେଣ୍ଟ ଚଟାଣ ।

- କନ୍ତୁ କାହିଁକ ? ? ଯୋଉ କୂଅ ର ପାଣି କୁ ଗଙ୍ଗା ବୋଲି ଆମେ କହୁଥିଲେ ସେଇ କୂଅ ଟା ସ୍ୱତା ସ୍ୱତି ଅଛୁବ ହେଲା କେମିତି ?

xxx xxx xxx

- ହଁ ଅଛୁବ ପାଲଟିଛି । ଏ ପାଣି ରେ ଦିଶୁନ ଆଉ, ଗାଁ ସ୍ୱମଣୀ ର ମୁହଁ । କାଳେ ପିଲାଏଁ ଗଳ ପଡିବେ ବୋଲି, ବିଦ୍ୟାଳୟ କମିଟି ତିଆରିଛି ଏ' ଚଉତସ୍ୱ ।

- ପରି, କାହିଁକ..ତୋତେ ତ ସେଇ କଥା ପସ୍ୱରୁଛି ? ?

- ଶାଗୁଣା ତ ଦେଖିଥିବୁ ?

ସମ୍ବିତ୍ ଆଷ୍ଚର୍ଯ୍ୟ ହେଲା - ଶାଗୁଣା ...!!!

- ଠିକ୍ ଶୁଣିଛୁ ଶାଗୁଣା । ଯାହାକୁ ଆମେ ଗିର୍ଦ୍ଧ ବୋଲି କହନ୍ତି, ସେଇ ଶାଗୁଣା । ପିଲା ବେଳେ ତା'କୁ ଦେଖିଲେ ଡର ରେ ଲୁଚୁଥିଲେ ଆମେ ।

ମନେ ପକାଉଥିଲା ସମ୍ବିତ୍ ।ତାକୁ କଣ ସହଜ ରେ ଭୁଲି ହେବ ?

ଏଇ ବିଦ୍ୟାଳୟ ସ୍ୱରି ପାଖକୁ ଲାଗି ଉଚ୍ଚା ଉଚ୍ଚା ତାଳ ଗଛ ସବୁ । ସେଇ ତାଳ ଗଛ ଗୁଡାକ ଥିଲା ସେମାନଙ୍କର ଆଶ୍ରୟସ୍ଥଳୀ । ପ୍ରାୟତଃ ସନ୍ଧ୍ୟା ପୂର୍ବରୁ ଫେରି ଆସୁଥିବା ସେଇ ବିସ୍ୱଟକାୟ ଜୀବ ଗୁଡାକ ର ଶବ୍ଦ ଓ ଉଡାଣ ଆମ ପରି କୋମଳମତି ପିଲାମାନଙ୍କୁ ଭୟଭୀତ କରୁଥିଲା ନଷ୍ଚୟ ।

ଘରେ ଅଝଟିଆ କ ଦୁଷ୍ଟ ହେଲେ, ଆମ ପାଇଁ ସେମାନଙ୍କୁ ଦେଖାଇ ଡର ତିଆରୁ ଥିଲା ପରିବାର । ଦୂର ରୁ ସେଗୁଡିକ ର ଅଦ୍ଭୁତ ଥଣ୍ଟ, ବେକ ପାଖରେ ଥିବା ଧଳା ଲୋମଶ ବଳୟ ରେ ସେମାନେ ଭୟାନକ ଦିଶୁଥିଲେ ଓ ସେମାନଙ୍କ ର ଉଡାଣ ସଂସ୍ୱରୁଥିଲା ଭିତି।

xxx xxx xxx

ବିଦ୍ୟାଳୟ ପଛପଟେ ଗାଁ ର ଏକମାତ୍ର ଅଛୁଆ ପରିବାର ରହୁଥିଲା । ଗାଁ ର ପର୍ବ ପର୍ବାଣୀ, ଯାନୀ ଯାତ୍ରା, ଭଲ ମନ୍ଦ, ବାହାଘର ବଡପଣ ରେ ସେଇ ପରିବାର ର ମୁଖ୍ୟ ଶୁଲିଆ, ବାଇଦ ବଜାଏ ।

ସେଇ ଶ୍ରମ ବଦଳରେ ଘର ଘର ବୁଲି ଶୁଲିଆ ର ବୁଢ଼ୀ ଦୁର୍ଗାବତୀ ପିଠା, ପଣା କ ଧାନ, ଚାଉଳ ମାଗିନଏ । ଗାଁ ରେ ଗୋରୁ ମଡ଼ା ପଡିଲେ ପାଖ ଗାଁ ରୁ ନିଜ ସ୍ୱଜାତି ଲୋକବାକ ଆଣି ମଡ଼ା ଉଠାଏ ଶୁଲିଆ ।

ସେଇ ମଡ଼ା ବିଦ୍ୟାଳୟର ପଛ ପାଖ ପଡିଆ ରେ କଟାହୁଏ । ନିଜ ଖାଇବା ପାଇଁ ସେମାନେ ସବୁ ବାଣ୍ଟି କୁଣ୍ଟି ନେଇଯାʼନ୍ତି ।

ମିଳଥିବା ସିଂହ ଭାଗ ରୁ ଅନେକାଂଶ ପଟିଆ ରେ ଶୁଖୁଆ ପରି ଶୁଖାଇଦିଏ ଦୁର୍ଗାବତୀ ।

ମଡ଼ା ଦିନ ଶୁଲିଆ କ ତା ଲୋକ କମ୍ପା ଦୁର୍ଗାବତୀ ର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଶାଗୁଣା ପଲ ପାଇଁ ସେଇ ମାଂସ ର ଅଂଶ ଭୋଗ୍ୟ ହୁଏ ।

ସେ ଦିନ ବିଦ୍ୟାଳୟ ର ଆଖ ପାଖରେ ବି ଗୋରୁ ମାଂସ ରୁ କିଛି ଅଂଶ ଏମିତି ବିଛାଡ଼ି ପଡେ ।

ଘୃଣା ସତ୍ତ୍ୱେ ଅସହାୟତା ର ଆବରଣ ରେ ଆଚ୍ଛାଦିତ ଧାର୍ମିକ ଭାବନା ସେଦିନ ନିପିଡିତ ଆଉ ନିଷ୍ପେସିତ ହୋଇ ବିଳପି ବିଳପି କାନ୍ଦୁଥାନ୍ତି ।

ଶୁଲିଆ କୁ ଗାଳି ଓ ଶାଗୁଣା ମାନଙ୍କୁ ବିଷ ଦେଇ ମାରିବାର ଚକ୍ରାନ୍ତ ହୁଏ । କିନ୍ତୁ ସମୟ ସହିତ ସେ ସବୁ ଭାବନା ଶୂନ୍ୟ ରେ ମିଳେଇ ଯାʼନ୍ତି ।

xxx xxx xxx xxx

ସମ୍ବିତ୍ ର ମନେଅଛି । ସେଇ ସମୟ ରୁ ହିଁ ସେ ଛାଡିଥିଲା ଗାଁ ।

ବାପା ଙ୍କ ର ବଦଳ ଓ ତା'ର ପାଠ ପଢା କୁ ଆଖି ଆଗରେ ରଖି ବାପା ନେଇଥିଲେ ଏ' ନିଷ୍ପତ୍ତି । ତା'ଙ୍କ ସହିତ ସମ୍ବିତ୍ ର ରହିବା ଓ ପଢ଼ିବା ସ୍ଥାନ ବଦଳିଥିଲା । ଗାଁ ପରି ପାଣି ରେ ରହିଆସିଥିବା ତା'ପରି ମାଛ ଟିଏ କିଛିଦିନ ଅଣନିଃଶ୍ୱାସୀ ହୋଇଥିଲା ସିନା, ପରେ କିନ୍ତୁ ହୋଇ ଯାଇଥିଲା ଅଭ୍ୟସ୍ତ ।

ଏହାପରେ ଗାଁ କୁ ଖୁବ୍ କମ୍ ସମୟ ପାଇଁ ଫେରିଥିଲା ସମ୍ବିତ୍ । ପଢା ଓ ନିଜ ପରିଚୟ ପାଇଁ ଗ୍ଲିଥିବା ସଂଘର୍ଷ ଭିତରେ ଗାଁ କୁ ଫେରିବା ର ପଥ ହୋଇଯାଉଥିଲା ସଂକୀର୍ଣ୍ଣ ।

xxx xxx xxx xxx xxx

- କିନ୍ତୁ ସେଇ ସବୁ ଶାଗୁଣା, କାହିଁ କୋଉଠି ବି ତ ଦେଖିପାରିଲି ନାହିଁ ?

ଦୀର୍ଘଶ୍ୱାସ ଛାଡିଲା ମଦନ - ସେମାନେ ସବୁ ଶୁନ୍ୟ ରେ ମିଳେଇ ଗଲା ପରି ମିଳେଇ ଗଲେ। ଆଉ ଗୋଟେ ହେଲେ ବି ଦିଶୁ ନାହାନ୍ତି।

- କଣ ହୋଇଥିଲା ? ?

- କେତେଜଣ କହିଲେ ଗୋରୁ ମାଂସ ଏପାଖ ସେପାଖ ଫିଙ୍ଗିବାରୁ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଷ ଦେଇଦେଲେ । ଆଉ କେତେ କହିଲେ ଶାଗୁଣା ମଡକ ପଡିଛି, କେତେକ ଶୁଲିଆ କୁ ଦୋଷ ଦେଲେ । ଶୁଲିଆ କୁଆଡେ ଏଗୁଡାକ ପ୍ରତି ଅତିଷ୍ଠ ହୋଇଯାଇଥିଲା । ସେ'ହିଁ କିଛି କରିଥିବ।

ସମ୍ବିତ୍ କିନ୍ତୁ ସ୍ଥିର ହୋଇଯାଉଥିଲା । ତା'ର ମାନେପଡୁଥିଲା କେଉଁ ଏକ ବିଜ୍ଞାନ ଭିତ୍ତିକ ପତ୍ରିକା ରେ କେବେ ଦିନେ ପଢିଥିବା ଅନୁସନ୍ଧାନ ମୂଳକ ସଂନ୍ଦର୍ଭ ର କଥା ।

ଶାଗୁଣା ଗୁଡାକ ଲୋପ ପାଇବାକୁ ବସିଲେଣି । ସେହି ଲୋପ ପାଇବା ପଛରେ ମଣିଷ ର ନିକୃଷ୍ଟ ମାନସିକତା ରହିଛି । ଗାଇ କେମିତି ଅଧିକ କ୍ଷୀର ଦେବ, ସେଥିପାଇଁ ଗାଇ କୁ

ଦିଆ ଯାଉଥିବା ଇଞ୍ଜେକ୍ସନ ହିଁ ଶାଗୁଣା ମୃତ୍ୟୁ ର କାରଣ ଭିତରୁ ପ୍ରଧାନ କାରଣ, ଆଉ ଗୋଟେ ହେଲା ମଣିଷ ବ୍ୟବହାର କରୁଥିବା ଡାଇକ୍ଲୋଫେନାକ ଔଷଧ।

ବାଃ ! ଆମର ସାମାଜିକ ବ୍ୟବସ୍ଥା ବି ଅଜବ । ଆମ ଆବଶ୍ୟକତା ସମୁଦ୍ର ର ଶୋଷ ଠୁଁ ବି ତୀବ୍ର । ହୃଦୟ ରେ କେବଳ ଆଉ କେବଳ ନିଜ ଚିନ୍ତା । ପ୍ରକୃତି ଓ ପ୍ରତିଦାନ ର ଶବ୍ଦ ମାନେ ଧୀରେ ଧୀରେ ଦୁର୍ବଳ ହେଉଛନ୍ତି ।

ହିନ୍ଦୁମାନେ ଗାଈ କୁ ମାଆ ବୋଲି ବିବେଚନା କରନ୍ତି । ହିନ୍ଦୁମାନଙ୍କ ଭିତରେ କେତେକ ନିର୍ଦ୍ଦିଷ୍ଟ ଜାତି ବୋଲି କୁହାଯାଉଥିବା ଲୋକ ହିଁ ସେଇ ମଢ଼ା କୁ ଉଠାନ୍ତି, ତା'ର ମାଂସ ବ୍ୟବହାର କରନ୍ତି ନଚେତ୍ ତାହା କୁକୁର କି ଶାଗୁଣା ଙ୍କ ଭୋଗ୍ୟ ହୁଏ । ଶୁଲିଆ ସେଇ ଜାତିର ଲୋକ ଅଥଚ ସେ ହିନ୍ଦୁ ।

ସବୁ କିଛି ପରେ ବି ଶୁଲିଆ ର ଏକମାତ୍ର ବଂଶଜ ତା'ଝିଅ ଏବେ ସେଇ ଏକା ସ୍ଥାନରେ ରହୁଛି । ଘର ଜୋଇଁଆ କରିଛି ଶୁଲିଆ । ଆଜି ସେ ସିନା ନାହିଁ , ହେଲେ ତାର ସବୁ କାମ କରିବା ପାଇଁ ଲୋକ ଅଛନ୍ତି । ବ୍ୟବସ୍ଥା ରେ ସେମିତି କିଛି ବିଶେଷ ଧାରଣ ର ପରିବର୍ତ୍ତନ ଆସିନାହିଁ ।

xxx xxx xxx xxx

- ମଦନ ! ତୁ ମୋତେ ସବୁ କଥା ସତ ସତ କରି ପ୍ରାଞ୍ଜଳ ଭାବରେ ବୁଝେଇ କି କହ। କଣ ସେ ଶାଗୁଣା ର ରହସ୍ୟ ଆଉ କୂଅ ର ମିଠା ପାଣି ଟା ଅପବିତ୍ର ହେଲା କେମିତି ?

- ଥରେ ଦୁଇଥର ଲୋକମାନେ ଗୋରୁ ମାଂସ କୂଅ ଭିତରୁ ପାଇଲେ । ଦୁର୍ଗନ୍ଧ ରେ ଫାଟିପଡୁଥିଲା ନାକ । ସେଇ ସମୟରେ କୌଣସି ମଢ଼ା କଟାଯାଇନଥିଲା । ଲୋକ ଙ୍କ ସନ୍ଦେହ ସିଧା ସଳଖ ଶୁଲିଆ ଉପର କୁ ଗଲା । ଦୁର୍ଗାବତୀ ର ଶୁଖୁଆ ଇଏ ....ଆଉ ଏଇଟା ତା ଚକ୍ରାନ୍ତ ।

ବିଦ୍ୟାଳୟ ଆଖପାଖ ରେ ଆଉ କୌଣସି କୂଅ ନାହିଁ । ଏଇଟା ରୁ ଦୁର୍ଗାବତୀ ବି ପାଣି ନିଏ। ତା ନିଜ ଦଉଡି, କିନ୍ତୁ ଗାଁ ର ସବୁ ଘରକୁ ପାଣି ବୁହା ସରିଲେ...ତା'ପାଳ ପଡେ ।

ଲୋକ ଙ୍କ ପାଇଁ ଏଇ କୂଅ ଟା ଗଙ୍ଗା ଠୁଁ କମ୍ ନଥିଲା । ତା ପାଣି ବିନା ହେଉନଥିଲା ଗୋଷେଇ । ଶୋଷ ବେଳେ ତୃଷାର୍ତ୍ତ କୁ ପ୍ରକୃତ ସନ୍ତୋଷ ଏଇ କୂଅ ହିଁ ଦେଇପାରୁଥିଲା । ସେଇ ବିଶେଷତ୍ତ୍ୱ ନେଇ ଲୋକ ଙ୍କ ର ଆବଶ୍ୟକତା ବଢ଼ିଥିଲା ସିନା କମିନଥିଲା ଆଦୌ । ଧାଡି ସରିଲା ବେଳକୁ ବିବ୍ରତ ହେଇ ପଡୁଥିଲା ଦୁର୍ଗାବତୀ । ବେଳେ ବେଳେ ମୁନ୍ଦେ ପାଣି ପାଇଁ ନେହୁରା ହେଉଥିଲା ସିଏ ।

ତଥାପି ଏହା ଥିଲା ସାତ ସପନ । କେତେ ଥର ଖାସ୍ ଏଇଥି ପାଇଁ ଶୁଲିଆ ବାସନ କୁସନ ଫିଙ୍ଗା ଫୋପାଡା କରୁଥିଲା । କିନ୍ତୁ ଦୁହେଁ ଥିଲେ ଲାଗ୍ଚର ।

xxx xxx xxx xxx

ସେଇ ସମୟରେ କୂଅ ଭିତରେ ମିଳଥିଲା ଗୋରୁ ମାଂସ । ଉଝାଳା ହୋଇଥିଲା କୂଅ ଟା ଯାକର ପାଣି । ପୁନଃ ପ୍ରତିଷ୍ଠା କରାଯାଇ ବ୍ରାହ୍ମଣ ମାନଙ୍କୁ ଖୋଇବା ପରେ ଭୋଗ ବଣ୍ଟା ଯାଇଥିଲା । ସାକ୍ଷାତ ଗଙ୍ଗା ଜଳ କୂଅ ପାଣିରେ ପକାଇ ପବିତ୍ର କଲା ପରେ, ସମସ୍ତେ ଆଉଥରେ ପାଣି ବ୍ୟବହାର ଆରମ୍ଭ କଲେ ।

ଦୁର୍ଗାବତୀ ପ୍ରତି ଆଉରି ରୁକ୍ଷ ହୋଇଯାଇଥିଲା ମନୋଭାବ । ଆଗ ଅପେକ୍ଷା ଆଉରି କମ୍ ସୁଯୋଗ ମିଳଥିଲା ପାଣି ନେବାକୁ । ପାଖରେ ଥିବା ନାଳ ରେ ଚୁଆ କରି ଘଣ୍ଟା ଘଣ୍ଟା ପରେ ଦୁଇ ଯୋଡ଼ା ପାଣି ନେଉଥିଲା ଦୁର୍ଗାବତୀ । ସ୍ତ୍ରୀ ର ଦୁଃଖ ଦେଖି ଗାଁ ପଞ୍ଚାୟତ ରେ କଥା ପକାଇଲା ଶୁଲିଆ, ହେଲେ ସମସ୍ତେ ହସ ରେ ଉଡେଇ ଦେଲେ କଥା ଟା । ଗୁମ୍ ସୁମ୍ ହୋଇଗଲା ଶୁଲିଆ । ସତେ ଯେମିତି ସେ ବଞ୍ଚିବାର ଅଧିକାର ହରେଇଛି ।

ତାର ଠିକ୍ କେଇ ଦିନ ପରେ ଗୋଟେ ମଲା ଶାଗୁଣା କୂଅ ପାଣି ରେ ଭାସୁଥିବାର ଦେଖିବାକୁ ମିଳଲା । ଯେମିତି କି ଶାଗୁଣା ଟା ପ୍ରତିବାଦ କରିଛି !! ଏଥର ଆଉ ପ୍ରତିଷ୍ଠା ର ଆଶା ନଥିଲା । ଶାଗୁଣା ର ମୃତ୍ୟୁ ସହିତ ଗଙ୍ଗା ପରି ପାଣି ଦେଉଥିବା କୂଅ ଟା କୁ ପଡିଥିବା ଡଗର ରାସ୍ତା ଟି ସବୁଦିନ ପାଇଁ ବନ୍ଦ ହୋଇଗଲା ।

ହସ ହସ ଦିଶିଲା ଶୁଲିଆ। ପ୍ରଫୁଲ୍ଲିତ ହେଲା ଦୁର୍ଗାବତୀ । ଗାଁ ର ନ୍ୟାୟ ନିଶାପ ବିନା ପ୍ରମାଣ ରେ ବେକାର ଗଲା ।

କୂଅ ଟା କେବଳ ଆଉ କେବଳ ହେଲା ଶୁଲିଆ ର । ସତେ ଯେମିତି କୂଅ ବି ପାଲଟି ଯାଇଥିଲା ଅସବର୍ଣ୍ଣ !!

ଚୁପ୍ ଚାପ୍ ଶୁଣୁଥିଲା ସମ୍ବିତ୍ ।

- ଏବେ ନଳ କୂଅ ହେବା ପରେ କୂଅ ଛାଡି ନଳ କୂଅ ରୁ ପାଣି ଖାଉଛି ଶୁଲିଆ ର ପରିବାର । ଏ ଆଡକୁ ବିଶେଷ କେହି ଆସନ୍ତି ନାହିଁ। କାରଣ ଗାଁ ରେ ନଳ ପାଣି ଆଉ ଘରେ ଘରେ କୂଅ ହେଇଗଲାଣି ।

- ଭାଇ ବଦଳ ଗଲାଣି ସମୟ ।

ସମ୍ବିତ୍ ନଜର ସମ୍ବିତ୍ ଫେରି ପାଇବା କୁ ଚେଷ୍ଟା କରୁଥିଲା ।

କାରଣ ତା ପାଇଁ ହଜିଯାଇଥିଲା ତା ଗାଁ ର ମହକ, ଯା' ପାଇଁ ସେ ଦୌଡ଼ି ଆସିଥିଲା ସୁଦୂର ବିଦେଶ ମାଟିରୁ । ଆଉ ମିଠା ପାଣି ଟା ଅସ୍ପୃଶ୍ୟ ହେବା ଭିତରେ ଶାଗୁଣା ର ମୃତ୍ୟୁ ରହସ୍ୟ ଟା ଗୋପନୀୟ ରହିଗଲା ପରି ତା'ହୃଦୟ ତଳେ ବଢ଼ି ଗ୍ଲଲିଥିଲା ରହସ୍ୟ ର ଘନ କଳା କୁହୁଡ଼ି ।

ଭଗ୍ନ ପ୍ରାସାଦ ର କୋଠରୀ ପରେ କୋଠରୀ ପାରି ହେବା ପରି ରହସ୍ୟ ପିଛା କରୁଥିଲା ଅତୀତ କୁ....

କରୁଣ ହୋଇଗଲା ସମ୍ବିତ୍ ର କଣ୍ଠ - ମଦନ !! ଚାଲ୍ .....ଥରେ ହେଲେବି ଫେରିଯିବା ପଛ କୁ ....

ଚମକୁ ଥିଲା ମଦନ ।

ମାତୃକୁଟୀର, କୁରୁଣ୍ଟି, ମେରାମଣ୍ଡଳୀ, ଢେଙ୍କାନାଳ



# ଅଭିଳାଷା

ରାଜଶେଖର "ଚମା"

କେବେ ହେବ ଜନ୍ମ ସାର୍ଥକ
ଦୈନନ୍ଦିନ ଜୀବନ ପ୍ରଣାଳୀ ଲାଗୁଛି ନିରର୍ଥକ ।
ପ୍ରତ୍ୟେହ ଏକ ପ୍ରକାର କ୍ରିୟା,
ଅନନ୍ତି ଲାଗୁଛି ଏହି ପ୍ରକ୍ରିୟା ।
ଖୋଜୁଛି ଏକ ମନୋରମ ସ୍ଥଳ,
ଝରୁଥିବ ଯେଉଁଠି ନିର୍ମଳ ନିର୍ଝର ଜଳ ।
ଥାଆନ୍ତୁ ମୋ ପାଖରେ ଦୁଇ ଗାଈ,
ଦିନ କଟି ଯାଉ ପ୍ରଣୟ ଗୀତ ଗାଇ ଗାଇ ।
ନିବାସର ଚାରିପଟେ ଅନେକାନେକ ତରୁଲତା,
ନିତ୍ୟେ ପଢା ଯାଉଥିବ ଯେଉଁଠି ଭଗବଦ୍ ଗୀତା ।
ଆଶା ପହଞ୍ଚିବାକୁ ଆକାଶ,
ସତ ହେଲେ ମିଳିବ ନିଜକୁ ପ୍ରକାଶ ।
ଦେଇ ପାରିବି ବିଦ୍ୟାର୍ଥୀଙ୍କୁ ଶିକ୍ଷା,
ଯାହା ମୋର ବହୁଦିନ ର ଆକାଂକ୍ଷା ।
କ୍ଷୀଣ ହେଲାଣି ସାମାଜିକ ବ୍ୟବହାର,
ସବୁ କହିଛି ତ ମିଛ ମାୟା ସଂସାର ।

ସବୁଠୁ ଶ୍ରେଷ୍ଠ ସେବା,

ଗୋସେବା ଗୁରୁଜନଙ୍କ ସେବା ।

ରକ୍ତ ବନ୍ଧନ ମାଗୁଛି ପୂରଣ କରିବାକୁ କର୍ତ୍ତବ୍ୟ,

ସନ୍ତତି ହେତୁ କରିବାକୁ ହେବ ନିଜ ଜୀବନର ବ୍ୟୟ ।

ମନଃଶାନ୍ତି ପାଇଁ କରୁଛି ଅପେକ୍ଷା,

ଅଭିଳାଷା ପୂର୍ତ୍ତି ଲାଗି କରୁଛି ପ୍ରତୀକ୍ଷା ।

ମନରେ ଅଛି ଅନେକ ଅଭିଳାଷା,

କରିହେବନି ସମସ୍ତଙ୍କର ଯେ ପରିଭାଷା ।

chvrajasekhar@gmail.com

"ବେଦାନ୍ତୀର ଜୁନ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ମଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ଅଭିଳାଷ



ଶୁଭକାନ୍ତ ସାହୁ

ସିନ୍ଦୁର ସାଜିବା ଯଦି ମୋ ଭାଗ୍ୟରେ ନାହିଁ
ଘୁଙ୍ଗୁର ବି କରିଦିଅ ପ୍ରିୟା ମୋତେ,
ମଥା ନ ଛୁଇଁବା ଦୁଃଖ ନାହିଁ ମୋର
ଲାଗିବ ତ ତୁମ ପାଦେ ।
ଆଖିର କଜ୍ଜଳ ହେବିନାହିଁ କାଳେ
ଆଡେଇ ଲାଗିବ ତୁମ ପ୍ରିୟ ପୁରୁଷ,
ଅଳତାରୁ ଧାରେ କରିଦିଅ ହେଲେ
ପଇବି ଟିକେ ମୁଁ ତୁମ ପରଶ ।
ଗଳା ହାର ମୋତେ କରନ କାହିଁ ନା
ମୁଁ ତୁମ ନଜର ନୁହେଁ
ଗଭର ଗଜର୍ କରି ସଜାଇବ
ଚମକବ ତୁମେ ହାଏ !
ଦି ହାତେ ଦିପଟ ଚୁଡିରେ ନ ବାଜେ
ଦି କାନେ ଝୁମୁକା ହେବି
ସୁନ୍ଦରତା ତୁମ ମୋ ଭାଗ୍ୟେ ନ ଥାଉ
ବହୁ ଗୁଣ ବଢାଇବି ।



ଗୋପବନ୍ଧୁ ହାଇସ୍କୁଲ ପୋଲସର୍, ଗଞ୍ଜାମ

# ଅଲୋଡ଼ା ମଣିଷ



ପ୍ରକାଶ ସାହୁ

ରାଜଧାନୀ ର ଉପାନ୍ତ ରେ
ବିରାଟ ଫାଟକ ଦେଇ
ପଶିଗଲା ଗୋଟିଏ ଧଳା ରଙ୍ଗ କାର
ଅପ୍ରୀତିକର ଇଞ୍ଜିନ ର ଶବ୍ଦ
ଅଲୋଡ଼ା ମଣିଷ ଯୋଡିଏ
ଉଠିପଡିଲେ କିଛି ଆଶା ଆଉ ଭାବନା
ବୋଧେ ଆମ କୁ ନେବାକୁ ଆସିଛନ୍ତି
ଆମ ର ଡାକ କାଳଆ କୁ ସୁଭିଛି
ମୁହଁରେ ସ୍ମିତ ହାସ୍ୟ ସହିତ ଭଙ୍ଗା ଝରକା
ସାମ୍ନା ରେ ନିଜକୁ ଠିଆ କଲେ।

ଏମିତି କେତେ ଯେ ଅଲୋଡ଼ା ଯୋଡି
ମାନ ଙ୍କ ର ଏଠି ଆଶ୍ରୟସ୍ଥଳ
ପ୍ରତ୍ୟେକ ଦିନ ମରୁଛନ୍ତି, କେବେ ପୁଣି
ପୁରୁଣା ସ୍ମୃତି କୁ ଜାଗ୍ରତ କରି ବେଦନା
କୁ ଦୁରେଇବାକୁ ଚେଷ୍ଟା ବି କରୁଛନ୍ତି
ପାଇବାକୁ କିଛି ଆଶା ନାହିଁ
ଭାଗ୍ୟ କୁ ଆଦରି ରହିଛନ୍ତି
ଏହି ଜରା ନିବାସ ରେ
ସମାଜ ରହିଛି ମାତ୍ର ଅଳ୍ପ ଦୂରରେ
ନିଜ ଲୋକ ଅଛନ୍ତି କାହିଁ କେତେ ଦୂରରେ

ତଥାପି ଅଲୋଡ଼ା, ଆଖୋଜା ଜୀବନ ନେଇ
ବଞ୍ଚିଛନ୍ତି ଏହି ଦୁନିଆ ଆଖି ରେ

ନିଆଁ କୁ ସାକ୍ଷୀ ରଖି ଦଶ ଦିଗ ପାଳ
ସାମ୍ନା ରେ ଦୁହେଁ ପରସ୍ପର କୁ ନଜର
କରିଥିଲେ
ଅଚିହ୍ନା, ଅଜଣା ମଣିଷ ଯୋଡିଏ ସବୁଦିନ
ପାଇଁ ସମ୍ପର୍କ ଡୋରି ରେ ବାନ୍ଧି ହେଲେ
କିନ୍ତୁ ଯେ ଚିହ୍ନା ଥିଲା,
ଯାହା ର ଶରୀର ପ୍ରସିର ରେ ଗୋଟିଏ
ରକ୍ତ ପ୍ରବାହିତ ସେ କିନ୍ତୁ ସମୟ ଚକ୍ର ରେ
ଅଜଣା ଆଉ ଅଚିହ୍ନା ହୋଇଗଲା।

ସେହି ପୁଅ ପାଇଁ ଆଜି ଏମାନେ
ଅଲୋଡ଼ା ମଣିଷ ଯୋଡିଏ
ଏମିତି ହଠାତ ଭାବୁ ଭାବୁ
"ଏମିତି ଗାଡି ତ ପୁଅ ର ଅଛି
ବୋହୁ କରେ ଚାକିରୀ"
ଦୁଇ ମୁଠା ଦାନା ପାଇଁ ପଡିଛନ୍ତି ସେମାନେ
ବନ୍ଧୁ, ପରିଜନ, ଘର ତୁଚ୍ଛ କରି
କାହାକୁ ନିଜ ରକ୍ତ ବିରୁଦ୍ଧରେ କହିବେ?

ଆଶା ଆଉ ଆକାକ୍ଷ୍ୟା ନେଇ
ଛାତି କୁ ପଥର କରି ଦିନ କବା ଗ୍ରତି
ଅକ୍ଳାନ୍ତ ପରିଶ୍ରମ ରେ ସ୍ୱଳ୍ପ ସଞ୍ଚିତ ଧନ ରେ
ଗଢି ଥିଲେ ଖଣ୍ଡେ ଘର
ପେଟ କୁ ଦାନା ମାରି
ଉଚ୍ଚ ଶିକ୍ଷିତ କର୍ଇଲେ ଶେଷ ରେ
ମୁଣ୍ଡ ଗୁଞ୍ଜିବା ପାଇଁ ମିଳଲ୍ନ ଛପର
ଜର୍ନବାସ ହେଲ୍ ସାର ।

ସେହି ଅଲୋଡ଼ା ମଣିଷ ଯୋଡିଏ ରୁ
ଜଣେ ଥରେ  ବୁଲି ପଛ କୁ ଗ୍ରହୁଁଛି
ଏନ୍ତୁଡ଼ିଶାଳ ର ପ୍ରସବ ବେଦନା
ସେ ସବୁ ଭୁଲିଛି
କଅଁଳଆ ଖର୍ ରେ କୁଆଁ କୁଆଁ ଡାକ
ତା ହାତ ରୁ କାମ ଛଡ଼ାଇଛି ।

ଥୁକୁ ଥୁକୁ ଗ୍ଲି, ଗ୍ରହାଳ ଘର
ପାଠ ପଢା, ଖଣ୍ଡି ସ୍ୱର ରେ ମା ଡାକ
ଧୂଳ ଖେଳ ପରେ ତାଗିଦ
ସବୁ ତାର ମନେ ଅଛି
ଦିଅଁ ଦେବତା କୁ କେତେ ମନାସିଛି
ମଣିଷ କରିବା ପାଇଁ

ରକ୍ତ କୁ ପାଣି କରି ଢାଳଛି
କୁଆଁରୀ ବେଳ କଥା
ନକଟରେ ଛାଡିଥିବା ମା ର କୋଳ
ସବୁ କଛି ତୁଚ୍ଛ କରିଦେଇଛି ସେ
କେବଳ ମା ର କର୍ତ୍ତବ୍ୟ କରିବା ପାଇଁ
ଏସବୁ କେମିତି ଭୁଲିବ ସେ?

କେଉଁଠି ଭୁଲ ରହିଗଲ୍ ଆଉ?
ଆଉ କଣ ବା କରିବାର ବାକଥିଲ୍
କଏ ବୁଝାଇଦେବ ଏହି
ଅଲୋଡ଼ା ମଣିଷ ଯୋଡିଏ ଙ୍କୁ
ଘର ଟି ପୁରି ଉଠିବ
କେତେ ସ୍ୱପ୍ନ ଦେଖିଥିଲ୍ ତାଙ୍କ ଆଖି
ସବୁ କୁ ପାଇଗଲ୍ ପରେ
ସବୁ କଛି ହାରିଛନ୍ତି ।
ଦୁର୍ଦ୍ଦିନ କବାଟ ଆସି ଠକ ଠକ କରି
ପଶି ଆସିଛି ଅଲୋଡ଼ା ମଣିଷ
ର ସୁନା ସଂସାର କୁ ।

ହେଲେ ଆଜି ଜର୍ ନବାସ
ନଜର କରିଛି ଏମାନ ଙ୍କୁ
ତଥାପି ଭଙ୍ଗା ଝରକା ଫାଙ୍କ ରେ
ଅଲୋଡ଼ା ମଣିଷ ଟି ତାକୁ ଖୋଜୁଛି
ତା ଆଖି ପାଇବା ଯାଏଁ ଖୋଜୁଛି

ତା ରକ୍ତ କୁ, କାଳେ ସେ ଆସିଥିବ
ପଛ କୁ ଗୁହିଁଲା ବେଳେ ଦେଖୁଛନ୍ତି ଦୁହେଁ
ଜଗ୍‌ ନବାସ ତାଙ୍କୁ କୋଳେଇ
ନେବା କୁ ସ୍ୱାଗତ କରୁଛି
ଆଉ କହୁଛି ତୁମେ ଏକା ନାହଁ
ମୁଁ ଅଛି ତୁମ ସହିତ, ଦୁନଆ ଆଖି ରେ ତୁମେ
ହୋଇପାର ଅଲୋଡ଼ା କନ୍ତୁ ସେ ମୋ ଆଖି ରେ
ନୁହେଁ ଆମେ ସମସ୍ତେ ଏକ ପରିବାର
ଏଠି ସ୍ନେହ, ମମତା, ପରସ୍ପର ଭଲ ପାଇବା
ସବୁ ଅଛି ଆସ ଫେରିଆସ
ତୁମ ପରି ଅନେକ ଅଲୋଡ଼ା ଯୋଡି
ତୁମ କୁ ଡାକୁଛନ୍ତି କୋଳେଇ ନେବାକୁ...

ଆସ ଫେରି ଆସ.....

ବିଶାଖାପାଟଣା, ତେଲେଙ୍ଗାନା



# ଆମୁର ଫାଲକନର ବିଶ୍ୱ ରାଜଧାନୀ



( ପଂଚମ ଭାଗ )

ଅଶୋକ ବିଶ୍ୱାଳ

ତାପରେ ବହୁତ ଶିଘ୍ର ବହୁତ ଘଟଣାମାନ ଘଟିଗଲା । କଥାଟା ସାରା ବିଶ୍ୱ ଜାଣିନେଲା । ଅନେକ ଦେଶରୁ, ବାହାରୁ ବହୁତ ଲୋକ ପାଙ୍ଗତିକୁ ଆସିଲେ । ସେମାନେ ଆମକୁ ବହୁତ ବୁଝାଇଲେ । ଶିକାରୀମାନେ ତ ମୋଟେ ରାଜି ନଥିଲେ । କିନ୍ତୁ ସେମାନଙ୍କୁ ବୁଝାଗଲା ।- ସେ କହୁଥିଲେ ।

ଆମୁର ଫାଲକନ ବହୁତ ଦୂରରୁ ଉଡି ଆସୁଛନ୍ତି । ଆମରି ଭଳି ସେମାନେ ମଧ୍ୟ ଶିକାରୀ । ତେଣୁ ଏକ ଶିକାରୀ ଆଉ ଜଣେ ଶିକାରୀକୁ ସମ୍ମାନ ଦେବାର କଥା । ଫାଲକନ ଶିକାରୀମାନେ ଯେତେବେଳେ ଏକଥା ଜାଣିଲେ ସେମାନେ ରାଜି ହୋଇଗଲେ ।- ସେ କହୁଥିଲେ । ତାଙ୍କର ମୁହଁର ଭାବ ଏତେ ବେଳକୁ ନରମ ହୋଇଆସିଥିଲା । ସାମାନ୍ୟ ଖର ନିଃଶ୍ୱାସ ନଥିଲା ।

ଆଉ ଏକ ସପ୍ତାହ ତଳେ ଅନେକ ଅନେକ ଆମୁର ଫାଲକନ ଏଠି ଥିଲେ । ଆକାଶ ଆମୁର ଫାଲକନରେ ଭରିଯାଇଥିଲା ।- ସେ କହୁଥିଲେ । ତାଙ୍କର ମୁହଁ ଏବେ ଉଜ୍ଜ୍ୱଳ ହୋଇ ଉଠିଥିଲା । ଆଗରୁ ତାଙ୍କର ମୁହଁ ଆଖି ଜଳଲା ଭଳି ଦେଖା ଯାଉଥିଲା । କିନ୍ତୁ ଏବେକାର ଉତ୍ସାହରେ ମୁହଁ ଉଜ୍ଜ୍ୱଳ ଦେଖା ଯାଉଥିଲା । ମୁହଁରେ ଦ୍ୟୁତି ଥିଲା ।ଦୃଷ୍ଟି ତୀକ୍ଷଣ ନଥିଲା ।

ଆକାଶରେ ଫାଲକନ ମାନେ ଭରି ଯାଇଥିଲା । ନୀଳ କମଳା ଆକାଶରେ ସବୁଆଡେ କଳାଦାଗ । ମେଂଗ୍ଲଏ ଖାଲି ଆକାଶ ଦିଶିବନି । ସେମାନେ ସବୁଆଡେ ଉଡି ବୁଲୁଥିବେ । – ସେ କହୁଥିଲେ

ଏଇଥିପାଇଁ ତ ପାଙ୍ଗତିକୁ ଆମୁର ଫାଲକନର ବିଶ୍ୱ ରାଜଧାନୀ କୁହାଯାଏ । ଏତେ ସଂଖ୍ୟାରେ ଫାଲକନ ବିଶ୍ୱରେ କେଉଁଠି ଏକାଠି ହୁଅନ୍ତି ନାହିଁ ।- ତାଙ୍କ ସ୍ୱରରେ ଖୁସି ବାରି ହେଉଥିଲା ।

ସମସ୍ତଙ୍କ ମୁହଁରେ ଖୁସି ଭରିଥିଲା । ହାତରୁ ରାହା ସରି ଯାଇଥିଲା । ଏତେ ଲୋକ ଆମ ଗାଁକୁ ଆସିଲେ ଆଉ ଆମ ଗାଁର ସମ୍ମାନ ସାରା ଦୁନିଆରେ ଖେଳିଗଲା । ସମସ୍ତେ ପାହାଡ ଭିତରେ ଛପି ରହିଥିବା ଗାଁର କଥା ଜାଣିଲେ । – ସେ ଖୁବ ଖୁସି ଥିଲେ ।

ଶେଷରେ ଶିକାରୀମାନେ ରାଜି ହୋଇଗଲେ । – ସେ ହସୁଥିଲେ । ତାଙ୍କର କଳା ନପଡିଥିବା ଦାନ୍ତ ଦେଖାଯାଉଥିଲା ।

ଫାଲକନ ଶିକାରୀମାନେ ଶେଷରେ ରାଜି ହୋଇଯାଇଥିଲେ । ସେମାନଙ୍କୁ ବୁଝାଇବା କିଛି ସହଜ ନଥିଲା । କିନ୍ତୁ ନିଜ ଗାଁର ପରାକାଷ୍ଠା, ମହତ୍ୱ ଜାଣିଲାପରେ ସେମାନଙ୍କୁ ଗର୍ବ ଲାଗିଲା । ଆମୁର ଫାଲକନ ମାନଙ୍କ ପାଇଁ ସେମାନଙ୍କ ଗାଁ ବିଶ୍ୱ ପ୍ରସିଦ୍ଧ ।

ଶିକାରୀ ମାନଙ୍କୁ ବୁଝାଇବା ଖୁବ କଷ୍ଟ ଥିଲା । ବୁଝିଗଲା ପରେ ସେମାନେ ଆଉ ଶିକାର କରି ନାହାନ୍ତି । ସେମାନେ ନିଜେ ଆମୁର ଫାଲକନ ମାନଙ୍କୁ ବଂଚେଇବା ପାଇଁ ଆଗ୍ରହ ଦେଖାଇଲେ । ସେମାନେ ନିଜର ଏକ ସମିତି ଗଢିଲେ ।

ସେମାନଙ୍କୁ ଖୁବ ଗର୍ବ ଲାଗୁଥିଲା ।- ସେ ଏବେ ଶାନ୍ତ ଭାବେ କହୁଥିଲେ ।

ଏକ ଲଢେଇ ପରେ ଶାନ୍ତି ଆସେ । ଏଠି ଫାଲକନ ମାନଙ୍କୁ ବଂଚେଇବା ଏକ ବିରାଟ ଲଢାଇ ଥିଲା । ଅନେକ ଅନେକ ବାଧା ଥିଲା । ତାଙ୍କ ମନ ଭିତରେ ବହୁତ ବଡ ଲଢେଇ ହୋଇଥିଲା । ମୁଁ ସେହି ଭାବମାନଙ୍କୁ ନିଜ ଆଖିରେ ଦେଖିଥିଲି । କିନ୍ତୁ ସେହି ଦୂର ଦେଶର ପକ୍ଷୀମାନଙ୍କୁ ବଂଚେଇବା ଦ୍ୱାରା ମନର ଦ୍ୱିଧା ଶାନ୍ତ ହୋଇଥିଲା ।

ଏହାଥିଲା ଏକ ଖୁବ ବଡ ବିଜୟ । ନିଜର ଭାବନା ଉପରେ ବିଜୟ । ନିଜର କର୍ମ ଉପରେ ବିଜୟ । ନିଜର ଏକ ଗଡି ଚାଲିଆସୁଥିବା ପରମ୍ପରା ଉପରେ ବିଜୟ । ସେହି ବିଜୟର ଉଲ୍ଲାସ ମୁଁ ସମସ୍ତଙ୍କ ମୁହଁରେ ଅପରାହ୍ନରେ ଦେଖି ପାରୁଥିଲି ।

ଚର୍ଚ୍ଚର ପାଷ୍ଟର କଥା କଥାରେ ବହୁତ ବନ୍ଧୁ ହୋଇଗଲେ ।

ଚର୍ଚ୍ଚ ଉପରୁ ପାଙ୍ଗତି ଖୁବ ସୁନ୍ଦର ଦିଶେ ।- ସେ କହିଲେ ।

ପାଙ୍ଗତି ଲୋଥା ନାଗା ମାନଙ୍କର ଏକ ବଡ ଗାଁ । ଅନେକ ଘର ଅଛି । ଅନ୍ୟ ନାଗା ଗାଁ ମାନଙ୍କ ଭଳି ପାହାଡ ଉପରେ ଅବସ୍ଥିତ । ତଳୁ ଡ୍ୟାମ ଧାରରୁ ପିଚୁ ରାସ୍ତା ବଙ୍କା ଟଙ୍କା ହୋଇ ଉପରକୁ ଉଠି ଯାଇଛି । ରାସ୍ତା ଧାରରେ ଅନେକ ବଡ ଗଛ । ଲୋକମାନେ ନିଜ ଗାଁ ଚାରିପାଖେ ଗଛ କାଟି ନାହାନ୍ତି ।

ଅନେକ ଉପର ଉଠିଗଲା ପରେ ଗାଁ ଆରମ୍ଭ ହୋଇଥିଲା । ଘର ଗୁଡିକ ଖୁବ ସଫା ସୁତୁରା । ରାସ୍ତାତ ସଫା । ରାସ୍ତାରେ କେହି ମଇଳା ପକାଉ ନଥିଲେ । ଏତେ ଜଙ୍ଗଲ ଭିତରେ ସୁନ୍ଦର ଆଉ ସଫା ସୁତୁରା ଘର ଗୁଡିକ ଦେଖି ମୁଁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ହୋଇଗଲି । ଲୋଥା ନାଗାମାନେ ନିଜ ଅଂଚଳକୁ ଖୁବ ସଫା ସୁତୁରା କରି ରଖିଛନ୍ତି । ପ୍ରତିଟି ଘରକୁ ସୁନ୍ଦର କରି ରଖାଯାଇଛି । ଘରଗୁଡିକ ପ୍ରାୟ ସିମେଂଟରେ ତିଆରି ଆଉ ଛାତ ଗୁଡିକ ଟିଣର ।

କିଛିଦିନ ପରେ ଖ୍ରୀଷ୍ଟମାସ ଆସିବ । ପ୍ରାୟ ଏକ ମାସ ପରେ । କିନ୍ତୁ ଲୋକମାନେ ଏବେଠାରୁ ପ୍ରସ୍ତୁତି କରିବା ଆରମ୍ଭ କରିଦେଲେଣି । ରାସ୍ତାର ପ୍ରତିଟି ମୋଡରେ ଖ୍ରୀଷ୍ଟମାସ ପାଇଁ ସଜା ଯାଉଛି । ସୁନ୍ଦର ଇଲେକ୍ଟ୍ରିକ ବଲବ ମାନ ଟଙ୍ଗା ଗଲାଣି ।

କିଛି ପୁଅ ଝିଅ ଠିଆ ହୋଇଥିଲେ । ସମସ୍ତେ ସୁନ୍ଦର ପୋଷାକ ପିନ୍ଧିଛନ୍ତି । ଗୋଡରେ ଯୋତା । ନିଜକୁ ଖୁବ ପରିଷ୍କାର ରଖିଛନ୍ତ । ପିଲାମାନେ ଖୁବ ହସୁଥିଲେ । ସମସ୍ତେ ସୁସ୍ଥ ସବଳ ।

ଏକ ସ୍ଥାନରେ ସାନ୍ତାକ୍ଲସ ସଜା ଯାଇଥିଲା । ବରଫ ଯାଗାରେ ଧଳା ତୁଳା ରଖାଯାଇଥିଲା । ବରଫରେ ସାନ୍ତାକ୍ଲସ ସ୍ଲେଜ ଗାଡିରେ ଚାଲିଯାଉଛି । ସୁନ୍ଦର ଲାଗୁଥିଲା ।

ଚର୍ଚ୍ଚ ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଥିଲା । ବିଶାଳ ଚର୍ଚ୍ଚ । ପ୍ରାୟ ପାଚ ଶହରୁ ଏକ ହଜାର ଲୋକ ବସି ପାରିବେ । ଭିତରେ ସୁନ୍ଦର ଭାବେ ଧାଡି ଧାଡି ହୋଇ ବେଂଚମାନ ପଡି ଥିଲା । ଆଗରେ ପେଣ୍ଡାଲକୁ ସଜା ଯାଉଥିଲା । ଅନେକ ମହିଳା ଆଉ ତରୁଣୀ ସଜେଇବାରେ ଲାଗି ଯାଇଥିଲେ ।

ଏକ ପତଳା ଶିଡି ପେଣ୍ଡାଲର ବିପରୀତ ଦିଗରେ ଉପରକୁ ଉଠିଯାଇଥିଲା । ପତଳା ଅଣ ଓସାରିଆ ଶିଡି । ପାଷ୍ଟର ମୋତେ ଡାକଲେ । ମୁଁ ସେହି ଶିଡିରେ ଉପରକୁ ଉଠିଗଲି । ସବା ଉପରେ ଶିଡି ଏକ ଛାତରେ ଶେଷ ହୋଇ ଯାଇଥିଲା । ସେଉଠୁ ଆଉ ଏକ ଖୁବ ପତଳା ଶିଡି ଏକ ଗମ୍ବୁଜକୁ ଚ୍ଚାଲିଯାଇଥିଲା । ସେହି ଗମ୍ବୁଜରେ ଜଣେ ତରୁଣ ଝୁଲିପଡି ଇଲେକଟ୍ରିକ୍ ବଲବ ସଜାଉଥିଲା । ଦୁଇ ଜଣ ତରୁଣୀ ତାକୁ ସାହାର୍ଯ୍ୟ କରୁଥିଲେ ।

ମିସ ଜୁଥୁଙ୍ଗଲୋଙ୍କ କଥା ମନେ ପଡିଗଲା । ସେ କେତେ ସୁନ୍ଦର ଭାବେ ଲୋଥା ନାଗା ମାନଙ୍କର କଥା କହିଦେଇଥିଲେ ।

ନାଗାମାନେ ସବୁ ପର୍ବ,ପର୍ବାଣି ସାମୁହିକ ଭାବରେ କରନ୍ତି । ଘରେ ପର୍ବକୁ ଏକାକୀ ପାଳନ୍ତି ନାହିଁ । କେତେ ଭିନ୍ନ । ସମାଜରେ ଏକତା ବଢାଏ । ସବୁ କଥାରେ କଏ ନା କଏ ସାହାର୍ଯ୍ୟ କରିବାକୁ ଆଗେଇ ଆସେ । ଖୁସି ଏକା କେବେ ମନା ଯାଇପାରେନା । ମିଶି ଖୁସି ମନେଇବାରେ ଅପାର ଆନନ୍ଦ ଅଛି । ଏକାକୀ ଖୁସି ହେବା ଏକ ମୂଲ୍ୟହୀନ ଚେତନା, ଅର୍ଥହୀନ ବିଶ୍ୱାସ । ସେମାନଙ୍କ ସମାଜରେ ଖୁସି ସାଥି ହୋଇ ମନା ଯାଉଛି । ଖୁସି ଅଛି ସମାଜରେ । ଖୁସି ଅଛି ଦୁନଆରେ । ଏକାକୀ ଦୁନଆରେ ଖୁସି ରହି ନପାରେ ।

ମୁଁ ଚ୍ଚାରିଦିଗକୁ ଅନାଇଲି । ନାଗା ଗାଁର ଚ୍ଚାରିପାଖେ ସବୁଜିମା ଅଛି । ଆଶ୍ଚର୍ଯ୍ୟ ଭାବେ ସବୁଜିମା ଅଛି । ସେମାନେ ସବୁ କାଟି ପଦା କରି ଦେଇ ନାହାନ୍ତି । ଘରମାନଙ୍କର ଟିଣ ଛାତ ଦେଖାଯାଉଥିଲା ।

ଆପଣ ମୋ ଘରକୁ ଯିବେ ।- ଗାଁ ବୁଢା ପଚ୍ଚାରିଲେ ।

ଗାଁ ବୁଢା ଅର୍ଥ ଗାଁର ମୁଖିଆ । ନାଗା ଗାଁ ମାନଙ୍କରେ ଗାଁ ବୁଢା ପଦବୀ ଅଛି । ସେ ସେମିତି କଛି ଖୁବ ବୁଢା ନଥିଲେ । ବୟସ ୫୦ ରୁ ୬୦ ଭିତରେ ହେବ । ଅପେକ୍ଷାକୃତ ବୟସ୍କ ବ୍ୟକ୍ତି । ଲମ୍ବା ମୁହଁ । ଦେହରେ ସାର୍ଟ ଆଉ ପ୍ୟାଂଟ । ନାକତଳେ ନଶକୁ ଖିଅର କରି ଦେଇଛନ୍ତି । ଚବୁକ ତଳେ କଛି ଲମ୍ବା ଦାଢୀ । ଏଠି ଲୋକଙ୍କର ବହୁତ ଦାଢୀ ନଶ ହୁଏନା ।

ସେ ଘର ଆଗରେ ନଜର ବର୍ଛା ଧରି ଠିଆ ହୋଗଲେ । ଘର ଆଗରେ କଛି ଅସ୍ତ୍ର ଶସ୍ତ୍ର ଥିଲା ।

ମୋ ଆଗରେ ଏକ ଯୋଦ୍ଧା ନାଗା ନଜର ବର୍ଛା ଧରି ଠିଆ ହୋଇଥିଲା । ଯଦିଓ ସେ ନଜର ଯୋଦ୍ଧା ପୋଷାକ ପିନ୍ଧି ନଥିଲେ ତଥାପି ତାଙ୍କର ଯୋଦ୍ଧା ଭାବନା ତାଙ୍କ ଠିଆ ହେବା ଶୈଳୀରୁ ମୋତେ ଜଣା ପଡି ଯାଉଥିଲା । ନାଗା ଯୋଦ୍ଧାମାନେ ଖାଲି ଦେହରେ ବର୍ଛା ଧରି ନୃତ୍ୟ କରନ୍ତି । ଅଂଟା ତଳେ କାଛିଆ ଥାଏ । ଦେହରେ, ହାତରେ ସାମାନ୍ୟ ପୋଷାକ ଥାଏ । ବର୍ଛାରେ ପର ସବୁ ଖୋସା ହୋଇଥାଏ । ନାଗା ମାନଙ୍କ ସବୁ ନୃତ୍ୟରେ ଯେମିତି ସମର ହେଉଥାଏ ।

ସେ ଘର ଭିତରକୁ ପାଛୋଟି ନେଲେ । ନଜର ସବୁ କୋଠରୀ ଦେଖାଇଲେ । ରୋଷାଇ ଘର ଚଉଡା । ବାସାନ କୁସନ ସଜା ହୋଇ ରଖାଯାଇଛି । ଚୂଲା ଉପରେ ଏମିତି କଛି ମାଂସ ଇତ୍ୟାଦି ଶୁଖା ଯାଇ ନାହିଁ । ଏଠି ଲୋକମାନେ ବହୁତ ଖାଦ୍ୟ ପଦାର୍ଥ ଧୂଆଁରେ ଶୁଖାଉ ନାହାନ୍ତି । ବହୁତ ଯାଗାରେ ଧୂଆଁରେ ଲୋକେ ଖାଦ୍ୟ ଶୁଖାନ୍ତି । ସେସବୁ ସ୍ଥାନରେ ଖରା ସେମିତି କଛି ପଡେନା । ବହୁତ ସମୟ କୁହୁଡିଆ ରହେ । ତେଣୁ ମାଂସ ଇତ୍ୟାଦିକୁ ଧୂଆଁରେ ଶୁଖାଇ ବହୁତ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇ ପାରେ ।

ସାଧାରଣ ଘର । ସେମିତି କଛି ଦାମୀ ଆସବାବ ପତ୍ର ନଥିଲା । ବସିବା ଘରେ କଛି ଚେୟାର ପଡିଥିଲା । ବାହରୁ ଦେଖିଲେ ଘର ବହୁତ ଆଭିଜତ୍ୟ ସମ୍ପନ୍ନ ଲାଗୁ ନଥିଲା ।

ଗାଁରେ ଅନେକ ଲୋକ ଗାଁ ବୁଢାଙ୍କ ଠାରୁ ସଂମ୍ପନ୍ନ । ତାହେଲେ ତାଙ୍କୁ କଏ ମାନେ ? କଣ ତାଙ୍କର ପ୍ରକୃତରେ ପରିଚୟ ।

ଏ ଗାଁ ବୁଢା ଅର୍ଥ କଣ? - ମୁଁ ତାଙ୍କୁ ପଗ୍ଭରଲି ।

ସେ ମୋତେ ଅନାଇଲେ । ଆଖିରେ ସାମାନ୍ୟ ବିଷର୍ଣତା ଥିଲା । ଜୀବନର ଅପରାହ୍ନରେ ବିଷର୍ଣତା ସ୍ୱାଭାବିକ ।

ଗାଁର ମୁଖ୍ୟ ।

ଆପଣଙ୍କ ପାଖରେ କଣ ଅଧିକାର ଅଛି?

କନ୍ତୁ ଗାଁ ଲୋକେ ଆପଣଙ୍କ କଥା କଣ ମାନନ୍ତି ? - ମୁଁ ପଚାରିଲି । ଧିରେ ଧିରେ ବୟସ୍କଙ୍କ କଥା ତରୁଣ ମାନେ ଆଉ ମାନୁ ନାହାନ୍ତି । ସେମାନେ ଏକୁଟିଆ ହୋଇ ଯାଇଛନ୍ତି । ବୟସ୍କମାନେ ସମାଜର ଏକ ଅଦରକାରୀ ବସ୍ତୁ ବୋଲି ପରିଗଣିତ ହେଲେଣି ।

ସେ ମତେ ସିଧା ଅନାଇଲେ । ତାଙ୍କ ଆଖିର ଉଜ୍ଜ୍ୱଳତା ତାରା ସହ ସମାନ ଥିଲା । ପଶ୍ଚିମ ଆକାଶରେ ଜହ୍ନ ଆସିନାହିଁ କନ୍ତୁ ତାଙ୍କ ଦୃଷ୍ଟି ତାରା ଭଳି ଦୀପ୍ତିମାନ ଥିଲା । ଆକାଶର ତାରା କେବେ ବି ଦ୍ୟୁତି ହରାଇ ପାରେନା । ସେ ଆକାଶଜହ୍ନ ନହୋଇ ପାରନ୍ତି କନ୍ତୁ ତାରା ତ ନିଶ୍ଚୟ ।

ଲୋଥା ନାଗା ସମାଜରେ ଗାଁ ବୁଢାଙ୍କ କଥାର ମହତ୍ୱ ଅଛି । – ସେ କହିଲେ

ଆମ ସମାଜରେ ନାଗା ଭିଲେଜ କାଉନସିଲ କଥା ସମସ୍ତେ ମାନନ୍ତି – ସେ କହୁଥିଲେ ।

ମୁଁ ବାହାରକୁ ଆସିଲି । ସେ ଦୁଆର ମୁହଁରେ ମୋତେ ବିଦାୟ ଦେଲେ । ତାଙ୍କ ମୁହଁରେ ଉଦାସୀନତା ନଥିଲା । ଅତି ସ୍ୱଭାବିକ ଭାବ ଥିଲା ।

ଅନେକ କୁକୁର ରାସ୍ତାରେ ବୁଲୁଥିଲେ । ନାଗାମାନେ ଯେ ସର୍ବଭୁକ ଆଉ କୁକୁର ସେମାନଙ୍କର ଅତି ପ୍ରିୟ ଖାଦ୍ୟ । କେତେ ଖବର ମୁଁ ନାଗାମାନଙ୍କର ବିଷୟରେ ପଢିଛି । ସେମାନେ କୁକୁର ମାଂସକୁ ଅତି ଖୁସିରେ ଖାଆନ୍ତି ।

ତାହେଲେ ଏ କୁକୁର ମାନେ ? ସେମାନେ ମାରି ନାହାନ୍ତି । ଅନ୍ୟ ଯାଗାର ରୋଗିଣା, ମଳଛିଆ ବୁଲା କୁକୁର ଭଳି ଏମାନେ ଘୃଣ୍ୟ ନଥିଲେ । ସବୁ ଗୁଡିକ ସୁସ୍ଥ ସବଳ କୁକୁର । ମାଲିକ ବହୁତ ଭଲ ଭାବେ ଏମାନଙ୍କୁ ପାଳୁଛି ।

ଏ କୁକୁର ମାନେ ପ୍ରାୟ ଭୁକୁ ନଥିଲେ । ନିଜ ଭିତରେ ଦୌଡା ଦୌଡି ହୋଇ ଖେଳୁଥିଲେ। କୁକୁର ଏକ ଖୁବ ପାଳିତ ଖେଳ ପ୍ରିୟ ପଶୁ ହୋଇ ଯାଇଛି । ଅନ୍ୟ ଯାଗାମାନଙ୍କରେ କୁକୁରର ସଂଖ୍ୟା ଏକ ସମସ୍ୟା ହୋଇ ଗଲାଣି । ସବୁବେଳେ ସେମାନେ ନିଜ ନିଜ ଭିତରେ କଳି କରୁଥିବେ ଆଉ କାମୁଡା କାମୁଡି ହେଉଥିବେ । ଏଠି କୁକୁର ମାନେ ଖୁବ ସୁସ୍ଥ ଆଉ ଖୁସି ଥିଲେ ।

ଅନେକ ବିକୃତ ଧାରଣା ମୋ ମନରେ ଥିଲା । ଏହି ନାଗା ମାନେ ନିଜର ସବୁ ପାଳିତ ପଶୁଙ୍କୁ ସୁସ୍ଥ ରଖିଛନ୍ତି । ସବଳ ରଖିଛନ୍ତି । ଆଜି ଦିନରେ ପଶୁ ମଧ୍ୟ ଖୁସି ଅଛି । କାଲି କଥା ମୁଁ କହୁ ନହିଁ ।

ଗାଁ ଦାଣ୍ଡରେ କଛି ପିଲା ଥିଲେ । ଏକ କିଶୋରୀ ଆଉ ତାର ଭାଇ ସେମାନଙ୍କ ଘର ପ୍ରାଙ୍ଗଣରେ କ୍ୟାରମ ଖେଳୁଥିଲେ । କ୍ୟାରମ ଏକ ଟେବୁଲ ଉପରେ ରଖାଯାଇଥିଲା । ଛୁଆ ଦୁଇ ଜଣ ଖୁବ ଖୁସି ଥିଲେ ।

ମୋ ସାଙ୍ଗରେ ଥୁଙ୍ଗବେମୋ ଗ୍ରୁଲୁଥିଲେ । ତାଙ୍କର ସ୍ନେହ ଭରା ଗ୍ରହାଣୀ ସେହି ପିଲା ମାନଙ୍କ ଉପରେ ବୁଲିଯାଉଥିଲା । ଏକ ତପ୍ତ ଶିକାରୀରର ମନରେ ଆଉ କ୍ରୋଧ ନଥିଲା । ଥିଲା ନିଜ ସନ୍ତାନ ମାନଙ୍କ ପାଇଁ ଆପତ୍ୟ ସ୍ନେହ । ଆଗାମୀ ପୁରୁଷ ମାନଙ୍କ ପାଇଁ ନାଗା ମନରେ ଅମାପ ସ୍ନେହ ଥିଲା ।

ଆପଣ ଜାଣିଛନ୍ତି ଦିନେ ଏଠି ପିଲାମାନେ ଫାଲକନଙ୍କ ପାଇଁ ଗୀତ ଲେଖିଥିଲେ । ପିଲାମାନେ ତ ଆଗେଇ ଆସିଥିଲେ । ଶିକାରୀମାନଙ୍କୁ କହିଦେଲେ ସେମାନେ କେବେ ମାନି ନଥାନ୍ତେ । କିନ୍ତୁ ପିଲାମାନେ ଯେତେବେଳେ ନିଜର ପିତା ମାତାଙ୍କୁ ଫାଲକନ ମାନଙ୍କୁ ନ-ଶିକାର କରିବା ପାଇଁ କହିଲେ କଠୋର ହୃଦୟମାନ ତରଳି ଗଲା । ଇକୋ କ୍ଲବମାନ ତିଆରି ହୋଇଥିଲା ଆଉ ଛୋଟ ପାଲାମାନେ ସେହି ସୁନ୍ଦର ସାହାସୀ ପକ୍ଷୀମାନଙ୍କ ପ୍ରତି ନିଜର ସମ୍ମାନ ଜଣାଇଥିଲେ । – ସେ ମୋତେ କହିଲେ ।

ଛୁଆ ମାନେ ତାଙ୍କୁ ଦେଖି ହସୁଥିଲେ । ସେ କ୍ୟାରମ ବୋର୍ଡ ପାଖକୁ ଗ୍ରଲିଗଲେ । ସେଠି ଛୁଆ ମାନଙ୍କ ସହକଛି ସମୟ କ୍ୟାରମ ଖେଳିବାକୁ ଲାଗିଲେ । ମୋତେ ତାଙ୍କ ଖେଳ ଦେଖିବାକୁ ଭଲ ଲାଗୁଥିଲା ।

ତାଙ୍କ ପାଖରେ ଏକ ଛୋଟ ପୁଅ ଠିଆ ହୋଇଥିଲା । ତା ଆଖି ଖୁବ କଳା ଥିଲା । ପ୍ରାୟ ୮ ରୁ ଦଶ ବର୍ଷ ହେବ । ତାକୁ ଗୀତଟା ଗାଇବା ପାଇଁ କହିଲେ । ପିଲାଟି ଟିକଏ ରହିଗଲା । ତାପରେ ସୁନ୍ଦର ଭାବେ ଇଂରାଜୀରେ ଗୀତଟି ଗାଇବାକୁ ଲାଗିଲା । ସେହି ଗୀତକୁ ସେମାନେ

ଦଳ ହୋଇ ଗାଆନ୍ତି । ମୁଁ ଅନୁବାଦ କରି ନେଇଥିଲି । ଗୀତଟା କନ୍ତୁ ସେହି ଛୁଆମାନେ ଲେଖିଥିଲେ ।

ଫାଲକନମାନେ ଡୋୟାଙ୍ଗ ନଦୀ ଉପରେ ଉଡି ଯାଉଛନ୍ତି

ଫାଲକନମାନେ ଡୋୟାଙ୍ଗ ନଦୀ ଉପରେ ଉଡି ଯାଉଛନ୍ତି

ଆମୁର ଫାଲକନ ତୁମେ ଅମୂଲ୍ୟ ରତନ

ଆମେ ଅପେକ୍ଷା କରିବୁ

ଆମେ ଅପେକ୍ଷା କରିବୁ

ଆର ବର୍ଷ ତୁମର ଫେରିବାର ଯାଏଁ

ଆର ବର୍ଷ ତୁମର ଫେରିବାର ଯାଏଁ ।

ମୁଁ ସେହି ପିଲ୍ ମାନଙ୍କୁ ଅନାଇଲି । ସୁନ୍ଦର ଶିଶୁମାନେ । ମୁହଁରେ ଟିକଏ ହିଂସା ବା ଘୃଣା ନାହିଁ । ଦୁନଆ ସେମାନଙ୍କ ପାଇଁ ଖୁବ ସୁନ୍ଦର ଆଉ ମଧୁର । ସେମାନଙ୍କ ଦୁନଆରେ ଫାଲକନ ମାନେ ବଂଚ ରୁହନ୍ତୁ ।

ଫାଲକନ ମାନେ ତୁମକୁ ବିଦାୟ ଦେଉଛୁ । ପାଖରେ ଥିବା ଅନ୍ୟ ପିଲ୍ମାନେ ଏକ ସ୍ୱରରେ ଗୀତ ଗାଇଥିଲେ । କଛିଦିନ ପରେ ମୁଁ ସେ ଗୀତ ଶୁଣିଛି । ଦଳେ ପିଲ୍ ସମ୍ମିଳତ ସ୍ୱରରେ ସୁନ୍ଦର ଭାବେ ଗୀତ ଗାଉଛନ୍ତି । ଖୁବ ମଧୁର କଂଠ ।

କ୍ରମଶଃ-

ସେକ୍ଟର- ୩, ସଲ୍ଟଲେକ, କଲିକତା



# ମାନବିକ ପରାଜୟ



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

ହଜିଯାଉ ସୁର ପଛେ ଲିଭିଯାଉ ତାଳ ଲୟ
ତଥାପି ମୁଁ ଗାଉଥିବି ମାନବିକ ପରାଜୟ
ଜୀବନ କରୁ ପଛେ ଯେତେ ଯେ ଭର୍ତ୍ସନା
ଅବା ସମୟ ଦେଉ କେତେ ଯେ ଯାତନା
ପ୍ରୀତି ର ମହ୍ଲାର ଯେବେ ହେଉ ପଛେ କ୍ଷୟ
ତଥାପି ମୁଁ ଜୀଇଥିବି ମାନବିକ ପରାଜୟ
ସ୍ମୃତି ର ଦଂଶନେ କେବେ ହୁଏ ହୃଦୟ କ୍ଷତ
ଲିଭେଇ ପାରେନା ତାକୁ ସମୟ ର ସ୍ରୋତ
ଜୀବନ ର ଅର୍ଥ କେବେ କରେନା କଳନା
ଅବା ଜୀବନ କେଉଁ ସଂଗୀତ ମୂର୍ଚ୍ଛନା
ବର୍ତ୍ତମାନେ ଜୀଇବି ନା ଯିବି ଭବିଷ୍ୟତ
କ୍ରୁର ପରିହାସ ମୋତେ କରେ ମୋ ଅତୀତ
ଶ୍ରାବଣ ର ବର୍ଷା ମୋତେ ଭିଜାଏନା ଯେତେ
ଫଗୁଣ ର ଫଗୁ ମୋତେ ଜଳାଏ ଯେ
ସେତେ

ଜଳଯାଉ ଜୀବନ ରୁ ପ୍ରେମ ଅବା ପ୍ରଣୟ
ତଥାପି ମୁଁ ଜୀଇଥିବି ମାନବିକ ପରାଜୟ
ଜୀବନ ର କଷଣେ ମୃତ୍ୟୁ କରେ ପରିହାସ
ତଥାପି ମୁଁ ହେବିନାହିଁ ସମୟ ର ଦାସ
ଯୁଦ୍ଧରୁ ବିରତ ସୈନିକ ମୁଁ ନୁହେଁ
ଅବା ଜୀବନ ଯୁଦ୍ଧରେ ବିଜୟୀ ବି ନୁହେଁ।

ଭଦ୍ରକ, ଓଡିଶା

# ତୋତେଲୋ ଝୁରୁଛି ମନ



ପ୍ରଶାନ୍ତ କୁମାର ନାଥ

ତୁ ପରୀ ମୋହର ସପନର ରାଣୀ
ଆସୁଛୁ ସପନେ ମୋର
ହୃଦୟରେ ତୋତେ ଜାଗାଟେ ଦେଇଛି
କେମିତି କରିବି ପର ।
ମନର ମାନସୀ ତୋତେ ମୁଁ କରିଛି
ମନରେ ଥିବୁ ତୁ ରହି
ତୋତେ ମୁଁ ସେଇଠି ସଜେଇ ରଖିବି
ପ୍ରୀତିର ପରଶ ଦେଇ ।
ତୁ ସତେ ପ୍ରିୟାଲୋ ମନ ଆକାଶର
ସତେଲୋ ପୁନେଇଁ ଜହ୍ନ
ତୋ ପାଖରେ ବନ୍ଧା ହସ ଖୁସି ମୋର
ତୋତେଲୋ ଝୁରୁଛି ମନ ।
ତୁ ସତେ ପ୍ରିୟାଲୋ ଜୀବନ ମୋହର
ଅମ୍ଭା ସାଥେ ଅଛି ବନ୍ଧା
ଭୁଲି ପାରିବିନ ତୋତେ ମୁଁ ପ୍ରିୟାଲୋ
ତୋ ସାଥେ ଜୀବନ ଛନ୍ଦା ।



ନଂ- ୧୦, ଫାଷ୍ଟ ଫ୍ଲୋର, ଫାଷ୍ଟ ବି କ୍ରସ୍,
ଏସ୍, ଜି, ଏନ୍ ଲେଆଉଟ୍, କସ୍ମିକ୍ ଏମ୍ବାସୀ,
ବାଙ୍ଗାଲୋର- ୫୬୦୦୨୭

# ଭଙ୍ଗାଗଢା ସଂସାରରେ ଏଇଆ ତ ହୁଏ



ଡ.ସୌମ୍ୟ ରଞ୍ଜନ ମିଶ୍ର

ଶେଷ ବେଳେ କଏ
କ'ଣ ନେଇକରି ଯିବ
ଦେହ ଫୁଟରେ ଛ' ଫୁଟ୍
ଜାଗା ମାତ୍ର ଲୋଡା
ଏକଥା ଅନ୍ୟକୁ
କହି ବୁଲିଥିଲା ଯିଏ
ଆଜି ସିଏ
ଶଙ୍ଖମଲ ପଥରରେ ଯୋଡା ।

ମେତେ ଫୁଲ ମାଳ
ମଉଳ ଗଲାଣି
କେତେ ଧୂପକାଠି
ବେକ ଭାଙ୍ଗିଲେଣି

ଚମ ଛାଡିଛି ହେଲେ
ଭାଙ୍ଗୁନାହିଁ ଦମ୍ଭ
ଛିଡୁନାହିଁ ଇତରକୁ
ଦୂର ଦୂର୍ କରିବାର ଠାଣି ।

ଗୋସେଇଁ ବାପର ନାଁ
ଭୁଲିଥିବା ଜନତା
ଭଲକରି କନ୍ଥ
ଘୋଷି ହେଉଥିବ
ଜନତାର ସେବା କରୁକରୁ
ବେଳ ସରିଯାଇଥିବ
ମୋର ମୂର୍ତ୍ତି ଗଢିବକ
ସମାଧି ତୋଳବକ
କହିବାକୁ ଜିଭ
ଲେଉଟି ନଥିବ ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ,
କେନ୍ଦ୍ରାପଡା, ଓଡିଶା ।

# କୁକୁର ପାଳିବାର ସଉକ



ଦେବସ୍ମିତା ବେହେରା

ମୂଳ ହିନ୍ଦୀ- ମାଧୁରୀ ଗୁପ୍ତା
ଅନୁବାଦ- ଦେବସ୍ମିତା ବେହେରା

କୁକୁର ପାଳିବାକୁ ଆମ ସମାଜରେ ଆଭିଜାତ୍ୟର ପ୍ରତୀକ ରୂପେ ଗଣା ଯାଏ । ତା'ହେଲେ ମୁଁ କାହିଁକି ଏହାର ପ୍ରଚୁର ଲାଭ ନ ନେବି ? କୁକୁରକୁ ବୁଲେଇବା ବାହାନାରେ ହେଉ ପଛକେ ଖୋଲା ପବନରେ ବୁଲିବାର ଆନନ୍ଦ ତ ଉଠେଇ ପାରିବି!

ଆପଣ ଚାହିଁଲେ ମାନନ୍ତୁ ଅବା ନ ମାନନ୍ତୁ, ଡ଼ିଭିଡି ପ୍ଲେୟାର, ହୋମ ଥିଏଟର, ଆଉ କାର୍ ଭଳି କୁକୁର ପାଳିବା ମଧ୍ଯ ଆଜିକା ଯୁଗରେ ଗୋଟିଏ ଅତ୍ୟାବଶ୍ୟକ ଆବଶ୍ୟକତା ହେବାକୁ ଲାଗିଲାଣି । ଏହା ଆମ ଜୀବନର ଉଚ୍ଚସ୍ତରର ଚାଲିଚଳନ ଭାବରେ ପରିଗଣିତ ହେଲାଣି ।

ହାତରେ ମୁଁ ଯେତେବେଳେ ଚା' କପ୍ ଧରି ମୁଁ ବାଲ୍କୋନୀରେ ବସେ, ସେତେବେଳେ ଅଧିକାଂଶ ଲୋକଙ୍କୁ କୁକୁର ଚେନ୍ ଧରି ବୁଲେଇବାର ଦେଖେ । କାହା ହାତରେ ଗୋଟିଏ ତ ଆଉ କାହା ହାତରେ ଦୁଇ- ଦୁଇଟା ଚେନ୍ ଥାଏ । ସେତିକିବେଳେ ମୋ ମନରେ କେବଳ ଏଇ ଗୋଟିଏ ଭାବନା ଆସେ.., କାଶ୍.., ମୁଁ ମଧ୍ଯ ଏଇ ଲୋକମାନଙ୍କ ପରି କୁକୁର ବୁଲେଇବାର ଆନନ୍ଦ ଉଠେଇ ପାରନ୍ତି । ମୋ ପାଖରେ ଏବେ ସମୟ ହିଁ ସମୟ ଅଛି । ପିଲାମାନେ ବଡ ହୋଇ ସାରିଲେଣି ଆଉ ସ୍ୱାମୀ..ସକାଳ ସାତରେ ଘରୁ ଅଫିସ୍ ପାଇଁ ଥରେ ବାହାରିଗଲେ ସନ୍ଧ୍ୟା ସାତଟା ପୂର୍ବରୁ ଫେରନ୍ତି ନାହିଁ । ସାରା ଦିନ ଖାଲି ବନ୍ଦୀଙ୍କ ଭଳି ପିଲାମାନଙ୍କର ଆଉ ସ୍ୱାମୀଙ୍କର ଅପେକ୍ଷା କରିବା ଛଡା ମୋର ଆଉ କାମ କ'ଣ!

ଯେଉଁମାନଙ୍କର କୁକୁର ଅଛି, ସେମାନଙ୍କୁ ଅନ୍ତତଃ କୁକୁରଙ୍କୁ ବୁଲେଇବା ବାହାନାରେ କିଛି ସମୟ ପାଇଁ ହେଉ ପଛକେ ଖୋଲା ପବନରେ ବୁଲାଇବାର ଆନନ୍ଦତ ମିଳିଯାଉଛି!

ତେଣୁ ସନ୍ଧ୍ୟାରେ ସ୍ୱାମୀ ଆଉ ପିଲାମାନଙ୍କ ସାମ୍ନାରେ ଖାଇବା ସହିତ କୁକୁର ପାଳିବାର ଇଚ୍ଛାକୁ ମଧ୍ୟ ବାଢ଼ି ଦେଲି । ମୋ କଥା ଶୁଣିବା ମାତ୍ରେ ସେ ତିନିଜଣ ଏମିତି ଚମକିଲେ..,ସତେ ଯେମିତି ତାଙ୍କ ସାମ୍ନାରେ ବୋମା ଫୁଟିଗଲା ।

ହେଲେ..ମୁଁ କ'ଣ କମ୍ ଥିଲିକି ? ସାଙ୍ଗେ ସାଙ୍ଗେ କହିଲି.., 'ମୋର ମଧ୍ୟ କିଛି ଇଚ୍ଛା ଅଛି, କିଛି କାମନା ଅଛି । କ'ଣ ମୁଁ ମୋ ନିଜ ଇଚ୍ଛାରେ ଗୋଟିଏ କୁକୁର ପାଳି ପାରିବିନି ?' ମୋ ଜିଦ୍ ଆଗରେ 'ଯେମିତି ତୁମର ଇଚ୍ଛା' କହି ମୋ ସ୍ୱାମୀ କୁକୁର ପାଳିବା ପାଇଁ ଅନୁମତି ଦେଇଦେଲେ । ତା'ପରେ କୁକୁର ପାଳିବା ବିଷୟରେ ବିସ୍ତୃତ ଜ୍ଞାନ ଆହରଣ କରିବା ପାଇଁ ମୁଁ ମୋର ସାଙ୍ଗ ମାନଙ୍କ ସହିତ ବିଗ୍ଭର ବିମର୍ଷ କରିବାକୁ ଠିକ୍ ହେବ ବୋଲି ଭ୍ବିଲି । ହେଲେ..ସେମାନେ ଏହି ବିଷୟରେ କୌଣସି ବିଶେଷ ରୁଚ ଦେଖେଇଲେ ନାହିଁ ।

ବହୁତ ଚଡିଗଲି ମୁଁ ମନେ ମନେ । କିନ୍ତୁ..ମୋ ମୁଣ୍ଡରେ କୁକୁର ପାଳିବାର ପାଗଳାମୀ ବସା ବାନ୍ଧିଥିଲା । ତେଣୁ ମୁଁ କାହା କଥାରେ ମୁଣ୍ଡ ଖଗ୍ଭପ କଲିନି । ହଠାତ୍ ମୋର ମନେ ପଡିଲା ଯେ କାନପୁରରେ ରହୁଥିବା ମୋ ସାଙ୍ଗ ନମିତା କୁକୁର ପାଳିଛି ବୋଲି । କିଛିଦିନ ତଳେ ଯେତେବେଳେ କାନପୁରରେ ମୋର ନମିତା ସହିତ ଦେଖା ହୋଇଥିଲା, ସେତେବେଳେ ତା'ର ଦୁଷ୍ଟ କୁକୁର ମୋ ଉପରେ ଚଢିଯାଇ ଚିରି ଦେଇଥିଲା ମୋର ଦାମୀକା ଶାଢ଼ିକୁ । ମୁଁ ତୁରନ୍ତ ନମିତାର ନମ୍ବର ଡାୟଲ୍ କରି କହିଲି, "ଶୁଣ ନମିତା ମୁଁ ଗୋଟିଏ ଭଲ କୁକୁର ପାଳିବାକୁ ଗ୍ଭହୁଁଛି । ତେଣୁ ତୁ ଏଥିପାଇଁ ମୋତେ ଟିକେ ସାହାଯ୍ୟ କରନା..! ମୋତେ କିଛି ମହତ୍ତ୍ୱପୂର୍ଣ୍ଣ ରାୟ ଦେ..ଯେମିତିକି କେମିତିଆ ଆଉ କେଉଁ କୁକୁରକୁ ମୁଁ ପାଳିଲେ ଠିକ୍ ହବେ ।

ଉତ୍ତରରେ, ନମିତା ଦେଶୀ- ବିଦେଶୀ କୁକୁରଙ୍କ ପ୍ରଜାତି ଆଉ ନାଁ ଗଣେଇବା ଆରମ୍ଭ କରିଦେଲା, ସତେ ଯେମିତି ସେ କୁକୁରଙ୍କ ଉପରେ ପି.ଏଚ.ଡି କରିଛି । ତାପରେ ସେ କହିଲା, 'ଲୋକମାନେ ଯେମିତି ବର, ବଧୂ ଖୋଜିବା ପାଇଁ ପେପରରେ ବିଜ୍ଞାପନ ଦେଉଛନ୍ତି, ତୁ ସେମିତି କୁକୁର କିଣିବା ପାଇଁ ବିଜ୍ଞାପନଟେ ଦେଇ ଦେ ।'

ନମିତାର ରାୟ କାହିଁକି କେଜାଣି ମୋତେ ଭଲ ଲାଗିଲା ।

ତଥାପି.., ଛାଡ, ଏ ସବୁ ବାଜେ କଥାରେ ଘାଣ୍ଟି ହୋଇ ମୁଁ ନିଜ ସମୟକୁ ନଷ୍ଟ କରିବାକୁ ଚାହୁଁନଥିଲି । ତେଣୁ ମନପସନ୍ଦର କୁକୁରଟେ ପାଇଁ ମୁଁ ଗୋଟିଏ ଭଲ ଡ୍ରାଫ୍ଟ ତିଆରି କଲି । ଘର ପାଖରେ ଥିବା ଏଡ୍ ଏଜେନ୍ସିକୁ ଗଲି । ଡ୍ରାଫ୍ଟକୁ ଦେଖି ସେଠି ବସିଥିବା କର୍ମଚାରୀ କହିଲେ, କ'ଣ ମ୍ୟାଡାମ୍ ଆପଣ ଗୋଟିଏ କୁକୁର ପାଇଁ ଏତେ ଲମ୍ବା ଡ୍ରାଫ୍ଟ ବନେଇ ଆଣିଛନ୍ତି! ଆପଣଙ୍କ ଏହି ଏଡ୍ ସାଢ଼େ ତିନି ହଜାରର ଖର୍ଚ୍ଚ ଆସିଯିବ । ସାଢ଼େ ତିନି ହଜାର...! ଏହି ପଦକ କଥା ଶୁଣି କ୍ଷଣକ ପାଇଁ ଲାଗିଲା ସତେକି ଆଉ ମୋ ପାଦ ତଳର ମାଟି ଖସିଯିବ । ଏକରେ ତ ମାସର ଶେଷ ସପ୍ତାହ ସେଥିରେ ପୁଣି ଏତେ ଟଙ୍କା..! ଘରେ ଟଙ୍କା ମିଳିବାଟା ଟୋକଏ କଷ୍ଟକର ଥିଲା ଏଭଳି ସମୟରେ । ତଥାପି ଘରକୁ ଆସି ବହୁତ ଖୋଜଖୋଜି କଲାପରେ ଲୁଚେଇ ରଖିଥିବା ଗୁପ୍ତଧନରୁ କିଛି ଦେଇ କୈଣସି ମତେ ପେପରରେ ଏଡ୍ ଦେଇଦେଲି ।

ବିଜ୍ଞାପନ ଦେବାର ଦଶ- ବାର ଦିନ ପରେ ଲଫାଫାର ବଣ୍ଡିଲଟେ ଆସି ଧରେଇ ଦେଲା ପୋଷ୍ଟ ପିଅନ । ଜଲଦି ଜଲଦି ମୁଁ ଗୋଟାକ ପରେ ଗୋଟେ ଏମିତି ସବୁ ଲଫାଫାକୁ ଖୋଲି ଦେଲି ଆଗ୍ରହରେ । ସେଥିରେ ବଢ଼ିଆ ବଢିଆ କୁକୁରଙ୍କ ପ୍ରଜାତି ଆଉ ତାଙ୍କର ଦାମ୍ ବିଷୟରେ ସୂଚନା ଥିଲା । ତା' ସହିତ ଥିଲା ତାଙ୍କର ଲାଳନ- ପାଳନ ବିଷୟରେ ସୂଚନା, ଯେମିତିକି...କେଉଁ ପ୍ରଜାତିର କୁକୁର କେବଳ ମାଂସ ଖାଇବାକୁ ପସନ୍ଦ କରେ ତ ଆଉ କିଏ

କେବଳ କ୍ଷୀର ପିଏ । ଏହି 'କୁକୁର ଶାସ୍ତ୍ରର' ଚକ୍କରରେ ମୁଁ ଏମିତି ମଜ୍ଜି ଯାଇଥିଲି । ଆଉ ଧ୍ୟାନ ରହିଲାନ ସମୟର ।

ଯେତେବେଳେ ମୋ ସ୍ୱାମୀ ସନ୍ଧ୍ୟାରେ ଘରକୁ ଫେରିଲେ, ଚଟାଣରେ ଏଣେ ତେଣେ ପଡିଥିବା ଲଫାଫା ଗୁଡିକୁ ଦେଖି,ମୋତେ ପ୍ରଶ୍ନବାଚକ ଦୃଷ୍ଟିରେ ଦେଖିବାକୁ ଲାଗିଲେ । ତାଙ୍କ ସହିତ ଚା' ପିଉ ପିଉ ମୁଁ ତାଙ୍କୁ ମୋର କୁକୁର ପୁରାଣ ବିଷୟରେ କହିବାକୁ ଆରମ୍ଭ କଲି; କେମିତି ମୋ ସାଙ୍ଗ ନମିତା ମୋତେ କହିଲା, ଭଲ କୁକୁର ପାଇଁ ପେପରରେ ବିଜ୍ଞାପନ ଦେବେକୁ ପଡେ । ସେ କ୍ରୋଧ ଜର୍ଜରିତ ହୋଇ ବିସ୍ଫୋରିତ ଆଖିରେ ମୋତେ ଅନେଇ କହିଲେ.., "ଲୋକଙ୍କର ଷାଠିଏ ବର୍ଷ ହେଲେ ମୁଣ୍ଡ ଖରାପ ହୁଏ, ହେଲେ ଲାଗୁଛି, ଷାଠିଏ ହେବା ପୂର୍ବରୁ ତୁମ ମୁଣ୍ଡ ଖରାପ ହୋଇଗଲାଣି । ଆରେ, ଭୂଲ୍ ହେଉ ପଛକେ ତୁମେ ଥରଟେ ଆମର ଦୁଇ ପିଲାଙ୍କ ଲାଳନ- ପାଳନ ବିଷୟରେ ଏତେ ଗଭୀର ଭାବରେ କେବେ ହେଲେ ଚନ୍ତା କରିଛ ଆଜି ପର୍ଯ୍ୟନ୍ତ ? ଲାଗୁଛି,ଏଇ କୁକୁର ପାଳବା ଚକ୍କରରେ ଦିନେ ତମେ ମୋତେ କାଙ୍ଗାଳ କରି ଛାଡିବ ।"

ମୋର କାନ୍ଦ କାନ୍ଦ ଚେହେରାକୁ ଦେଖି ସେ ଟିକଏ ନରମ ହୋଇ ମୋତେ ବୁଝାଇ କହିଲେ, "ଦେଖ..ଏମିତି ପାଗଳାମୀ କରି ଟଙ୍କା ଖର୍ଚ୍ଚ କରିବାର କୌଣସି ଆବଶ୍ୟକତା ନାହିଁ । ମୁଁ ତୁମ ପାଇଁ ଗୋଟିଏ କୁକୁର ଯୋଗାଡ କରଦେବି । ତା'ପର ସପ୍ତାହରେ ୟାଙ୍କ ଅଫିସର ଚପରାସୀ ଆସି ଗୋଟିଏ ସୁନ୍ଦର, ଗୁଲୁଗୁଲିଆ କୁକୁର ଆଣି ପହଞ୍ଚାଇ ଦେଲା ଆମ ଘରେ ।

ଘରେ କୁକୁର ଆଗମନ ମୋ ନିଷ୍କ୍ରିୟ ଜୀବନରେ ଫଗୁଣର ରଙ୍ଗ ଭରିଦେଲା ଯେମିତି । ମୋ ଚାରିପାଖରେ ଦୁନିଆ ବହୁତ ସୁନ୍ଦର ଲାଗିବାକୁ ଲାଗିଲା ମୋତେ । ସକାଳେ ଆଉ ସନ୍ଧ୍ୟାରେ ତାକୁ ଲଘୁଶଙ୍କା ପାଇଁ ବୁଲେଇବାକୁ ବାହାରକୁ ନେଲାବେଳେ ମୋତେ ବହୁତ ଖୁସି ଲାଗୁଥିଲା ।

ଦିନେ ସନ୍ଧ୍ୟାରେ ପ୍ରତିଦିନ ଭଳି ଯେତେବେଳେ ମୁଁ ରେଡି ହୋଇ ନିଜ କୁକୁରକୁ ବୁଲେଇନେବା ପାଇଁ ବାହାରିଲି, ଦେଖିଲି ମୋର ପୁରୁଣା ସାଙ୍ଗ ସାମ୍ନାରୁ ଆସୁଛି । ତାକୁ ଦେଖି ମୁଁ କଛି ସମୟ ପାଇଁ ଠିଆ ହୋଇଗଲି ଗପସପ କରିବା ପାଇଁ । ସେତିକବେଳେ ମୋତେ ଲାଗିଲା ଯେମିତି କୁକୁରର ଚେନ୍ ଟାଣିହେଉଛି । ମୁଁ ନିଜକୁ ସମ୍ଭାଳିବା ପୂର୍ବରୁ କୁକୁର, ଦ୍ରୁତ ଗତିରେ ଦୌଡିବାକୁ ଆରମ୍ଭ କରି ଦେଇଥିଲା । ଆଉ ମୁଁ..ଏଇ ବୟସରେ ଦଉଡି ଦଉଡି କେତେ ଦୂର ଯାଏଁ କୁକୁରର ପିଛା କରିଥାନ୍ତି!

ମୁଁ ଏହି ଦ୍ୱନ୍ଦରେ ଥିଲି ଯେ, କେମିତି କୁକୁରକୁ ଅଟକେଇବି । ହଠାତ୍..ଗୋଟେ ଜୋରଦାର୍ ଧକ୍କା ଲାଗିଲା ଆଉ ରାସ୍ତା ମଝିରେ ଚିତ୍ ହୋଇ ପଡିଗଲି ମୁଁ । ତା'ପରେ..କ'ଣ ହେଲା ଜାଣିବା ପୂର୍ବରୁ ବେହୋଶ୍ ହୋଇଗଲି ମୁଁ । କଏ, କେମିତି..., କେତେବେଳେ..ମୋତେ ହସ୍ପିଟାଲକୁ ନେଇ ଆସିଲେ କଛି ଜାଣିପାରିଲିନି । ହୋଶ୍ ଆସିଲା ପରେ ଜଣା ପଡିଲା ଯେ, ଧକ୍କା ଖାଇ ପଡିବା ଯୋଗୁଁ ମୋର ଡାହାଣ ଗୋଡର ହାଡ ଭାଙ୍ଗି ଯାଇଛି, ଯେଉଁଥିରେ ପାଖାପାଖି ଚାରିମାସ ପ୍ଲାଷ୍ଟର ରହିବ । ମନେ ମନେ ବହୁତ ଲଜ୍ଜିତ ଥିଲି ମୁଁ । ଆଉ ମୋ ସ୍ୱାମୀ ମୋତେ ଏମିତି ଅନେଇଥିଲେ..ଯେମିତି ପଚାରୁଛନ୍ତି,.. "କୁହ ପାଳିବା ନା ଛାଡିଦେବା..?"

୨୧୭, ଭୋଇ ନଗର, ଭୁବନେଶ୍ୱର - ୭୫୧୦୨୨



# ଅନ୍ତରୀକ୍ଷ ପାର୍



ହିମାଂଶୁ ଭୂଷଣ ଜେନା

ଦିନରାତି ଏକାକରି ମୁଁ ଏଠି ଏବେ ପହଞ୍ଚିଛି

ବିଶ୍ରାମ ନେବାକୁ ସମୟ କାହିଁ

ହାତରେ ସ୍ୱଳ୍ପ ସମୟ, ଅଳ୍ପ ଜୀବନ

ଦୀର୍ଘ ଗବେଷଣା

ଦେଖି ଆସେ ଆଗ ପୃଥିବୀ ମା ର ହାଲଚାଲ

ଆରେ ଏ କଣ?

ମୋ ଜାତିଭାଇ ଭଉଣୀ ସବୁ ବିବର୍ଣ୍ଣ, ଜରାଜୀର୍ଣ୍ଣ

ଉଡିବାର ଶକ୍ତି ନାହିଁ ଆଉ କାହାର

ଓହୋ, ଖାଦ୍ୟ ବିଷାକ୍ତ ର ପ୍ରଭାବ ବୋଧେ

ପ୍ଲାଷ୍ଟିକ୍, ପଲିଥିନ୍ ଖାଇ ଏ ଅବସ୍ଥା

ଶ୍ରେଷ୍ଠ ଜୀବ ମୋ ମଣିଷଭାଇକୁ ଟିକେ ଦେଖେ

ଆରେ ଏ କଣ?

କେଡେ ସୁନ୍ଦର ଚେହେରାରେ ବିକୃତି,

ଭୟଙ୍କର ଦିଶୁଛନ୍ତି ସମସ୍ତେ

ପାଣି ପାଇଁ ସବୁଠି ହାହାକାର

ଅମ୍ଳଜାନ ଥଳ ଧରି ବୁଲୁଛନ୍ତି

ଗାଡିଘୋଡା ସବୁ କୁଢକୁଢ
ଅଳଆ ଗଦାଭଳି ପଡିରହିଛନ୍ତି
ସବୁଜ ବନାନୀ ଲୁପ୍ତପ୍ରାୟ
ସବୁଠି ଡହଡହ ତତଲା
ପ୍ରକୃତିର କି ବିଚିତ୍ର ରୂପ!
ସ୍ୱପ୍ନ, ସୃଷ୍ଟି, ସମ୍ଭାବନା ସବୁ ପରାସ୍ତ
ବିକାସ ନାଁ ରେ ବିନାଶ, ସର୍ବନାଶ
ଆଖି ଛଳଛଳ ହୃଦୟ ମୋ ବିଦାରିତ
ତଥାପି ଉଡିବାକୁ ଅଛି ବହୁ ପଥ,
ତଥାପି ଉଡିବାକୁ ଅଛି ବହୁ ପଥ ।

ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କଆଳ, ଯାଜପୁର



# ଗୁରୁ



ଝିଲିମିଲି ସାହୁ

ସଂସାର ଏକ ଦିବ୍ୟ ରଙ୍ଗମଞ୍ଚ
ଗୁରୁ ପ୍ରତିରୂପ ସ୍ୱୟଂ ଭଗବାନଙ୍କର
ଉଦ୍ଦେଶ୍ୟ ସଭିଙ୍କ ଅବିଗ୍ରମ ପ୍ରଗତି
କରି ବ୍ୟବହାର ଲବ୍ଧଜ୍ଞାନର ॥୦॥

ପାର୍ଥିବ ଯାତ୍ରାର ପ୍ରାରମ୍ଭ ହୁଏ ଶୈଶବରେ
ଜ୍ଞାତିକୁଟୁମ୍ବ ମଧ୍ୟେ ଅନୁଭବ ହୁଏ ଭଲ ଓ ମନ୍ଦ
ଆଚରଣ ନିରିକ୍ଷଣେ ତ୍ରୁଟି ହୁଏ ସଂଶୋଧନ
ଓ ପ୍ରାରମ୍ଭିକ ପରିତୃପ୍ତି ହୁଏ ବ୍ୟକ୍ତି ଜିଜ୍ଞାସାର ॥୧॥

ନିଚ୍ଛକ ଅନୁଭୂତି ସାରଥୀସାଜେ ଜୀବନ ରଥରେ
ଆତ୍ମୋପଲବ୍ଧି ହୁଏ ପ୍ରତ୍ୟେକ୍ଷ ସତ୍ୟର
ପୁଣି ଲୁହା ପରିଣତ ହୁଏ ସୁବର୍ଣ୍ଣରେ
ସଂଶ୍ଳେଷଣେ, ବିଶ୍ଳେଷଣେ ତ୍ରୁଟି ଓ ସଫଳତାର ॥୨॥

ଜାଗୃତ କରାଏ ଉତ୍କଣ୍ଠିତ ଶିଷ୍ୟ ଅନ୍ତରେ
ଅର୍ଦ୍ଧ- ଜାଗୃତ ସୁପ୍ତ ଭଗବାନଙ୍କୁ
ସଠିକ୍ ମାର୍ଗଦର୍ଶନେ କେନ୍ଦ୍ରିତକରେ ଇଚ୍ଛାଶକ୍ତିସବୁ
ଲାଘବ କରିବାକୁ ବ୍ୟକ୍ତିର ବ୍ୟଥାକୁ ॥୩॥

ସ୍ୱପ୍ନରାଜ୍ୟରୁ ବାଟ କଢାଇନଏ ଉଜ୍ଜ୍ୱଳ ଆଲୋକେ
ଭରିଦିଏ ବିଶ୍ୱାସ ଲଙ୍ଘିବାକୁ ଅସରନ୍ତିବାଟ
ଗୁରୁବାଣୀ ପ୍ରେରଣାଦିଏ ବ୍ୟବହାର, କରେ ମାର୍ଗଦର୍ଶନ
ସରଳତା ଓ ସ୍ଥିରତାର ମହକେ ସୃଷ୍ଟିହୁଏ ଶୁଦ୍ଧ ବାତାବରଣ ॥୪॥

ଗୁରୁଶ୍ରେଷ୍ଠ- ଦାର୍ଶନକ, ପରମାତ୍ମାଙ୍କ ଅବାଧ ଅଭିବ୍ୟକ୍ତି
ସେ ଜ୍ଞାନସୋରତ, ପ୍ରେମମୟ ସର୍ବବ୍ୟାପୀ
ଶ୍ରେଷ୍ଠ ସାଧକ, ପଣ୍ଡିତ ତଥା ମାର୍ଗଦର୍ଶକ
ଗୁରୁ ହିଁ ଗୁରୁ ଏକ ଆଲୌକିକ ପରଶମଣି ॥

ଶିକ୍ଷୟିତ୍ରୀ, ନବଘନପୁର, ନୟାଗଡ



# କ୍ଷୁଦ୍ର ଗଳ୍ପ

## "ଭୂତ"



ବିଜୟିନୀ ପଣ୍ଡା

ଗାଁ ମୁଣ୍ଡରେ ଝଙ୍କାଳିଆ ବରଗଛ ଟାଏ, କେଜାଣି କେଉଁ କାଳରୁ ମୁଣ୍ଡ ଟେକ ଛିଡ଼ା ହୋଇଛି। ଗଛର ଶାଖା ପ୍ରଶାଖା କେତେ ଦୂର ଯାଏ ଲମ୍ବିଛି ଯେ କାହାରିକି ଜଣାନାହିଁ । ଦିନବେଳେ କେତେ ଟୋକା ଏଠି ବସି ତାସ ଖେଳନ୍ତି, ଲୁଡୁ ଖେଳନ୍ତି । ଦିନ ଦ୍ୱିପହର ଟା ହସ କୌତୁକରେ କଟି ଯାଏ । ସନ୍ଧ୍ୟାବେଳେ ଗ୍ରାମର ମୁଖ୍ୟ ଆଭିଜାତ୍ୟ ତଥା ବୟୋଜ୍ୟେଷ୍ଠ ଏଠି ସମୟ କଟାନ୍ତି । କାହାଘରେ କଣ ହେଲା ନ ହେଲା ଏଠି ଆଲୋଚନା ସମାଲୋଚନା ହୁଏ । କିନ୍ତୁ ରାତିରେ ବରଗଛ ପାଖକୁ କେହି ଯିବାକୁ ସାହସ କରନ୍ତି ନାହିଁ । କାରଣ ସେଠି କୁଆଡେ ଏକ ଭେଣ୍ଡିଆ ଭୂତ ରହେ !!! ଯିଏ ରାତିବେଳା ସେ ସ୍ଥାନ ଅତିକ୍ରମ କରିଯାଏ, ତାକୁ ସେ ଭୂତ ଧରି ହଇରାଣ କରେ ।

ଜିତୁ ର ମାମୁଁ ଘର ସେହି ଗାଁରେ । ମାମୁଁ ଘରକୁ ଯିବାପାଇଁ ଜିତୁର ସଜବାଜ ସରିଛି । ମାମୁଁ ଘରକୁ ଗଲେ ଆଈ କେତେ ପ୍ରକାର ପିଠାପଣା କରି ଖୁଆଏ । ମାଇଁ ଗେଲ କରନ୍ତି । ମାମୁଁ ମଧ୍ୟ ଭଣଜା ଆସିଛନ୍ତି ବୋଲି, ଯେଉଁଠି ଯାହା ପାଇଲେ ନେଇ କି ଆସନ୍ତି । ଭଣଜା ଖାଇବେ ବୋଲି । ବର୍ତ୍ତମାନ ଜିତୁ ସପ୍ତମ ଶ୍ରେଣୀର ଛାତ୍ର । ନିଜ କାମ ନିଜେ କରିପାରୁଛି। ମାଆ ଉପରେ ଆଉ ନିର୍ଭର କରୁନାହିଁ । ଏକା ଏକା ଗୋଟିଏ ଜାଗା ରୁ ଆଉ ଗୋଟେ ଜାଗା କୁ ମଧ୍ୟ ଯାଇପାରୁଛି । ସେ କାଳେ ବଡ଼ ହୋଇ ଗଲାଣି ।

ଜିତୁ ର ଘର ସମ୍ବଲପୁର ରେ । ମାମୁଁ ଘର ସମ୍ବଲପୁର ରୁ ମାତ୍ର ପନ୍ଦର କିଲୋମିଟର "ଝାଙ୍କରପାଲି" । ସତେ ଯେମିତି ଝଙ୍କାଳିଆ ବରଗଛ ଟା ଗାଁ ମୁଣ୍ଡରେ ଥିବା ଯୋଗୁଁ ଗାଁ ର

ନାଁ "ଝାଙ୍କରପାଲି" । ବାପା ସମ୍ବଲପୁର ରେ ଏକ ପ୍ରାଇଭେଟ କମ୍ପାନୀ ରେ କାମ କରନ୍ତି । ମାଁ ସ୍କୁଲ ଟିଚର ।

ଜିତୁ ମାଁ ବାପାଙ୍କର ଏକମାତ୍ର ଗେଲ୍ହା ପୁଅ । ଏବେ ତ ଯୁଗ ବଦଳ ଗଲ୍ଣି । ସଡକପଥ ର ବେଶ ସୁବିଧା ହେଲ୍ଣି । ସିଟି ବସ ପ୍ରତ୍ୟେକ ଘଣ୍ଟାରେ ମାମୁଁ ଘର ଗାଁ ବାଟ ଦେଇ ଯିବା ଆସିବା କରୁଛି । ସେଆର ଅଟୋ ମଧ୍ଯ ସବୁବେଳେ ଯାଉଛି, ହେଲେ ସେତେବେଳେ ମାମୁଁ ଘରକୁ ଯିବା ଆସିବା ପାଇଁ କୌଣସି ବିଶେଷ ସୁବିଧା ନ ଥିଲ୍ । କେବଳ ଗୋଟେ ଗାଡି ଥିଲ୍ "ପ୍ରଧାନ ଟ୍ରାଭେଲସ" । ଦିନକୁ ଦି' ଥର ମାମୁଁ ଘର ଗାଁ ପଟ ଦେଇ ବସ ଟା ଆହୁରି ଆଗକୁ ଯାଏ ତାର ଗନ୍ତବ୍ୟ ସ୍ଥଳକୁ । ମାମୁଁ ଘର ପଡ଼ୋଶୀ ଅଗସ୍ତି ମାମୁଁ ସେ ବସ ର କଣ୍ଡକ୍ଟର । ବସ ରେ ଗଲେ ଭଡା ବି ଦେବାକୁ ପଡେ ନାହିଁ ।

ଦଶହର୍ ମାସ । ପଶ୍ଚିମ ଓଡ଼ିଶାରେ ଗୋଟେ ଚଳଣି ଅଛି, ଦଶହର୍ ମାସରେ ଝିଅ ନିଶ୍ଚେ ମାଁ ଘରକୁ ଯିବ । ସେଥିପାଇଁ ଜିତୁ ସଜବାଜ ହୋଇଛି ମାଁ ସାଥେ ଯିବ । ଆଉ ଏକ ଖାସ କଥା ଗାଁ ରୁ ଫେରିଲ୍ ବେଳେ ମାମୁଁ ମାଇଁ ବାଟଖର୍ଚ୍ଚ ଦେବେ, ଆଠଣା କ ଟଙ୍କା ଟିଏ । ଆଉ ଆଇ ପୁଣି ଲୁଚେଇ କ ଦବ କଛି ହାତଗୁଂଜା । ସେଇ ହାତଗୁଂଜା ଟିକକ ଜିତୁର ଏକାନ୍ତ ନଜସ୍ୱ । ସେ ଯାହା ଗୃହିଁବ ଖର୍ଚ୍ଚ କରିବ । ସେଥର ମାଁ ଙ୍କର କଛି କାମ ପଡିଲ୍। ମାଁ ଆଉ ମାମୁଁ ଘରକୁ ଯାଇ ପାରିଲେ ନାହିଁ । ଜିତୁ ର କନ୍ତୁ ଏକା ଜିଦ ସେ ଯିବ ମାନେ ଯିବ । ସକାଳୁ ରୁଷି କ ଖିଆପିଆ ବନ୍ଦ କରିଦେଇଛି । ସାଙ୍ଗସାଥି ସଭିଏ ମାମୁଁ ଘର ଗଲେଣି । ବାପା ତା ଜିଦ ଦେଖି କହିଲେ "ହଉ ଠିକ ଅଛି, ମୁଁ ସନ୍ଧ୍ୟାରେ ତତେ ବସ ରେ ବସେଇ ଦେବି । ତୁ ଯିବୁ । ଅଗସ୍ତି କୁ କହିଦେବି ତତେ ମାମୁଁ ଘର ଗାଁ ରେ ଓଲ୍ହାଇ ଦେବ। ବସ ଷ୍ଟପ ରୁ କେତେ ଲୋ୍କ ଗାଁ ଭିତରକୁ ଯାଉଥିବେ ତୁ ତାଙ୍କ ସାଙ୍ଗରେ ଗୃଲିଯିବୁ"। ବସଷ୍ଟପ ରୁ ଘର ଅଳ୍ପ ଦୂର । ତେଣୁ ବାପା ରାଜି ହୋଇଗଲେ ।

ସଂଧ୍ୟା ୫ ଟା' ସମୟ । ବାପା ଜିତୁ କୁ ନେଇ ଗାଡ଼ିରେ ବସେଇଦେଲେ । ଅଗସ୍ତି କୁ କହିଦେଲେ ଗାଁରେ ଓଲ୍ହାଇ ଦେବାପାଇଁ । ବସ ଗୃଲିଲ୍ ଗାଁ ଅଭିମୁଖେ । ମାତ୍ର ୫ କଲୋ୍ମିଟର ଯାଇଛି କ ନାହିଁ, ଫୁ...ସ...ସ...ସ... । ଟାୟାର ଟା ପଙ୍କଚର ହୋଇଗଲ୍ ।

ତାକୁ ବଦଳା ଗଲା । ଇତି ମଧ୍ୟରେ ୪୫ ମିନଟ ଅତିକ୍ରମ କରିଗଲାଣି । ଗାଁ ରେ ପହଂଚୁ ପହଂଚୁ ସାଢ଼େ ୬ ଟା । ଅଗସ୍ତି ଜିତୁ କୁ ଓହ୍ଲାଇ ଦେଲା । ଦି' ଜଣଙ୍କ ସାଙ୍ଗରେ ସାଙ୍ଗ ମଧ୍ୟ କରିଦେଲା, ତାପରେ ବସ ଟା ଆଗକୁ ମାଡି ଗ୍ଚଲିଲା । ଗାଁର ଦୁଇ ଜଣ ଭଦ୍ରବ୍ୟକ୍ତି ଜିତୁ କୁ କହିଲେ "ଛକ ପାଖ ଦୋକାନରେ ଟିକେ କାମ ଅଛି, ତୁ ରହ, କାମ ଟା ସାରିଦେଇ ଏକାଠି ଯିବା । ହେଲେ ଜିତୁ ତ ନଛୋଡବନ୍ଧା । ଏଇତ ଗାଁର ବିଜୁଳବତୀ ସବୁ ଦେଖାଯାଉଛି । ସେ ଏକା ଗ୍ଚଲିଯିବ ।

ଆଶ୍ୱିନ ମାସ ଶୁକ୍ଳ ପକ୍ଷ, ଜହ୍ନ ର ତୋଫା ଆଲୁଅରେ ରାସ୍ତା ଫରଛା ଦିଶୁଛି । ଜିତୁ କଛି ଗୀତ ଗୁଣୁଗୁଣୁ ହୋଇ ଆଗକୁଗ୍ଚଲିଲା । କଛି ବାଟ ଗଲାପରେ ଆଗରେ ସେଇ ଝଙ୍କାଳଆ ବରଗଛ । ହଠାତ ମନେ ପଡିଗଲା 'ଭୂତ' କଥା । ସେ ଡରରେ ଛାନିଆ ହେଲା । ଦେହ ତାର ଝାଳନାଳ ହୋଇଗଲା । ନା ପଛକୁ ଫେରି ପାରୁଛି ନା ଆଗକୁ ଯାଇ ପାରୁଛି । ତାକୁ ଲାଗିଲା କଏ ଯେମିତି ଛାଇ ଭଳ ତା ପଛେ ପଛେ ଆସୁଛି । ପିଲାଦିନେ ଅଜା ହନୁମାନ ଗ୍ଚଲିଶା ପଢୁଥିଲେ, ଜିତୁର କଛି କଛି ମନେ ଅଛି । ସେ ଗୁଣୁଗୁଣୁ ହେଲା । "ଜୟ ହନୁମାନ ଜ୍ଞାନ ଗୁଣ ସାଗର...." ତାପରେ....... ତାକୁ ଲାଗିଲା କଏ ଯେମିତି ତା ଉପରକୁ ଗୋଡି ବାଲି ଫିଙ୍ଗୁଛି । ତା'ର ପାଦ ର ଗତି ଅଟକଗଲା । ସେ ଖାଲି ଗୋଟାପଣେ ଥରୁଥାଏ । ତା ପାଦ ଗତି ଯେମିତି ଅଟକଗଲା, ଗୋଡିବାଲି ମଧ୍ୟ ବନ୍ଦ । ଟିକେ ଆଶ୍ୱସ୍ତ ହେଲା । ତା'ର ଗତି ବଢିବାକୁ ଲାଗିଲା । କନ୍ତୁ ଏଇ କଣ ? ଯେତେ ଜୋର ରେ ସେ ଗ୍ଚଲୁଛି ସେତେ ଜୋର ରେ ତା ପିଠିରେ ବାଲି ଗୋଡି ବୃଷ୍ଟି ହେଉଛି । ଜିତୁ ଦୌଡ଼ିବାରେ ଲାଗିଲା । ଦୌଡ଼ି ଦୌଡ଼ି ହାଲିଆ ହୋଇଗଲା । ତାପରେ ମନରେ ଟିକେ ସାହସ ଜୁଟାଇ ପୁରା ଅଟକ ଗଲା । ତା ପାଦ ଯେମିତି ଅଟକଛି, ବାଲି ଗୋଡି ର ମାଡ଼ ମଧ୍ୟ ବନ୍ଦ । ସେ ଗୋଟିଏ 'ତାବିଜ' ପିନ୍ଧିଛି । କାହାରି ଖରାପ ଦୃଷ୍ଟି ପଡିବନ ବୋଲି ଜେଜେମା ତାକୁ ପିନ୍ଧେଇ ଥିଲା । ଜୋର ରେ ତାବିଜ କୁ ଜାବୁଡି ଧରିଲା ଜିତୁ । ଆଗକୁ ପାଦ ବଢ଼ାଇଲା, ପୁଣି ବାଲି ଗୋଡି ର ବୃଷ୍ଟି । ଇତି ମଧ୍ୟରେ ସେ ଗାଁ ଭିତର ପାନ ଦୋକାନ ରେ ପହଁଚ ଯାଇଛି । ଅଳ୍ପ ଅଳ୍ପ ଆଲୁଅ ରେ ଦେଖାଯାଉଛି ଦି' ଗ୍ଚରି ଜଣ ସେଠି କଥାବାର୍ତା କରୁଛନ୍ତି । ଜିତୁ ର

ଜୀବନ ଫେରି ଆସିଲା । ଏଇ ମାମୁଁ ଘର ବି ଦେଖା ଗଲାଣି । ଟିକେ ଶାନ୍ତି ରେ ନିଶ୍ବାସ ମାରିଲା । ହେଲେ ବାଲି ଗୋଡି ତାର ପିଛା ଛାଡୁନ । ଏଥରକ ପଛକୁ ଫେରି ଚାହିଁଲା । ପଛରେ କେହି ନାହାନ୍ତି । ମାତ୍ର ଯାହା ସେ ଅନୁଭବ କଲା, ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲା ନାହିଁ । ତାକୁ ଲାଗିଲା ତା ଠୁ ବୋକା ଆଉ କେହି ନାହାନ୍ତି । କଣ ହୋଇଛି ନା' ବାପା ଦୁଇ ଦିନ ତଳେ ଚପଲ ଛିଣ୍ଡି ଯାଇଥିବା ରୁ ନୂଆ ସ୍ଲିପର ଖଣ୍ଡେ ଆଣି ଦେଇଥିଲେ । ବସଷ୍ଟପ ଠୁ ଗାଁ ପର୍ଯନ୍ତ କଚ୍ଚା ରାସ୍ତା, ବାଲି ପଡିଛି । ଜିତୁ ଯେତେବେଳେ ଆଗକୁ ପାଦ ବଢ଼ାଉଛି, ସ୍ଲିପର ରେ ସେତେଜୋର ବାଲି ଆସି ତା ପିଠି ରେ ମାଡ଼ ହେଉଛି । ଏଣୁ ଯେଉଁଠି ସେ ରହି ଯାଉଛି, ମାଡ଼ ବନ୍ଦ । ମନେ ମନେ ଖୁବ ହସିଲା ଜିତୁ । ଓଃ ତାହେଲେ ଲୋକେ ଯାହାକୁ ଭୂତ ବୋଲି ଭାବନ୍ତି ତାହା ମନର ଭ୍ରମ । ପ୍ରକୃତରେ ଭୂତ - ଫୁତ କିଛି ନାହାନ୍ତି ।

ରଶ୍ମି ରଞ୍ଜନ ସାହୁ ଙ୍କ "ଭୂତ" କବିତା ଟି "ସାହିତ୍ୟ ମାଧୁର୍ଯ୍ୟ" ରେ ପଢିବା ପରେ ଅତୀତ ର ଏହି ସ୍ମୃତି ରୋମନ୍ଥନ କରୁଥିଲା ଜିତୁ । ବର୍ତମାନ ସେ ୩୨ ବର୍ଷ ର ଯୁବକ । ଜିତୁ ରୁ ପାଲଟି ଯାଇଛି ଶ୍ରୀମାନ ଦିବ୍ୟଜିତ ତ୍ରିପାଠୀ ।

ଶିକ୍ଷୟିତ୍ରୀ
ମହମ୍ମଦପୁର ନୋଡାଲ ହାଇ ସ୍କୁଲ
ସମ୍ବଲପୁର



# ନାରୀ ନମସ୍ତୁଭ୍ୟମ୍



ଜୟପ୍ରକାଶ ଦୁରିଆ( ରମଣ)

ଫୁଲ ପରି କୋମଳ          କଣ୍ଟା ପରି କଠୋର
ମହାନ ତୁମ ଗୁଣ ଗାରିମା
ମାତା, ଭଗିନୀ ତୁମେ          ଆଗ୍ନର୍ଯ୍ୟା, ଭାର୍ଯ୍ୟା ତୁମେ
ଅନେକ ରୂପେ ଯୋଗ ଜନମା ॥ ୧ ॥

ଆହେ ମମତାମୟୀ          ମଙ୍ଗଳ କୃପମୟୀ
ଆଶୀଷ ତବ ମୁଖୁ ଝରଇ
ସାଗର ଠୁ ଗଭୀର          ମାପ ଯା ଅସମ୍ଭାର
ମମତା ଛଳଛଳ ବହଇ ॥ ୨ ॥

ତୁମେ ସଞ୍ଜ ସଳତା          ସକାଳ ସୂର୍ଯ୍ୟଛିଟା
ଅନ୍ଧାର ଦୁନଆଁର ଆଲୋକ
ଅଜ୍ଞାନ ଶିକ୍ଷାର୍ଥୀକୁ          ଶିକ୍ଷାଦିକ୍ଷା ଦେବାକୁ
କରଯେ ନିରନ୍ତର ପ୍ରୟାସ ॥ ୩ ॥

ତୁମେ ପ୍ରେମ ପ୍ରତୀକ          ଭାବନା ରଖ ବ୍ୟକ୍ୟ
ଆଶା ବିଶ୍ୱାଷ ତୁମ ସଂସାର

ଦୁଇ କୂଳକୁ ହୀତା ନାଁ, ବୋଲାଅ ଦୁହିତା
ସମ୍ପର୍କ ଯୋଡ ଯୁଗ ଯୁଗର ॥୪॥

ଧରମ ସାକ୍ଷୀ ବୋଳ କରମ କୁ ଆଦରି
ଜୀବନ ହସିଁ ହସିଁ ଜିଉଛ
ଆନ ର ସୁଖ ଚନ୍ତି ନଜର ଦୁଃଖ ଭ୍ରାନ୍ତି
ଅମୃତ ଭ୍ଵବି ଦୁଃଖ ପିଉଛ ॥୫॥

ତୁମେ ଅବଳା ନୁହଁ ତୁମେ ଦୁର୍ବଳା ନୁହଁ
ତୁମେ ତ ସାର୍ବଭୌମ ସୃଷ୍ଟିର
ତୁମେ ତ ସଙ୍ଖବଦ ତୁମେ ତ ଧର୍ମରେ
ମୂରତୀ ଗତି, ମୁକ୍ତି, ସ୍ଥିତିର ॥୬॥

ଭଗବତ ଗୀତା କହେ ପୁରାଣ ପୋଥି କହେ
ସର୍ବାଗେ ନାରୀଙ୍କର ଆସ୍ଥାନ
ଦାନବ ଦତ୍ୟଗଣ ନାରୀଙ୍କୁ ଅସମ୍ମାନ
କରି ଯମର ହେଲେ ଭଜନ ॥୭॥

ସୃଷ୍ଟି ଅଧିକାରିନୀ ଦୈବୀ ଶକ୍ତି ଧାରିନୀ
ପାଉଛ ସବୁଠାରେ ଆଦର
ସ୍ନେହ ମମତା ପ୍ରେମେ ସଭିଙ୍କୁ ବାନ୍ଧି ତୁମେ
ଭରି ଦେଉଛ କେତେ ସଂସ୍କାର ॥୮॥

ଦିଅଁ ଙ୍କ ବରଦାନ ପାଇ ନାରୀ ଜନମ
ମାନବୀ ରୂପେ ଦେବୀ ପ୍ରକୃତି
ସହନଶୀଳା ତୁମେ ଧୈର୍ଯ୍ୟ ଶୁଶିଳା ତୁମେ
ପୁରିଛି ତୁମଠାରେ ସଂସ୍କୃତି ॥ ୯ ॥

ତୁମେ ହିଁ ଆଦିମାତା ତୁମେ ଜଗତଜିତା
ତିନ ବ୍ରହ୍ମାଣ୍ଡେ ତୁମେ ପୂଜିତା
ଯୁଗର ଅବସାନେ ନୂତନ ରୂପେ ତୁମେ
ପାଉଛ କୋଟି ପ୍ରାଣ ବନ୍ଦିତା ॥ ୧୦ ॥

ନିଜ ଅସ୍ତିତ୍ୱ ଚହ୍ନ ନିଜ ମହତ୍ତ୍ୱ ଜାଣ
ସୁକାର୍ଯ୍ୟେ ଦିଅ ମନ ପରାଣ
ପଥଭ୍ରଷ୍ଟ ହୁଅନ କୁମାର୍ଗରେ ଯାଅନ
ନାରୀମାନଙ୍କୁ ମୋ- ନିବେଦନ ॥ ୧୧ ॥

ନାରୀ ଆମରି ଗର୍ବ ନାରୀ ଆମ ଗୌରବ
ନାରୀ ଅମରି କୀର୍ତ୍ତୀ ଅମ୍ଳାନ
ନାରୀ ମାନ ମର୍ଯ୍ୟାଦା ନାରୀ ଐତିହ୍ୟ ଗାଥା
ନାରୀଙ୍କୁ ଦିଅ ଭବ୍ୟ ସମ୍ମାନ ॥ ୧୨ ॥

ନୂଆପଡା, ଓଡିଶା

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ତୁମ ପାଇଁ........



ପ୍ରଦେଶ କୁମାର ପ୍ରଧାନ

ସ୍ୱପ୍ନର ତରଙ୍ଗେ ଭାସେ
    କୋଟି କୋଟି ଆଶା,
ବିନିଦ୍ର ରଜନୀ କରେ
    ତା ପରେ ଭରଷା ।
ସକାଳ ସୂରୁଜ କରେ
    ତାକୁ ଉପହାସ,
ମିଥ୍ୟାର ସହରେ ସଦା
    କରେ ସେହି ବାସ ।
ଯନ୍ତ୍ରଣା ପ୍ରତାରଣା ସାଥି
    ସାଥି ହତାଶର ଛାୟା,
ସବୁ କିଛି ଲାଗେ ଆଜି
    ତା କୁ ମାୟା ମାୟା ।
ଭଙ୍ଗା ଗଢା ସଂସାରରେ
    ଘାରେ ବଞ୍ଚିବାର ନିଶା,
ଖୁଣ୍ଟି ଖାଣ୍ଟି ତୋଳ ଚାଲେ
    ବାଇଆ ଚଢେଇ ବସା ।

ତୁଠ ପଥରେ ହେବା ପାଇଁ
    କରେ ସେ ଗୁହାରୀ
ଶାମୁକା ଖୋଜେ ସାଗରେ
    ଜୀବନ ଯୁଦ୍ଧରେ ହାରି ।
ହାତ ଟେକ ଦିଏ କେବେ
    ଯାହା ଭାଗ୍ୟରେ ଅଛି,
ଘୁରି ବୁଲେ ଘଟ ଘାଟ
    ପାଇବାକୁ ପୁଣି କିଛି ।
ଶେଷ ଭିକ୍ଷା ମାଗିବସେ
    ହୃଦୟରେ ଟିକେ ଶାନ୍ତି,
ଜନ୍ମ ଜନ୍ମାନ୍ତର ଚାହେଁ ସେ
    ଅନ୍ଧାରକୁ କରିବାକୁ ପ୍ରୀତି ।
ନଟ ଆଟ ଯେବେ ବୁଝେ
    ମୃଗ ତୃଷ୍ଣା ହୁଏ ସବୁ,
ପଞ୍ଜୁର ଫେଡି ଯାଏ ଉଡି
    ପକ୍ଷୀମନେ ଭାବୁ ଭାବୁ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ନିଃସଙ୍ଗ ସଙ୍ଗ



ସତ୍ୟବ୍ରତ ମହାପାତ୍ର

ଚେଁ ଚେଁ ଶବ୍ଦ କରି ଚଢେଇ ଗୁଡାକ ଫଡ୍ ଫଡ୍ ହେଉଥାଆନ୍ତି । ମୋ ଭଳଆ ସେମାନଙ୍କୁ ବି ରାତିରେ ନିଦ ନାହିଁ ବୋଧହୁଏ । କେଜାଣି ଯଦି ସାପ ଟେ ଅଣ୍ଡା ଖାଇବାକୁ ଗଛରେ ଚଢିଥିବ। ସାପ କଣ ରାତିରେ ଶୋଉନଥିବେ? ସେଗୁଡାକୁ କୁଆଡେ ଭାରି ଅଳସୁଆ । କୁକୁରମାନଙ୍କ ପରି ରାତିରେ ସେମାନେ ବି ଚେଇଁ ରହୁଥିବେ ବୋଧେ । ଛାଡ, ସେଥିରୁ କଣ ମିଳବ । ମୋର ତ ରାତି ସରୁନ ଆଉ ଦିନ କଥା କଣ କହିବି ।

ସିନ୍ଦୁର୍ ଫିଟିଲ୍ ବେଳକୁ ମୋର ଦିନ ଆରମ୍ଭ । ଫୁଲ ଦୁଇଟା ଘର ସାମନା ଛୋଟ ବଗିଚାରୁ ଆଗ ତୋଳ ନ ଦେଲେ ଏ ଫୁଲ ତୋଳା ଗ୍ରୁପ ଚାଲି ଆସିବେ । ଇଏ ଫୁଲ ତୋଳା ନୁହେଁ ତ ରୀତିମତ ଅଭିଯାନ । ଗୋଟିଏ ହାତ ରେ ଟର୍ଚ୍ଚ ଆଉ ଆର ହାତ ରେ ଆଙ୍କୁଡି । ସତେ ଯେମିତି ୟାଙ୍କ ଠାକୁର ଚାହିଁ ବସିଛନ୍ତି ଯେ ଏଇ ଚୋରି କରି ଫୁଲ ନେଲେ ହିଁ ସେ ପୂଜା ପାଇବେ । ଆରେ, ଏତେ ଭକ୍ତି ତ ଘରେ ଗଛ ଲଗାଉନ । ହଁ, କେମିତି ବା ଲଗେଇବେ, ଇଞ୍ଚେ ଯାଗା ବି ତ ଛାଡିବେନ । ତେଣୁ ପର ବାଡିରୁ ଫୁଲ ନେବେ । ଛାଡ, ମଣିଷ ପ୍ରକୃତି.....

ଫୁଲ ଘରେ ଥୋଇଦେଇ ମୁଁ ବାହାରି ପଡିଲି ରାସ୍ତାରେ ଚାଲିବା ପାଇଁ । ଏ ସମୟ ଟା ଭାରୀ ଭଲ ଲାଗେ । ସୁଲୁସୁଲିଆ ପବନ ଟା ମନ ଖୁସି କରିଦିଏ । ଟିକଏ ବାଟ ଆସିଛି, ଗୋଟାଏ ଗଛ ମୂଳକୁ ଦେଖି ମୁଁ ଚମକ ପଡିଲି । ଠିକ୍ ସୁମିତ୍ରା ଙ୍କ ପରି ଜଣେ କିଏ ଠିଆ ହେଇ ଫୁଲ ତୋଳବାକୁ ଚେଷ୍ଟା କରିଛନ୍ତି । ସେମିତି ଶାଢୀ, ପିନ୍ଧା ବି ସେମିତି । ଦର ପାଚଲା ଚୁଟି,

ମୁଠାକରି ବନ୍ଧା ହେଇଛି । ସତେ ଯେମିତି ସୁମିତ୍ରା । ଆଶ୍ଚର୍ଯ୍ୟ ଲାଗିଲା ଏଣେ ଆଖିଟା ଜକେଇ ଆସିଲା ।

ପାଖକୁ ଆସିଲାବେଳକୁ ଭଦ୍ର ମହିଳା ଫୁଲ ଦୁଇଟା ଧରି ଧୀରେ ଧୀରେ ଚାଲିଗଲେ । ଇଚ୍ଛା ହେଲା କଥା ହେବାପାଇଁ, ହେଲେ ସାହାସ ହେଲାନି । କଣ ସେ ଭାବିବେ? ମୁଁ ମୋ ବାଟରେ ଚାଲିଲି ।

ଦିନ ଗୁଡାକ ତ ଏମିତି କଟିଯାଉଛି । ଠାକୁର ପୂଜା, ଖବରକାଗଜ ପଢା ଆଉ ଟିଭି ଦେଖା । କଥା ହେବାକୁ ତ କେହି ନାହାନ୍ତି । ସୁମିତ୍ରା ଥିଲା ବେଳେ ବୁଢା ବୁଢୀ ବସି ଗପସପ କରୁଥିଲୁ, କଳି ବି ଲାଗୁଥିଲୁ । ଦରପାଟୁଆ ପାଟିରେ ଏକାଠି ବସି ମୁଢୀ ଚେନାଚୁର ଖାଇବା ଆମର ସବୁଠୁ ପ୍ରିୟ ଥିଲା । ସେଥିପାଇଁ ସବୁବେଳେ ଗୋଟାଏ ଡବାରେ ସେ ମୁଢୀ ଆଉ ଚେନାଚୁର ଗୋଳାଇ ରଖିଥାଆନ୍ତି ଆମ ଶୋଇବା ଘରେ । ବେଳେବେଳେ ପାଖ ପଡିଶା ରୁ ରବି ବାବୁ କ କୃଷ୍ଣ ବାବୁ ଆସିଲେ ଗପ ଜମିଯାଏ । ସୁମିତ୍ରା ଯିବା ଦୁଇ ବର୍ଷ ହୋଇଗଲା ଆଉ ରବିବାବୁ ଯିବା ପାଖାପାଖି ବର୍ଷେ । ତା ଆଗରୁ କୃଷ୍ଣ ବାବୁ ତାଙ୍କ ପୁଅ ପାଖକୁ ବାଙ୍ଗାଲୋର ପଳେଇଲେ । ସେଠି ସେ ବି ଅସୁସ୍ଥ ।

ଘରେ ମୁଁ ଏକା । କେତେବେଳେ ଭଡାଟିଆ ଙ୍କ ସହ କଥାହୁଏ । ସେମାନେ ବ୍ୟସ୍ତ ତାଙ୍କର ଜଞ୍ଜାଳରେ । ଆଉ ପୁଅ ବୋହୁ ତାଙ୍କ କ୍ୱାର୍ଟର ରେ । ସବୁଦିନ ଦୁଇ ଓଳ ପାଇଁ ଖାଇବା ଆଣି ଚାକର ପିଲା ଦେଇଯାଏ । ତା ଠୁ ପୁଅ ବୋହୁ ନାତି ବିଷୟରେ ଖବରନିଏ । ହେଲେ ମୋ ସହିତ କଥା ହେବାକୁ ସମୟ କାହା ପାଖରେ ଅଛି?

ସବୁଦିନ ସକାଳୁ ଭଦ୍ର ମହିଳାଙ୍କୁ ଫୁଲ ନେବା ଦେଖେ । ବେଶି ପାଆନ୍ତିନି ଏ ଫୁଲ ଗୁପ ଉତ୍ପାତରେ । ହେଲେ ଦିନେ ଦେଖିଲି ଗଛରେ ଫୁଲ ନାହିଁ ଆଉ ସେ ଖୋଜି ଚାଲିଛନ୍ତି ଫୁଲ । ମୁଁ ମୋ ବଗିଚାରୁ ଫୁଲ ମୁଠାଏ ତୋଳି ତାଙ୍କ ପାଖରେ ପହଞ୍ଚିଲି ଓ ଫୁଲ ଯାଚିଲି । ଦେଖିଲି ବିନା ସିନ୍ଦୁର ଲଗା ଗୋରା ଚକଚକ ମୁହଁ । ଟିକଏ ହସି ସେ ଫୁଲ ଧରିଲେ ଓ ଧନ୍ୟବାଦ

କହିଲେ । ମୁଁ କହିଲି, ଆପଣ କଣ ଏଠାକୁ ନୂଆ ଆସିଛନ୍ତି । ସେ କହିଲେ ହଁ, ମୋ ପୁଅ ବଦଳ ହେଇକ ଆସିଛି । ଏଇ ପାଖରେ ରହୁଛି । ଏତିକ କହି ସେ ଗ୍ଲିଗଲେ ।

ମୁଁ ଅପେକ୍ଷା କଲି ତା ପରଦିନ ଭୋର କୁ । ସିନ୍ଦୁର୍ ଫାଟୁ ଫାଟୁ ମୋଛୋଟ ବଗିଗ୍ଚରୁ ଫୁଲ ତୋଳ ଅଧା ଫୁଲ ଜରିରେ ରଖିଲି । କଛି ସମୟ ପରେ ସେ ମହିଳା ଜଣକ ଯେମିତି ଆସିଲେ, ମୁଁ ଗେଟ୍ ଖୋଲି ତାଙ୍କ ହାତକୁ ବଢାଇଦେଲି । ସେ ଖୁସିରେ ଧରି ପକାଇଲେ ଓ କହିଲେ ଆଖିକୁ ଭଲ ନଦିଶିଲ୍ ବେଳକୁ ଫୁଲ ତୋଳବା ଭ୍ରି ହଇର୍ଣ । ପଦେ ଅଧେ କଥା ହୋଇ ମୁଁ ତାକୁ ଗଳ ମୁଣ୍ଡ ପର୍ଯ୍ୟନ୍ତ ବାଟୋଇଦେଇ ମୋ ସବୁଦିନଆ ର୍ସ୍ତାରେ ଆଗେଇଲି ।

ସେଦିନେ ଖାଇବାକୁ ଆଣିବା ବେଳେ ମୁଁ ପିଲ୍ଟିକୁ କହି ମୁଢ଼ୀ ଆଉ ଚେନାଚୁର ମଗେଇଦେଲି । ସୁମିତ୍ରା ଯିବା ଦିନୁ ମୁଁ ଏସବୁ ଖାଇବା ବନ୍ଦ କରିଦେଇଥିଲି । ତା ପରଦିନ ସକାଳୁ ଗୋଟିଏ ଜରି ପୁଡିଆ ରେ ମୁଢ଼ୀ ଚେନାଚୁର ନେଇ ଫୁଲ ସହିତ ସେ ଭଦ୍ର ମହିଳାଙ୍କୁ ବଢେଇଦେଲି । ସେ ହସି କ ପଗ୍ଚରିଲେ – ଇଏ କଣ? ମୁଁ କହିଲି ମୁଢ଼ୀ ଚେନାଚୁର, ଭ୍ରି ଭଲ ଲ୍ଗେ । ସେ କହିଲେ ଆଉ କଣ ଦାନ୍ତ ଅଛି ଏସବୁ ଖାଇବାକୁ । ହଉ, ଶ୍ରଦ୍ଧାରେ ଦେଇଛନ୍ତି, ନେଇଯିବି ।

ମୁଁ ମନ ଖୁସି ରେ ଆଗେଇଲି ମୋ ର୍ସ୍ତାରେ ଏକ ନୂତନ ବନ୍ଧୁତ୍ୱ ର ସ୍ୱାକ୍ଷର ନେଇ ।

୪୭, ପ୍ରାଚୀ ଏନକ୍ଲେଭ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



# ସମୟ ପ୍ରହେଳକା



ମୃତ୍ୟୁଞ୍ଜୟ ହୋତା( ଆଲୋକ)

ଧୂଳ ମାଟି ଶୈଶବ ଜହ୍ନମାମୁଁ ଗପ ମାଆର କୋମଳ କୋଳ,
ମାଆ ମାଆ ଡାକ ତା' ସ୍ନେହ ପରଶ ଅମୃତଠୁ ବଳ ଭଲ ।
ସାଙ୍ଗଙ୍କ ସହିତ ସ୍କୁଲ ଯିବା ବେଳର ସମୟ ଅମୂଲ ମୂଲ,
ସ୍କୁଲ ସାର୍ ଙ୍କର ଟାସ୍କ ଦେବା ଭୟ ଲାଗଇ ଡହଳ ବିକଳ ॥
ପଡିଆରେ ଯାଇ କ୍ରିକେଟ୍ ଖେଳବା କଏ ବା ଭୂଲି ପାରେ,
ଘରେ ଆସି ପୁଣି ବାପାଙ୍କର ଭୟ ମନରେ ଉଙ୍କି ମାରେ ।
କଲେଜରେ ପୁଣି ପରିବେଶ ନୂଆ, ସାଙ୍ଗଙ୍କ ସହିତ ଖଟି,
ନୂଆ ନୂଆ ପ୍ରେମ ଝିଅଙ୍କ ସହିତ ମଧୁମୟ ଗସ୍ତାଟି ॥
ଆଖିରେ ପୁଣି ଆଖିଏ ସ୍ୱପ୍ନ କଏ ଇଂଜିନଅର ତ କଏ ଡାକ୍ତର,
ସମୟ ସ୍ରୋତ ବହିଯାଉଥାଏ ରାସ୍ତା ଅନେକ ଦୂର ।
ତା'ପର ସମ୍ପର୍କ ନୂଆ ପରିଚୟ ବିବାହ ତାକୁ ଦିଏ,
ହସ ଖୁସି ଭରା ଏକରୁ ଦୁଇ ନୂଆ ପରିବାର ହୁଏ ॥
ଜୀବନରେ ଆସେ ଭିନ୍ନ ଭିନ୍ନ ମୋଡ ଅସହ୍ୟ ଲାଗେ ସେ ହାଏ,
ସମୟ ସହିତ ଦେଇ ସେ ତାଳ ପଥିକ ନଆରା ହୁଏ ।
ସମୟ ପରେ ସମୟ ଆସେ କେତେ ଯେ ଘଟେ ଘଟଣା,
ଜୀବନର ସେଇ ରଙ୍ଗ ଅବିରଙ୍ଗ ଈଶ୍ୱରଙ୍କୁ କେବଳ ଜଣା ।

ଦୁଃଖ ପରେ ସୁଖ, ଦିନ ପରେ ରାତି ଏହାତ ଦୁନିଆ ରୀତି,

କ୍ରମେ ଉପନୀତ ଝରକା ଦେଇ ବୃଦ୍ଧ ଅବସ୍ଥା ଆସି ।

ଜୀବନ ଥିଲେ ସ୍ନେହ, ରାଗ, ମାୟା, ମୋହ ବାରମ୍ବାର,

ଆଖି ବୁଜେ ଦେଲେ ସବୁ ଭୁଲିଯାଏ କିଏ ପର ଆପଣାର ॥

ସମୟ ସ୍ରୋତ ବହି ଚାଲିଥାଏ ନଚ୍ଛକ ଏକା ଏକା,

ଜୀବନ ଏକ ଅଭିନୟ ପରି ସମୟ ପ୍ରହେଳିକା ॥

ରତାଖଣ୍ଡି, ବୌଦ୍ଧ, ଓଡିଶା।



# ମାଁ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଖଁଣ ମଧୁର ତାର କଥା ସବୁ
ଲ୍‌ଗସି ବନେ ସୁରୁତ୍,
ପନତ କାନ ଥି ଢ଼ାପି ରଖସି
ଟୁଁଣ୍ଣୁ ଝରସି ଅମରୁତ୍ ।
ଜୀବନ ଥି ଯେ ପହେଲ୍ ସିଖାସି
ପହେଲ୍ ଆମର ଗୁରୁ,
ଛୁଆ କାନ୍ଦଲେ ଯେନ ଠାନେ ବି
ହୁରୁଦ ଜାନସି ଦୁରୁ ।
ପଡ଼ି ହପଟି ଆଁଚରି ହେଲେ
ଦରଦ୍ ହେସି ତାର ଛାତି,
ଜରତପ୍ ବେଛୁ କଁଟିଆ ଗ୍ରବଲେ
ଅସିନ୍ଦ୍ରା ହେସି ସେ ର୍‌ତି ।
ଭ୍‌ତ ତୁନ୍ ଟିକେ ନାଇଁ ରୁଚଲେ
ଭୁରେଇ କରି ଖୁଆସି,
ଚମକ ପଡ଼ଲେ ଝୁମୁର୍ ନ ହେଲେ
ମୁଁଡ଼ ସୁଆଁରି ସୁଆସି ।
ନଜର ରକତ୍ କେ ପାଏନ୍ କରି
ଅମରୁତ୍ ମୁହେଁ ଢ଼ାଲସି,
ତାର ରୁନ୍ କେବେ ସୁଝି ନାଇଁ ହଏ
ଦୁନଆଁ ତାକେ ମାଁ କହେସି ॥



ପ୍ରଧାନପାଲି, ସମ୍ବଲପୁର

# ଅନାମିକା

ରାମ ପ୍ରସାଦ ବିଶୋଇ

ଅନାମିକା, ତୁମ ସହ ଆରମ୍ଭ ହୁଏ ସକାଳ, ଦିନର ପ୍ରଥମ ଗ୍ଳାସ ଚା ପିଆଲ୍ ତା ସହ ଦିନ । ସକାଳ ସୂରଜର ରଶ୍ମି, ସନ୍ଧ୍ୟାର ପକ୍ଷୀ ମାନଙ୍କ ରାବଳ ତା ପରେ ରାତିର ନିଦ ଆଉ ସେ ନିଦରେ ବି ତୁମେ ଏମିତି ତୁମ ସହ କଟିଯାଏ ଜୀବନ। ଏହା ଠାରୁ ଅଧିକା ବା କଣ ତୁମକୁ ଦେଇ ପରିଥାନ୍ତି ?

ଦୈନିକ ଜୀବନଚର୍ଯ୍ୟା, କାର୍ଯ୍ୟ ବ୍ୟସ୍ତତା କିଛି କରି ଦେଖାଇବାର ନିଶା, ସେଥିରୁ କେମିତି ବାଦ ପଡ଼ିଥାନ୍ତି। ତୁମକୁ ଭଲ ପାଇ ବିବାହ କରିଥିଲି।

ଭାଗ୍ୟବଶତଃ ଗାକିରୀଟିଏ ବି ଯୋଗାଡ଼ କରି ପାରିଥିଲି ଯେ ହେତୁ ଆମେ ଦୁହେଁ ଭଲପାଇ ବିବାହ କରିଥିଲେ। ପରିବାର ସହ ବୁଝାମଣା ବି ଠିକ ରହି ପାରି ନଥିଲା, ତଥାପି ତୁମକୁ ନେଇ ଖୁସି ।

ଲୋକେ କହନ୍ତି, ଆନ୍ତରିକତା ବୃଦ୍ଧି ଯଦି ହୁଏ ଜଣକ ଅନ୍ୟଜଣ ସହ । ସେ ମୂର୍ଖାମି ଛଡା ଅନ୍ୟ କିଛି ନୁହେଁ ଆଉ ସେଇ ମୂର୍ଖାମୀର କାରଣ ବି ଜଣା ପଡି ନ ଥାଏ ।

ଆଜି ଅଫିସରୁ କିଛି ସମୟ ପୂର୍ବରୁ ଘରକୁ ଫେରୁଛି।

ଅନେକ ଦିନ ହେଲା ଜୀବନ ଯେମିତି ଗୋଟିଏ ଯନ୍ତ୍ର ପାଲଟି ଯାଇଛି। ସକାଳ ଆଠରୁ ଆରମ୍ଭ ହୁଏ ଦୌଡ଼, ରାତି ଦଶରେ ଅନ୍ତଃ ହୁଏ। ଏମିତି କି ରବିବାର ବି କାମ କରିବାକୁ ପଡେ। ନିଜ ଉପର ହାକିମଙ୍କ ଖୁସିରେ ରଖିବାକୁ ପଡେ, ନ ହେଲେ ଏତେ ଚଞ୍ଚଳ ସବୁ କିଛି ସହଜରେ ବନାଇବା ବି ସମ୍ଭବ ନୁହେଁ।

!!!!!

କାହିଁକି କେଜାଣି ଜୀବନର ଏତେ ଗୁଡ଼ାଏ ବିବଦ୍ଧତା ରଙ୍ଗ ଭିତରେ ମଣିଷକୁ ମରୀଚିକା ପଛରେ ଦୌଡିବାକୁ ବାଧ କରେ । ତାରି ଭିତରେ କିଛି ପାଇବାକୁ କିଛି ହରାଇବାକୁ ବି ପଡେ । ବ୍ୟକ୍ତିଗତ ସମୟର ତ୍ୟାଗ କରିବା ଛଡା ଅନ୍ୟ କିଛି ବିକଳ୍ପ ଉପଲବ୍ଧି ହାତରେ ନ ଥାଏ ।

ଦାମ୍ପତ୍ୟ ଜୀବନରେ ସାଲିସ ଅବା ବୁଝାମଣା ଉଭୟଙ୍କୁ କରିବାକୁ ପଡେ। ଶାରୀରିକ ଚାହିଦା ଯାହା ଦାମ୍ପତ୍ୟରେ ଅପିହାର୍ଯ୍ୟ ତାକୁ ବି ତ୍ୟାଗ କରିବାକୁ ପଡେ ।

ଏମିତି ଭାବନା ନେଇ ରାସ୍ତାରେ ଚାଲିଥାନ୍ତି, ଅନମେଷ । ଅନାମିକା ତାଙ୍କ ସ୍ତ୍ରୀ ଅତ୍ୟନ୍ତ ସୁନ୍ଦରୀ, ଶିକ୍ଷାଗତ ଯୋଗ୍ୟତା, ବୟସ ଦୁହିଁଙ୍କ ସମାନ। ତଥାପି ଅନମେଷଙ୍କ ଇଛା ବିରୁଦ୍ଧରେ ଯିବା ତାଙ୍କ ଇଛା ନ ଥାଏ ।

ଘର କାର୍ଯ୍ୟରେ ହିଁ ବ୍ୟସ୍ତ ରଖିଥାନ୍ତି ନିଜକୁ ଅନାମିକା । ଅନମେଷଙ୍କ ନିବିଡ଼ ଭଲ ପାଇବା ବୋଧେ ତାଙ୍କୁ ବାଧ କରିଛି ତାଙ୍କ ଅଜାଣତରେ ନିଜ ପରିଚୟ ଓ ଠିକଣା ଅସ୍ତିତ୍ୱ ହରାଇ ବସିଛନ୍ତି। ତାଙ୍କ ପରିଚୟ ଆରମ୍ଭ ଓ ଶେଷ ହୁଏ ଅନାମିକଙ୍କ ସହ। ଏଇ ବର୍ଷେ ଦୁଇ ବର୍ଷ ଭିତରେ ଅନାମିକା ସବୁକିଛି ତାଙ୍କର ବନି ଯାଇଛନ୍ତି ।

ରାସ୍ତା ଚାଲୁ ଚାଲୁ ମୁନବାଇ ଫୁଲ ବାଲି ପାଖେ ପହଞ୍ଚି ଯାଇ ମାଗିଲେ ମଲ୍ଲି ଫୁଲର ଗଜରାଟିଏ। ମୁନବାଇ ମୁରକି ହସିଲେ ବୋଧେ ତାଙ୍କ ହାବ ଭାବ ସେ ଠଉରାଇ ପାରିଲେ ମୁରକି ଗଜରା ହାତକୁ ବଢ଼ାଇ ଦେଲେ ।

ତା ପରେ ଯନ୍ତ୍ରବତ୍ତ ପହଞ୍ଚି ଗଲେ ଲାଲୁରାମ ରାବଡୀ ବାଲା ପାଖରେ ତା ଠାରୁ କିଛି ରାବଡୀ ଓ ଆଇସକ୍ରିମ କିଣିଲେ ପୁଣି ଉଠି ରାସ୍ତାରେ ଚାଲିବାକୁ ଆରମ୍ଭ କଲେ । ଆଜି ଅନୁଙ୍କ ସହ ମିଶି ବାଲକୋନି ରେ ବସି ସନ୍ଧ୍ୟା ଚାହା ପିଆହେବ, ତା ପରେ କିଛି ଗଜଲ ଶୁଣିବେ, କିଛି ରୋମାନ୍ସ ହେବ ।

ରାତ୍ରି ଭୋଜନ ହେବ ମହମବତୀ ଲଗା କେଉଁ ଏକ ପଞ୍ଚତାରକା ହଟେଲର  ଅଦ୍ଭୁତ ଅନ୍ଧାର ବଖରାରେ ଏକାନ୍ତରେ ସେ ଆଉ ଆନମିକା ଧୀର ସଙ୍ଗୀତ ସହ ମହମ ବତୀ ର କ୍ଷୀଣ ଜଳଥିବା ଆଲୋକ ସତରେ କ ହେବ ରୋମାଞ୍ଚକର ଅନୁଭୂତି ।

ଅନେକ ଦିନ ହେଲା ସୁନ୍ଦର ଭାବେ ସଜାଇ ହୋଇ ଥିବା ଅନୁଙ୍କ ସେ ଦେଖି ନାହାନ୍ତି । ତାଙ୍କ ସୌନ୍ଦର୍ଯ୍ୟକୁ ଦେଖି କେହି ଯଦି ଆପଲକ ନୟନରେ ଦେଖେ ତାଙ୍କୁ ବେଶ ଭଲ ଲାଗେ । ସେ ନଜକୁ ଗର୍ବ ଅନୁଭବ କରନ୍ତି ଯେ ତାଙ୍କ ସ୍ତ୍ରୀ ବଲିଉଡର କେଉଁ ନାମୀ ଦାମୀ ତାରକାଙ୍କ ଠାରୁ କମ ନୁହନ୍ତି । ଆପେ ମନ ତଳେ ଏମିତି କଛି ଶବ୍ଦ ଉଙ୍କି ମାରେ ଯେ "   ! ଏଇ ଏମିତି ଗତ କେଇ ବର୍ଷ ତଳେ ପୁଣି ଥରେ ହାତ ଠାରି ଡାକନ୍ତୁ ନ ମତେ ଥରେ ଯେମିତି ଡାକୁଥିଲୁ  ।"

ଭାବନାରେ ପହଞ୍ଚିଗଲେ ଘରେ ବେଲ ନ ଚପି ନଜ ତାଲାରେ ଫ୍ଲାଟ କବାଟର ତାଲା ଖୋଲିଲେ । ସନ୍ତର୍ପଣ ଗତିରେ ଚାଲିଲେ ଘର ଭିତରକୁ ଆଜି ସେ ତାଜବୁ କରି ଦେବେ ହଠାତ ଅସମୟରେ ଘରେ ପହଞ୍ଚି । ଯେମିତି ଶୋଇବା ଘର କବାଟ ଖୋଲିଲେ ଦେଖିଲେ ଅନୁ ତାଙ୍କ ବନ୍ଧୁଙ୍କ ସହ ଏକାନ୍ତରେ ଶଯ୍ୟାସୁଖ ଭୋଗ କରିବାରେ ବ୍ୟସ୍ତ ।

ଆଶ୍ଚର୍ଯ୍ୟ ହେଲେ କବାଟକୁ ବନ୍ଦକରି ଯେମିତି ଆଉଜା ହୋଇ ଥିଲା ସେମିତି ଆଉଜି ବାହାରି ଆସିଲେ ଘରୁ ପୁଣି ତାଲା ଦେଇ ଯେମିତି ଅନୁ ଓ ତାଙ୍କ ବନ୍ଧୁ ଜଣକ କଛି  ଯେମିତି ଜାଣି ପାରିବେ ନାହିଁ ।

ପୁଣି ରାସ୍ତାରେ ଚାଲିଲେ କଛି ସମୟ ଅପ୍ରାକୃତିକ, ଅବିଶ୍ଵାସନୀୟ, ପାର୍କ ବେଞ୍ଚରେ ବସି ତା ପରେ ବାରକୁ ଯାଇ କଛି ଡ୍ରିଙ୍କ ପିଇ ଚାଲିଲେ ନଜକୁ ଭୁଲିବାକୁ ଇଛା ହେଉଥାଏ ଯେମିତି ପ୍ରାଣ ଚାଲି ଯାଇଥାନ୍ତା କ ?  ସେ ନସ୍ବତି ନେଲେ ଆତ୍ମହତ୍ୟା କରିବେ ।

ନଶାଗ୍ରସ୍ତ ଭାବେ ରେଳ ଧାରଣା ଆଡ଼କୁ  ମୁହାଁଇଲେ । ଏମିତି ତାଙ୍କୁ ଲାଗୁଥିଲା ଯେମିତି ସେଇ କ୍ଷଣ ନ ଜୀବନରେ ନ ଆସିଲେ ହୋଇ ନ ଥାନ୍ତା ଭଲ ।

ଗ୍ଲିଛନ୍ତି ରେଳଧାରଣା କଡେ କଡେ ପ୍ରତୀକ୍ଷା କରିଥିଲେ କେଉଁ ଏକ ଟ୍ରେନର ଆସିବାକୁ ।

ନିଛାଟିଆ ଜାଗା କିଛି ଦୂର ଆଗେଇ ଯିବା ପରେ ସେ ଦେଖିଲେ ଜଣେ ସୁନ୍ଦରୀ ମହିଳା ରେଳଧାରଣା ଉପରେ ମୁଣ୍ଡ ରଖି ଶୋଇଛନ୍ତି । ପଶ୍ଚାତତାପର ଛାପି ସ୍ପଷ୍ଟ ଭାବେ ତାଙ୍କ ମୁହଁରୁ ବାରି ହେଉଥିଲା । ଦୌଡ଼ିଗଲେ ତାଙ୍କୁ ଉଠାଇଲେ ଆଉ ଦି ଥାପଡ଼ ମାରି କହିଲେ ତୁମକୁ କିଏ ଅଧିକାର ଦେଲା ଆତ୍ମହତ୍ୟା କରିବାକୁ  ଏମିତି କଣ ହେଇଛି ତୁମର ଯେ ତୁମେ ଏ ଭଳି ନିଷ୍ପତି ନେଲ ।

ଝିଅଟି କହିଲା ତା କାହାଣୀ ତାଙ୍କ କାହାଣୀ ସହ ଯାହା ଅନୁରୂପ ଠିକ ମେଳ ଖାଉଥିଲା। ସେ ଝିଅଟିର ଅନୈତିକ ସମ୍ପର୍କର କାହାଣୀ । ପ୍ରେମିକ ସହ ଧରା ପଡିବା ପରେ ସ୍ୱାମୀ ପରିତ୍ୟାଗ କଲେ ଓ ପ୍ରେମିକ ଚମ୍ପଟ। ଅନ୍ୟ ଉପାୟ ନ ପାଇ ସେ ଆତ୍ମାହତ୍ୟା କରିବା ଶ୍ରେୟ ମନେ କଲେ ।

ଯେମିତି ସେମିତି ବୁଝାଇ ତାଙ୍କୁ ନେଇ ଆସିଲେ ଷ୍ଟେସନ ନିକଟରେ ଥିବା ଥାନାକୁ କିଛି ଖାଇବାକୁ ଦେଲେ ବୁଝାଇଲେ ଯେ ଜୀବନ କେତେ ମୂଲ୍ୟବାନ ମଣିଷକୁ ଜୀବନ ଏମିତି ଅନେକ ବିବିଦ୍ଧତା ଦେଖାଇ ଥାଏ ତା ବୋଲି ଜୀବନଟାକୁ ସମସ୍ୟା ନିକଟରେ ଜଳାଞ୍ଜଳି ଦେବା ମୂର୍ଖାମି ।

ଘରକୁ ଫେରିଲେ ଅନୁ କବାଟ ଖୋଲିଲେ ସେଏମିତି ଅଭିନୟ କରି ଗ୍ଲିଥିଲେ ଯେମିତି କିଛି ହେଇ ନି । ଖାଇବାକୁ ପଗ୍ଚରିଲେ ସେ ମନା କଲେ ଖାଇବେ ନାହିଁ ଆଉ ଯାଇ ଶୋଇବାକୁ ଗ୍ଲିଗଲେ । ନିଦ ଆସିବ କୁଆଡୁ ସେ। ଏତେ ଭଲ ପାଆନ୍ତି ଅନୁକ। ଯଦି ପଗ୍ଚରନ୍ତି ତା ହେଲେ ଅନୁଙ୍କ ଅବସ୍ଥା ଯଦି ସେ ଝିଅଟିର ଅନୁରୂପ ହୁଏ ତା ହେଲେ ତାଙ୍କ ଭଲ ପାଇବାର ମୂଲ୍ୟ କଣ ରହିବ । ଗୋଟିଏ ଭୁଲ ତା ପାଇଁ ଦୁଇଟି ଜୀବନକୁ ପ୍ରାଣଦଣ୍ଡ ଯାଥାର୍ଥ କି ? ଏ ଭଳି ପଦକ୍ଷେପ ସେ ଓ ଆନମିକା ଉଭୟ ନେବାକୁ କେତେ ଦୂର କିଏ

ଦାୟୀ ? ଦାମ୍ପତ୍ୟ କୁ ଯଦି କୁହାଯାଏ ଏକ ବୁଝାମଣାର ସମ୍ପର୍କ ତା ହେଲେ ସେ ସେଥିରେ କେତେଦୂର ସମର୍ଥ ହୋଇଛନ୍ତି ତାକୁ ସାର୍ଥକ କରିବାକୁ ?

ଏମିତି ଅନେକ ପ୍ରଶ୍ନ ତାଙ୍କ ମୁଣ୍ଡରେ ଘୂରିଥିଲା ।

ସାରାରାତି ଶୋଇ ନାହାଁନ୍ତି ସକାଳୁ ବାହାରିଲେ ଅଫିସକୁ ସିଧା ଚାଲିଗଲେ

ତାଙ୍କ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ଯିଏ କିଛି ଦିନ ତଳେ ତାଙ୍କୁ ଅନ୍ୟସ୍ଥାନକୁ ବଦଳି କରିବାକୁ ଚାହୁଁ ଥିଲେ ଏବଂ ସେ ବଦଳି ଗ୍ରହଣ କଲେ ତାଙ୍କ ଉପରସ୍ଥ ପଦବୀକୁ ପଦୋନ୍ନତି କରିଦେବେ ବୋଲି ତାଙ୍କୁ କହିଥିଲେ ।

ଅନିମେଷ କହିଲେ ସାର ମୁଁ କାଲି ହାଇଦ୍ରାବାଦ ଯିବାକୁ ଚାହେଁ । ଯଦି ଆପଣ କହିବେ କାଲି ସେଠାକୁ ଯାଇ ସେ ଭାରଗ୍ରହଣ କରିବାକୁ ପ୍ରସ୍ତୁତ । ସଙ୍ଗେ ସଙ୍ଗେ ତାଙ୍କ ଉପରସ୍ଥ ହାକିମ ତାଙ୍କ ହାତରେ ବଦଳି ଚିଠା ପ୍ରଦାନ କରି କହିଲେ - ଅନିମେଷ ହଠାତ ଏ ନିଷ୍ପତି ପୁନାରୁ ସିଧା ହାଇଦ୍ରାବାଦ ।

ଅନିମେଷ କହିଲେ, ଜୀବନର ବିବଶତା ସହ ବୁଝାମଣା ଛଡା ସାର ଆଉ କିଛି ନୁହେଁ ।

କାଶ୍ୟପ, ରାୟଗଡା


**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ପୁଂଜି

ମୂଳ ରଚନା ( ହିନ୍ଦୀ ) : କେଦାର ନାଥ ସିଂହ
ଓଡିଆ ଭଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ



ସାର୍‌ା ସହର ଖୋଜି ସାରିବା ପରେ

ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି

ଏତେ ବଡ ସହରରେ

ମୋର ସବୁଠୁ ବଡ ପୁଂଜି ହେଉଛି

ମୋର ଚ୍ଲୁଥିବା ଶ୍ୱାସ

ମୋ ଛାତିରେ ମୋର ଛୋଟ ପୁଂଜିଟିଏ

ଯେଉଁଠୁ ମୁଁ ପ୍ରତିଦିନ ଅଲ୍ପ ଅଲ୍ପ

ଖର୍ଚ୍ଚ କରିଦିଏ.....

( ଜ୍ଞାନପୀଠ ପୁରସ୍କାର ବିଜେତା ସ୍ୱର୍ଗତ କବି କେଦାରନାଥ ସିଂହଙ୍କୁ ଶ୍ରଦ୍ଧାସୁମନ)

ବେରୁଆଁବାରୀ, ନୟାଗଡ, ଓଡିଶା

# ନୂଆବୋଉ



ସତ୍ୟବ୍ରତ ସାହୁ

ହାତେ ଲମ୍ବର ଓଢଣୀ ଟାଣି
ବାଆଁ ପାଦ ଘର ଭିତରେ ପକାଇ
ବନ୍ଦାପନା ହୋଇ
ଗୃହ ପ୍ରବେଶ କରେ ନୂଆବୋଉ ।
ଭିଡ ଲାଗେ ନୂଆବୋଉକୁ ଦେଖିବା ପଇଁ
ନୂଅବୋଉ ବି ଲଗାଇ ଦିଏ ଅଳତା, ପାଉଡର
କ ମେହେନ୍ଦି ତା ଦର୍ଶନାର୍ଥୀଙ୍କ ପାଦ, ମୁହଁ ଓ
ପାପୁଲିରେ ।
ସଭିଏଁ ଗୁଣ ଗାଆନ୍ତି ନୂଆବୋଉର,
ରୂପର ବି ତାରିଫ୍ କରନ୍ତି ।
ଏବେ..... ନୂଆବୋଉ ଝାଡୁ ମାରେ, ଓ୍ବେଷେଇ କରେ,
ଗୋବର ପାଣି ଛିଞ୍ଚେ,
ପାଓ୍ବଙ୍କୁ ଗୁଉଳ ତ କୁଆଙ୍କୁ ଦିଏ ରୁଟି
ସକାଳୁ ଉଠି ।
ନୂଆବୋଉର ଖାତିର ବଢେ,
ଚର୍ଚ୍ଚା ବି ହୁଏ ।
ସ୍ୱାମୀଙ୍କ ମନ, ପିଲା ଝିଲାଙ୍କ ଅଳ,
ଶାଶୁ- ଶଶୁରଙ୍କ ସେବାରେ
ନୂଆବୋଉର ଦିନ କେମିତି କଟିଯାଏ

ନିଜେବି ଜାଣିପାରେନା ସେ ।

ସମୟ ବଦଳେ....

ନୂଆବୋଉର ପରିଚୟ ବଦଳେ,

ରୂପ ବଦଳେ, ବଦଳ ଯାଏ ଶରୀର

ଦିନ ସାଗ୍ ଚଳ ଚଞ୍ଚଳ ନୂଆବୋଉ

ଧିରେ ଧିରେ ହୋଇଯାଏ ଅଚଳ/ ଅଲୋଡା,

ପଶିଯାଏ ଆଖି, ଶୁଖିଯାଏ ଥନ,

ମରିଯାଏ ନୂଆବୋଉର ମନ ।

ଆମେ ସମସ୍ତେ ଜଣେ ଜଣେ ନୂଆବୋଉ!!

ଜନ୍ମରୁ ମୃତ୍ୟୁ, ଶୈଶବରୁ ପ୍ରୌଢ ପର୍ଯ୍ୟନ୍ତ

ନୂଆବୋଉ ପରି ଆମ ଜୀବନ ।



ଆଜିର ନୂଆବୋଉ କାଲିକ ପୁରୁଣା ହେଲାପରି

ଶୈଶବ, କୈଶୋର, ଯୌବନ ଓ ଜରାର

ସ୍ପର୍ଶରେ ଏ ଶରୀର ରୂପକ ନୂଆବୋଉ

ପାଲଟିଯାଏ ଅଲୋଡା ।

ତଥାପି କାହାର ସୁଖ ଅଣ୍ଡାଳୁ ଅଣ୍ଡାଳୁ ନିଜେ

ହରେଇ ଦିଏ ତା ର ସୁଖ

ଏହାହିଁ ନୂଆବୋଉର ସୁଖ, ସୌଭାଗ୍ୟ ମଧ୍ୟ ।

ଜୀବନ ନୂଆବୋଉ ପରି,

ପ୍ରତ୍ୟେକ ମଣିଷ ଜଣେ ଜେନ ନୂଆବୋଉ,

ମୁଁ, ଆପଣ, ସିଏ....

ଆମେ ସମସ୍ତେ ଜଣେ ଜଣେ ନୂଆବୋଉ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

# ଇସ୍କୁଲ ଖଟି



ସାଗର ପ୍ରଧାନ

ସେଦିନ ସ୍କୁଲ ରେ ଚର୍‌ଚରିତ ଢଙ୍ଗରେ ଦିଦିମାନଙ୍କର ଖଟି ବସିଥାଏ। ପିଲ୍ଙ୍କୁ କଏ ପଣକଆ ଡାକବାକୁ କହି ତ କଏ କବିତା ମୁଖସ୍ଥ କରିବାକୁ କହି ବାରଣ୍ଡା ରେ ଜମାଇଥାନ୍ତି ନୈମିତିକ ଆଲୋଚନା । ସାରମାନେ ତେଣେ ବିଜି ଥାଆନ୍ତି ଫେସବୁକ ଆଉ ହ୍ୱାଟସଆପରେ। ମିଶ୍ର ଦିଦି କହୁଥାନ୍ତି "ବୁଝିଲ ପାନ୍ଦ ମାଡାମ ଗତକାଲି ପ୍ରବଚନ ଶୁଣିବାକୁ ଯାଇଥିଲି ଯେ, ସେଇଠୁ ଉଠି ଆସିବାକୁ ମନ ହେଉନଥିଲ୍। ଆମ ଇଏ ପର୍ ମୋତେ ସେଠି ଛାଡିଦେଇ ଗ୍ଲିଆସିଲେ। କେତେ କହିଲି ଟିକଏ ଧର୍ମ କର୍ମ ରେ ମନ ଦେବୋକୁ ଯେ କଣ କହିଲେ ଜାଣିଛୁ? କହିଲେ କଣ ନା ମୁ କୁଆଡେ ତାଙ୍କ ଅର୍ଦ୍ଧାଙ୍ଗିନୀ, ଏଣୁ ଯା'ବି ଧର୍ମ ମୁଁ କରେ ତାର ଅର୍ଦ୍ଧାଂଶ ଫଳ ତାଙ୍କୁ ମିଳଯିବ। ଧନ୍ୟ କହିବ ଏଭଳ ମଣିଷ କୁ। ଏଣୁ ମୁଁ ଏକା ଏକା ହିଁ ଗ୍ଲିଗଲି ପ୍ରବଚନ ଶୁଣିବାକୁ । ସେଇ ଏକ୍ସବୋର୍ଡ ସ୍କୁଲ ର ସୁନତା ଦିଦି ବି ଆସିଥିଲେ ପା'; କେମିତି ଯେ ତିନଘଣ୍ଟା ବିତିଗଲ୍ ଜମାରୁ ଜଣାପଡିଲ୍‌ନ।"

ପଣ୍ଡା ଦିଦି କହୁଥାନ୍ତି, "ହଁ ନାନୀ ଗଲ୍‌ବର୍ଷ ବି ଏ ବାବା ଆସିଥିଲେ । ମୁଁ ପା ମୋ ଶାଶୁଙ୍କୁ ନେଇ ନତି ଯାଉଥିଲି। ନନେଲେ ବୁଢୀ କଣ ମୋତେ ରଖନ୍ତା? ସ୍କୁଟିରେ ନେଇ ସେଠି ଛାଡିଦେଇ ମୁ ମମତା ଦିଦି ଘରକୁ ପଳଉଥିଲି। ଦୁହେଁ ମିଶି ଢେର ଗପୁଥିଲୁ । ହଇଓ ନାନୀ ତମର ଏଇ ପ୍ରବଚନ ଶୁଣିବା ଧୈର୍ଯ୍ୟ ଦେଖିଲେ ଆଶ୍ଚର୍ଯ୍ୟ ଲ୍‌ଗୁଛି । ମୋ ଦେଇ ସେଇ ପ୍ରବଚନ ଫ୍ରବଚନ ଶୁଣିବା ହବନ। ମଣିଷ ଦିନସାର୍ ଖଟିଖଟି ଫେରୁଫେରୁ ତେଣେ ଘରସାର୍ ପାଇଟି ପଡିଥିବା, ତା ସାଙ୍ଗକୁ ଏଇ ପ୍ରବଚନ !! ମୋର କଣ ବୟସ ହେଇଚ ଏସବୁ କରିବାକୁ ।

ପଣ୍ଡା ଦିଦି କହୁଥାନ୍ତି - ଖାଲି କଣ ପ୍ରବଚନ ଶୁଣିଦେଲେ ଧର୍ମ ହେଇଯିବ? ପୂଣ୍ୟ ମିଳଯିବ? ଆରେ ମଣିଷ ନଜର କର୍ମ ସଠିକ ଭାବେ କରିବା ଉଚତ। କର୍ମରେ ପରା ଭଗବାନଙ୍କ ବାସ । ଏଇ ପୂଜାପରବରେ କଛି ନଥାଏ ମ। ଆମର ଇଏ ପରା କହନ୍ତି - ଠିକ ସମୟରେ ସ୍କୁଲ ଯାଇ ଠିକ ସମୟରେ ଫେରିବାକୁ । ଟିକଏ ସମୟ ଏପଟସେପଟ ହେଲେ ବିରକ୍ତ ହୁଅନ୍ତି । ଖାସ ସେଥିପାଇଁ ତ ସ୍କୁଟି ଟା କଣାହେଲା। ଏଇ ବସ ଗୁଡାକ ର ସମୟରେ କଣ ଠିକ ଠିକଣା ଅଛି ?

ସବୁ ଶୁଣିସାରି ପାତ୍ର ଦିଦି କହିଲେ - ହଁ ଯେ ହେଲେ ପୂଜାପାଠ ଟିକେ ନକଲେ କଣ ଭଲ ଲାଗୁଛି ? ମୁ ପରା ଆଗ ଦିନରୁ ଫୁଲ ଦୁବ ସବୁ ଫ୍ରିଜରେ ରଖିଦେଇ ଥାଉଚ। ନହେଲେ ସକାଳୁ ସକାଳୁ ଯୋଉ ଧାଁ ଧପଡ ନା, ନଃଶ୍ୱାସ ନବାକୁ ବେଳ ପାଉନ । ହଁ ମିଶ୍ରନାନୀ ତମେ ଏଥର ସୁଦଶା କରୁଚ ନାଇଁ ବା? ଆମ ସାହିରେ ପା' ଦି ପାର୍ଟି ହେଇଚନ୍ତି । ଭଲରେ ପଡୁନ ବୋଲି ଅଧାଲୋକ କରୁନାହାନ୍ତି। ଏପଟିକା ଲୋକଗୁଡା ତ ସେମିତି। ଖାଲି ବାହାନା। ଆମ ସିଆଡେ କନ୍ଯ ଯେବେ ପଡିଲେ ବି ସମସ୍ତେ କରନ୍ତି । ପୂଜାପୂଜି ରେ ପୁଣି ଭଲ ମନ୍ଦ ଗୋଟେ କଣ?

ଇତି ମଧରେ ପିଲାମାନେ "ଦିଦି ଏକ", "ଦିଦି ଦୁଇ" କହି ବାରମ୍ବାର ଆସୁଥାନ୍ତି । ବିରକ୍ତ ହୋଇ ମିଶ୍ର ଦିଦି କହିଲେ - ଏମାନଙ୍କ ଦେଇ ପାଠଶାଠ କଛି ହେବନ । ଦେଖୁନ ସପ୍ତାହ ଟେ ହେଲା ନତି ପାଞ୍ଚ ପଣକଆ ଘୋଷାଉଛି ଯେ ଏ ଯାଏ ହେଲାନ। "ଆବେ ହେ..... ଘରୁ କଣ ବାସି ତୋରାଣି ପି' ଆସିଛ ? ସମସ୍ତ ଙ୍କୁ ଏକ ଲାଗୁଛି ? ଯାଅ ପଣକଆ ଘୋଷିବ।"

ପାତ୍ର ଦିଦି ପୁଣି ଟପିକକୁ ଆସି କହିଲେ - ନାନୀ ଏଇ ସୁଦଶାରେ ତୁମେ ଲକ୍ଷ୍ମୀ ପେଟିଆ ଓହ୍ଲାଇବ ନା ନାହିଁ? ସାଙ୍ଗେସାଙ୍ଗେ ମିଶ୍ରଦିଦି କହିଲେ - ଏତେ ସପନକୁ ରାତି କାଇଁ ମ? ସ୍କୁଲ ତ ଛୁଟି ନାହିଁ ସେଥିପାଇଁ ଚଉରାଳଶ ମୂଳରେ କାମଟା ସାରିଦେବି ଭାବିଛି । ପାତ୍ରଦିଦି କହୁଥାନ୍ତି - ସୁଦଶା କଥାରେ ପରା ଆଜି ଆମଘରେ ଘମାଘୋଟ । କାଲି ସକାଳୁ ବ୍ରତ ଆଉ ଆମ ମହାଶୟ ଗ୍ଲାଲିଆସିଛନ୍ତି ଚକେନ ଧରି।ମୋ ମୁଣ୍ଡ କୁ ତ ପିତ୍ତ ଚଢିଗଲା । ଆରମ୍ଭ କରିଦେଲି...... ଆଉ ? ମଟନ ହେଇଥିଲେ ଚଳେଇ ଦିଅନ୍ତି। ହେଲେ ଘରଦ୍ୱାର ଲିପାପୋଛା ସରିଲା ବେଳକୁ ବାବୁ ଚକେନ ଧରି ହାଜର। ରତ୍ନା ତା ପଛକୁ ପୁଣି ମୁଣ୍ଡ

ଧୋଇ ଗାଧୁଆ ପୁଣି ଘରପୋଛା; ମୁ ଟା ମଣିଷ ନା ମେସିନ ଭାବିଲେ କେଜାଣି? ଏଣୁ ସଫାସଫା କହିଦେଲି ସାଙ୍ଗ ହୋଟେଲରେ ରାନ୍ଧି ଖାଇବାକୁ। ସହଜେ ତ ମୋତେ ଇସିନୋଫିଲିଆ, ଆଉ ୟାଙ୍କ ସେବାକରି ପୁଣି ମୁଣ୍ଡ ଧୁଅନ୍ତି ନା କଣ? କଟା ଘା'ରେ ଚୂନ ଦେଲାପରି ଆମ ବୁଢ଼ୀଟା ( ଶାଶୁ) ବି ମୋ ଉପରେ ଖାଲି ଗରଗର। କହିଲା କଣ ନା - କେତେ ଦିନକୁ ଛୁଆଟା ଆଇଁଷ ଟିକେ ଖାଇବାକୁ ମନ କରିଛି ଯେ ୟାକୁ ରାନ୍ଧିବାକୁ ଗଣ୍ଡିଅଳସ।

ମୋତେ କଣ କଥା କହି ଆସେନ ନା କଣ? କଟକୀ ଝିଅଟି। ଖାଲି ପୂଜାପରବ ଦିନ ଟା ବୋଲି ଚୁପ ରହିଗଲିନା, ନହେଲେ ଏଇ ମା ପୁଅକୁ କଣ ସହଜେ ଛାଡନ୍ତି? ବୁଝିଲନା ଦିଦି ଏକଥା ଯଦି ମୁଁ କହିଦିଅନ୍ତି ନା ମୋ ବାପ ଆଜା ଚଉଦ ପୁରୁଷ ର ସଂସ୍କାର କୁ ନଲାମ କରିସାରନ୍ତେଣି।

ଏଇ ସାଙ୍ଗେସାଙ୍ଗେ କ୍ଲାସରୁ ବାହାରିଥିବା ମହାନ୍ତି ଦିଦି କଥା ମିଶାଇ କହିଲେ - ଆମଘରେ କନ୍ତୁ ଏମିତି ହୁଏନା । ମୋ ଶାଶୁ ଏଭଳ ଅଯଥା ରୀତିନୀତି ରେ ବିଶ୍ୱାସ କରନ୍ତିନ। ସେ ତ କୁହନ୍ତି - ଆଲୋ ସୁଦଶା କର କ ଯାହା କର ମନରେ ଭକ୍ତି ଥିଲେ ହେଲା ।ଭକ୍ତି ସହ ଖାଦ୍ୟ ର କ ସମ୍ପର୍କ? ତମେ ଛେଳୀ ଖାଅ କ କୁକୁଡା, ସବୁତ ଜୀବହତ୍ୟା। ପୁଣି କୁକୁଡା ରେ ଅଧିକ ପାତକ ଆଉ ଛେଳ ରେ କଣ କମ? ତାଙ୍କର ଏଇ ମର୍ଡନ ଚନ୍ତାଧାରା ମୋତେ ଭାରି ଭଲଲାଗେ। ମୋତେ ପରା କୌଣସି ପୂଜାପରବରେ ସେ ଜମାରୁ ଅଯଥା କଟକଣା କରନ୍ତି ନାହିଁ । ମୁଁ ବି ତାଙ୍କ କଥାରେ ପୂରା ଏକମତ। ତଥାପି ଲୋକାଗ୍ରର ଆଉ ପରମ୍ପରା କୁ ଆଖିରେ ରଖି ମୁଁ କୁକୁଡା ମାଂସ ଖାଇଲାବେଳେ ସୁଦଶାବ୍ରତଟା ଉତାରି ଦେଇ କାନରେ ବାନ୍ଧିଦିଏ।

କଥା ଟି ଶୁଣୁଶୁଣୁ ସମସ୍ତେ ପରସ୍ପର କୁ ଅନାଇ ବିଦ୍ରୁପ ଇଙ୍ଗିତ ରେ ନୀରବ ସମାଲୋଚନା ରେ ଲାଗିଗଲେ। ତେଣେ ପିଲାମାନେ କହୁଥାନ୍ତି "ଦିଦି ଗ୍ୱରିଟା ବାଜିଲାଣି, ଦିଦି ବେଲ ମାରିବୁ? ?

ପଦାଦିଗି, ଗଞ୍ଜାମ

# ଗ୍ରୀଷ୍ମ



ମାମାଜିନ ପ୍ରଧାନ

କଅଁଳ ପତ୍ର ସବୁ ଝାଉଁଳ ଗଲେଣି
ଗଛ ଡ଼ାଳେ ପକ୍ଷୀ ତାର ବସା ପାଉନ ।
ଏତେ ନିର୍ମମ, କର୍କଷ କାହିଁକ !
ଦୀନ ସାରା ବର୍ଷୁ ଥାଅ ଅଗ୍ନି ଖଣ୍ଡ, ଖଣ୍ଡ
ସନ୍ଧ୍ୟାର ଶୀତଳ ପବନରେ କେଉଁଠି ଲୁଚଯାଅ ।
ଏତେ ପ୍ରଖର ତୁମ ତେଜ
ମାଟି ଛାତି ଫାଟି ଯାଏ ।
ହମ୍ବା ହମ୍ବା କରୁଥାଏ ବଳଦ
ଧାନ କଆରିରେ,
ହଳଧର ହଳ କରୁଥାଏ ଝାଳ ପୋଛି ପୋଛି
ଅଧା ଚିରା ଗାମୁଛାରେ ।
ଏତେ ପ୍ରଖର କାହିଁକ ତୁମେ !
ହେ ''ଗ୍ରୀଷ୍ମ''

ବାଲିଛାଇ, ଗଞ୍ଜାମ, ଓଡିଶା

# ଦୀପ୍ତି



ବିଭୁତି ରଞ୍ଜନ ପାଣିଗ୍ରାହୀ

ଶୁଣିବୁ ସାଙ୍ଗ ମୋ଼ଁ ପ୍ରିୟା କେମିତି ଲାଗେଇ
ପୁନେଇ ଜହ୍ନର ଚେହେରା ନେଇ
ପ୍ରିୟା ମୋ଼ଁ ଆସିଛି ମର୍ତ୍ୟ କୁ ଓଲ୍ହେଇ
ଦେଖିବାକୁ ସିଏ ଫୁଲ ପାଖୁଡା ପରି
ରୂପ ତା ଲାଗେ କାଚ କଣ୍ଢେଇ ପରି
ଆଖି ତା ନଏ ମନ କୁ ହରି
ଆଖି ନୁହେଁଇଁ ସେ ତ ସମୁଦ୍ର ଲହରୀ
ଲଗାଏ ସିଏ ଯେବେ ଆଖିରେ କାଜଲ
ଲାଗେ ଯେମିତି ଆକାଶେ ଘୋଟି ଆସିଲା ବାଦଲ
ଓଠ ତ ତାର ଗୋଲାପ ପାଖୁଡା
ନା ହେଇ ପାରେ ଏକ ଗୀତର ମୁଖଡା
ଓଠରୁ କୁହେ ସେ କଥା ପଦିଏ
ଲାଗେଇ ଯେମିତି କୋଇଲିର ସ୍ୱର ସିଏ
କଥା ପଦେ ରେ ମୋ଼ଁ ମନ ହରି ନଏ
ହାଏ ମୋ଼ଁ ପ୍ରିୟା ସେ ବଡ ଚୁଲବୁଲି ଟିଏ
ଉଫଃ କ ସେ ଠାଣୀ ତାହାର ଲାଗେ କୌତୁକଆ ବଡ ମନୋହର
ଲାଜ ରେ ତାର ଜୁଆର ଉଠେ
ହସରେ ତାର ପଦ୍ମଅଁ ଫୁଟେ

ଦେଖିଲେ ତାକୁ ଭଅଁର ଗାଏ
ଦେଖି ତାକୁ ଫୁଲ ଲାଜେଇ ଯାଏ
କଥା କହିବା ଶୈଳୀ ଏଡ଼େ ମନୋହର
କଥା ନୁହଁ ଯେମିତି ଗୀତର ସମ୍ଭାର
ଦେହଟି ତାର ସୁନେଲି ସୂର୍ଯ୍ୟ ଶିଖା
ଆଖି ତାର ଦୀପ ଆଲୁଅର ରେଖା
ଦୀପ ଆଲୁଅରୁ ପାଇଛି ନାଁ ସିଏ ଦୀପ୍ତି
ପ୍ରେମର ବାର୍ତା ବହି ଗଢିଛି ଅନେକ କୀର୍ତି
ଗୋଲାପକୁ ଭଲ ପାଏ ସିଏ ଏମିତି
ତା ଆଗେ ଭଲ ପାଇବା ବି ବଳ ପଡ଼ିଯିବ ଯେମିତି
ଭଲ ପାଇବାର  ସିଏ ଗୋଟିଏ ଭଲ ଉଦାହରଣ
ଏଇ କବିତାର ସିଏ ମୁଖ୍ୟ ଆକର୍ଷଣ
ହେଇ ପାରେ ସେଇ ଅଭୁଲା ସ୍ମୃତି
ଅବା ହେଇ ପାରେ ମୋଁ ମନରେ ଥିବା ସ୍ୱପ୍ନ
ସ୍ୱପ୍ନ ଯଦି ଏତେ ସୁନ୍ଦର
ଭାବ ବାସ୍ତବତା କେଡେ ମଧୁର
ବାସ୍ତବତା କଣ ଏମିତି ହେଇ ପରେ
ନା ଏଇ କବିତାରେ ମୋଁ କଳ୍ପନାର  ଅନ୍ତ ଘଟି ପାରେ
ଖିଲି ଖିଲି ହସ ସେଇ କୁନ ଝିଅଟିର
ଯାହା ମନେ ନାହିଁ ଦୁଃଖ ଏଇ ସମାଜର
ସିଏ ସେଇ ଆଖିର ଲୁହ ଯିଏ ଖୁସିରେ ବହେ
ସିଏ ସେଇ ଆବେଗ ଯିଏ ହୃଦୟରେ ରୁହେ
ସିଏ ସେଇ ଖୁସି ଯିଏ ମୋଁ ଓଠରେ ରୁହେ
ସେଇ ହଉଛି ମୋଁ ପ୍ରିୟା
ଯିଏ ସବୁ ଦିନେ ମୋଁ ହୃଦୟ ରେ ରୁହେ..……….…

ବରହମପୁର, ଗଞ୍ଜାମ

# ହୃଦୟର ଭାଷା



ବିଜୟ ପଣ୍ଡା

ଦକ୍ଷିଣ ପୂର୍ବତଟ ରେଳବାଇ ଅନ୍ତର୍ଗତ ଛୋଟିଆ ଷ୍ଟେସନଟିଏ ରଣିତାଲ । ଷ୍ଟେସନ ପାଖାପାଖି ତହସିଲ ଅଫିସ, ପୋଲିସ ଥାନା, ଡାକ୍ତରଖାନା ଆଦି ସରକାରୀ କାର୍ଯ୍ୟାଳୟ ଅବସ୍ଥିତ । ଷ୍ଟେସନ ପାଖ ବଜାରରେ ନିତ୍ୟଦିନ ଜୀବନ ଯାପନ ପାଇଁ ପ୍ରାୟ ସବୁ ପ୍ରକାରର ଦ୍ରବ୍ୟ ଉପଲବ୍ଧ। ଷ୍ଟେସନରୁ ଦଶ କିଲୋମିଟର ଦୂରରେ ମଫସଲି ଗାଁ ପାଟୁଳରେ ପ୍ରଶାନ୍ତର ଜନ୍ମ । ଅଙ୍କାବଙ୍କା ମାଟି ସଡକଟିଏ ଲମ୍ବିଯାଇଥାଏ ଷ୍ଟେସନରୁ ଗାଁକୁ। ନଦୀ ନାଳ, କ୍ଷେତ ବାଡି ଆଉ ସବୁଜିମାରେ ଭରା ଚତୁର୍ପାର୍ଶ୍ୱ ଭାରି ମନଲୋଭା । ବଜାରକୁ ଯାତାୟାତ ପାଇଁ ମୁଖ୍ୟତଃ ସାଇକେଲରେ ବହୁଳ ବ୍ୟବହାର କରନ୍ତି ଗାଁ ଲୋକମାନେ। ମାଟି ରାସ୍ତାର ଅବସ୍ଥା ଯାହା, ପାଗ ଶୁଖିଲା ଥିଲେ ଲୋକମାନେ ସାଇକେଲ ଉପରେ ଆଉ ପାଗ ଟିକେ ବିଗିଡି ଗଲେ .. ସାଇକେଲ ଲୋକଙ୍କ କାନ୍ଧରେ ବୁହାହୁଏ । ବଜାରରୁ ଗାଁ ଯିବା ରାସ୍ତାରେ ଦୁଇଟି କେନାଲ ପାର ହୋଇ ଯିବାକୁ ପଡେ, ବର୍ଷାଦିନେ ବାଉଁଶର ପୋଲଟିଏ ବନ୍ଧା ହୁଏ କେନାଲ ପାରି ହେବାପାଇଁ। ଗାଁରେ ଗାଡିଚକିଆ ଯାନର ସୁବିଧା ନଥିବାରୁ ଆପାତକାଳୀନ ପରିସ୍ଥିତିରେ ଡାକ୍ତରଖାନାକୁ ଲୋକମାନେ ଖଟିଆରେ ବୁହା ହୋଇ ଯାନ୍ତି । ଗାଁରେ ବିଜୁଳି ଆଲୋକର ସୁବିଧା ନଥିବାରୁ ଲୋକମାନେ ଲଣ୍ଠନ, କିରୋସିନ ବତୀ ଆଦି ଜାଳି ରାତିର ଅନ୍ଧକାର ଦୂର କରନ୍ତି । କଣ୍ଟ୍ରୋଲ ଦୋକାନରୁ ରାଶନ କାର୍ଡ ଯୋଗେ କିରୋସିନ କିଣାଯାଇ ଘରେ ମହଜୁତ ରଖା ଯାଏ ଆପାତକାଳୀନ ପରିସ୍ଥିତି ପାଇଁ ।

ପ୍ରଶାନ୍ତର ପରିବାର କହିଲେ ଦୁଇ ଭଉଣୀ, ବଡ ଭାଇ ପ୍ରବୀଣ ଆଉ ବିଧବା ମା । ପ୍ରଶାନ୍ତ ବାପଛେଉଣ୍ଡ ପିଲାଟି ଦିନରୁ, ସେ ମା' ପେଟରେ ଥିଲା ବେଳେ ହିଁ ତାର ବାପା ଟି.ବି ରୋଗରେ ଆକ୍ରାନ୍ତ ଥିଲେ। ପ୍ରଶାନ୍ତ ଜନ୍ମ ହେବାର କେଇ ମାସ ଭିତରେ ତାର ବାପା ପ୍ରାଣ

ହରାଇଲେ । ବାପଙ୍କ ସ୍ନେହରୁ ସେ ବଞ୍ଚିତ । ବଡ ଭାଇ ପ୍ରବୀଣ, ମାଟ୍ରିକ ପାସ ପରେ ଚାଷ କାମରେ ଲାଗିଯାଏ । ଚାଷ ଜମି ବୋଲି ମାତ୍ର ଛ ଗୁଣ୍ଠ, କେତେ ବା ସେଥିରେ ଧାନ ଅମଳ ହେବ ! କଛି ମାସ ପାଇଁ ଚାଉଳ ଆଉ ଘର ଛାଉଣି ପାଇଁ ଛଉଣ ମିଳଯାଏ । ପ୍ରଶାନ୍ତର ମା ବହୁତ ଭଲ ମୁଢି ଭାଜନ୍ତି, ସେ ଅଞ୍ଚଳରେ ପ୍ରାୟ ସମସ୍ତଙ୍କ ଘରେ ସକାଳେ ସଞ୍ଜେ ଜଳଖିଆ କହିଲେ ମୁଢି ହିଁ ପ୍ରଥମ ପସନ୍ଦ । ମୁଢିକୁ ନେଇ କେତେ ପ୍ରକାର ଯେ ଖାଦ୍ୟ ତିଆରି ନହୁଏ। ପିଲାରୁ ବୁଢା ଯାଏଁ, ଆମିଷ ଭୋଜନକାରୀ ଠୁଁ ନିରାମିଷାଶୀ ସମସ୍ତଙ୍କର ମୁଢି ହିଁ ଦରକାର ହୁଏ । ଏମିତିକି ମାଂସ ଝୋଳରେ ମୁଢି ପକେଇ ଅତି ଆନନ୍ଦରେ ଖାଇ ନଅନ୍ତି ଲୋକମାନେ । ଆଉ ପ୍ରଶାନ୍ତର ମା ସେହି ମୁଢିକୁ ବ୍ୟବସାୟ ଭାବରେ ଧରିନଅନ୍ତି ଜୀବନ ନର୍ବାହ କରିବାର ଏକ ପନ୍ଥା ଭାବି । ଘରେ ଦୁଇଟି ବାଢୁଅ ଝିଅ ସାଙ୍ଗକୁ ଦୁଇଟି ପୁଅ, ସମସ୍ତଙ୍କର ଦାୟିତ୍ୱ ତାଙ୍କ ଉପରେ । ଓଷା, ପର୍ବ, ଯାନୀ, ଯାତରା ସବୁ କଛିର ଖର୍ଚ ସେଇଥିରୁ ହିଁ ଉଠାନ୍ତି । ଗାଁରେ ତ ସମସ୍ତେ ନଜ ଘରେ ନଜେ ମୁଢି ତିଆରି କରନ୍ତି ତେଣୁ ଗାଁରେ ସେମିତି କଛି ବ୍ୟବସାୟ ହୁଏନ । ମୁଣ୍ଡରେ ମୁଢି ବସ୍ତାକୁ ମୁଣ୍ଡରେ ବୋହି ଷ୍ଟେସନ ପାଖ ବଜାର କୁ ପ୍ରତିଦିନ ଚାଲି ଚାଲି ଯାନ୍ତି ମୁଢି ବିକ୍ରି କରିବାକୁ । ଖରା, ବର୍ଷା, ଶିତ ପବନକୁ କୁ ଖାତିର ନଥାଏ ତାଙ୍କର, ଆଖିରେ ଆଖିଏ ସପନ ଯେ ଦୁଇ ଝିଅଙ୍କର ବାହାଘର କରେଇବେ ଆଉ ପ୍ରଶାନ୍ତକୁ ପାଠ ପଢେଇ ବଡ ମଣିଷ କରିବେ । ବଜାର ରେ କଛି ଚାକରିଆ ଲୋକଙ୍କ ଘରେ ମୁଢି ଯୋଗେଇ ଦିଅନ୍ତି, ବଜାର ଯିବା ଆସିବା ରାସ୍ତାରେ କଛି ବିକ୍ରି ବି ହେଇଯାଏ । ଏମିତି ମୁଢି ବିକ୍ରିକରି ଯାହା କଛି ଟଙ୍କା ଅର୍ଜନ କରନ୍ତି, ସେଥିରେ କଷ୍ଟେ ମଷ୍ଟେ ଘର ଚଳଯାଏ ।

ଗାଁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ, ଟଙ୍କା ଅଭାବରୁ ପ୍ରଶାନ୍ତ କେବେବି ଟ୍ୟୁସନ ଯାଏନ । ହେଲେ ବି ପ୍ରଥମରୁ ସପ୍ତମ ଶ୍ରେଣୀଯାଏଁ ସବୁ ପରୀକ୍ଷାରେ ତାର ସ୍ଥାନ ପ୍ରଥମ । ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଅଶି ପ୍ରତିଶତ ମାର୍କ ରଖି ଉତିର୍ଣ୍ଣ ହେଲାପରେ, ଗାଁ ପାଖ ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକଙ୍କୁ ଭେଟି ଅଷ୍ଟମ ଶ୍ରେଣୀରେ ପ୍ରଶାନ୍ତର ନାମ ଲେଖାଇ ଦେଲେ ତାର ବଡ ଭାଇ । ପ୍ରଶାନ୍ତ ବିଷୟରେ ସବୁ ଜାଣି ବହୁତ ଖୁସି ହେଲେ ପ୍ରଧାନ ଶିକ୍ଷକ, ବାକି ଶିକ୍ଷକଙ୍କୁ ଡାକି ପ୍ରଶାନ୍ତ ଭଳି ଜଣେ ମେଧାବୀ ଛାତ୍ର ଆମ ସ୍କୁଲରେ ନାମ ଲେଖାଇଛି ବୋଲି ନଜର ଖୁସି ପ୍ରକାଶ କଲେ । ଦଶମ

ଶ୍ରେଣୀରେ ବହୁତ ଭଲ ନମ୍ବର ରଖି ପାସ କଲେ ଇଂଜିନୟରିଂ ପଢିବ ବୋଲି ପ୍ରଶାନ୍ତ ମାର ବହୁତ ବଡ ଆଶା ଥାଏ । ପ୍ରତି ସୋମବାର ସକାଳୁ ଗାଁ ପାଖ ମହାଦେବ ମନ୍ଦିରରେ ପ୍ରଶାନ୍ତର ମା ମହାଦେବଙ୍କ ଉପରେ ପାଣି ଚଢାନ୍ତି ପରିବାର ସୁଖଶାନ୍ତି ପାଇଁ ଆଉ ଖାସ କରି ପ୍ରଶାନ୍ତ ବେଶୀ ପାଠ ପଢି ବଡ ଚାକିରି ଟେ ପାଉ ଆଉ ଭଲ ମଣିଷଟେ ହେଉ ସେଥିପାଇଁ ପ୍ରଭୁଙ୍କୁ ଗୁହାରି କରନ୍ତି । ପ୍ରଶାନ୍ତ ଜଣେ ମେଧାବୀ ଛାତ୍ର ବୋଲି ସେ ଗାଁ ଲୋକଙ୍କର ପ୍ରଶଂସାର ପାତ୍ର । ମୁଢିବାଲିର ପୁଅ କ ସୁନ୍ଦର ପାଠ ପଢୁଛି ! ବଡ ଚାକିରିଟେ ନିଶ୍ଚୟ କରିବ ଆଉ ତ ମା'ର ସବୁ ଦୁଖ ଦୂର କରିବ ଏକଥା ସମସ୍ତଙ୍କ ତୁଣ୍ଡରେ ଥାଏ । ଗାଁକୁ ବିଜୁଳି ଆସିନଥିବାରୁ ଟେଲିଭିଜନରେ ଖବର ଦେଖିବା ଆଉ କ୍ରିକେଟ ଖେଳ ଦେଖିବାର ଇଚ୍ଛା କେବେ ପୂରଣ ହୁଏନ । ରେଡିଓରୁ ଖବର ପ୍ରସାରଣରୁ ଦେଶ ଦୁନିଆର ଖବର ଆଉ କ୍ରିକେଟ ମ୍ୟାଚ ଦିନ ଆକାଶବାଣୀରୁ ସିଧା ପ୍ରସାରଣ ଶୁଣି କ୍ରିକେଟର ସବୁ ଖବର ସେ ଜାଣିନଏ । ସାଧାରଣ ଜ୍ଞାନ ବହି ସବୁ ପଢିବାରେ ବହୁତ ପସନ୍ଦ ତାର, ସେଥିପାଇଁ ବିଦ୍ୟାଳୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ତାର ସ୍ଥାନ ପ୍ରଥମ ଥାଏ, ବ୍ଲକ ସ୍ତରୀୟ ଶିଶୁ ମେଳାରେ ବି ପୁରସ୍କାର ପାଇଛି । ପାଠ ପଢା ସାଙ୍ଗେ ଗାଁ ପିଲାମାନଙ୍କ ସହ ମିଶି ଖେଳକୁଦରେ ବି ପ୍ରଶାନ୍ତ ଭାଗ ନଏ । ଟିକେ ଟିକେ ଦୃଷ୍ଟାମି କାମ ଯେମିତି ସାଙ୍ଗ ମାନଙ୍କ ସହ ମିଶି ଲୁଚ ଲୁଚ କାହା ବାଡିରୁ ପିଜୁଳି ଚୋରୀ କରି ଖାଇବା, ଆମ୍ବ ତୋଟାରୁ ଆମ୍ବ ଚୋରୀ ଏସବୁ ର ମଜା ନଏ ପ୍ରଶାନ୍ତ । ଏମିତି ଛୋଟ ଛୋଟ କଥାକୁ ଗାଁ ଲୋକମାନେ ଅଣଦେଖା କରିଦିଅନ୍ତି ।

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପଞ୍ଚାଅଶି ପ୍ରତିଶତ ନମ୍ବର ରଖି ଉତିର୍ଣ୍ଣ ହେଲା ପ୍ରଶାନ୍ତ। ବିଦ୍ୟାଳୟ ଆରମ୍ଭଠାରୁ କେହି ବି ଜଣେ ଛାତ୍ର ଏତେ ଅଧିକ ନମ୍ବର ରଖିନଥାନ୍ତି ଆଉ ସେଥିପାଇଁ ଶିକ୍ଷକ ମାନେ ପ୍ରଶାନ୍ତ ପାଇଁ ବହୁତ ଗର୍ବ ଅନୁଭବ କରନ୍ତି । ଇଂରାଜୀ ବିଭାଗର ଶିକ୍ଷକ ତାକୁ ବହୁତ ଅଧିକ ଭଲ ପାନ୍ତି ସେଥିପାଇଁ ପ୍ରଶାନ୍ତ କେମିତି ଭଲ କଲେଜରେ ନାମ ଲେଖେଇ ପାରିବ ସେସବୁରେ ସାହାଯ୍ୟ କରନ୍ତି ଆଉ ବହୁତ ଭଲ ମାର୍କ ରଖିଥିବାରୁ ପ୍ରଶାନ୍ତକୁ ଫକୀରମୋହନ ସରକାରୀ କଲେଜରେ ଯୁକ୍ତ ଦୁଇ ବିଜ୍ଞାନରେ ଆଡମିସନ ମିଳଯାଏ । ଛାତ୍ରାବାସରେ ରହିବା ପାଇଁ ବି ଯାହା ଖର୍ଚ୍ଚ ଦରକାର ପଡୁଥିଲା ତାହା ଯୋଗେଇଦେବା ପାଇଁ କଷ୍ଟ ହୋଇ ପଡୁଥିଲା ପ୍ରଶାନ୍ତର ମା ପାଇଁ । ଗରିବ ମେଧାବି

ଛାତ୍ରମାନଙ୍କ ପାଇଁ ସରକାରଙ୍କ ତରଫରୁ କଛି ରିହାତି ମିଳପାରିବ ବୋଲି ପ୍ରଶାନ୍ତ ବୁଝା ବୁଝି କରି ୩୦୦ ଟଙ୍କା ଯାଏଁ ମାସିକ ରିହାତିର ସୁବିଧା ପାଇଲା । ଏମିତି ଦୁଇବର୍ଷ ସଂଘର୍ଷ ପରେ ପ୍ରଶାନ୍ତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ହେଲା । ପ୍ରଶାନ୍ତର ମା'ର ମନରେ ଅସରନ୍ତି ସ୍ୱପ୍ନ ଆଉ ଅସୁମାରି ଆଶା । ପୁଅ ଏଥର ଇଂଜିନୟରିଂ ପଢିବ, ବଡ ଗ୍ଚକରୀ କରିବ ଆଉ ତାର ନାଁ ରଖିବ । ବଡ ଘର, ଗାଡି ଏସବୁରେ ଲୋଭ ନଥାଏ, ପୁଅକୁ ସଫଳ ମଣିଷଟେ ହେବାର ଦେଖିଲେ ତା ସ୍ୱପ୍ନ ସାକାର ହେବ, ଏତିକ କାମନା ଥାଏ ତାଙ୍କର ।

ଇଂଜିନୟରିଂ ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ ଯେତେ ଟଙ୍କା ଦରକାର ସବୁ ସେ କେମିତି ବି ଯୋଗାଡ କରିଦେବେ, ଖାଲି ମନଦେଇ ପଢାପଢି କର ବୋଲି ପ୍ରଶାନ୍ତକୁ ବୁଝାଉଥିଲେ ତାର ମା .. କନ୍ତୁ ମା'ର ଏ ଅବସ୍ଥାକୁ ଦେଖି ବହୁତ କଷ୍ଟ ଲାଗୁଥାଏ ପ୍ରଶାନ୍ତର। ନଜ ମା'କୁ ଏତେ କଷ୍ଟ ଦେଇ ପାଠ ପଢି ବା କ ସୁଖ ପାଇବ ବୋଲି ମନରେ ମନରେ ନଜକୁ ଅସହାୟ ମନେକରେ । ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ବେଳେ ପ୍ରଶାନ୍ତର ଘରର ପରିସ୍ଥିତି ଶୁଣି, ଶିକ୍ଷକ ତାଠାରୁ କେବଳ ୫୦ ପ୍ରତିଶତ ହିଁ ପାଉଣା ନଅନ୍ତି ଆଉ ତାର ପଢାପଢି ରେ ଭଲ ଧ୍ୟାନ ଦିଅନ୍ତି ।

ଦେବୀ ସରସ୍ୱତୀ ଯାହାକୁ ଆଶୀର୍ବାଦ କରିଛନ୍ତି ଆଉ ପରୀକ୍ଷାରେ ଅସଫଳ ହେବାର ସମ୍ଭାବନା କେମିତି ବା ଆସିବ ! ଆର. ଇ . ସି ବୁର୍ଲା ମହାବିଦ୍ୟାଳୟରେ କମ୍ପୁଟର ବିଜ୍ଞାନ ବିଭାଗରେ ଚୟନ ହୁଏ ପ୍ରଶାନ୍ତର । ନାମଲେଖା ବାବଦକୁ ୨୦ ହଜାର ଟଙ୍କା ଦରକାର ବର୍ଷକୁ, ତା ସହିତ ବହି କଣା, ଛାତ୍ରାବାସ ରେ ରହିବା ଖର୍ଚ୍ଚ । ଏତେ ସବୁ ପଇସା କେଉଁଠୁ ଆସିବା ବୋଲି ଭାବିଲେଣି ପଡେ ପ୍ରଶାନ୍ତର ମା'କୁ । ବ୍ୟାଙ୍କରୁ ରୁଣ ନେଇ ପାଠ ପଢି ହେବ ବୋଲି ଜାଣିବାକୁ ପାଏ ପ୍ରଶାନ୍ତ । କନ୍ତୁ ସେଥିପାଇଁ ବାଙ୍କରେ ଜମି ପଟା କାଗଜ ଦେବାକୁ ପଡିବ । ଯେତିକ ଜମି ଅଛି ତାର ବାବଦରେ ରୁଣ ଦେବାକୁ ବାଙ୍କ ରାଜି ହୁଏନ । ଏମିତି ସାହାଯ୍ୟ ପାଇଁ ଘୁରି ବୁଲୁଥିଲାବେଳେ, ବଜାର ପାଖ ଗୋଟିଏ ସ୍ଥାନୀୟ ସ୍କୁଲରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ ସାର ସାହାଯ୍ୟର ହାତ ବଢାନ୍ତି । ବ୍ରଜ ସାର ଗରିବ ମେଧାବୀ ଛାତ୍ରଙ୍କୁ ସାହାଯ୍ୟ କରିବା ପାଇଁ ଏକ ସଂଗଠନ ଆରମ୍ଭ

କରିଥିଲେ, ସେ ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ତଥା ତାଙ୍କର ପୁରୁଣା ଛାତ୍ରମାନଙ୍କ ଠାରୁ କଛି କଛି ଅର୍ଥ ସଂଗ୍ରହ କରି ଜମା କରି ସେ ଅର୍ଥକୁ ଗରିବ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷାରେ ସାହାଯ୍ୟ କରନ୍ତି ଆଉ ପ୍ରଶାନ୍ତ ବିଷୟରେ ସବୁ ଜାଣିବାପରେ ଖୁସି ଖୁସିରେ ତାର ଗ୍ୟାରେଣ୍ଟର ହୁଅନ୍ତି ଙ୍କ ରୁଣ ପାଇଁ । ସ୍ଥାନୀୟ ବିଧାୟକ ବି ବାଙ୍କ ମାନେଜରକୁ ଅନୁରୋଧ କରନ୍ତି ଆଉ ଶେଷରେ ବ୍ୟାଙ୍କ ରୁଣ ପାଇ ଆର. ଇ . ସି ବୁର୍ଲା ମହାବିଦ୍ୟାଳୟରେ ଇଂଜିନୟରିଂ ପଢା ଆରମ୍ଭ ହୁଏ ପ୍ରଶାନ୍ତର । ସାଥି ଅଶୋକ ସହିତ ଭଲ ବନ୍ଧୁତା ହୁଏ ପ୍ରଶାନ୍ତର, ଏମିତି ଥରେ କ ଦୁଇ ଥର ଯିବା ଆସିବା ହେଇଛି ଅଶୋକର ଘରକୁ ।

ଗ୍ଭରି ବର୍ଷର କଠିନ ପରିଶ୍ରମ ପରେ ସ୍ୱପ୍ନ ସତ ହେଲା ପ୍ରଶାନ୍ତର । ଶେଷବର୍ଷର କ୍ୟାମ୍ପସ କୁ ଡି.ଆର.ଡି.ଓ ର ବୈଜ୍ଞାନିକ ଭାବରେ ଗ୍ଭକରି ମିଳିଲା ପ୍ରଶାନ୍ତକୁ । ପ୍ରଶାନ୍ତର ମା'ର ଖୁସି କହିଲେ ନସରେ । ଯେମିତି ଗୋଟେ ଯୁଗର ତପସ୍ୟା ଫଳ ଆଜି ମିଳିଲା । ଦୀର୍ଘ ୨୦ ବର୍ଷ ହେଲା, ଆଖ ପାଖ ସବୁ ମନ୍ଦିରରେ କେତେ ପୂଜା ପାଠ ନକରିଛନ୍ତି ପ୍ରଶାନ୍ତର ମା । ପ୍ରଶାନ୍ତ ବହୁତ ପାଠ ପଢି ଭଲ ଗ୍ଭକରିଟେ କରୁ ଆଉ ଭଲ ମଣିଷଟେ ହେଉ, ଏତିକ ଗୁହାରି କରୁଥିଲେ ପ୍ରଭୁଙ୍କ ଚରଣରେ ଆଉ ଏବେ ସେ ଗୁହାରି ଶୁଣିଛନ୍ତି ଠାକୁରେ । ଦରମା ଯଦିଓ ବହୁତ ବେଶୀ ନଥିଲା କନ୍ତୁ ଭବିଷ୍ୟତ ଉଜ୍ୱଳ ଥିଲା ।

ଗ୍ଭକରି କରିବାର ଗୋଟିଏ ବର୍ଷ ଭିତରେ ବଡ ଭଉଣୀର ବାହାଘର, ବଡ ଭାଇର ବାହାଘର ସବୁ ଦାଇତ୍ୱ ତୁଲେଇ ସାରିଥାଏ । ଭାଇ ଭଉଣୀ ମାନଙ୍କ ମଧ୍ୟରେ ସଭା ସାନ ହେଲେ ବି ଘରର ମୁରବି ଭଳି ସବୁ ଦାଇତ୍ୱ ସମ୍ଭାଳି ମା'ର ଦୁଃଖ ଲାଘବ କରେ ।

ଏବେ ପ୍ରଶାନ୍ତ ପକ୍କା ଘରଟିଏ ବି କରିସାରିଲାଣି ଆଉ ତାର ମା'ର ଖୁସି କହିଲେ ନସରେ । ମାକୁ ଖୁସି ଦେଖି ତାକୁ ସ୍ୱର୍ଗ ପ୍ରାପ୍ତି ହେଲା ଭଳି ଲାଗେ । ପ୍ରଶାନ୍ତର ମା ଏବେ ସୁନ୍ଦର କନ୍ୟାଟିଏ ଖୋଜିବାରେ ବ୍ୟସ୍ତ, ପ୍ରଶାନ୍ତର ବାହାଘର କରିଦେଇ ସେ ଶାନ୍ତିରେ ନିଶ୍ୱାସ ମରିପାରିବେ ।

"ଏ" ବ୍ଲକ, ବିନାୟକ ନଗର, ଏ ବ୍ଲକ,
ଏଚ. ଏ. ଏଲ ପୋଷ୍ଟ, ବାଙ୍ଗାଲୋର

# ସମୟ ର ଖେଳ



ସ୍ମିତା ତ୍ରିପାଠୀ

କଛି ମୁହୂର୍ତ୍ତ ର ଖେଳ ରେ
ମଣିଷ ହାରିଯାଏ
କଛି ମଧୁର ମୁହୂର୍ତ୍ତ ନେଇ
ବଞ୍ଚିବାକୁ ଚାହେଁ
କଛି କଥା ଅକୁହା ହେଇ
ରହିଯାଏ
କଛି ସ୍ୱପ୍ନ ଅଦେଖା ହେଇ
ଭାସିଯାଏ
କନ୍ତୁ
ହାରିବା ଲୋକ ହାରିବାକୁ ନା ଚାହିଁ ବି ହାରିଯାଏ
କଛି ମୁହୂର୍ତ୍ତରେ
ସେ ସହିଯାଏ
ଜୀବନ ର ନାଟକ ରେ
ଅଭିନୟ କରି କରି
ଥକ ଯାଏ
ସୁନେଲି ସପନ ରେ
ରୁପେଲି ମୁହୂର୍ତ୍ତ କୁ ଝୁରି ଝୁରି...
ଖୋଜିବୁଲେ ଖୁସି ର ମୁହୂର୍ତ୍ତ ...

ରାମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

# ନିରୁଦ୍ଦିଷ୍ଟ ଈଶ୍ୱର



କାର୍ତ୍ତିକେଶ୍ୱର ସାହୁ

ହେ ଈଶ୍ୱର
ତୁମେ କେଉଁଠି
ମଠରେ ନା ମନ୍ଦିରେ, ମସଜିଦ୍ ନା ଗୀର୍ଜାରେ
ପାପରେ ନା ପୂଣ୍ୟରେ, ସତରେ ନା ମିଛରେ
ସୁଖରେ ନା ଦୁଃଖରେ, ହସରେ ନା ଲୁହରେ
ତୁମେ କଣ କିଛି ଦେଖି ପାରୁନ
କିଛି ବି ଶୁଣି ପାରୁନ
ସତରେ ତୁମେ କଣ ପଥର..
ନଚେତ୍ କେମିତି ସେଦିନ
ଦେଖୁଥିଲ ଆଉ ସହୁଥିଲ
କଅଁଳ ନିଷ୍ପାପ ଛୁଆର ଆର୍ତ୍ତଚିତ୍କାର
ଯିଏ ଜୀବନର ପ୍ରଥମ ପାହାଚରେ ପାଦଦେଇ
ଯୌବନ କଣ ଜାଣିବା ପୂର୍ବରୁ
ଝୁଣି ହେଉଥିଲା, ତୁମ ଉପସ୍ଥିତିରେ
ରକ୍ତରଞ୍ଜିତ ହେଉଥିଲା
ଜଘନ୍ୟ ହିଂସ୍ର ନର ରାକ୍ଷସଙ୍କ ପଞ୍ଝାରେ
କଞ୍ଚା କଅଁଳ ମାଂସଲୋଭି ପିଶାଚର ସାହସ
ବଳାତ୍କାରୀ ବଳ ପାଖରେ

ତୁମେ କେମିତି ପରାସ୍ତ ହେଲ
ନା ଭୟରେ ଲୁଚଗଲ
ବା ଦେଖି ନ ଦେଖିବାର ଅଭିନୟ କଲ
ପୂଣ୍ୟ ଦେବାଳୟେ କପରି ବୋଳଲ
ପାପର କାଳମା
କେମିତି ଥରି ଉଠିଲାନ
ତୁମ ସିଂହାସନ
ତୁମ ଉପରେ ଥିବା ଅଟଳ ବିଶ୍ୱାସ
ଏବେ ବିଲୀନ ପ୍ରାୟ
ଅବିଶ୍ୱାସର ବିଷ ବଳୟରେ
ସତରେ କଣ ତୁମେ ସେଦିନ ସେଠି ନଥିଲ...

ଚଣ୍ଡିଆପଲ୍ଲୀ, ଭୁଆଶୁଣିପାଟଣା, ଖୋରଧା- ୭୫୨୦୬୧

ବେଦାନ୍ତୀର ଆଗାମୀ ସଂଖ୍ୟା ଜୁନ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ମଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଦୃଷ୍ଟାନ୍ତ ନାରୀଟିଏ



ବଲବନ୍ତ ସାହୁ

ନିର୍ଜନ କାଳମା ବୋଲ୍ ଅନ୍ଧାର । ମାଘର ହାଡଭଙ୍ଗା ଶୀତ । କଛି ବୁଲା କୁକୁରର ଭୌ... ଭୌ... ଶବ୍ଦରେ ଚମକ ଉଠିପଡେ -"ଦୀନବାଇ" । ଯଦିବା ଉଠିପାରେନାହିଁ ଭୁଷ୍ ଭାସ୍ କରି, ଉଠେ ତା'ପରି ଅସିବର୍ଷିଆ ବୁଢ଼ୀ ତୁଳନାରେ ବେଶ୍ ଚଞ୍ଚଳରେ । ହାତ ବୁଲାଏ ତା'ଏକମାତ୍ର ସାଥୀ ସକାଶେ । ବଙ୍କୁଲି ସକାଶେ । ହାତରେ ପଡେ ଦିଆସିଲିଟେ । ଯେଉଁଠି ଥାଏ ମାତ୍ର ତିନ ଗୁରିଟି କାଠି । ଦୁଇ ପ୍ରଚେଷ୍ଟାର ବିଫଳତା ପରେ ସଫଳ ହୁଏ ତୃତୀୟ ପ୍ରେଚେଷ୍ଟାରେ । ଦୂରୀଭୂତ କରିପାରେ ତା'ଗୁରିହାତିଆ କୋଠରୀର ଘନୀଭୂତ ତମସାକୁ । ତଥା ଠାବ କରିପାରେ ତା'ସାଥୀ ବଙ୍କୁଳକୁ । ଏହାପରେ ଉଠିପଡେ। ଗୋଟିଏ ହାତରେ ବଙ୍କୁଲି ଧରି ଅନ୍ୟ ହାତରେ ମିଞ୍ଜି ମିଞ୍ଜି ଜଳୁଥିବା ଡିବିରିକୁ ଧରି । ଡିବିରିକୁ ଉଠାଏ କାନ୍ଥରେ ଟଙ୍ଗାହୋଇଥିବା ଘଡି ଆଡକୁ । ଠାବ କରିବାକୁ ଅଶୀଦଶକର ସେ ଘଣ୍ଟାର ମୋଟା ଘଣ୍ଟାକଣ୍ଟାକୁ । ଦେଖେ । ତା'ସାଥେ ସାଥେ ଅନୁଭବ କରେ । ମଧ୍ୟରାତ୍ରିର କାକର ଛୁଆଁକୁ, ପୁଣି ହାଡଭଙ୍ଗା ଶୀତକୁ । ଏସବୁକୁ ନେଇ ନେଇ ଘାଂଟେ ତା'କଳନା ଶକ୍ତିରେ । ତା'ପରେ ପରେ ନିଶ୍ଚିତ ହୋଇ ପାଟି ଫିଟାଏ । କହେ- "ଅଢେଇ ବାଜି ଗଲାନା.." ।

ବଙ୍କୁଲିରେ ଭାରସାମ୍ୟ ରଖି ପାଦ ବଢାଏ ଆଗକୁ । କବାଟ ଖୋଲି ତାଗିତ୍ କରେ ସେ ବୁଲା କୁକୁର ମାନଙ୍କୁ । ପୁଣି ସତର୍କ କରିଦିଏ, "ରାତି ପାହି ନାହିଁ" ବୋଲି । ତା'ପୁଣି ବଙ୍କୁଳକୁ ଜହ୍ନମାମୁଁ ଆଡକୁ ଲମ୍ବେଇ ଲମ୍ବେଇକ । ବୁଝେଇ ସୁଝେଇ ଶାନ୍ତ କରିଦିଏ କୁକୁର ଗୁଡିକୁ । କବାଟ ଦେଇ । ଆସି ବସିପଡେ ଖଟରେ । ଥୋଇଦେଇ ବଙ୍କୁଲିକୁ । ଆଶ୍ରା ନପାଇ ଖସି ପଡେ ବଙ୍କୁଳଟି । ଠିକ୍ ଦୀନାବାଇ ପରି । ବଙ୍କୁଲିର ଶବ୍ଦରେ ତାଳ ଦେଇ ଶୁଭୁଥାଏ ସେ

ପଟେ । ମେଁ.. ମେଁ... । ଦୀନାବାଇ ପୁଣି ତାଗିତ୍ କରେ ଛେଲି ଗୁଡିକୁ .. । କହେ - "କାଁଏ ମେଁ.. ମେଁ.. ହଉଛ ରେ..? ସୁଅ ଛନେ ..ସକାଳେ ତମର୍ ମରନ୍ ପରେ" । ଏତିକ କହି କଣ ଯେ ଭାବେ । ତାହାକୁ ଜଣା ଅବା ସେ ଉପର୍ ମାଲିକଙ୍କୁ ଜଣା । ନିଷ୍ଚଳ, ହୋଇ ବସିରହେ । ଅଚଳ ମହାମେରୁ ପରି ।

କଛି ସମୟର ନିଶବ୍ଦ ଦୃଶ୍ୟ ପରେ । "କାଁଏରେ..ଯାଁଅଗ୍ ମକେ ହେଲେ ନେତୁ..., ସୁ କରି ମରନ୍ ଟେ ଦେଇ କରି । ଖୁବ ଭାବବିହ୍ୱଳ ହୋଇପଡେ ଦୀନାବାଇ । ମନେ ପକାଏ ତା'ଧୂଳ ଧୂସର ଅତୀତକୁ । କଳାଧଳା ଅତୀତକୁ । ତଥାପି ସପ୍ତରଙ୍ଗରେ ରଙ୍ଗୀନ ହେଉଥାନ୍ତି ସେ ବିତିଯାଇଥିବା ପୁରୁଣା ଦିନ ଗୁଡ଼ିକ ।

ମାଆ ଘରେ ବସିକ ଖାଇଥିଲେ ବି ଜମିଦାର ପଇସା । ଶଶୁର ଘରକୁ ଆସିବା ଦିନଠୁ କରିବାକୁ ପଡିଥିଲା ଝାଳବୁହା କଠିନ ପରିଶ୍ରମ । ରାତି ଗୋଟାଏଟାରୁ ସାରୁ କୁ ପାଣି ଚେଣ୍ଡା। ସେଠାରୁ ଆସି ଇଟାଭାଟିରେ ଇଟାବୋହିବା । ସେଠାରୁ ଆସିଲେ କୁଆଡେ ଗଣ୍ଡେ ଖାଇକ, ପାଇଟି କାମ ଯେତେ । ତଥାପି ଦୀନାବାଇ କେବେ ଥକେ ନାହିଁ । ପୁଣି ରାଜୁ ବାପାକୁ କହେ- "ତମେ କେତେ ପରିଶ୍ରମ କରୁଛ...ଆରୁ ମୁଁଇଁ ଯେ..." । ରାଜୁବାପା ହସିଦିଏ । ଆଉଁସି ଦିଏ ତା ଉଷ୍ନ ଶରୀରକୁ... ଯୌବନକୁ...ହୃଦୟକୁ...। ପୁଣି କହେ- "ତୁଇ ପରା ମୋର୍ ଫୁଲ ଲୋ...ଫୁଲ କାଣା ପଥର୍ ସାଙ୍ଗେ ଲଢ଼ିପାରିବା ? " ଭାବ ବିହ୍ୱଳ ହୋଇ ପୁଣି କହିଚାଲୁଥାଏ - "ଆମେ ସିନା ପଥର୍ ଲୋକ ଲଢୁଛୁ...ଆରୁ ତୁଇ....." । ସେ ସମୟରେ ବହୁତ କଛି ବୁଝିପାରୁଥାଏ ଏମିତି ଭାବେ । ରାଜୁବାପାର ପ୍ରତିଟି ଅଧାକୁହା କଥା ଗୁଡାକୁ । ହସଖୁସିରେ କଟିଯାଉଥିଲା ଦିନ । ସେଇ "ନ' ଅଙ୍କ" ସମୟରେ ଦେଉଥିଲା ସାତଶହ ଟଙ୍କା । ସ୍କୁଲ ଫିସ ବାବଦକୁ । ତା'ମଧ ଅସୁବିଧା ହେଉନଥିଲା । ଯଦିବା କେବେ କେମିତି ଅସୁବିଧା ହୁଏ କାନଫୁଲ କ ନାକଫୁଲ ଟେ ସାହୁ ଦୋକାନରେ ରଖି ଟଙ୍କା କେଇଟା ମାଗିଲେ ଆଁ... କରିଛି ସେ ସାହୁ ।

ଆସ୍ତେ ଆସ୍ତେ ରାଜୁ ଉତ୍କଳ ମହାବିଦ୍ୟାଳୟରୁ ବି.ଏସ.ସି ପାସ୍ କରେ। କୋଚିଂ ପାଇଁ ଚାଲିଯାଏ ସୁଦୂର କଲିକତା ସହରକୁ । ଟଙ୍କା ପଇସାର ଅଭାବରେ ବନ୍ଧା ପଡେ କାନଫୁଲ, ନାକଫୁଲ ଯେତେ । ହଠାତ୍ ରାଜୁବାପାକୁ ପାରାଲେସିସ୍ । ନଛାଟିଆ ଜାଗାରେ କୁଆପାତ ହେଲା ଭଳି ପରିସ୍ଥିତି । ସେଦିନଠୁ ଅଣ୍ଟା ଭିଡେ ଦୀନାବାଇ । ବୁଲେ ଗାଁକୁ..ଗାଁ..। କେବେ ଶଙ୍ଖା ସିନ୍ଦୁର ନେଇ ତ ପୁଣି କେବେ ରଙ୍ଗବେରଙ୍ଗର ଫୁଲ ଟୋପେ ନେଇ । ଯୋଦ୍ଧା ସାଜି ଲଢ଼େ ପରିସ୍ଥିତି ସାଥେ । ଶେଷରେ ଜିତିଥାଏ । ଅବଶ୍ୟ ସେ ନହେଲେ ବି ତା'ପୁଅ । ପୁଅ ପ୍ରଫେସର । ସେ ବହୁତ ଖୁସି । ହେଲେ ସ୍ଥାୟୀ ରହିପାରିନ ଖୁସି । ହଠାତ୍ ରାଜୁବାପା ଚାଲିଯାଏ । ଆରପାରିକୁ...। ଦଶ ପନ୍ଦର ଦିନ କାନ୍ଦେ ମୁଣ୍ଡ ଫଟେଇ ଫଟେଇ । ବର୍ଷ ଯାକ କାନ୍ଦେ ସୁସ୍କି ସୁସ୍କି । ପରିଶେଷରେ ରାଜୁ ମୁହଁକୁ ଦେଖି ସ୍ୱାଭାବିକ ହୁଏ ସବୁକିଛି। ଯଦିବି ରାଜୁ ଆଜି ଆଉ କାହା ଇସାରାରେ...। ତା'ମାଆ ଅଲଗା ସେ ଅଲଗା । ଦୁହିଁଙ୍କ ଭାବନା ବି ଅଲଗା ଅଲଗା ।ସେ ରହୁଛି ହ୍ୱାଇଟହାଉସ ପରି ଧଳା କୋଠାରେ । ଆଉ ତା'ମାଆ ଆଜିବି ସେଇ ପୁରୁଣା ଆଲୁଅବିହୀନ ମାଟି ଘରେ । ତା'ପୁଣି ବାହାଘର ଭୋଜି ପାଇଁ ଆସିଥିବା ଚାରି ହୃଦୟ( ଛେଲି) ସହ । ତଥାପି ସେ କେବେ ମନ ଊଣା କରେ ନାହିଁ ।

ହଠାତ୍ ଚମକ ପଡେ ଦୀନାବାଇ । ଭାବନା ରାଜ୍ୟରୁ ପ୍ରସ୍ଥାନ କରି ପ୍ରବେଶ କରେ ବାସ୍ତବିକକୁ । ମନେ ପକାଏ ରାଜୁ କହିଯାଇଥିବା କଥାକୁ । "ସକାଳେ ନଟୁଆ କାକାକୁ ଟିକେ ଡାକଦେବୁ । ଶୀଘ୍ର କାଟିଦେବେ ।" ବିଳମ୍ବ ନକରି ଉଠିପଡେ ଦୀନାବାଇ । ଅଗ୍ରସର ହୋଇଥାଏ ନଟୁଆର ଘର ଅଭିମୁଖେ । ନଳପାଣି ଦିଆରେ କାଦୁଅ ସର ସର ରାସ୍ତା । ସପ୍ତାହେ ହେବ ମାଟି ଖୋଲିଥାଏ ରାସ୍ତାର ଦୁଇ ପାର୍ଶ୍ୱରେ ନୂଆ ଡ୍ରେନ ପାଇଁ । କେଉଁଠି କେଉଁଠି ଢେଲାଗୁଡ଼ିକ ଆସି ପଡିରହିଥାନ୍ତି ରାସ୍ତା ଉପରେ..। ଏକଦମ୍ ମଥା ପାତି। ତଥାପି ଅସୁବିଧା ହୁଏନାହିଁ ଷ୍ଟ୍ରୀଟ୍ ଲାଇଟ୍ ରେ । ବଙ୍କୁଲିର ସହାୟତାରେ ଧୀରେ ଧୀରେ ଅଗ୍ରସର ହୋଇ ପହଂଚେ ନଟୁଆର ଚାଳଘର ଆଗରେ ।କହିଦିଏ ଶୀଘ୍ର ଆସିବା ପାଇଁ । ସାମାନ୍ୟ ବିଶ୍ରାମ ପରେ ପୁଣି ଗୋଡ଼ କାଢେ ଘର ଆଡ଼କୁ । ଏହାମଧ୍ୟରେ ହଠାତ୍

ଲିଭି ଯାଏ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ । ଆଗକୁ ବଢୁଥାଏ ଦୀନାବାଇ । ହଠାତ୍ ଖସିପଡେ ଡ୍ରେନରେ । ଏକଦମ୍ ଚଳଚ୍ଚିତ୍ରର ଦୃଶ୍ୟ ପରି । ଚେତାଶୂନ୍ୟ ହୋଇପଡିରହିଥାଏ ଦୀର୍ଘ ଘୁଳଶ ମିନଟ ଧରି । ଏହାପରେ ବହୁ କଷ୍ଟରେ ଉଠିବାକୁ ଚେଷ୍ଟା କରେ । କିନ୍ତୁ ବିଫଳ ହୁଏ । ତା'ପରେ ଘରକୁ ଫେରିଥାଏ ପାଖ କୁନା ସହାୟତାରେ । ଗାଁର ଖୁବ ଭଲ ପିଲା ଟେ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖିପାରେନ । ଏକଦମ୍ ଚଳଚ୍ଚିତ୍ରର ନାୟକ ପରି ।

ସମୟର ଅତିକ୍ରମରେ ସୂର୍ଯ୍ୟ ଉଁଇ ସାରିଥାନ୍ତି । ପ୍ରାୟ ଲୋକ ଉଠିଯାଇଥାନ୍ତି । ଆଖି ମିଟି ମିଟି କରି ଏସବୁ ଦେଖୁଛି ସତ । କିନ୍ତୁ ଗୋଡ଼ର ଦରଜ ରେ ଉଠିପାରୁନ । ବସିପାରୁନ । ବାଁ ଗୋଡ ଟା ଫୁଲିଗଲାଣି ବେଙ୍ଗ ପରି । ଏକଥା ଯାଇ ପଡିଲା ରାଜୁ କର୍ଣ୍ଣରେ । ରାଜୁ ବିରକ୍ତି ହୋଇ ଧାଇଁ ଆସିଲା ସତ କିନ୍ତୁ କ'ଣ କରିବ ସେ ? ଏଇନା ଭୋଜି ପାଇଁ କେତେ କାମ । କିଛି କଲା ନାହିଁ କିନ୍ତୁ କିଛି କହିଗଲା । ତା'ର ସେ ନିତିଦିନିଆ ବୁଢ଼ୀ ଶବ୍ଦ ସହ ଆଉ କିଛି ମିଶେଇକି । ଯେମିତି ନିଆଁରେ ଘିଅ ଦେବା ପରି । କଟା ଘା'ରେ ଚୂନ ତ ନୁହଁ ତା'ପରି ଅନ୍ୟ କିଛି ଦରଦୀ ପଦାର୍ଥ ଦେଲାପରି ।

ସଫା ସଫା ଶୁଣିଲେ ମଧ କିଛି କହିଲା ନାହିଁ ଦୀନାବାଇ । ପ୍ରତିଦିନ ପରି । ନାଁ କହିଲା କିଛି ନାଁ ଦେଲା କିଛି ଭାବଭଙ୍ଗି । ଏତିକିରେ କିଏ କହିଲା ଫାର୍ଷ୍ଟଡେଡ ଆଣି ମାଲିସ କରିବା ପାଇଁ । ଏହାପରେ ସବୁ ଶାନ୍ତି । ଦୀନାବାଇ ନିଜେ ଲାଗିପଡେ ତା'ଗୋଡ଼କୁ ମାଲିସ କରିବାରେ । ବହୁ ସହନଶକ୍ତି ଦୀନାବାଇ ର । ତା'ବୋଲି ସହିଛି ସେ ପୀଡାକୁ । ଦଶ ଦଶ ବର୍ଷ ସହିଛି କେତେ ଲୋକଙ୍କ କେତେ କଥାକୁ । ବ୍ୟଥାକୁ । ବାଞ୍ଝ, ନିଃସନ୍ତାନ, ଅଲକ୍ଷଣୀ ଏପରି କେତେ କ'ଣ ? ସେ ଭାଙ୍ଗିଯାଇନ । ଆଉ ଆଜି ଭାଙ୍ଗିଯିବ ତା'ନିଜ ପୁଅର କେତେ ପଦ କଥା ରେ । ଓଃ.. କଥା ତ ନୁହଁ ବ୍ୟଥାରେ । ନା...କେବେ ନୁହଁ ।

ହେଲେ କଥାରେ ଅଛି ଦଇବ ଦଉଡି......। ଗୋଡ଼ ର ଯନ୍ତ୍ରଣା ବଢ଼ି ବଢି ଘୁଲିଥାଏ। ଏଇନା ତ ଦୀନାବାଇ ପାଇଁ ଅସହ୍ୟ ହେଲାଣି । ତା ବୋଲି ତ ଅନିଚ୍ଛା ରେ - ଆଃ.... ଉଃ....ମାଁ ଲୋ...। ଧୀରେ ଧୀରେ ଅସମ୍ଭାଳ ହୋଇଯାଉଥାଏ ଶରୀର ଯାକ । ତାପମାତ୍ରା

ବଢ଼ି ଚାଲୁଥାଏ । ଦେହ ସାରା ଖଇ ଫୁଟୁଥାଏ । ତଥାପି ସମସ୍ତେ କହୁଥାନ୍ତି। ଭୋଜି ସରିଯାଉ । ଦେଖିବା । କିଛି ହେବନି ।

"କିଛି ହେବା କଣ ନିଜ ହାତରେ । କରିଦେଉନି ।" ରାଗିକି ତା'ଝିଅ କହୁଥାଏ । ହେଲେ ଶୁଣୁଥିଲା କିଏ । ଯା'କାମରେ ବ୍ୟସ୍ତ ସିଏ । ରଙ୍ଗାରଙ୍ଗ ସାଜସଜ୍ଜା । ରାଜୁ କଣ ବିମଳକୁ କହୁଥାଏ- "ଯେ ଆସିବ ବର୍ଷ ବର୍ଷ ମନେ ରଖିବ ଏଇ ବିବାହକୁ ।"

ସମୟକୁ ଧରିଛି କିଏ ? ସେ ଆସି ମୁଣ୍ଡ ଉପରେ । କେତେ ଗାଡି ଆସୁଥାଏ .. । କେତେ ଯାଉଥାଏ.. । ଶହ ଶହ ଲୋକ ଆସୁଥାନ୍ତି.. । ଡିଜେ ତାଳେ ତାଳେ ଝୁମୁଥାନ୍ତି କେହି କେହି । ଖାଉଥାନ୍ତି କେହି କେହି । ସେଲଫି ନେଉଥାନ୍ତି କେହି କେହି.... । କେହି ଜଣେ ହଠାତ୍ ଦୌଡ଼ି ଆସେ ଷ୍ଟେଜକୁ । ରାଜୁକୁ କାନରେ କହେ - "ଦୀନାବାଇ ଆଉ ନାହାନ୍ତି" । ସମସ୍ତ ପରିବେଶ ଶାନ୍ତ । କଣ ହେଲା ? ନାଚୁଥିବା , ଖାଉଥିବା ଲୋକ ମଧ୍ୟ ଆଁ...କରି ଅନେଇଥାନ୍ତି ସେହି ପ୍ରଶ୍ନବାଚୀ ଟେ ନେଇ । ରାଜୁ ଖାରଜ କରି କହେ- "କିଛି ହୋଇନି"। ତା'ପରେ ସବୁକିଛି ପୂର୍ବବତ୍ । ନାଚ, ଭୋଜି, ଡିଜେ ସବୁକିଛି । ରାଜୁ ପୁଣି ସେହି ଲୋକର କାନରେ କହେ- ଭଉଣୀକୁ ଶୁଣାଅ ନାହିଁ, ସେ ଡରିବ । ହଁ ..ଆଉ କବାଟ ଦେଇଦିଅ ।

ପୁଣିଥରେ ସବୁକିଛି ଚାଲିଲା ପୂର୍ବବତ୍ । ଖାଇବା । ନାଚିବା । ଫୋଟୋ କାଢ଼ିବା । ବର କନ୍ୟା ପାଇଁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବେ । କନ୍ୟା ପକ୍ଷରୁ ଆସିଥିବା କ୍ୟାମେରାମେନ କନ୍ୟାର' ଚହ୍ଳା । ଏଣୁ ଡାକଥାଏ କ୍ୟାମେରାମେନ କୁ ଆଉ କହେ ତା'ଶାଶୁଙ୍କୁ ଟିକେ ଡାକିଦେବା ପାଇଁ । ତାଙ୍କ ସହ ଫୋଟୋ ଟେ ହେବ ।

ଏହା ପରେ ସବୁକିଛି ଗୋଳମାଳ । ଫସର୍ ଫଟିଗଲା ସବୁକିଛି । ସମସ୍ତେ ଜାଣିଯାଆନ୍ତି । କୁହାକହି ହୁଅନ୍ତି ନିଜ ନିଜ ଭିତରେ । ବୁଢ଼ୀ ମରିଗଲା । ବୁଢ଼ୀ ମରିଗଲା । ଝାଞ୍ଜି ପବନ ପରି କଥାଟା ବ୍ୟାପିଯାଏ ଗାଁ ସାରା । ଦେଇଯାଏ ଝାଞ୍ଜି ପରି ତାତିର ଅନୁଭବ । ଗାଁ ଲୋକ ଫୁସୁର୍ ଫାସର ହୁଅନ୍ତି। ଶୁଣିବାକୁ ମିଳେ ଯେ ।

ଦୀନାବାଇ ବିବାହ ର ପଚଶ ବର୍ଷ ନିଃସନ୍ତାନ ଥିଲ୍ । ପରିଶେଷରେ ବହୁ ଜପତପରେ ଜନ୍ମ ହୋଇଥିଲ୍ ରାଜୁ । ତା'ପରେ ରାଜୁ ର ପଢା ସମୟରେ । ରାଜୁବାପା ଚାଲିଗଲ୍ । ତା'ପରେ ମଧ୍ୟ ଭାଙ୍ଗିଯାଇନି ଦିନାବାଇ । ଖୁବ ଲଢ଼ିଲ୍ ପରିସ୍ଥିତି ସହ । ଏଇ ଶେଷ ନିଶ୍ୱାସ ପର୍ଯ୍ୟନ୍ତ । ଗାଁ ର କେତେ ବୃଦ୍ଧ ବୃଦ୍ଧା ଚାଲିଗଲେ ଆଶ୍ରମକୁ । ସେ ଗଲ୍ନାହିଁ । ସେ କୁଆଡେ କହୁଥିଲ୍- "ସେ ବୃଦ୍ଧାଶ୍ରମ ଗଲେ, ତା'ପୁଅର ଉଜ୍ଜ୍ୱଳ ଚାଲିଯିବ" ।

ସେ ଆଜି ଚାଲିଯାଇଛି ସତ । କିନ୍ତୁ ଇତିହାସ ହୋଇ ରହିଯାଇଛି ଏଇ ଗାଁ'ଲୋକଙ୍କ ମୁଖରେ । ଆଖପାଖ ଗାଁ ଲୋକଙ୍କ ମୁଖରେ । ସତରେ ଗୋଟେ ସଫଳ ନାରୀର ସ୍ୱରୂପ ହୋଇ । ଠିକ୍ ନାରୀ ଜାତି ପରି ଦେଇଚାଲିଛି ସବୁକିଛି । ହେଲେ ମାଗିନାହିଁ କେବେ କିଛି। ତା'ବୋଲି ତ ଆଜି ସେ ନାରୀର ସଠିକ୍ ଦୃଷ୍ଟାନ୍ତଟିଏ । ଇତିହାସ ପୃଷ୍ଠାର ସୀତା, ଅନୁସୟା, ଗାର୍ଗୀ, ଲୋପାମୁଦ୍ରା ପରି......।

ପାଳୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର



# ବିଗ୍ହର୍



ଜ୍ୟୋତିର୍ଆଦିତ୍ୟ ପୁଝାରୀ

ବଏରୀ ବରଷା ବିଜାର୍
ଟେକନା ହିଟାଲ୍ ମଗ୍ହର୍
ପରୁହ୍ ତ କଟାଲୁଁ ଭୁକେ
ଏଷୁଁଭି ପଡଛେ ମକାର୍ ।

ଚତା ଗଁହଟିଆ ବୁଢାର୍
ଛୁଟି ନେଇପାରେଁ ଉଧାର୍
ନନ୍ଦକେ ଭଙ୍ଗେଇ ସମିଆ
ବେଟିନେବା ଘର୍ ଦୁଆର୍ ।

ଲଏ ହେଇକରି ଭୁକାର୍
ସହିଛେଁ ଦରଦ ପାହାର୍
ଘରେ ନେଇନା ଜୁଏ ଲୁଥି
ତଥାପି କରିଛେଁ ଜୁଗାର୍ ।

ପରଭୁଁ ରହିଛେ ଚହ୍ନାର୍
ଦେଖ ଗରିବର୍ ବେଭ୍ହର୍
ବିଶ ଦଉଛ କ ଅମୃତ
କର ମହାପୁରୁ ବିଗ୍ହର୍ ।

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

# ଭରଷା



ଅଶୋକ କୁମାର ସେଠୀ

ତମ ଭରଷାରେ
ଯଦି ଭରଷା ନରଖିବି ;
ଥକତ ପଡିଛି ଗ୍ଭଲୁଛି ବୋଲି
କେମିତି କହିବି...!

ବିଶ୍ୱାସ ତ ଗୋଡ ଛନ୍ଦି ଦିଏ ,
ଝୁଣ୍ଟିଲି ବୋଲି
ଓହରି ଯିବି ବୋଲି କାହିଁକ କହିବି.. ?

ଶୁଭେଚ୍ଛା ତ ଗ୍ଭରିଆଡୁ ଶୁଭୁଛି
ଭ୍ଗ୍ୟଟା କେଜାଣି ଶୋଇଛି
ଙ୍କ ଚଆଁଇଛି ..!

ପରତେ ପ୍ରତିଶୃତି ରେ
ବଢ଼ାଇଛି ହାତ
ହାର ଜିତ ସବୁ ତ
ନୟତି ବିହିତ ।

ହାରି ପୁଣି ଜିତିବାର
ରଖିଛି ବିଶ୍ୱାସ ,
ବୋଧହୁଏ ସେଥି ପାଇଁ
ବଂଚଛି ସତ ;
ତମେ ତ ଶିଖାଇଛ
ଜିଇଁବା ର ବାଟ ।

କଲ୍ୟାଣପୁର, ନୟାଗଡ

ବେଦାନ୍ତୀ ର ହ୍ୱାଟସଆପ୍ ଗୃପ୍ ରେ ସଦସ୍ୟ ହେବାପାଇଁ
ସମ୍ପର୍କ କରନ୍ତୁ: 9594993733

# ମାନବ ପାଇଁ ବେଦାନ୍ତୀ

ଲିନା ରାଣୀ ଧଳ ମଙ୍ଗରାଜ

ବାରବର୍ଷ କମ୍ ସମୟ ନୁହେଁ । ଏତେବର୍ଷ ହେଲାଣି ବିଛଣାରେ ଶୋଇରହିଥିବା ମାନବ ଏବେ ତ ପୁଣିଥରେ ସିଧା ଛିଡା ହେବାକୁ ଚେଷ୍ଟା କରୁଛି । ଅଣ୍ଟା ସଳଖି ସିଧାହୋଇ ଛିଡା ହେବାପାଇଁ ଚେଷ୍ଟା କଲାବେଳେ ବାରମ୍ବାର ତଳେ ପଡିଯାଉଛି, ପୁଣି ଉଠିବାକୁ ଚେଷ୍ଟା କରୁଛି । ଉପରକୁ ହାତ ଟେକଛି ବାରମ୍ବାର, କିଏ ଟିକେ ତା ହାତକୁ ଧରି ପକାନ୍ତାକି, ସେ ଛିଡା ହୋଇପଡନ୍ତା, କିନ୍ତୁ ନୁହେଁ । ସମସ୍ତେ ତାକୁ କିଏ ଉପଦେଶ ଦେବା ଭଳି - ଚେଷ୍ଟାକର ଗ୍ଲିପାରିବୁ, କିଏ ସମ୍ବୋଧନ ଦେବା ଉଦ୍ଦେଶ୍ୟରେ – ହଁ ହଁ ଠିକ୍ ହୋଇଯିବ ତ କିଏ ସାମାନ୍ୟ ଚୁ ଚୁ ରେ ତା ପ୍ରତି ଥିବା ତାଙ୍କ କର୍ତ୍ତବ୍ୟକୁ ସମାପନ କରିଦିଅନ୍ତି । କିନ୍ତୁ ସେ ଯେ ଆଶା ବାନ୍ଧି ବସିଛି ନିଶ୍ଚୟ ସେ ଛିଡାହେବ, ପୁଣି ଏ ଭିଡ ଭିତରେ ଚଲିବା ଆରମ୍ଭ କରିବ ।

ହଁ ସତରେ ତ, ନିରାଶାର ଅନ୍ଧକାରରେ ଯେତେବେଳେ ଆଶାର ଆଲୋକର ପ୍ରଥମ ଲଭ ଝଲକ ଦେଖାଯାଏ ସେତେବେଳେ ଜୀବନରେ କିଛି ନ ଥିଲେ ମଧ୍ୟ ସବୁ ମିଳିଯିବା ମିଳିଯିବା ପରି ଲାଗେ । ଯେମିତି ଲାଗେ ହାତ ଟିକେ ଉପରକୁ ଉଠାଇଲେ ଜହ୍ନକୁ ଛୁଇଁହେବ, ସମୁଦ୍ରର ଜଳରାଶିକୁ ଆଞ୍ଜୁଳାରେ ଭରି ଦେଇହେବ, ନିଦାଘ ଗ୍ରୀଷ୍ମ ରେ ଶୀତଳତାର ସ୍ପର୍ଶ ବାରିହୋଇ ପଡିବ । ଆଶା ହିଁ ତ ସମ୍ପୂର୍ଣ୍ଣତା ପ୍ରଦାନ କରେ ଅସମ୍ପୂର୍ଣ୍ଣତା ମଧ୍ୟରେ । ତାକୁ ନେଇ ହିଁ ଜୀବନ ଆଗେଇ ଗ୍ଲେ ଆଗକୁ ବହୁତ ଆଗକୁ । ମହାକାଶକୁ ଯିବା ହେଉ କି ଏଭରେଷ୍ଟ ଶୃଙ୍ଗକୁ ଚଢିବା ହେଉ କିମ୍ବା ତାଜମହଲ ର ନିର୍ମାଣ ସବୁକିଛିର ଆରମ୍ଭ ଏହି ଆଶାରୁ ଆଶାରୁ ହିଁ ଜନ୍ମ ହୁଏ ।

ସିଏ ଆଶା କରିବନି କାହିଁକି? ମଣିଷର ଆଶା ନିଜ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ, ଦୃଢ ସଂକଳ୍ପ, କିଛି ପଇବାର ନିଶା ତାକୁ ବଳବତ୍ତର କରିଥାଏ ତା ସଂକଳ୍ପିତ ଅଭିଳାଷ କୁ ପୂର୍ଣ୍ଣ ହେବାପଇଁ ।

ଆଉ ମାନବ, ସେ ତ ଏତେ ବର୍ଷପରେ ପୁଣିଥରେ ଛିଡାହେବାକୁ ଗ୍ହୁିଁଛି, ପଛକୁ ଅନେଇବାକୁ ଟିକେ ବି ଇଛା ନାହିଁ, ବହୁତ୍ ସମୟ ନଷ୍ଟ ହୋଇଯାଇଛି । ଯାହା ଯାଇଛି ତାହା ତ ଅତୀତ । ତାକୁ ଭ୍ବି, ନିଜକୁ ଦୁଃଖ ଦେବାକୁ ଗ୍ହେଁନି ମାନବ । ଜୀବନକୁ ଆଉ ଥରେ ସୁଯୋଗ ଦେଲେ କ୍ଷତି କଣ । କିଛି ସମୟ ସରିଯାଇଛି, ଜୀବନ ତ ନୁହେଁ ନା । ତଥାପି ବେଳେ ବେଳେ ସଙ୍କୁଚିତ ହୋଇଯାଏ ସେ, କିଛି ଦିନ ନୁହେଁ, କିଛି ବର୍ଷ ନୁହେଁ, ଏତେ ବର୍ଷ ଭିତରେ ଜୀବନର ଅଙ୍କ ପୂର୍ା ବଦଳି ଯାଇଛି । ତଥାପି ଦ୍ରୁତ ଗତିରେ ଗ୍ଲୁଥିବା ଜୀବନରେ ଟିକେ ନଇଁକି ଉଠିଲ୍ ବେଳକୁ କେତେଜଣ ଯେ ପଛରେ ଗ୍ଲୁଥିବା ଲୋକ ତମକୁ ଡେଇଁକି ଗ୍ଲିଯାଇଥିବେ ଜଣାପଡେନି । ଏତେ ସତ୍ତ୍ୱେ ବି ଜୀବନର ବିଶ୍ଳେଷଣ କଲ୍ପରେ ମାନବର ଚେଷ୍ଟା ସେ ପୁଣି ଗ୍ଲିବ......ଥକି ନଗଲ୍ଯାଏ ।

# # # # # #

ଦିନେ ଏମିତି ଉପରକୁ ଉଠିବାକୁ ଚେଷ୍ଟା କରୁ କରୁ ତା ହାତରେ କାହାର କୋମଳ ହାତଦୁଇଟିର ସ୍ପର୍ଶରେ ଚମକି ପଡିଲ୍ ।କିଏ ? ବେଦାନ୍ତୀ? ବେଦାନ୍ତୀ ର କାନ୍ଧରେ ଭର୍ ଦେଇ ଆଜି ଏତେଦିନ ପରେ ମାନବ ଛିଡାହେଲ୍ । ପଡିଯିବାର ଭୟ ତ ଅଛି, କିନ୍ତୁ ଦୁଇଟି ହାତ ଯେ ତାକୁ ସଳଖି ଛିଡା ହେବା ପାଇଁ ଚେଷ୍ଟା କରୁଛି । ସିଏ ବେଦାନ୍ତୀ କୁ କେମିତି ଧନ୍ୟବାଦ ଦେବ ଭ୍ବୁ ଭ୍ବୁ ବେଦାନ୍ତୀର ହସ ଦେଖି ତାର ଆଶା, ଭରସା ନିଜ ଉପରେଥିବା ଆତ୍ମବିଶ୍ୱାସକୁ ଦୃଢ କରିବାକୁ ଆହୁରି ସଜାଗ ହୋଇପଡୁଛି ।

ପୁଣିଥରେ ସେ ବେଦାନ୍ତୀର ହାତ ଧରି ପାଦ ଥାପୁଥାପୁ ଦିନକୁଦିନ ମୁଖ୍ୟରାସ୍ତା ରେ ଗ୍ଲିବା ପାଇଁ ପାଦ ବଢେଇବାକୁ ଆରମ୍ଭ କଲ୍ଣି । କେମିତି କହିବ ସିଏ, ତା ଜୀବନରେ

ବେଦାନ୍ତୀର ଅବଦାନ । ଦିନେ ଚଢ଼ିଥିଲା ସେ ତାକୁ ପଡିଶାଘର ଭାଉଜଙ୍କ ଘରକୁ ବୁଲିବାକୁ ଯିବା ଅବସରରେ । ସୁନ୍ଦର, ସରଳ ଶାନ୍ତ, ଅନ୍ୟକୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତିପୂର୍ଣ୍ଣ ଆଖିଦୁଇଟି ତାକୁ ବାଧ କରିଥିଲା ତା ସହ ବନ୍ଧୁତା କରିବାକୁ । ତାର ସବୁ ଅପାରଗତା, ଜୀବନରେ ଘଟିଥିବା ଦୁର୍ଘଟଣା ଜନତ ବାସ୍ତବତାକୁ ଜାଣି ମଧ ବେଦାନ୍ତୀ ଭଳ ଆଧୁନକ, ରୁଚସମ୍ପନ୍ନ ଏବଂ ବାସ୍ତବିକ ଚନ୍ତାଧାର୍ ରଖିଥିବା ମନଟି ଯେ ତାର ବନ୍ଧୁତା ଗ୍ରହଣ କରିବ, ସେ ବିଶ୍ୱାସ କରିପାରୁନଥିଲା । ଖାଲି ବନ୍ଧୁତା ନୁହେଁ, ବେଦାନ୍ତୀ ଯେ ଏବେ ତା ଜୀବନକୁ ପୁଣି ଥରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଯେମିତି ସଂକଳ୍ପ ବଧ ହୋଇଉଠିଛି । ଭଗବାନ ତା ପାଇଁ କେଉଁ ଦେବଦୂତ କୁ ବେଦାନ୍ତୀ ରୂପରେ ପଠେଇଛନ୍ତି । ଦିନ ପରେ ଦିନ ତା ବନ୍ଧୁତାର ଆନ୍ତରିକତା ସହ ଅନ୍ୟକୁ ଗଢି ତୋଳବାର ସଂକଳ୍ପ ବଦ୍ଧତା ଆଗରେ ମାନବର ମନ, ହୃଦୟ ନଇଁ ଯାଉଥିଲା ।

ମାର୍ଫତ – ଶ୍ରୀ ଏଲ୍. କେ. ମଙ୍ଗରାଜ,
ଶତାବ୍ଦୀ ନଗର, ଭୁବନେଶ୍ୱର

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।**

**ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।**

# ରାମ ନାମ

ରମେଶ ଚନ୍ଦ୍ର ମଲିକ

ଜୀବନ ସଞ୍ଜରେ ରାମ ନାମ
ଚତୁର୍ଥ ପ୍ରହରେ ରାମ ନାମ
ଅଷ୍ଟମ ପ୍ରହରେ ରାମ ନାମ
ଅନ୍ତିମ ପ୍ରହରେ, ଜୀବନ ଯୁଦ୍ଧରେ
ଶେଷ ବିଛଣାରେ ରାମ ନାମ
ରାମ, ଏକ ସଫଳ ଜୀବନ ଧର୍ମ
ରାମ, ଆଦର୍ଶ ବ୍ୟକ୍ତିର କର୍ମ
ପିତୃ ଭକ୍ତି, ଭାତୃପ୍ରୀତି ବିଶ୍ୱ ବିଦିତ
ଶବରୀ ଅଇଁଠାରେ ମାନବବାଦ
ଚଉଦ ବରଷ ବନବାସ ଯୋଗ
ପ୍ରଜାମଙ୍ଗଳେ ଐଶର୍ଯ୍ୟ ତ୍ୟାଗ
ଓଲଟାଇଲେ ରାମନାମ ପରା
ହୁଏ ପୁଣି ମନା ମରା
ଅଧମ, ପଣ୍ଡିତ, ଜନ୍ମ ବାଦେ
କ୍ଷମତା ହାତାଏ ଭାଗ ବାଦେ
ନା ବୁଝିହୁଏ ଓଲଟାଇ ନା ସିଧା
ଶୁଦ୍ର ବୋଲି କହି ଦେଉଛି  ବାଧା
ରାମାୟଣର ଶୁଣାଇ ଗୀତ

ରମଣରେ ମାତେ ଆତ୍ମଘୋଷିତ
ଢଳ ଢଳ ତୋଳ ଅର୍ଥ ଥଳ
ମାରି ତାଳ କେତେ ଲଗାଏ କଳ
ଜାତି ଧର୍ମ ନାମେ ହୀନ ରାଜନୀତି
ଘର ପରିବାର ମଧ୍ୟେ ଘୋର ଅନୀତି
ଖାଲି ହାତେ ଯିବା କହି ଗେରୁଆ ଭକତି
ଜଳ, ଜଙ୍ଗଲ, ସମ୍ପଦକୁ କରେ
କାରସାଦି
ଅତିଷ୍ଠ ହୋଇ ଡାକଦିଏ ସତ୍ସାର୍ଥୀ
ମଣିଷ
ରକ୍ଷା କର ରକ୍ଷା କର ବସୁଧା ମାତ

ସି ଆର ସି ସି, ଲକ୍ଷ୍ମୀନାରାୟଣ ପୁର,
କେନ୍ଦ୍ରାପଡା

# ହସକୁରୀ ଝିଅ



ସଚ୍ଚିଦାନନ୍ଦ ବାରିକ

ଆଗରୁ ହସୁ ନଥିବା ଝିଅ

ଟିକଏ ଟିକଏ କଥାରେ ମୁହଁ ଲୁଚେଇ କାନ୍ଦୁଥିବା ଝିଅ

ଜୀବନ ର କାଉଁରୀ ସ୍ପର୍ଶ ରେ ଆଉ ଥରେ

ହସିବା ଆରମ୍ଭ କରିଛି ॥

ସେଇ ଘଟଣା ପରେ ଏକୁଟିଆ ରହିବାକୁ ଭଲ ପାଉଥିବା ଝିଅ

ଏବେ ଟିକେ ମିଶିବା ଆରମ୍ଭ କରିଛି

ଆଗରୁ ଟିକଏ କଥାରେ ନାକ ନାଲି କରୁଥିବା ଝିଅ

ଏବେ ଅନେକ କଥା ରେ ହସୁଛି ॥

କେତେ ଜଣ ଅବିବେକୀ ନଷ୍ଟୁର ଲୋକଙ୍କ ପାଇଁ

ଦୁନିଆ କୁ ଘୃଣା କରୁଥିବା ଝିଅ

ଏବେ ସମାଜ ମନସ୍କ ହେବା ଆରମ୍ଭ କରିଛି

ପରିବାର ପରିବେଶ ସାଙ୍ଗସାଥି ମାନଙ୍କ ସହ

ଆଗ ଅପେକ୍ଷା ବେଶୀ ବେଶୀ ମିଶିବା ଆରମ୍ଭ କରିଛି ॥

ସେ ଆଗ ଭଳ ଆଉ କାନ୍ଦୁନ

ଅନେକ କଛି ଏବେ ହସି ହସି ସାମ୍ନା କରୁଛି

ଆଗ ଭଳ ଚୁପ ହେଇ ବସୁନ

ଏବେ କଥା କଥା ରେ ହସୁଛି ॥

ଦିନେ ଅନ୍ଧାର କୁ ଆଦରି ନେଇ ଥିବା ଝିଅ

ଏବେ ବେଶୀ ବେଶୀ ବହି ପଢୁଛି

ଘରୁ ବାହାରୁ ନଥିବା ଝିଅ ଏବେ ବୁଲିବାକୁ ମନ କରୁଛି ॥

ଆଉ ଆଗଭଳ ଅଝଟ ହେଉନ

ଅତୀତ ର ଖୋଳୋପା ଭିତରୁ ବାହାରି

ହଠାତ ବଡ ହେଇ ଯାଇଛି

ନିଜ ଠୁ ଅଧିକା

ସମସ୍ତଙ୍କ କଥା ବୁଝୁଛି ॥

ଝିଅ ପୁଣି ହସିବା ଆରମ୍ଭ କରିଛି

ମନ ଖୋଲି ହସି ପାରୁନ ସିନା

ପଛ କଥା ଭୁଲିବାକୁ ଅହରହ ଚେଷ୍ଟା କରୁଛି

ନିଜକୁ ବଦଳେଇବାକୁ ଯାଇ

ଏବେ ଅନେକ କିଛି ନୂଆ କରୁଛି

ଦିନେ ମୋ ଦେଇ କିଛି ହେବନ

ମୁଁ କିଛି କରି ପାରିବିନି କହୁଥିବା ଝିଅ

ଏବେ ନିଜକୁ ନିଇତି

ନୂଆ ରୂପ ରେ ପରଖିବାକୁ ଚେଷ୍ଟା କରୁଛି ॥

ଦିଏ ହସ କୁ ଭୁଲି ଥିବା ଝିଅ

ଏବେ ପୁଣି ହସିବା ଆରମ୍ଭ କରିଛି

ଆଗରୁ ଟିକେ ଟିକେ କଥାରେ ଡରୁଥିବା ଝିଅ

ଏବେ ପୁଣି ଭରସିବା ଆରମ୍ଭ କରିଛି

ଆଗରୁ ସବୁ କଥାକୁ ଧରୁଥିବା ଝିଅ

ଏବେ ଅନାବଶ୍ୟକ କଥାକୁ ବାଏଁ ବାଏଁ ଉଡେଇବା ଶିଖି ଯାଉଛି
ଆଗରୁ କଏ କଣ ଭାବିବ ବୋଲି ଭାବୁଥିବା ଝିଅ
ଏବେ ବିନ୍ଦାସ୍ ରହିବାକୁ ଭଲ ପାଉଛି ॥
ଦୁଃଖକୁ ଯିଏ ଅଙ୍ଗେ ନଭେଇଛି
ସିଏ ହିଁ ହସି ପାରେ ମନଖୋଲ୍ ହସ
ଆଗରୁ ତାକୁ ଦେଖି ଦେଖି ଅଭ୍ୟସ୍ତ ହେଇ ଯାଇଥିବା ଦୁନିଆ
ତାର ଏ ପରିବର୍ତ୍ତନ ରେ ଭ୍ରମ ରେ ପଡିଛି ॥
ସିଏ ହସେ ସିନା
ତା ଆଖି ଛଳ ଛଳ ହେଇଯାଏ
ଚଷମା ଭିତରେ
ଜାଣି ପାରିଲେ
ହସି ଦେଇ ମୋଡ ବଦଳାଏ କଥାରେ ॥

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।

# ମରୀଚିକା



ରାଜଲକ୍ଷ୍ମୀ ସାହୁ

ବିନୋଦ ବିଶୋଇଙ୍କ ଘର ନରହରିପୁର ଗାଁରେ । ପରିବାର କହିଲେ ବିନୋଦ ବିଶୋଇ, ତାଙ୍କ ସ୍ତ୍ରୀ, ଛୋଟ ନାତୁଣୀ କୁନ ଆଉ କୁନର ମା' । କୁନ ୭ ବର୍ଷର ଝିଅ । ପିଲାଦିନରୁ ବାପାଙ୍କୁ ଦେଖି ନାହିଁ । ଜେଜେବାପାଙ୍କୁ ଜେଜେ ବୋଲି ଡାକେ । ବାପା ଡାକିବାକୁ ଭାରି ଇଚ୍ଛା; ହେଲେ ଡାକିବ ବା କାହାକୁ ? ସାଇପିଲା ମୁନା, ବାପି, ଟୁକୁନା, ବେବି ସମସ୍ତଙ୍କର ବାପା ଅଛନ୍ତି । ସେମାନେ ତାଙ୍କ ବାପାଙ୍କ ପାଖରେ ଗେହ୍ଲା ହୁଅନ୍ତି, ବୁଲିବାକୁ ଯା'ନ୍ତି । କୁନ ଏସବୁ ଦେଖି ସେମାନଙ୍କୁ ଚାହିଁ ରହିଛି ନ ବୁଝିଲା ପରି । ମନରେ କ'ଣ ଭାବେ ଦଉଡିଯାଏ ଜେଜେଙ୍କ ପାଖକୁ ଆଉ ଯାଇ ପଚାରେ, "ଜେଜେ ମୋ ବାପା କାହାନ୍ତି ଯେ ? ମୁନା, ବାପି, ଟୁକୁନା ସମସ୍ତେ ତାଙ୍କ ବାପାଙ୍କ ପାଖରେ ଗେହ୍ଲା ହେଉଛନ୍ତି। "ଜେଜେଙ୍କ ଆଖି ଲୁହରେ ଯୋକେଇଯାଏ । ସେ କୁହନ୍ତି ତୋ ବାପାଙ୍କୁ ଜଳ ଦେବତା ନେଇଯାଇଛି। କୁନ ସଙ୍ଗେ ସଙ୍ଗେ ପଚାରେ ବାପା କେବେ ଆସିବେ ? ଜେଜେ କୁହନ୍ତି ତାଙ୍କ କାମ ସରିଗଲେ ସେ ଛାଡିଦେବେ। କୁନ ଜେଜେଙ୍କ ଉତ୍ତର ଶୁଣି ଚୁପ୍ ହୋଇଯାଏ। ସେହି ଏକା ପ୍ରଶ୍ନ ମା ଆଉ ଜେଜେମାଙ୍କୁ ପଚାରେ ହେଲେ ଏକା ଉତ୍ତର ପାଏ। ମା'ଙ୍କୁ ଅତି ପଚାରିଲେ ମା ବିରକ୍ତ ହୋଇ ହାତ ଉଠାଇ ଦିଅନ୍ତି, ଆଖି ଛଳଛଳ କରି ଘରକୁ ପଶିଯାନ୍ତି ।

କୁନ ଦେଖିଛି ଜେଜେମା ପ୍ରତିବର୍ଷ ଜଳରୁ ଗେଣ୍ଡା ୫- ୭ଟି ଆଣି ପଟାରେ ବସାଇ ସିନ୍ଦୂର ଚନ୍ଦନ ଦେଇ ତାଳପିଠା ଭୋଗ ଲଗାନ୍ତି । ପୂଜା ସରିଲା ପରେ ଗେଣ୍ଡା ସବୁ ପାଣିରେ ଛାଡିଦିଅନ୍ତି । କୁହନ୍ତି ତାଙ୍କ ଗୋଡ, ଜେଜେବାପାଙ୍କ ଗୋଡ, ମା' ଗୋଡ ଆଉ ମୋ ଗୋଡ କାଟିବନ । ପିଉସୀଙ୍କର ଏକୋଇଶିଆରେ ମଧ୍ୟ ଜଳ ଦେବତାଙ୍କୁ ପୂଜା କରାଗଲା, ଏସବୁ

ଦେଖି କୁନ ମନେମନେ ଭାବିନଏ ଜଳଦେବତା ଅଛନ୍ତି । ନ ହେଲେ ଲୋକେ କ'ଣ ପୂଜା କରନ୍ତେ ? ଆଉ ମନେ ମନେ କହେ ଏ ଜଳ ଦେବତା ମୋ ବାପାଙ୍କୁ କେବେ ଛାଡିବ ଯେ? ବାପା ଆସିଲେ ମୁଁ ପଚାରିବି ସେ ଆମକୁ ଛାଡି କାହିଁକି ଚାଲି ଯାଇଥିଲେ ?

କୁନ ବେଳେବେଳେ ସମସ୍ତଙ୍କ ଅଜାଣତରେ ପୋଖରୀ କୂଳକୁ ଚାଲିଯାଏ । ହାତଯୋଡି ଜୁହାର ହୁଏ, ଆଉ କୁହେ "ହେ ଜଳ ଦେବତା ! ମୋ ବାପାଙ୍କୁ ଛାଡିଦିଅ, ଆଉ କେତେଦିନ ରଖିବ । ଦେଖିଲ ମୁନା, ଟୁକୁନା, ବାପି ତାଙ୍କ ବାପାଙ୍କ ପାଖରେ କେତେ ଗେହ୍ଲା ହେଉଛନ୍ତି । ତୁମେ ମୋ ବାପାଙ୍କୁ ଛାଡିଦିଅନା ମୁଁ ବି ଗେହ୍ଲା ହେବି । ତୁମର କ'ଣ ମୋ ପ୍ରତି ଦୟା ନାହିଁ? ତୁମେ ମୋ ବାପାଙ୍କୁ ଛାଡିଦେଲେ ମୁଁ ମୋ ମା'ଙ୍କୁ କହି ଆହୁରି ବେଶି ପିଠା ଦେବି । ଟିକଏ ଦୟା କର ମୋ ବାପାଙ୍କୁ ଛାଡିଦିଅ ।ଦେଖିଲ ଜେଜେବାପା ବୁଢା ହୋଇ ଗଲେଣି ଆଉ କାମକୁ ପାରୁନାହାନ୍ତି, ବାପା ଆସିଲେ ତାଙ୍କୁ କାମରେ ସାହାଯ୍ୟ କରିବେ ।" ଏମିତି ଗୁଣୁଗୁଣୁ ହୋଇ କେତେ କ'ଣ କହି ମନଦୁଃଖରେ ଘରକୁ ଫେରିଆସେ? ତାର ଗୋଟେ ଚନ୍ତା ବାପା କେବେ ଫେରିବେ ? ସେବି ବାପାଙ୍କୁ କହିବ ଚକଲେଟ୍, ମିଠା ଏମିତି କେତେ କ'ଣ ଆଣିବାକୁ । ଆଉ ସାଙ୍ଗମାନଙ୍କୁ କହିବ ଦେଖ ମୋ ବାପାବି ମୋତେ ଭଲ ପାଆନ୍ତି ।

କୁନ ଧିରେ ଧିରେ ବଡ ହେଲାଣି । ଅଧିକାଂଶ ସମୟରେ ମନମାରି ବସୁଛି । ପାଠ ପଢୁ ନାହିଁ, ପାଠ ପଢା କଥା କହିଲେ କହୁଛି ବାପା ଆସିଲେ ପାଠ ପଢିବ । ଘର ଲୋକଙ୍କୁ ବି ଆଉ ଭଲଲାଗୁନ । ସେମାନେ ଚାହୁଁ ନାହାନ୍ତି କୁନକୁ ଆଉ ଅନ୍ଧାରରେ ରଖିବାକୁ ।ସେମାନେ ଚାହୁଁଛନ୍ତି ସବୁ ସତକଥା କହିଦେବାକୁ; ମାତ୍ର ଛୋଟ ପିଲାଟି ମନରେ ଦୁଃଖ ଦେବାକୁ ଇଚ୍ଛା ହେଉନ। ଆଗକୁ ପ୍ରଥମାଷ୍ଟମୀ, ପିଲାମାନଙ୍କର କେତେ ଖୁସି ନୂଆ ପୋଷାକ ପିନ୍ଧିବେ । ସେଦିନ ଖେଳୁଖେଳୁ ଟୁକୁନା, କୁନକୁ କହିପକାଇଲା, କୁନ ତୋର ନୂଆ ଜାମା ଆସିଲାଣି। ମୋ ବାପା ମୋ ପାଇଁ ନୂଆ ଜାମା ଆଣିଛନ୍ତି । କୁନ ମନଦୁଃଖ କରି କହିଲା ମୋର ନୂଆ ଜାମା କଉଠୁ ଆସିବ ? ମୋ ଜେଜେ ଆଉ କାମକୁ ଯାଇ ପାରୁନାହାଁନ୍ତି, ତାଙ୍କ ଦେହ ଭଲ ରହୁନ। ଜଳଦେବତା ମୋ ବାପାଙ୍କୁ ନେଇଯାଉଛି ଯେ ଛାଡୁନ । ବାପା..... କେବେଯେ

ଆସିବେ ? ଟୁକୁନା, କୁନଠାରୁ ଦୁଇ ତିନ ବର୍ଷର ବଡ । ସେ ଜାଣିଛି କୁନର ବାପା ମରିଯାଇଛନ୍ତି । ସେ କହୁ କହୁ କୁନକୁ କହିପକାଇଲା ତୋ ବାପା ଆଉ କେବେ ଫେରିବେନ, ତୋ ବାପା ପରା ମରିଯାଇଛନ୍ତି । ଟୁକୁନାର କଥା ଶୁଣି କୁନର ଦୁଇ ଆଖିରୁ ଅମାନିଆ ଅଶ୍ରୁ ବୋହିଗଲା । ଧାଇଁ ଧାଇଁ ଆସି ଜେଜେମାଙ୍କୁ ସବୁ କଥା କହିଲା ।ଜେଜେମା କୋହ ସମ୍ଭାଳି ନ ପାରି ଭେଁ ଭେଁ କରି କାନ୍ଦି ଉଠିଲେ । ଆଉ ଭାବିଲେ କୁନକୁ ଅନ୍ଧାରରେ ରଖି ଲାଭ ନାହିଁ । କୁନର ମୁଣ୍ଡ ଆଉଁସି ଦେଇ କହିଲେ, "ହଁ ରେ ତୋ ବାପା ଆଉ କେବେ ଫେରିବେନ । ଜଳ ଦେବତା ତୋ ବାପାଙ୍କୁ ସବୁଦିନ ପାଇଁ ନେଇ ଯାଇଛନ୍ତି ।"

"ସେ ଦିନ ଥିଲା ପହିଲି ରଜ । ଆମ ଗାଁରେ ରଜପର୍ବ ବହୁ ଆଡମ୍ବରରେ ପାଳିତ ହୁଏ । ତୁ ଏକ ବର୍ଷକର ହୋଇଥିଲୁ । ଗାଁ ପିଲାଙ୍କ ସଙ୍ଗରେ ତୋ ବାପା ଗାଧେଇବାକୁ ଯାଇଥିଲା। ଗାଧେଇବା ସମୟରେ ସମସ୍ତଙ୍କ ଅଜାଣତରେ ତୋ ବାପା ଗଭୀର ଜଳକୁ ଚାଲିଯାଇଥିଲା । ଲୋକମାନେ ବହୁତ ଖୋଜାଖୋଜି କଲେ, ଶେଷରେ ପୋଖରୀ ମଝିରୁ ତୋ ବାପାଙ୍କୁ ପାଇଲେ। ହେଲେ ସେତେବେଳେକୁ ତୋ ବାପା ଆଉ ନ ଥିଲା, ଜଳ ଦେବତା ତାକୁ ତାଙ୍କ ନିକଟକୁ ନେଇଯାଇଥିଲେ । "ଏହା କହି ଜେଜେମା ଆଖିରୁ ଲୁହ ପୋଛିଲେ । ସେତେବେଳେକୁ ମା ଆଉ ଜେଜେ ସେଠାରେ ପହଞ୍ଚି ଯାଇଥିଲେ । କୁନ ସଙ୍ଗେ ସଙ୍ଗେ ଜେଜେଙ୍କ ପାଖକୁ ଧାଇଁ ଯାଇ ତାର କୁନି କୁନି ହାତରେ ଜେଜେଙ୍କ ଲୁହ ପୋଛି ପକେଇଲା। ଆଉ କହିଲା ବାପାଙ୍କୁ ସିନା ଜଳ ଦେବତା ନେଇ ଗଲେ, ହେଲେ ମୁଁ ପରା ଅଛି। ପାଠ ପଢିବି, ବଡ ମଣିଷ ହେବି, ଚାକିରି କରିବି । ତୁମକୁ ଆଉ କାମ କରିବାକୁ ପଡିବନି । ଆମେ ସମସ୍ତେ ଭଲରେ ରହିବା। କୁନର କଥା ଶୁଣି ସମସ୍ତେ ନିଜ ନିଜର ଲୁହ ପୋଛି କୁନକୁ କୁଣ୍ଢେଇ ପକାଇଲେ । କୁନ ଟିକିଏ ହସି କହିଲା ଦେଖିଲ ମୁଁ ପରା ହସୁଛି । ଆଜିଠାରୁ ତୁମେମାନେ ବି ହସିବ.....।

ଅତିଥି ଅଧ୍ୟାପିକା, କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇ, ବାଲେଶ୍ୱର

# ସଙ୍ଗୀତ



ବିଶ୍ୱରଂଜନ ପଣ୍ଡା

ସାତ ସ୍ୱରର ସଙ୍ଗତି ରୁ ସୃଷ୍ଟି ତାର
ବେଦ ଭଣେ ସୃଷ୍ଟି ଆରମ୍ଭରୁ ବିସ୍ତାରିଛି ମୂର୍ଚ୍ଛନା ତାର ।।୧।।

କୁହେ ନାହିଁ ସେ, ଗାଏ ନାହିଁ ସେ
"ଗାଇ ଯା ରେ", "ଗାଇ ଯା ରେ" କହିଯାଏ ଶବ୍ଦରେ ତାର ।।୨।।

ଦାରୁବ୍ରହ୍ମ କାନେ ନ ପଡ଼ିଲେ ନିଦ ଆସେ ନାହିଁ ଚକା ଆଖିକୁ
କ ପୀରତି ଭରିଛି ସେ ଜାଣେ ତାର ବେଖର ।।୨।।

ବିଜନ ବେଳାର ପ୍ରିୟ ସାଥୀ ଟିଏ
ପୂରଣ କରିଥାଏ ମନର କ୍ଲାନ୍ତ ଏକାକୀନ ଭବ ସୁକୋମଳ ପ୍ରିୟତମାର ।।୪।।

ବେଳେ ବେଳେ ଭରିଦିଏ ମରମ କୋଣରେ ରସସିକ୍ତ ବୀଣାର ଝଙ୍କାର
ବେଳେ ବେଳେ ବିରହ ବଂଇଶୀର ସ୍ୱର ।।୪।।

ସାତ ସୂରର ସଙ୍ଗତୀରେ ସୃଷ୍ଟି ତାର ……………

ନବରଙ୍ଗପୁର, ଓଡିଶା

# ପ୍ରେମ ଗୀତ



ଶଙ୍ଖସିନ୍ଧୁ ପୁରୋହିତ

ନାହିଁ ଜାତି ଗୋତ୍ର,

ବାଛ ଯେ ବିଗ୍ଭର,

ଏହି ପ୍ରେମ ମନ୍ଦିରରେ ।

ଦରକାର ହୁଏ ଏଠି,

ଭଲ ହୃଦୟ ଟିଏ ।

ଛଳନା ନ ଥିବ ଯହିଁ,

ଥିବ ନହିଁ ପ୍ରତାରଣା ।

ସନ୍ଦେହ ନଥିବ ଯହିଁ,

ଥିବ ନାହିଁ ଘୃଣା ।

ଭରଷା ବିଶ୍ୱାସ ଥିବ,

ଥିବ ନଚ୍ଛକ ଭଲପାଇବା ।

ଯେମିତି ପାଉଥିଲେ ଭଲ

ଗ୍ୱଥା ସାଙ୍ଗେ ଜଗା ॥

ସ୍ୱକୀୟା ହେଉ ଅବା,

ହେଉ ପରକୀୟା ।

ଏ ପ୍ରେମ ଚରନ୍ତନ ଯେ ଶାଶ୍ୱତ ॥

ଲୋକ ଦେଖାଣିଆ ପ୍ରେମେ,

କର ନାହିଁ ଏହାକୁ କୁତ୍ସିତ ॥

ପ୍ରେମ ସତ୍ୟ

ପ୍ରେମ ଶିବ

ପ୍ରେମ ଯେ ସୁନ୍ଦର

ପ୍ରେମ ବିନା ନମିଷେ ବି

ଚଳ ପାରେନ ସଂସାର ॥

ବଡାଲି, ଭଲୁଣ୍ଡା, ସୁବର୍ଣ୍ଣପୁର

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୩ ଆଧ୍ୟାତ୍ମିକତା

ଗାଁ ଘରେ ଆମେ ତିନି ଭଉଣୀ । ବାପା ଓ ପିଲାଙ୍କର ତତ୍ତ୍ୱାବଧାନ କରୁଥିବା ମା ( ସମସ୍ତେ ତାକୁ ନୀରମା ଡାକନ୍ତି, ଆମେ ପିଲା ମାନେ ମା ସମ୍ବୋଧନ କରୁ) । ଛୁଆନନା ତାଙ୍କ ଗୃହକରୀ ଜାଗାରେ, ବଡନନା ମଧ୍ୟ ସହରରେ, ନାନୀ କହେ ଆମର ଆର୍ଥିକ ଅବସ୍ଥା ଖରାପ ହେବା ପରେ ପୂଜାରୀ, ଟହଲିଆ ମାନେ ହଟି ଯାଇଛନ୍ତି ।ଠାକୁରଙ୍କ ପୂଜା କରୁଥିବା ପୂଜକ ମଧ୍ୟ ଆସୁ ନାହାନ୍ତି । ବେଳେବେଳେ ମୁଁ କୌତୁହଳରେ ପଚାରେ, "ଏ ଜମିଦାରୀ କ'ଣ ଏତେ ଧନର ଭଣ୍ଡାର ମୁଁ କାହିଁକି ତାକୁ ଦେଖି ପାରିଲିନି ।" ନାନୀ ଉପରେ ଘର ଗୋଟାକର ଦାୟିତ୍ୱ, ସେ ମୋ କଥାର ସଠିକ୍ ଜବାବ୍ ନ ଦେଇ ତା କାମରେ ଲାଗିଯାଏ ।

ମୁଁ ଆଉ ସୁଶୀ ନାନୀ ବଗିଚାରେ ବୁଲି ବୁଲି ଜାତି ଜାତିକା ଫୁଲ ତୋଳି ଡାଲା ଭର୍ତ୍ତି କରୁ । ଉପର ଫୁଲ ତୋଳିବା ପାଇଁ ହାତ ନ ପହୁଂଚିବ ବୋଲି ସୁଶୀନାନୀ କଣି ଆଙ୍କୁଡି ଖଣ୍ଡେ ଧରି ଗଛରୁ ଫୁଲ ଭାଂଗେ ହେଲେ କାଠଚମ୍ପା ଗଛ ପାଇଁ ଆଙ୍କୁଡି କାମ ଦିଏନା । ବାଧ୍ୟତଃ ମତେ ଗଛରେ ଚଢି ଫୁଲ ତୋଳିବାକୁ ହୁଏ । ସୁଶୀନାନୀର କାମ ହେଲା ରାସ୍ତା ଆଡକୁ ନଜର ରଖିଥାଏ । ବାପା ଦେଖିବେ ତ କଥା ସରିଲା ।

ବଡି ସକାଳୁ ଉଠି ଆମେ ଦୁହେଁ ବଗିଚାକୁ ଯାଇଥାଉ । ତାର କାରଣ ହେଲା ବିଳମ୍ବ ହେଲେ ଅନ୍ୟମାନେ ବଗିଚା ବାହାରକୁ ଲମ୍ବି ଆସିଥିବା ଡାଳ ମାନଙ୍କର ହାତ ପାହାନ୍ତା ଫୁଲମାନଙ୍କୁ ତୋଳି ନଅନ୍ତି । ନାନୀ ( ବଡନାନୀ, ନୀତି ନାନୀ, ଜିଦି ନାନୀ, ମନୋଇ ନାନୀ) କହେ" ଜମିଦାରୀ ଥିବା ସମୟରେ କାହା ଜିଭରେ ହାଡ ଥିଲା ଆମ ଫୁଲ ଗଛରେ ହାତ ଦେବାକୁ ତୋଳିବା ତ ଦୂର କଥା, ଆଖି ଉଠେଇ ସେ ଆଡେ ଦେଖିବାକୁ ବି ସାହସ କରୁ ନ ଥିଲେ ।

ନାନୀ ଗାଁ ଟା ଯାକର ନାନୀ । ସଜନା, ଭିକାରୀ ତାକୁ ବଡନାନୀ ଡାକନ୍ତି । ତାର କାରଣ ହେଲା ସେ ଦୁହେଁ ସୁଶୀ ନାନୀକୁ ସାନ ନାନୀ ଆଉ ମତେ ଗେହ୍ଲୀ ନାନୀ ଡାକନ୍ତି । ନାନୀ ବହୁତ ନୀତି ନିୟମ ପାଳନ କରିବାର ପ୍ରୟାସ କରିଥାଏ । ତେଣୁ ତା ହାତରୁ ଠାକୁର ଭୋଗ ନେଲାବେଳେ, ଗାଁର କିଶୋର ପିଲାମାନେ ଏବଂ ଧୋବା ସାହି, ହରିଜନ ସାହିର ବୟସ୍କା ମା ମାନେ ତାକୁ ନୀତି ନାନୀ ଉପାଧି ଦେଇଥାନ୍ତି । ନାନୀର ଏତେ ଭଲ ଗୁଣ, ଯୁବା ଗୋଷ୍ଠୀ ଆଖିକୁ କିଛି ଦେଖାଯାଏ ନାହିଁ, ଖାଲି ତାର ଜିଦି ଗୁଣଟା ତାଙ୍କ ଆଗରେ ବାରି ହୋଇ ପଡିଥାଏ, ତେଣୁ ତାଙ୍କୁ ଜିଦି ନାନୀରେ ସମ୍ବୋଧନ କରିଥାନ୍ତି । ଏଇ କଥା ନେଇ ଗୋଲନା ସଂଗେ ମୋର ଥରେ ଝଗଡା ହୋଇ ଯାଇଥିଲା । ମାତ୍ର ଶେଷରେ ମୁଁ ହାର ମାନିଥିଲି । ଖୁଡୀ, ଜେଠେଇ, ପିଉସୀ ମାନେ ବେଳେ ବେଳେ ପରିହାସ କରି କହିଥାଆନ୍ତି "ବସିଆଟା ଗୋଟେ ମନୋଇ, ତା ମନକୁ ଯାହା ଆସେ ସେ ତାହା କରେ । ଗୋପୀଆ ମା ଆଈ ଏହାର ପ୍ରତିବାଦ କରେ," ସେଇଥି ପାଇଁ ତ ଝିଅଟା ଘୂରି ଘୂରିଟା ମା ଛେଉଣ୍ଡ ଭାଇ ଭଉଣୀକୁ ସମ୍ଭାଳିଛି । ତା ଭାଇ ଭଉଣୀ ମାନଙ୍କ ଗୁଣର ଆଉ ଗୋଟେ ଛୁଆ ଏ ଗାଁର ଦେଖେଇଲ? "

ସକାଳୁ ସକାଳୁ ପ୍ରତିଦିନ ବୁଲି ବୁଲି ଗଛ ମାନଙ୍କ ସଂଗେ ବନ୍ଧୁତା ଆଜି ମୋର ଗଛ ପତ୍ର ମାନଙ୍କ ପାଇଁ ସ୍ନେହ ଓ ଆନ୍ତରିକତା ନିବିଡ ଭାବେ ଜାରୀ ରଖିଛି ।

କେବଳ ଫୁଲ ତୋଳା ନୁହେଁ ପୂଜାର ସମସ୍ତ ବ୍ୟବସ୍ଥା ଆମ ଦୁଇ ଭଉଣୀଙ୍କୁ କରିବାକୁ ପଡିଥାଏ । ଏମିତିକି ଠାକୁର ବାସନ ମାଜିବା ମଧ୍ୟ ଆମ ଦୁଇ ଜଣଙ୍କ ଉପରେ ଥାଏ । ଠାକୁର ବାସନ ଗୁଡିକ ତମ୍ବା ( ତାମ୍ର) ଆଉ ପିତଳ । କୂଅ ମୂଳେ ଥିବା ଲେମ୍ବୁ ଗଛରୁ ଲେମ୍ବୁ ଛିଡାଇ ବାସନକୁ ଚକ୍ ଚକ୍ କରୁ । ସେଥିପାଇଁ ମଧ୍ୟ ନାନୀ ଠାରୁ ଗାଳି ଶୁଣିବାକୁ ପଡିଥିଲା । "କାଗେଜୀ ଲେମ୍ବୁ କେତେ ମହର୍ଗ, ତେନ୍ତୁଳି ନେଇ ସଫା କର ।" ଏଇଥିରୁ ମଧ୍ୟ ମତେ କିଛି ଶିକ୍ଷା ଲାଭ ହୋଇଥିଲା । ତେନ୍ତୁଳି ଦ୍ଵାରା ସଫା କଲେ ବାସନ ଗୁଡିକ ଖୁବ୍ ଉଜ୍ଜ୍ୱଳ ଦେଖା ଯାଉଥିଲା । ମାତ୍ର କିଛି ସମୟ ପରେ ଏହା କଳା ହୋଇ ଯାଉଥିଲା ବହୁ ପ୍ରକାର ଚେଷ୍ଟା ଚଳାଇବା ପରେ ଦିନେ ଆମେ ଦୁହେଁ ଆବିଷ୍କାର କଲୁ ତେନ୍ତୁଳି ରେ ସଫା

କରି ପାଉଁଶ କମ୍ବା ମାଟିରେ ବାସନ ଗୁଡିକୁ ମାଜିଲେ, ଉଜ୍ଜ୍ୱଳତା ବଜାୟ ରହୁଛି । ଏଇ ଆବିଷ୍କାର ପାଇଁ ଆମକୁ ସାବାସୀ ମିଳବା ତ ଦୂର କଥା, ନାନୀ ଠୁ ଶୁଣିବାକୁ ମିଳଲା "ଏହା ତ ମତେ ଜଣାଥିଲା, ତୁମେ ଦିଟା ବୋକୀ, ତେଣୁ ତୁମକୁ ଜଣା ନଥିଲା ।"

ଫୁଲ ପାଛିଆ ( ଗୁଙ୍ଗୁଡି) ଏବଂ ବାସନ ଠାକୁର ଘର ଦୁଆରେ ରଖି ( ନ ଗାଧୋଇ ଠାକୁର ଘର ଭିତରକୁ ଯିବା ମନା) ଆମେ ଦୁହେଁ ଗାଧୋଇବାକୁ କୂଅ ପାଖକୁ ଯାଉ । ଗାଧୋଇ ସାରି ସୁଶୀନାନୀ ଗୋଟାଏ ବଡ ପିତ୍ତଳ କୁମ୍ଭ ( ଲୋଟା) ରେ ପାଣି ଭର୍ତ୍ତି କରି ସିଂହାସନ ଉପରେ ରଖେ । ମୁଁ ବୁଲି ବୁଲି ବଗିଚ୍ଚାରୁ କୃଷ୍ଣ ତୁଳସୀ ସଂଗ୍ରହ କରେ । ସିଂହାସନ ପୋଛି ବାସନ ସଜାଇବା ଏବଂ ଚନ୍ଦନ ଘୋରି ରଖିବା ମୋ କାମ ଠାକୁର ଘର ଓଳା ପୋଛା ସୁଶୀ ନାନୀର ଛୁଆନନା ଘରେ ଥିଲେ ଠାକୁର ପୂଜା ତାଙ୍କ ପାଳ । ଅନ୍ୟ ଦିନ ମାନଙ୍କରେ ସକାଳ ପୂଜା, ସନ୍ଧ୍ୟା ଆରତି ବାପା ସଂପୂର୍ଣ୍ଣ କରିଥାଆନ୍ତି ।

ପୂଜା ଶେଷରେ ମୁଁ ଘଣ୍ଟା ବଜାଏ । ସୁଶୀନାନୀ ଘଡି । ଘଣ୍ଟା ବଜାଇବାକୁ ମତେ ଯେତିକ ଭଲ ନ ଲାଗେ, ତା ପରର ପ୍ରାର୍ଥନା ଖୁବ୍ ବେଶୀ । ବାପାଙ୍କ ଠାରୁ ଶୁଣି ଶୁଣି ପରେ ପରେ ପାଳ ଧରି ଧରି ମୁଁ ସଂପୂର୍ଣ୍ଣ ଭାବେ ଶ୍ଳୋକଟି ଶିଖି ଯାଇଥିଲି ।

"ତ୍ୱମୈବ ମାତା ଚ ପିତା ତ୍ୱମୈବ,<br>
ତ୍ୱମୈବ ବନ୍ଧୁ ସଖା ତ୍ୱମୈବ,<br>
ତ୍ୱମୈବ ବିଦ୍ୟା ଦ୍ରବୀଣଂ( ଜ୍ଞାନ) ତ୍ୱମୈବ<br>
ତ୍ୱମୈବ ସର୍ବ ମମଦେବ ଦେବ,"

ଶିଖିବା ପରେ ମୁଁ ଏଇ ଶ୍ଳୋକଟିର ପୁନରାବୃତ୍ତି କରୁଥିଲି । ବାପା ମୋ ଉପରେ ବହୁତ ଖୁସି ହେଉଥିଲେ ।

ସୁଶୀ ନାନୀ ଓ ମତେ ଏକାଠି ଦେଖିଲେ ଯେ କେହି ମନ୍ତବ୍ୟ ଦେଇ ଥାଆନ୍ତି, "ଏ ମାନଙ୍କର ସଂପର୍କ କ୍ଷୀର ନୀର ସଦୃଶ," ମୁଁ ଶ୍ଳୋକଟି ଶିଖିବା ପରେ ସୁଶୀନାନୀ କୁ ବହୁବାର

ଅନୁରୋଧ କରିଥିଲି ଏକାଠି ପାଳ ଧରିବାକୁ, "ଏ ସଂସ୍କୃତ ଶବ୍ଦ ଗୁଡାକ ମୋ ଜିଭରେ ଲେଉଟିବନି" କହି ଦ୍ରୁତ ଥାଳିଆ ଉଠାଇ ଗ୍ଲିଯାଇଥାଏ ।

ମୋ ଶିଖିବାର ସ୍ପୃହା ଦେଖି ସନ୍ଧ୍ୟା ଦୀପ ଜଳାଇବା ସମୟରେ ଉଚ୍ଚାରଣ କରିବାକୁ ବାପା ମତେ ଆଉ ଗୋଟିଏ ଶ୍ଲୋକ ଶିଖାଇ ଦେଇଥିଲେ ।

"ଦୀପମ୍ ଜ୍ୟୋତି ପରବ୍ରହ୍ମଂ
ଦୀପମ୍ ଜ୍ୟୋତି ଜନାର୍ଦ୍ଦନ
ଦୀପମ୍ ଜ୍ୟୋତି ହରତ ପାପଃ
ଦୀପମ୍ ଜ୍ୟୋତି ନମସ୍ତୁତେ । "

ଏଇ ଶ୍ଲୋକଟି ଦ୍ୱାରା ମୁଁ ଏତେ ବେଶୀ ପ୍ରଭାବିତା ଯେ ଆଜି ମଧ୍ୟ (୬୬ ବର୍ଷ ବୟସରେ) ଯେ କୌଣସି କାର୍ଯ୍ୟକ୍ରମ ପାଇଁ ପ୍ରଦୀପ ପ୍ରଜ୍ଜ୍ୱଳିତ ହେଲେ, ମୁଁ ଏଇ ଶ୍ଲୋକଟି ଉଚ୍ଚାରଣ କରିଥାଏ । କେଉଁ ଏକ କାର୍ଯ୍ୟକ୍ରମରେ ମୋର ଜଣେ ସହକର୍ମୀ ମନ୍ତବ୍ୟ ଦେଇଥିଲେ, "ତୁମେ ଆଜି ସଭାର ମୁଖ୍ୟ ଅତିଥି ।ପ୍ରଦୀପ ପ୍ରଜ୍ଜ୍ୱଳନ ସମୟରେ ଶ୍ଲୋକ ଉଚ୍ଚାରଣ କରିବନି ।"

ମୁଁ ଖୁବ୍ ସହଜରେ ଉତ୍ତର ଦେଇଥିଲି ଈଶ୍ୱରଙ୍କ ସାମ୍ନାରେ କେହି ମୁଖ୍ୟ ନୁହନ୍ତି । ଆମେ ଯେଉଁ ସ୍ଥାନରେ ଥିଲେ ମଧ୍ୟ ଭଗବାନଙ୍କୁ ସ୍ମରଣ କରିବା ଆମର କର୍ତ୍ତବ୍ୟ । ଏଇ ବିଷୟ ଗୁଡିକ ସତକୁ ସତ ମତେ ସ୍ୱାବଲମ୍ବୀ କରି ଦେଇଛି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଟିକି ଟିକି



ଉମେଶ କୁମାର ବେହେରା

ଟିକି ଟିକି ତାରା
ଆଲୋକ ପସରା
ଝିଲିମିଲି ଖରା
ହସିଦିଏ ଧରା ।( ୦)

ଟିକି ଟିକି ଫୁଲ
ମାମୁଁ ମାଇଁ ଗେହ୍ଲ
ସାଙ୍ଗ ସାଥି ମେଳ
ଧୂଳି ମାଟି ଖେଳ ।( ୧)

ଟିକି ଟିକି ପତର
ସ୍କୁଲ, ଘର ଦ୍ୱାର
ତୁମ ବହି ପତର
ରଖ ସଫା ସୁତର ।( ୨)

ଟିକି ଟିକି ଚଢେଇ
ଡେଣା ଝାଡି ଝାଡି
ଗଲେ ଖେଳ, ବୁଲି
ବାପା, ମା'କହି ।( ୩)

ଟିକି ଟିକି ହସ
ବଣ ମଲ୍ଲି ବାସ
ଜନମନ ହରଷ
ତୁମେ କାହିଁ ରୁଷ ।( ୪)


ଟିକି ଟିକି ଝରଣା
ହୁଅ ନାହିଁ ଅମନା
ସଞ୍ଜ ଓ ସକାଳେ
ସଦାକର ପ୍ରାର୍ଥନା ।( ୫)

କାର୍ଲାବାହାଲି( କଂଟାବାଞ୍ଜି) ,
ବଲାଙ୍ଗିର

# ପ୍ରିୟତମା



ସୌମ୍ୟ ରଞ୍ଜନ ପାଲ



ତୁମକୁ ଦେଖିଲା ପରେ
ଭାବନା ଯେ ଉଙ୍କିମାରେ
ସପନର ଅବରୋଧକୁ ହଟାଇ
ବାସ୍ତବରେ ଆସ ବାରେ ।
ତୁମର ସେ ଘନକେଶ
ସତେକ ଲାବଣ୍ୟ ବେଶ
ସରାଗ ଦିଏ ଅଜାଡି
ଘଟେ ପିରତିର ସମାବେଶ ।
ହସରୁ ଝରେ ଅବିର
ଅନ୍ତର ହୁଏ ଅଧିର
ଚମକୃତ କରେ ଏପରି
ଯେପରି ସକାଳର ଶିଶିର ।
ଓଠର ବର୍ଣ୍ଣନା ଥାଉ
କସ ବଖାଣିବି ଆଉ
ବୁଡିଛି ପ୍ରେମ ସାଗରେ
ଏକା ନସ୍ତାରିବେ ମହାବାହୁ ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ସ୍ମାର୍ଟ ଫୁନ୍ - ୧



ଶୁଭମ ନାୟକ

ଏନ୍ତାନାଇଁକ ପାନ୍‌ବାବୁ ଫୁନ ନାଇଁ ଧରୁଥାଇ । ଧରୁଥାନ ହେଲେ  ଫରକ ଏତକ ଯେ ଆଘ ସୁଇଚ ଚପୁ ଥିଲେ ଆରୁ ଏତେନୁ କାଚଁ ଛିଉଅଛନ ଇଥିର୍ ଭିତରେ ପାନ୍ ବାବୁ କଏସନ । ବୁଝଲ ବିଶ୍ୱାସ ଆଗର ଫୁନଟା ବନେଥିଲ୍ ହୋ ଇହାଦେ ଗୁପାତନା ଲ୍‌ଗସି । ସୁଇଁ ଘାଏ ଘାଏ ଇ ସ୍ମାର୍ଟଫୁନ ଭିତରେ ଗୁନ୍ଦଲେଇଁ ହୋଇ ଯାଏ ସିଁ । ଇଥିରେ ହେନ୍ତା କାଣା ଅଛେ ଆଜ୍ଞା ଚଳାବାକେ ସହଜ ଆଏ । ହଇ ଯେ ଆମର ଲେଖେ ଗାଁ ଇସ୍କୁଲ ପାଥ ପଢି ଜମ୍ ବୟସନୁ ସରକାରୀ କବାର କର୍ ଲୋ୍କ୍ ଏକ ନୁହେ ସେଇଟା ।

କାଣା କହୁଛନ ଆଜ୍ଞା ହେନ୍ତା ନୁହେ ସେ ଇଟା ସମକର ଲ୍‌ଗି । ବୁଝଲେ ଆଜ୍ଞା ଦୁନଆଁ କେନୁ କେନକେ ଗଲ୍‌ନ । ଆପଣ କେନ ଅଛୁନ ଆଜ୍ଞା । ନାଇଁ ହୋ ବିଶ୍ୱାସ ମୁଇଁ ଭ୍‌ବୁଛେ ଇତାକେ ଏକ୍ସଚେଞ୍ଜ କରିନେମି । ମୋର କଥା ଥରେ ଶୁନୁନ୍ ଆଜ୍ଞା ରହୁନ । ଇହାଦେ ଆପଣ ଇତାର ବେବହାର ନାଇଁ ଜାନବାର ବଲି ଏକ୍ସଚେଞ୍ଜ କରମି ବଲି କହୁଛନ । ପଛେ ଜାନଲେ ପସ୍ତାବେ । ହଇ ହୋ କାଣା ପସ୍ତାମି । ବୁଝଲେ ଆଜ୍ଞା ଆପଣ ଇଥିରେ ଖବରକାଗଜ ପଢି ପାରବେ । ଦେଶ ବିଦେଶ ର ହାଲଗ୍ୱଲ୍ ଜାନ ପାରବେ । ସଥେକେଁ । ଖାଲି କାଣା ହେତକ ଆଜ୍ଞା । ଆପଣକଁର ଝି ପାଶକେ ପଏସା ପଠେଇ ପାରବେ । ବୁଝଲେ ଆଜ୍ଞା ଆପଣ ଯେନ କଛି ଦିନ ପହେଲ୍‌ନୁ ମୋର ସଙ୍ଗେ ଫୁନ୍ ରେ ଯେନ୍ କଥା ନାଇଁ ହଉଥିଲେ କାଏ ଗ୍ୱଏର ଧାମ ବୁଲି ଆଏମି ବଲି । ତାର ଲ୍‌ଗି ଇଥିରେ ଆପଣ ସାଙ୍ଗେ ମେଡେମ୍ କଁର ଭି ରେଲ ଟିକେଟ୍ ବୁକଙ୍ଗ୍ କରି ପାରବେ । ବନେ ତ ବଢିଆଁ କଥାତ ବିଶ୍ୱାସ । ଆଘନୁ ଇତାର ଗୁନ୍ ମନେ କାଏଁ ଯେ; ନାଇଁବଏଲ? ଆପଣ କେତେ ବେଳେ ସୁଯୋଗ ଦେଲେ ଯେ ଆଜ୍ଞା! ସେ ଯାହା ହଉ ବିଶ୍ୱାସ ବନେ କଥାଟେ ବଏଲ । ଇହାଦେ ଜାନଲି ସ୍ମାର୍ଟ ଫୁନ୍ ର ଗୁନ ।

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା

# ରାଧା



ବିଶ୍ୱଜିତ ସାହୁ

ମୁଁ କୌଣସି ସ୍ୱୟଂ ସତ୍ତା ନୁହେଁ,
ତୁମରି ପରିମାଣର ଅଭାବ,
ଅବଶୋଷ...
–ତୁମକୁ ନ ପାଇବାର ।।

ବୋଧହୁଏ ସମବୟସ୍କ ତୁମେ !
ପ୍ରତି ଜନ୍ମର ଶେଷରେ ଯେଉଁ ମୃତ୍ୟୁ ଦିଅ,
ସେଇ ମୃତ୍ୟୁର ଋଣ ଖାଇ କହୁଛି...
–ମୁଁ କେବେ ମରେ ନାହିଁ।

ତୁମକୁ ଭେଟିବାର ଆଶା ନେଇ ଆସେ,
ପୁଣି ତୁମକୁ ଦେଖି ଲୁଚଯାଏ,
ତୁମରି ଦୃଷ୍ଟିର ଅନ୍ତରାଳରେ
ଭୟ ଲାଗେ...
–ତୁମକୁ ହରେଇବାର ।।

ତୁମେ ବିଶ୍ୱରୂପ।
ତୁମଠାରୁ ଉଦ୍ଧରିତ ଧୂଳିକଣା ମୁଁ
ସ୍ପନ୍ଦିତ ବକ୍ଷ, ବିନ୍ଦୁ ବିନ୍ଦୁ ସ୍ୱେଦ,
କେମିତି ଭେଟିବି ଯେ,
ଲାଜ ଲାଗେ...
–ନିଶ୍ୱାସରେ ବୈଶାଖର ତାତି ।।

ଅପଯଶ ନହେଉ ତୁମର,
ଟେକ ରହିଥାଉ ତୁମ ନିର୍ମୋହୀ- ପଣିଆ ର।
ତୁମ ବିରହୀ କୋଳରେ,
ନିଦ ଲାଗେ...
–ଅମଳିନ ରହୁ ମୋର ପ୍ରୀତି ।।

ଜାଜ୍ଞସେନୀ ବୁକ୍ ଷ୍ଟୋର, ସହୀଦ ନଗର,
ଭୁବନେଶ୍ୱର

# ଆମର୍ ଗ୍ଏଜ୍



ଦୟାନନ୍ଦ ଶବର

ସୁଲସୁଲିଆ ଧୁକା ସକାଲ୍ ବେଲେ
ଗୁରଦୁ ମଜା ଲ୍‌ଗସି
ଝରନା ପାଏନ୍ ଖଲ ଖଲେଇ
ପାହାଡ ଉପରୁ ଗିରସି
କ୍ଷେତ ଖଲ୍ ବରଷା ଦିନେ
ପାଏନ୍ ଥି ଭରି ଯାଏସି
ହଲିଆ ପିଲ୍ ଚରେଇ
ଗିତ୍ ପଦେ ପଦେ ଗାଏସି
ଗଛ ପତର ଭରି ରହିଛେ
ଆମର ଗ୍ଏଜର ଜଙ୍ଗଲେ
ଛାସବାସ୍ କରସୁ ଆମେ ହୋ
ବଳଦ କେ ଫାନ୍ଦି ନଙ୍ଗଲେ
ଖ୍ଇ ଜହ ଭସତ୍ ହେସି
ବୁହେନ ଗ୍ରକ୍ଷି ବାନ୍ଧଲେ
ବାସି ପଖାଲ ବି ହଏନ୍ ଲ୍‌ଗସି
ନୁନ୍ ମିରଚା ସଙ୍ଗେ ଖାଏଲେ
ନୂଆଖାଇ ଦସର୍ ଫୁସପୁନ ମାନସୁ
ଆମେ ମିଲିମିଶି କରି
ନଦିଥି ଗାଧସୁ ଆମେ ହୋ
ବରଗଛ ଉପରୁ ଡେଗି ଡେଗି କରି

ପଢି ଯେସୁ ଆମେ ସବୁଦିନ୍
ବହି ପତର୍ ସିଲଟ ଖଡି ଧରି
ସକାଲ ପାଏଲେ ଗୁସିମାନେ
ଯାଏସନ୍ କଦାର୍ କରି
ପରିବେଶ କେ ସଫା ରଖସୁ
ହେତିର ଲ୍‌ଗି ଆମର ଗ୍ଏଜ ବଢିଆ
ଭୁଲ ଥିଲେ ମାପ୍ କରନ ଆଛା
ମାରୁଛେ ମାଁ ସମଲେଇ କେ ମୁଡିଆ
ସବୁବେଲେ ଆମର୍ ଗ୍ଏଜ୍
ନୂଆ ନୂଆ ଦେଖସି
ହେତିର ଲ୍‌ଗି ମୁଇ ଦୟାନନ୍ଦ
କବିତା ପଦେ ପଦେ ଲେଖସି

ନୂଆପଡା, ପଲସିପାଣି, ଓଡିଶା।

# ଦୀକ୍ଷା ନାମରେ ଧନ୍ଦା



ବାଲ୍ମୀକ ନାୟକ

ଆଜି ଧର୍ମ ଏକ ଅନୈତିକ ଧନ୍ଦା ପାଲଟିଯାଇଛି । ଦୁନଆର ସମସ୍ତ ଧାର୍ମିକ ସମ୍ପ୍ରଦାୟ ନୈତିକତା, ସଂସ୍କୃତି ଓ ମାନବିକତା ଉପରେ ବହୁତ ବଡବଡ କଥା କହୁଛନ୍ତି । ସେଥିପାଇଁ ଅନେକ ପ୍ରକାର ଧାର୍ମିକ ନୀତିନିୟମ ବି ପ୍ରଣୟନ କରିଛନ୍ତି । କନ୍ତୁ ବିଡମ୍ବନା ହେଉଛି ଏ, ଧର୍ମର ସମସ୍ତ ନୀତିନିୟମକୁ ବେଖାତିର କରି ଧର୍ମଗୁରୁମାନେ ହିଁ ନଜର ସ୍ୱାର୍ଥପାଇଁ ପ୍ରଗ୍ଯର କରୁଛନ୍ତି । ସେଥିପାଇଁ ପ୍ରତ୍ୟେକ ଧର୍ମରେ ପ୍ରବଞ୍ଚନା, ଶୋଷଣ ଏବଂ ଅନ୍ଧଶ୍ରଦ୍ଧା ଭରିରହିଛି । ସୁଯୋଗ ମିଳଲେ କେତେକ ଧର୍ମଗୁରୁ ଧର୍ମକୁ ନଜର ଫାଇଦା ପାଇଁ ବ୍ୟବହାର କରି ଧନ୍ଦା ବା ବ୍ୟବସାୟ କରିବାକୁ ତିଳେ ବି ପଛାଉ ନାହାନ୍ତି । ଧନକୁ "ମାୟା" କହୁଥିବା ଧର୍ମଗୁରୁ ଆଜି କୋଟିକୋଟି ଟଙ୍କାର ମାଲିକ । ସିନେମା ଜଗତର ବିଖ୍ୟାତ ଅଭିନେତା ଧର୍ମେନ୍ଦ୍ର ( ବିବାହିତ) , ଅଭିନେତ୍ରୀ ହେମାମାଳନୀଙ୍କୁ ପ୍ରେମ କରି ବିବାହ କରିବା ପାଇଁ ଏସଲା୍ମ ଧର୍ମ ଗ୍ରହଣ କରିଥିଲେ । ଧର୍ମେନ୍ଦ୍ର ଓ ହେମାମାଳନୀ ଇସଲା୍ମ ଧର୍ମ କମ୍ବା ଧର୍ମ- ପ୍ରବର୍ତ୍ତକ ମୋହମ୍ମଦ ସାହେବଙ୍କୁ ଶ୍ରଦ୍ଧା କରୁଥିବାରୁ ସେମାନେ ଧର୍ମ ପରିବର୍ତ୍ତନ କରି ନଥିଲେ । ହିନ୍ଦୁ ଧର୍ମକୁ ଆଖିଠାର ମାରି ବିବାହିତ ପୁରୁଷଟିଏ ଦ୍ୱିତୀୟ ବିବାହ କରିବାପାଇଁ ଏହିଭଳ ହୀନ ଆଚରଣ କରିଥିଲେ । ସେ ଦୁହିଁଙ୍କୁ ସମର୍ଥନ ଓ ସାହାଯ୍ୟ କରିଥିବା ଓକଲ, ପଣ୍ଡିତ ଓ ମୁଲ୍ଲା କଛି ଟଙ୍କା ପାଇବା ଲୋ୍ଭରେ ଏକ ଅନୈତିକ ଧର୍ମାନ୍ତକରଣ କରିନାହାନ୍ତି କ? ଧର୍ମେନ୍ଦ୍ର ଓ ହେମାମାଳନୀ ପୁଣି ହିନ୍ଦୁ ଧର୍ମକୁ ଫେରିଆସି ସମାଜରେ ସମ୍ମାନର ସହ ବାସ କରୁଛନ୍ତି । ଠିକ୍ ସେହିଭଳ ଗତ ୨୦୦୮ ମସିହାରେ "ହରିୟାନା" ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଚନ୍ଦ୍ରମୋହନ ସିଂହ ଓ ଅନୁର୍ଧା ବାଲି ପ୍ରେମ ବିବାହ କରିବାପାଇଁ

ମୁସଲିମ ଧର୍ମର ସାହ୍ୟ ନେଇଥିଲେ । ସେମାନେ ମାତ୍ର ଗୁଳଶଦିନ ଦାମ୍ପତ୍ୟ ଜୀବନ କଟାଇବା ପରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ । ଗତ ଅଗଷ୍ଟ ଛଅ ତାରିଖ ୨୦୧୨ ରେ ଅନୁରାଧା ଓରଫ୍ ଫିଜାଙ୍କ ମୃତ୍ୟୁ ହୋଇଯାଇଥିବା କଥା ସଭିଏଁ ଜାଣନ୍ତି । ଗୋଟିଏ ପ୍ରେମ କାହାଣୀର କରୁଣ ଅନ୍ତ ହୋଇଛି । ହାଇଦ୍ରାବାଦ ଏବଂ ତା ର ଆଖପାଖ ଅଞ୍ଚଳର ଗରିବ ଘରର କମ୍ ବୟସ୍କା ନାରୀହ କନ୍ୟାମାନଙ୍କୁ ବିଦେଶର ବୟସ୍କ ଓ ଅଯୋଗ୍ୟ ଶେଖ୍ ବରମାନଙ୍କୁ ଟଙ୍କା ବଦଳରେ ବିବାହ କରାଇ ମୁଲ୍ଲାମାନେ ନିଜପାଇଁ କୋଠା କଣିପାରିଛନ୍ତି ।

ଆମ ଦେଶର ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ଶିବସେନା ଓ ମୁସଲିମ୍ ପର୍ସନାଲ ଲ୍ ବୋର୍ଡର ସଦସ୍ୟମାନେ ଏଭଳ ଅନୈତିକ କାମକୁ ଜାଣନ୍ତି ନାହିଁ ବୋଲି କହିବା ଠିକ୍ ହେବନ । ସେମାନେ ବିରୋଧ କରୁନାହାଁନ୍ତି କାହିଁକି ବୋଲି ପ୍ରଶ୍ନ ଉଠିପାରେ । ଏହାର ଉତ୍ତର ହୋଇପାରେ ସେମାନେ ଯେଉଁ ଧର୍ମର ଧ୍ୱଜା ଉତ୍ତୋଳନପାଇଁ ଭିତ୍ତିଭୂମି ତିଆରି କରିଛନ୍ତି ସେହି ଧର୍ମଗୁରୁମାନଙ୍କୁ ବିରୋଧ କରି ନିଜର ଭବିଷ୍ୟତକୁ ବିପଦ ସଙ୍କୁଳ କରିବେ ବା କାହିଁକି? ତେଣୁ ଚୁପ୍ ରହିବା ଭଲ!

ମନୁସ୍ମୃତିରେ ନିର୍ଦ୍ଦେଶ ଥିଲା ଯେ, "ଶୂଦ୍ର ଯଦି ଭୁଲରେ ବେଦମନ୍ତ୍ର ଶୁଣି ଦେଉଥିଲା, ତା କାନରେ ଶିଶା ତରଳାଇ ଢାଳିଦିଅ ।" ବର୍ତ୍ତମାନ ସେହି ବେଦମନ୍ତ୍ର ଉଚ୍ଚାରଣ କରି ପୁଷ୍କର ଆଦି ତୀର୍ଥସ୍ଥଳଗୁଡିକରେ ୟେହୁଡି ଓ ଖ୍ରୀଷ୍ଟୀୟାନମାନଙ୍କ ବିବାହ କରି ଦିଆଯାଉଛି, କାରଣ ସେମାନେ ଅଧିକ ପରିମାଣରେ ଦକ୍ଷିଣା ଦାନ କରିପାରୁଛନ୍ତି । ବେଦମନ୍ତ୍ର ଉଚ୍ଚାରଣ କରି ବିଧର୍ମୀ ଲୋକମାନଙ୍କ କାନରେ ଶୁଣାଉଥିବା ଅପରାଧରେ ସେହି ପଣ୍ଡିତମାନଙ୍କ ମୁହଁରେ ଗରମ ଶିଶା ଢାଳିଦେବା ଉଚିତ ନୁହେଁ କି? ଭାରତ ଗୋଟିଏ ଧର୍ମନିରପେକ୍ଷ ଦେଶ । ଏ ଦେଶର କୌଣସି ଏକ ରାଜ୍ୟର ମନ୍ତ୍ରୀ ଭାରତୀୟ ସଂବିଧାନ ଅନୁସାରେ ନିଷ୍ଠା ଓ ଶ୍ରଦ୍ଧାର ଶପଥ ପାଠ କରିଥାନ୍ତି । ସେ ଯଦି ଡେନମାର୍କର ଜଣେ ବ୍ୟଙ୍ଗକାର ପେଗେମ୍ବର ସାହେବଙ୍କ କାର୍ଟୁନ ତିଆରି କରିଥିବାରୁ ତାଙ୍କୁ ହତ୍ୟା କରିବା ପାଇଁ "ସୁପାରି" ଦିଅନ୍ତି,

ତେବେ ସେ ଆମ ଦେଶର ( ଧର୍ମନିରପେକ୍ଷ ଦେଶ) ଅପମାନ କରୁନାହାନ୍ତି କି? ବଙ୍ଗଳା ଦେଶର ଲେଖିକା ତସଲିମାଙ୍କୁ ଭାରତ ଶରଣ ଦେବାରୁ ମୁସଲିମ୍ ପର୍ସନାଲ ଲ୍ ବୋର୍ଡର ଜଣେ ବରିଷ୍ଠ ସଦସ୍ୟ ତାଙ୍କୁ ଜୀବନରେ ମାରିଦେବାପାଇଁ ଫତଓ୍ୱା ଜାରି କରିଦେଲେ । ଜଣେ ସ୍ୱାଧୀନଚେତା ମୁସଲମାନ ମହିଳା ନିଜର ବିଗ୍ଧର ବ୍ୟକ୍ତ କରିବାଟା କଣ ଏକ ଅକ୍ଷମଣୀୟ ଅପରାଧ? ବାମମାର୍ଗୀମାନଙ୍କ ଦ୍ୱାରା ଷୋଡଶ ଉପଗ୍ଧର ନାମରେ ଯୌନ ଶୋଷଣ ହେଉଛି । ଆଜିର ବୈଜ୍ଞାନିକ ଯୁଗର ତାନ୍ତ୍ରିକ, ମୁଲ୍ଲା, ପାଦରୀ, ସାଧୁମାନେ ବଶୀକରଣ ମନ୍ତ୍ର ବଳରେ ସମସ୍ତ ସମସ୍ୟାର ସମାଧାନ କରିପାରିବେ ବୋଲି ଭ୍ରମାତ୍ମକ କଥା ପ୍ରଗ୍ଧର କରୁଛନ୍ତି । ସାଧାରଣଜନତା ଏମାନଙ୍କ କଥାକୁ ବିଶ୍ୱାସ କରି ଶୋଷଣର ଶିକାର ହେଉଛନ୍ତି । କିଏ ନିଜ ପୁଅକୁ ବଳି ଦେଉଛି ତ, ଆଉ କିଏ ନିଜର ଜିଭ କାଟି ଦେବୀ ମନ୍ଦିରରେ ଥୋଇଦେଉଛି । ପ୍ରତିବଦଳରେ ଜଣେ ଯାଉଛି ଜେଲକୁ, ଆଉ ଜଣେ ଯାଉଛି ଡାକ୍ତରଖାନାକୁ । ଯାହା ପାଇବାପାଇଁ ସେମାନେ ଏହି କୁକର୍ମ କରିଥିଲେ, ତାହା ରହିଯାଉଛି କେବଳ କଳ୍ପନାରେ । ଏହାକୁ ଆମେ ଧର୍ମ କହିବା ନା ଧର୍ମ ନାମରେ ଅନୈତିକ ବ୍ୟବସାୟ ବୋଲି କହିବା?

ସୁଧୀ ପାଠକମାନଙ୍କୁ ଆମର ବିନୀତ ଅନୁରୋଧ ଯେ, ଛୋଟପିଲାମାନଙ୍କୁ ଅନ୍ଧବିଶ୍ୱାସର ଗଳି ଭିତରକୁ ଠେଲି ନ ଦେଇ ସେମାନଙ୍କୁ ବିଜ୍ଞାନସମ୍ମତ ତଥା ତର୍କସଙ୍ଗତ ସୁସ୍ଥ ସାହିତ୍ୟ ପାଠ କରିବାକୁ ପ୍ରେରିତ କରନ୍ତୁ । ଭବିଷ୍ୟତରେ ସେମାନେ ସ୍ୱାର୍ଥନ୍ୱେଷୀ ସାଧୁ, ସନ୍ୟାସୀମାନଙ୍କ ଶିକାର ନ ହୋଇ, ଆତ୍ମବିଶ୍ୱାସ ବଳରେ ଜଣେଜଣେ ସମର୍ଥ, ସଚ୍ଚୋଟ ଓ କର୍ମଠ ବ୍ୟକ୍ତି ହୋଇପାରିବେ ।

କେ.ଆର. ପୂରମ, ବାଙ୍ଗାଲୋର

# ପଶ୍ଚ୍ୟାତାପ



କାହ୍ନୁ ଚରଣ ସାହୁ

ଏଇ କେତେ ଦିନ ହେଲା
ନୂଆ ନୂଆ ମୁଁ ସପ୍ନ ଦେଖୁଥିଲି
ପ୍ରଜାପତିଟେ ସାଜି ଶୂନ୍ୟରେ ଶୂନ୍ୟରେ
ମରିଚକା ପଛେ ଧାଉଁଥିଲି ।
ବୟସର ଚପଳତା ମତେ
ଟାଣି ନେଉଥିଲା ଅବାସ୍ତବ ଦୁନିଆ ଆଡକୁ
ଯେଉଁଠିକ ଥିଲା ଥାକଥାକ ହେଇ
ଅସଜଡା ସ୍ୱପ୍ନ ସଜାଡିବାକୁ ।
ଅସଜଡା ସ୍ୱପ୍ନକୁ ସଜାଡିବାକୁ ଯାଇ
ହରେଇ ଦେଇଚ ବହୁମୂଲ୍ୟ ସମୟ
ଯାହା କେବେ ଫେରିବାର ନାଆଁ ନଏନାହିଁ
ହେଲେ ମୁଁ ନିଶ୍ଚୟ ଫେରିବି ଏକାଏକା
ପଶ୍ଚ୍ୟାତାପର ଦୁନିଆକୁ ।
ଆଉ କି? ଫେରିବ
ସେ ଦିନର ଅଭୁଲା ସ୍ମୃତି
ବୟସର ହାତେ ହାତ ଛନ୍ଦି
ଦୂର- ଦିଗବଳୟ ଆଡକୁ
ଗ୍ଳଲି ଯାଇଥିବା ଅଫେର୍ ସମୟ ।
ଆଜି ମୁଁ ପ୍ରଶ୍ନବାଚ? ଟିଏ ହୋଇ
ଥୁଣ୍ଟା ପର୍ବତ ଭଳ ଠିଆ ହୋଇଚ

କେଇଟା ଧୌର୍ଯ୍ୟକୁ ନେଇ
ବ୍ୟବଚ୍ଛେଦ କରୁଚ ରକ୍ତ ଜର୍ଜରିତ
ମୁଖାପିଣ୍ଡି
ଅଭୁଲା ସ୍ମୃତି ଶବକୁ ନେଇ ।
ଶେଷରେ କ୍ଳାନ୍ତ ହୋଇ ପଡିଛି
ଯୌବନର ଶୁଷ୍କ ମରୁଭୂମିରେ
ଖୋଜି ବୁଲୁଚ ଏଣେତେଣେ
ଶୋଷ ମେଣ୍ଟେଇବାକୁ ମେଞ୍ଚାଏ
ପାଣିରେ ।
ଆଖି ସାମ୍ନାରେ ଥାଇ
ନା ମିଳୁଚ ଟୋପାଏ ପାଣି
ନା ମେଣ୍ଟୁଚ ଶୋଷ
ପଶ୍ଚ୍ୟାତାପର ଯନ୍ତ୍ରଣାରେ ଛଟପଟ
ହୋଇ
ସଂଘର୍ଷ କରୁଚ ଜୀବନ ଜିଇଁବାକୁ
ହେଲେ ପାରୁନାହିଁ ବଞ୍ଚି
ସବୁକଛି ହରେଇ ସାରିଲା ପରେ
ପଶ୍ଚ୍ୟାତାପ! କରୁଚ ॥

ପଣ୍ଡକାମାଳ, ମ. ରାମପୁର,
କଳାହାଣ୍ଡି

# ସାଥୀ ଗୃଲିଗଲ୍ ପରେ



ଶିଶିର କୁମାର ସାମଲ

ହସ ଯାଏ ଛାଡି ଲୁହ ଆସେ ମାଡି
ପଡିଗଲେ ସାଥୀ ମନେ,
ନଦଗୈର୍ ହସ ତୁମ ରୂପବେଶ
ଆସଗୋ ପ୍ରିୟା ସପନେ,
ଭର୍ ଆକାଶ ଟା ଖାଲି ଖାଲି ଲ୍ଗେ
ଜହ୍ନ ଲୁଚଗଲ୍ ପରେ,
ଜୀବନର ବାଟ ଅଧା ରହିଯାଏ
ସାଥି ଗୃଲିଗଲ୍ ପରେ,
ଫଗୁଣର ଫଗୁ ଭଲଲ୍ଗେ ନହିଁ
ନଥିଲେ ସାଥି ପଖରେ,
ଜୀବନରେ ରଙ୍ଗ ଭରିଭରି ଯାଏ
ତୁମେ ହିଁ ଥିଲେ ସାଥୀରେ,
ବିଚର୍ ଭ୍ରମ ହୁଅଇ ଅଧୀର
ଫୁଲ ଝଡି ଶୁଖିଗଲେ,
ଜୀବନର ବାଟ ଚଲିବି କେମିତି
ସାଥୀ ତୁମେ ଗୃଲିଗଲେ.

କଣ୍ଟିପୁର, ଯାଜପୁର

# ପ୍ରତିଭା ( SAND ART)

( ଶିଳ୍ପୀ – ଶ୍ରୀ ପ୍ରଭାତ କୁମାର
ମହାପାତ୍ର, ଜଗତପୁର, କଟକ)



ପ୍ରଭାତ କୁମାର ମହାପାତ୍ର






Art by
Pravat

# ବିଦେଶ ଖବର

ଡ. ବିଜ୍ଞାନୀ ଦାସ

## ଓ୍ୱାସିଂଟନ୍ ଡିସି ଅଞ୍ଚଳର ବିଷୁବମିଳନ, ପଣାସଂକ୍ରାନ୍ତି ଓ ଉତ୍କଳଦିବସ କାର୍ଯ୍ୟକ୍ରମ

ଏପ୍ରିଲ୍ ୨୧ ତାରିଖର ସୁନ୍ଦର ଅପରାହ୍ନ । ଯୁକ୍ତରାଷ୍ଟ୍ର ଦେଶର ମେରୀଲାଣ୍ଡ ରାଜ୍ୟରେ ସତେକ ବସନ୍ତ ଆଜି ହିଁ ତା ରୂପ ଓ ମଳୟର ସମ୍ଭାର ନେଇ ପହଞ୍ଚିଥିଲା । ଗେଥେର୍ସବର୍ଗ୍ ସହରର ମନୋଜ ଓ ମିତା ପଣ୍ଡାଙ୍କ ବାସଭବନରେ କୋଡିଏ- ତିରିଶିଟି ଓଡିଆ ପରିବାର ଏକତ୍ରିତ ହୋଇଥିଲେ ବିଷୁବ ମିଳନ ଉପଲକ୍ଷେ କବିତାପାଠ କରିବା ପାଇଁ ଓ ତା' ସହିତ ପଣାସଂକ୍ରାନ୍ତି ଓ ଓଡିଶା ଦିବସ, ଅର୍ଥାତ୍ ଉତ୍କଳ ଦିବସ ପାଳନ କରିବାପାଇଁ । ସୁନ୍ଦର ପଣା ସଜାହୋଇ ରହିଥିଲା, ପ୍ରସ୍ତୁତ ହୋଇଥିଲା ଉର୍ମିଳା ସାହୁଙ୍କର ନିଜଦ୍ୱାରା ଉଦ୍ଭାବିତ ସ୍ୱତନ୍ତ୍ର ଶୈଳୀରେ, ନଡିଆ, ଛେନା, ଗୋଲମରିଚ ଗୁଣ୍ଡ ଓ ଅନେକଇତର ବାସ୍ନାରେ । ସମସ୍ତ ଓଡିଆ ପରିବାର ପ୍ରଥମେ ପହଞ୍ଚି ପଣାଦ୍ୱାରା ହିଁ ଆପ୍ୟାୟିତ ହେଲେ । ତା ସାଙ୍ଗକୁ ଥିଲା ଓଡିଆ ଜଳଖିଆ, ଦହିବରା, ଆଳୁଦମ୍, ଘୁଗୁନି, ସିଙ୍ଗଡା, ପକୁଡି, ଗୁଟ୍ ଓ ଛେନାପକୁଡି । ପରିସରଟି ଅତି ସାଧାରଣ ଶୈଳୀରେ ଓଡିଆ ଛାପରେ ସଜା ହୋଇଥିଲା । ଜଳଖିଆ, ପଣାପାନ ଓ ଗପଶପ ପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ ।

ପ୍ରଥମ କାର୍ଯ୍ୟକ୍ରମ ଥିଲା ଉତ୍କଳ ଦିବସକୁ ନେଇ । "ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତର ମୂର୍ଚ୍ଛନା ସମସ୍ତଙ୍କୁ ଉଦବୋଧିତ କଲା । ଏବେ ଯଦିଓ ଓଡିଶା କେବଳ ଉତ୍କଳକୁ ବୁଝାଏନି ଓ କେତେକ ବନ୍ଧୁ ସେ ବିଷୟରେ ପୂର୍ବରୁ ଯୁକ୍ତିକରି ଏ ଦିବସଟିକୁ "ଉତ୍କଳ ଦିବସ" ନ କହି "ଓଡିଶା ଦିବସ" ରୂପେ ପାଳନ କରିବା ଉଚିତ ବୋଲି ମନ୍ତବ୍ୟ ପ୍ରକାଶ କରିଛନ୍ତି, ତେବେ "ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତର ଅର୍ଥ ସେସବୁର ଉର୍ଦ୍ଧ୍ୱରେ କେବଳ ନିଛକ ଦେଶଭକ୍ତିର ଆହ୍ୱାନ ଆଣିଦିଏ । ସଙ୍ଗୀତ ଗାନ ପରେ ମନୋଜ ପଣ୍ଡା ତାଙ୍କ ରଚିତ ଏକ

ଦେଶାତ୍ମବୋଧକ କବିତା ପରିବେଷଣ କଲେ । ତାପରେ ଡକ୍ଟର ଜୟଗୋପାଳ ମହାନ୍ତି ଆବୃତ୍ତି କରିଥିଲେ ମଧୁସୂଦନ ଦାସଙ୍କର "ଉଠରେ ଉଠରେ ଉତ୍କଳ ସନ୍ତାନ" କବିତା । ଆମେମାନେ ଜନ୍ମହେବା ପୂର୍ବରୁ ଓଡିଶା ସ୍ୱତନ୍ତ୍ର ହୋଇସାରିଥିଲା । ତେଣୁ ସେ ସମୟର ପ୍ରତ୍ୟକ୍ଷ ଅନୁଭବ ଆମର ନଥିବା ସତ୍ତ୍ୱେ ମଧ, ଆମେ ଅନୁଭବ କରିପାରୁଥିଲୁ ସେ ସମୟର ସଂଘର୍ଷକୁ ଓ ଓଡିଶାର ସେ ବରେଣ୍ୟ ନେତୃବୃନ୍ଦଙ୍କ ପାଇଁ ଆମର ହୃଦୟରେ ସଞ୍ଚାରିତ ହେଉଥିଲା ଅଶେଷ ଶ୍ରଦ୍ଧା ଓ ସମ୍ମାନ ।

ଡକ୍ଟର ବବୁ ସାମଲ ଓଡିଆ ଭାଷା ଉପରେ ଛୋଟ ଟିପ୍‌ପଣୀ ଦେଇଥିଲେ । ଭାଷାକୁ ଉଦ୍ଧାର କରିବାର ପ୍ରୟାସରେ ଥିବା ଆମର ଓଡିଆ ବରପୁରୁଷମାନେ ବିଭିନ୍ନଦିଗରୁ ଓଡିଆ ଭାଷାକୁ ବଞ୍ଚାଇବାର ଚେଷ୍ଟାରେ ନିୟୋଜିତ ଥିଲେ । ଓଡିଆ ଭାଷାକୁ ବଞ୍ଚାଇବାରେ ଓଡିଆ ବର୍ଣ୍ଣବୋଧର ଭୂମିକା ଅବର୍ଣ୍ଣନୀୟ । ବର୍ଣ୍ଣବୋଧରେ ରହିଥିବା ଶବ୍ଦ ସଂଯୋଜନା, ବ୍ୟାକରଣ ଓ ସାବଲୀଳ ଉପାୟରେ ଭାଷାକୁ ଶିଖେଇବାର ଶୈଳୀ ଅବଲମ୍ବନ କଲେ ଯେ କୌଣସି ବ୍ୟକ୍ତି ଅତି ସହଜରେ ଭାଷା ଶିଖିବାରେ ସମର୍ଥ ହୋଇପାରିବ ।

ବିନୋଦ ନାୟକ ଏହି ଅବସରରେ ଗୋପବନ୍ଧୁ ଦାସଙ୍କ ବିଷୟରେ ଛୋଟ ଟିପ୍ପଣୀ ଦେଇଥିଲେ । ତାପରେ ତାଙ୍କର ବାପା, ସାହିତ୍ୟ ଏକାଡେମୀ ପୁରଷ୍କାର ପ୍ରାପ୍ତ କବି ଲକ୍ଷ୍ମୀଧର ନାୟକଙ୍କର ଅନୁଭୂତିକୁ ନେଇ ରଚତ ଏକ କବିତା "ସ୍ୱପ୍ନେ ଓ ଜାଗରଣେ" ପଢିଥିଲେ । ସିଂହଭୂମିରେ ରହିଥିବା ଓଡିଆମାନଙ୍କର ୧୯୩୬ ମସିହାର ମାନସିକତା ଓ ତା' ପରର ମାନସିକତାକୁ ନେଇ ସେ କବିତାଟି ରଚତ ହୋଇଥିଲା । ଲକ୍ଷ୍ମୀଧର ନାୟକଙ୍କର ପରିବାର ସେ ସମୟରେ ସିଂହଭୂମିରେ ରହୁଥିଲେ ଓ ସିଂହଭୂମିରେ ରହୁଥିବା ଓଡିଆମାନେ ସେ ସମୟରେ ଓଡିଶା ସହିତ ମିଶିଯିବାକୁ ଚାହିଁଥିଲେ । ହେଲେ ସେମାନଙ୍କର ସ୍ୱପ୍ନ ପୂରଣ ହୋଇପାରିନଥିଲା । ସେମାନେ ଓଡିଆ ହୋଇ ବି ଓଡିଶାରୁ ବିଚ୍ଛିନ୍ନ ହୋଇ ରହିଗଲେ ।

ଉତ୍କଳ ଦିବସ କାର୍ଯ୍ୟକ୍ରମ ସେତିକରେ ଶେଷ ହୋଇଥିଲା ଓ ଆମର ବିଷୁବମିଳନର କବିତାପାଠ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଆମର ପରପିଢିର ପିଲାମାନଙ୍କ ଠାରୁ ।

ଆରାଧ ପ୍ରଧାନ ପଢିଥିଲା, "ସବୁ ଯିବ ଓଲଟି" । ଅନୁ ବିଶ୍ୱାଳ ତାଙ୍କ ନାତୁଣୀ ସାଫିଆ ବିଶ୍ୱାଳଙ୍କ ଦ୍ୱାରା ରଚତ ଇଂରାଜୀ କବିତା "ମାଇଁ ମନ୍ଷ୍ଟର୍" ପଢି ଶୁଣାଇଥିଲେ । ତାପରେ ଅମ୍ରିତା ସାହୁ ପଢିଥିଲେ ତାଙ୍କର ସ୍ୱରଚତ କବିତା ଦୁଇଟି "ଫ୍ରେଣ୍ଡସ" ଓ "ହୋଲ୍ଡ୍ ଅନ୍" । ଆମେମାନେ ଓଡିଆ କବିତା ସହିତ ପିଲାମାନଙ୍କ ଦ୍ୱାରା ରଚତ ଇଂରାଜୀ କବିତା ପାଠ କାର୍ଯ୍ୟକ୍ରମ ବି ମିଶାଇଥାଉ । ସେ ମିଶାଇବାର ପ୍ରଧାନ ଉଦ୍ଦେଶ୍ୟ ହେଲା ସାହିତ୍ୟ ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କର ଭାବନାକୁ ତ୍ୱରାନ୍ୱିତ କରାଇବା ।

ଡକ୍ଟର ସୁରେନ୍ଦ୍ର ରାୟ କବିତା ପାଠ ଉପରେ ମନ୍ତବ୍ୟ ଦେଇ ଜଣେଇଥିଲେ ଯେ, କବିତା ପାଠ ସହିତ ଆମମାନଙ୍କୁ ଓଡିଶାର ରୋଷେଇ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ଅନନ୍ୟ ପ୍ରତିଭାକୁ ବିଶ୍ୱଜଗତରେ ପ୍ରସାର କରେଇବାକୁ ପଡିବ । ତାଙ୍କ ଦ୍ୱାରା ପରିଚାଳତ ହେଉଥିବା odishagateway.com ୱେବସାଇଟ୍ ମାଧ୍ୟମରେ ସେସବୁ ପ୍ରଚାର କରାଇବାକୁ ସିଏ ଉତ୍ସୁକ ଓ ସେଥିପାଇଁ ସିଏ ସମସ୍ତଙ୍କ ସହଯୋଗ ଆଶାକରନ୍ତି ବୋଲି ଜଣେଇଥିଲେ ।

ଏହାପରେ ଡକ୍ଟର ଶଶଧର ମହାପାତ୍ର ପଢି ଶୁଣେଇଥିଲେ ତାଙ୍କ କବିତା ଦୁଇଟି, "ତୁମେ ପ୍ରଭୁ ମହାଦାନୀ" ଓ "ଏ କ ବିଚାର ପ୍ରଭୁ" । ଡକ୍ଟର ଦେବସ୍ମିତା ପ୍ରଧାନ ନଜ ସ୍ମୃତିରୁ ଶୁଣେଇଥିଲେ ଓଡିଆ କବିତା "ବାରବାଟୀ ବକ୍ଷେ" । ଅନ୍ୟାନ୍ୟ କବିତା ମାନଙ୍କ ମଧ୍ୟରେ ଝିନୁ ଛୋଟରାୟଙ୍କର "ଅତିଲିପ୍ସା", ଡକ୍ଟର ବିଜ୍ଞାନୀ ଦାସଙ୍କର "ଦୁର୍ଗମ ପଥେ", ଡକ୍ଟର ଦେବରାଜ ସାହୁଙ୍କର "ସାହିବ ଲାଙ୍ଗୁଏଜ୍", ଡକ୍ଟର ବବୁ ସାମଲଙ୍କର "ଜୀବନ ମନ୍ଦାକନୀ", ଡକ୍ଟର ଶୀଖଣ୍ଡ ଶତପଥୀଙ୍କର "ଉର୍ଦ୍ଧ୍ୱପତ କଲ୍ଲୋଳ", ମନୋଜ ପଣ୍ଡା "ବଉଳକୁ ଚଠି", ଅଞ୍ଜନା ଚୌଧୁରୀଙ୍କର "ଆଶାୟୀ ସକାଳ" ଓ ସୁଲୋଚନା ପଟ୍ଟନାୟକଙ୍କର "ବସନ୍ତ କହୁଛି" ଓ "ଚଠି ଓ ଉତ୍ତର" କବିତା ସମସ୍ତ ପରିବେଷିତ ହୋଇଥିଲା । ଏତଦ୍ ବ୍ୟତୀତ ଅତସୀ ଦାସ ମିଡିଆରୁ ଆନୀତ ଏକ କବିତା "ସିଲଟ କାହାଣୀ" ପଢି ଶୁଣାଇଥିଲେ ଓ ଶିଖଣ୍ଡ ଶତପଥୀ ତାଙ୍କ ବନ୍ଧୁ ପ୍ରଶାନ୍ତ ପଣ୍ଡାଙ୍କ କବିତା "ନ କହୁ କେହି ଧରଣୀ ବକ୍ଷେ ଭୀରୁ ଓଡିଆ ଜାତି" ପଢିଥିଲେ ।

ଉପରୋକ୍ତ କବିତା ପାଠୋତ୍ସବ କାର୍ଯ୍ୟକ୍ରମଟି ମେରୀଲାଣ୍ଡର ଯୋଗ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଥିଲା । ବର୍ଷରେ ଦୁଇଥର, ଥରେ ବସନ୍ତରେ ଓ ଥରେ ଶରତରେ ଏ କବିତାପାଠ କାର୍ଯ୍ୟକ୍ରମ ଗତ ସାତବର୍ଷ ଧରି ଯୋଗ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଆସୁଛି । ଏପ୍ରିଲ ମାସରେ ବାସନ୍ତିକ କବିତାପାଠ ସହିତ ପଣାସଂକ୍ରାନ୍ତି ଓ ଉତ୍କଳ ଦିବସର କାର୍ଯ୍ୟକ୍ରମକୁ ମିଶାଇ ଦିଆଯାଏ ।

କବିତାପାଠ ଶେଷରେ ଡକ୍ଟର ନରେଶ ଦାସ ସମସ୍ତଙ୍କୁ ଯୋଗର ଜଗନ୍ନାଥ ମନ୍ଦିର ସମ୍ବନ୍ଧୀୟ ବର୍ତ୍ତମାନର ସ୍ଥିତି ସମ୍ବନ୍ଧରେ ସୁଚନା ଦେଇଥିଲେ ।

ରାତ୍ରଭୋଜନ ପାଇଁ ପ୍ରସ୍ତୁତ ହୋଇ ରହିଥିଲା ନାନା ସୁସ୍ୱାଦୁ ବ୍ୟଞ୍ଜନ । କବିତା ପାଠୋତ୍ସବରେ ଭାଗ ନେଇଥିବା ସମସ୍ତ ଓଡିଆ ପରିବାର ଯତ୍ନର ସହିତ ପ୍ରସ୍ତୁତ କରିଥିଲେ ଘାଣ୍ଟ ତରକାରୀ, ଆମ୍ବଖଟା, ଶାଗ, ଭେଣ୍ଡି, ଦହି ବାଇଗଣ, ଆଳୁ- ବାଇଗଣ- ଛୁଇଁ ତରକାରୀ, ଛୋଲେ ଓ ଆହୁରି ଅନେକ କିଛି । ତା ସହିତ ଥିଲା କେତେ ରକମର ଫଳ, ପିଠା ଓ ମିଠା, ଏଣ୍ଡୁରି ପିଠା, କାକରା, ପୋଡପିଠା, ରସଗୋଲା, ଛେନାପୋଡ, କ୍ଷିରି ଓ ଗୋଲାପ ଜାମୁ ।

ସମସ୍ତେ ଅତି ମନଖୁସିରେ ଖାଇପିଇ, ମନଇଚ୍ଛା ଗପକରି, ପରସ୍ପରକୁ ସ୍ନେହଦାନ କରି ବିଦାୟ ନେଇଥିଲେ ।

କବିତାପାଠ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସୁଲୋଚନା ପଟ୍ଟନାୟକ ।

କବିତାପାଠର ସ୍ମୃତି ସାଇତି ରଖିବାକୁ କ୍ୟାମେରାରେ ଫଟୋ ନେଇଥିଲେ ଡକ୍ଟର ବବ୍ରୁ ସାମଲ । ଆପଣମାନେ ସେସବୁ ଫଟୋ ନମ୍ବରେ ଦିଆଯାଇଥିବା ତାଙ୍କ ୱେବ୍ ପେଜରେ ଦେଖିପାରିବେ- **http://www.babru.com/kabita18**

## କାର୍ଯ୍ୟକ୍ରମରେ ନିଆଯାଇଥିବା କିଛି ଛବି









# ଶିଶୁ ବିଭାଗ





ସତ୍ୟବ୍ରତ ସାହୁ

# ହେବନାହିଁ ଅଂଶୁଘାତ

ଧରାଧାମେ ଏବେ ଗ୍ରୀଷ୍ମ ଆସିଛି ଟାଣ ଖରା
ସାଥେ ଧରି,
ଲାଗେ ସତେ ଧରା ଜଳୁଛି ଏବେ ଖରା ଲାଗେ
ନିଆଁ ପରି,
ଶଙ୍କି ଯାଉଛି ବାଟୋଇ,
ମନରେ ଆଶଙ୍କା ଖରାରେ ରହିଲେ ଅଂଶୁଘାତ
ଯିବ ହୋଇ ॥ ୧ ॥
ଟାଣ ଖରା ବେଳେ କାମ କରିବନ ବାହାରକୁ
ଯିବା ମନା,
ଯଦି କେବେ ଯାଅ ପାଦରେ ଚପଲ ପିନ୍ଧିବା
ମୋଟେ ଭୁଲନା,
ଓଦା ଗାମୁଛା ମୁଣ୍ଡରେ,
ପାଣି ବୋତଲଟି ରଖିଥିବ ପାଖେ ଛତାଟିଏ
ଧର କରେ ॥ ୨ ॥
ଦହି, ଲୁଣ, ଲେମ୍ବୁ ସରବତ ପିଅ ରାଗ ମସଲାକୁ
ତେଜ,

ନଶା ପାଣିଠାରୁ ଦୂରେଇ ରହିବ ଖାଅ ତାଳ,

ତରଭୁଜ,

ପିନ୍ଧିବ ପତଳା ଜାମା,

ଥଣ୍ଡା ଚଜ ଯାହା ପାଇବ ଖାଇବ ପିଉଥିବ

ବେଲପଣା ॥ ୩ ॥

ପଖାଳ ସହିତ କାକୁଡି ଖାଇବ ତୋରଣୀରୁ

ପେଟେ ପିଅ,

ଥକ ଯାଅ ଯଦି ଗଛ ଛାଇତଳେ ବିଶ୍ରାମ ଟିକଏ ନଅ,

ହେବ ନାହିଁ ଅଂଶୁଘାତ,

ସଚେତନ ହୋଇ ସତର୍କ ରହିଲେ ଶରୀର

ପାଇଁକି ହିତ ॥ ୪ ॥

ପଲ୍ଲାସାହି, କଂଆଳପୁର, ଅହିୟାସ, ଯାଜପୁର





ପ୍ରକାଶ ସାହୁ

# ବୋଉ

ବୋଉ ପ୍ରତ୍ୟେକ ଓଡ଼ିଆ ଙ୍କ,
ପାଇଁ ଏକ ମଧୁର ଶବ୍ଦ ।
ଯୋଉ ପବିତ୍ର ନାଁ କୁ ଥରେ ।
ତୁଣ୍ଡେ ଧରିଲେ ମନ ରେ ଆସେ ସାହସ ।
ଦୂର ହୋଇଯାଏ ଛାତି ରୁ ଭୟ ।

ବୋଉ ତାକୁ କଏ ନ ଜଣେ ଆଉ ।
ବୋଉ ନୁହେଁ ସେ ଖାଲି ଅଢେଇ ଅକ୍ଷର ।
ବୋଉ ତୁ ଜନନୀ ତୁ ତ ଧରିତ୍ରୀ,
ତୁ ହିଁ ମୋ ର ଜନ୍ମଦାତ୍ରୀ ।

ବୋଉ ତୁ ତ ମୋ ମାଧ୍ୟମ,
ଏ ଦୁନଆ କୁ ଆସିବାର ।
ବୋଉ ତୁ ଦେଇଥିଲୁ ମୋତେ ,
ପ୍ରଥମ ଆହାର ତୋର ବକ୍ଷ ର,
ଅମୃତ ତୁଲ୍ୟ କ୍ଷୀର ।

ବୋଉ ତୁ ହିଁ ନେଇଥିଲୁ ବୋଲି ,
ମୋତେ କୋଳେଇ ଆଜି ,
ଦୁନଆ ଦେଖିଲି ଚତୁର୍ଦିଗ ବୁଲିଲି ।
ତୋର ନାମେ ମୋର ପରିଚୟ କରାଇଲି ।

ବୋଉ ତୁ ଦେଇ ଥିଲୁ ମୋ,
ଗାଲ ରେ ପ୍ରଥମ ଚୁମ୍ବନ ।

ଦେଇଥିଲୁ ମୋ ମଥାରେ ଆଶିଷ ।
ବୋଉ ତୁ ଦେଖେଇଥିଲୁ ମୋତେ,
ସଂସାର ର ପ୍ରଥମ ଆଲୋକ,
ଦେଇଥିଲୁ ମୋତେ ନୀତିଶିକ୍ଷା,
ସାଜି ମୋର ପ୍ରଥମ ଜୀବନ ସଖା ।



ବୋଉ ତୋ ପାଦେ ମୁଁ ପାଦ,
ମିଳାଇଲି ହାତ ଧରି ତୋର,
ଚାଲିବା ଶିଖିଲି।
ତୋ ଓଠରେ ମୋ ଓଠ କୁ,
ମିଶେଇ ମୁଁ କଥା କହିବା ଜାଣିଲି ।

ମୋର ଠାର କୁ,
କେବଳ ତୁ ଜାଣିପାରୁଥିଲୁ ।
ଏନ୍ତୁଡ଼ି ଶାଳ ରୁ ପାଳଲୁ ପୋଶିଲୁ,
ମୋତେ ମଣିଷ ଟେ କରି ଗଢ଼ିଲୁ ।

ବୋଉ ତୁ ଜଗି ରହିଥିଲୁ,
ମୋତେ ରାତି ରାତି ଯେବେ,
କମ୍ପି ଉଠୁଥିଲା ମୋ,
ଦେହ ଜ୍ୱର ରେ ତାତି ।

ବୋଉ ତୁହିଁ ମୋର ଦେବକୀ
ତୁହିଁ ପୁଣି ମୋର ମା ଯଶୋଦା ।

ମାମୁଁ କଂସ ଠାରୁ ରକ୍ଷା କଲା,
ପରି ତୁ ଦୁରେ ରଖିଥିଲୁ ମୋତେ
ସବୁ ଦୁଃଖ, କଷ୍ଟ ଠାରୁ ।

ତୋ ପାଖେ ଯେବେ କରେ ମୁଁ ଅଳ ,
ଅଝଟ କେବଳ ତୁହିଁ ପୁର୍ଣ କରିବାକୁ,
ଥିଲୁ ଚେଷ୍ଟାରତ । ବୋଉ ଖାଲି ତୁ,
ଜାଣିଥିଲୁ ମୋ ପସନ୍ଦ ଖାଇବା ।
ପରସି ଦୋଉଥିଲୁ ଜାଣି ମୋ ମନ କଥା ।

ବୋଉ ତୋର ସେ ଅସନା ହାତ ର ଗୁପୁଡ଼ା
ନାଲି କରିଦେଉଥିଲା ମୋ ପିଠି ର ଚମଡା ।
କେବେ କାନ୍ଦିଲେ କଇଁ କଇଁ ହୋଇ,
ତୁ ହିଁ ଲୁହ ପୋଛି ଦେଉଥି ଲୁ ମୋର,
ପିଠି ରେ ମଲମ ଲଗେଇ ।



ବୋଉ ତୁ ଉପବାସ କରି ଥିଲୁ
ମୋ ପରୀକ୍ଷ୍ୟା ରେ ସଫଳ ପାଇଁ ।
ବୋଉ ତୁ ହିଁ ବାନ୍ଧି ଦେଉଥିଲୁ,
ଆଣ୍ଠୁ ରେ ପଟି ଯେବେ ପଡି ଯାଉଥିଲି
ମୁଁ ଗାଁ ମୁଣ୍ଡେ ଖେଳୁ ଖେଳୁ ।

ବୋଉ କ କହିବି ଆଉ ତୋ,
ବିଷୟରେ ତୋ ତୁଲ୍ୟ ଆଉ,
ଏ ଦୁନିଆରେ ମୋ ପାଇଁ କେହି ନାହିଁ ।
କ ଲେଖିବି ଆଉ ତୋ ବିଷୟରେ,
ଅନ୍ତ ନାହିଁ ତୋ ପାଇଁ ଲେଖାରେ ।

ମାମୁଁଘରେ ଯେବେ ଯାଉଥିଲୁ,
ମୋତେ ସଂଗେ ତୁ ଧରି,
ମାମୁଁ ଘର ଗାଁ ବୁଲି ମୋ,
ଗୁଣ ଖାଲି ଗାଉଥିଲୁ ।

ପ୍ରଥମାଷ୍ଟମୀ କ ରଜ ପର୍ବ ରେ
ଯେବେ ସଜେଇ ଦେଉଥିଲୁ ।
କେତେ ସର୍‌ଗରେ ତୁ ମୋ ଗାଲ ରେ,
କଳା ତିଳ ଲଗେଇ କହୁଥିଲୁ ସ୍ନେହ ରେ,
ନଜର ନ ଲାଗୁ କାହାର ମୋ ଧନଥିରେ ।

ବୋଉ ତୁ ତ ମୋ ଚଳନ୍ତି ଠାକୁରଣୀ,
ତୁ ହିଁ ମୋ ପ୍ରଥମ ପ୍ରେମିକା,
ତୋ ବିନା ମୋର ଆଉ କଛି ଲୋଡ଼ା ନାହିଁ ।
ବୋଉ ମୁଁ ଆଜି ଯୋଉଠି ଅଛି,
ସବୁ ପର୍ ତୋ ପାଇଁ ।

ଶପଥ କରୁଛି ଜୀବନ ଗ୍ଦଲିଯିବ ପଛେ,
ତୋତେ କେବେ ଦୁଃଖ ଦେବୀ ନାହିଁ ।
ଆଜି ତୋ କଥା ମୋର ମନେ,
ପଡେ ଭ୍‌ରି ବୋଉ ।

ଦଜ କର୍ତ୍ତବ୍ୟ ପାଇଁ ବୋଉ ମୁଁ ।,
ତୋତେ ଏକା କରି ଗ୍ଦଲିଆସିଛି ବୋଲି ।
ମନ କେବେ କଷ୍ଟ କରିବୁନ ତୁହି,
ମୁଁ ଶୀଘ୍ର ଫେରିଯିବି ତୋ ପାଖକୁ
ତୋତେ ଦୁରେ ଥାଇ କରୁଛି ସ୍ମରଣ ।

ବିଶାଖାପାଟଣା, ତେଲେଙ୍ଗାନା

# ଚନ୍ଦ୍ର



ସାଗର ପ୍ରଧାନ



ପଦାଦିଗି, ଗଞ୍ଜାମ

# ଚିତ୍ର



ମଧୁସ୍ମିତା ସାମଲ



ବରୀ, ଯାଜପୁର, ଓଡିଶା

# ଜଙ୍ଗଲ ଏବଂ ଜିବଜନ୍ତୁ



ଦୟାନନ୍ଦ ଶବର

ବନ ଜଙ୍ଗଲ ଆମର ବନ୍ଧୁ
ବନ ଜଙ୍ଗଲ ଆମର ସାଥି ।
ସେଇଥି ରହନ୍ତି ଅନେକ ଯନ୍ତୁ
ହରିଣ, ବାଘ, ଭାଲୁ ହାତୀ ।

ଗଛ କାଟିବାନ ଜଙ୍ଗଲର ଆମେ
ଗଛଲତା ଆମର ସାଥି ।
ସେଇଠି ରହନ୍ତି ଅନେକ ପଶୁପକ୍ଷୀ
କାଉ, କୋଇଲି, ମୟୂର କଜଲପାତି ॥



ଜଙ୍ଗଲ ଥିଲେ ଲାଗେ ସୁନ୍ଦର
ବନ ଜଙ୍ଗଲ ଆମର ସାଥି ।
ସେଇଠି ରୁହନ୍ତି ଅନେକ ସରିସୃପ
ସାପ, ନେଉଳ, ପ୍ରଜାପତି ॥

ଜଙ୍ଗଲ ସଫା ହେଲେ ବିପଦ ହେବ
ରହିବେ ଜିବଜନ୍ତୁ କେଁଉଠି ।
ଜଙ୍ଗଲ ଛାଡି ଆମ ଗାଁଆକୁ ଆସିବେ
ଖାଇବେ ଆମକୁ ସାଉଟି ॥

ନୂଆପଡା, ପଲସିପାଣି, ଓଡିଶା

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୫/ ୨୦୧୮ | ଶ୍ରମିକ ଦିବସ |
| ୦୨/ ୦୫/ ୨୦୧୮ | ସବେ- ବରାତ୍( ପୂର୍ବରାତ୍ରି) |
| ୦୬/ ୦୫/ ୨୦୧୮ | ଶରଣ ଆରମ୍ଭ |
| ୦୭/ ୦୫/ ୨୦୧୮ | ଶ୍ରୀକ୍ଷେତ୍ରେ ଭଉଁରୀ |
| ୧୧/ ୦୫/ ୨୦୧୮ | ଜଳକ୍ରୀଡା ଏକାଦଶୀ, ଉପବାସ, ଶରଣ ଶେଷ |
| ୧୪/ ୦୫/ ୨୦୧୮ | ଶିବ ଚତୁର୍ଦ୍ଦଶୀ ଉପବାସ, ଚନ୍ଦ୍ରକ୍ଷୟ ଓ ମାସାନ୍ତ |
| ୧୫/ ୦୫/ ୨୦୧୮ | ବୃଷ ସଂକ୍ରାନ୍ତି, ସାବିତ୍ରୀ ବ୍ରତ, ଅମାବାସ୍ୟା |
| ୧୬/ ୦୫/ ୨୦୧୮ | ମଳ ମାସ ଆରମ୍ଭ, ଚନ୍ଦ୍ର ଦର୍ଶନ ଓ ପୂଜା |
| ୧୭/ ୦୫/ ୨୦୧୮ | ରମଜାନ ମାସ ଆରମ୍ଭ |
| ୨୫/ ୦୫/ ୨୦୧୮ | ଏକାଦଶୀ, ଉପବାସ, ବ୍ରତ |
| ୨୮/ ୦୫/ ୨୦୧୮ | ଶିବଚତୁର୍ଦ୍ଦଶୀ ଉପବାସ |
| ୨୯/ ୦୫/ ୨୦୧୮ | ମଳ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା |



# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ବୁଲି ଯାଇଥିଲି ମୁହିଁ ହାଟ
ଦେଖିଲି ଜଣେ ସ୍ତ୍ରୀ ଲୋକ
ବିକୁଥିଲା କାକୁଡି, ଜହ୍ନି, ମକା
କହିଲା ଡାକ ହେ ବଡ ବାବୁ
କିଣି ନିଅ ଏହି ସବୁ ପରିବା
ଘରଣୀ ତୁମର ହେବ କାବୁ

(ବିଜେତା: ପ୍ରକାଶ ସାହୁ,
ବିଶାଖାପାଟଣା)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

“ବେଦାନ୍ତୀ” ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଷୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡ଼ିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**